# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୭/୨୦୨୧ (୧୬ ପୃଷ୍ଠା) | Bhubaneswar, Tuesday, September 7/2021 | ★★★★★★

୪୭ଶ ଭାଗ ୨୮୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





**ଯଶପ୍ରୀତ୍ ବୁମ୍‌ରାଙ୍କ ରେକର୍ଡ**

ଭାରତୀୟ ପେସ୍ ବୋଲର ଭାବେ ଯଶପ୍ରୀତ୍ ବୁମ୍‌ରା ଦ୍ରୁତତମ ୧୦୦ ଉଇକେଟ ହାସଲ କରିଛନ୍ତି। **୧୬**

**୧୪** **ଗୁଗଲ ସର୍ଚ୍ଚ କରିବାକୁ ସୈଫ୍‌ଙ୍କୁ ମନା କରିଥିଲେ କରୀନା**

ଟ୍ରୋଲକୁ ନେଇ ଚିନ୍ତିତ ରହୁଥିବା ଅଭିନେତା ସୈଫ ଅଲ୍ଲୀ ଖାନ୍ ଗୁଗଲ ସର୍ଚ୍ଚ କରିବା ବନ୍ଦ କରିବାକୁ ପରାମର୍ଶ ଦେଇଥିଲେ ସ୍ତ୍ରୀ କରୀନା କପୁର।






ପାହାଡ଼ରୁ ଅତଡ଼ା ଖସିବା ଯୋଗୁ ସୋମବାର ସିମ୍ଲାର ରାମପୁର ୫ନଂ. ଜାତୀୟ ରାଜପଥ ଅବରୋଧ ହେବା ସହ ଚଳାଚଳ ବ୍ୟାହତ ହୋଇଛି।

# ସଂରକ୍ଷଣ ସୀମା ୫୦% ଟପିବନି

## ପୌର ନିର୍ବାଚନ ପାଇଁ ବାଟ ଫିଟିଲା

### ବିଧାନସଭାରେ ଆଗତ ହେଲା ଓଡ଼ିଶା ପୌର ବିଧି(ସଂଶୋଧନ) ବିଲ୍-୨୦୨୧

*ସଂରକ୍ଷଣ ସୀମା ୫୦% ଟପିବ ନାହିଁ ବୋଲି ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟ କାଏମ ରଖିଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୨ଟି ଅଧିନିୟମରେ ସଂଶୋଧନ ଆଣିଛନ୍ତି। ସେଥିରୁ ଗୋଟିଏ ସୋମବାର ବିଧାନସଭାରେ ଉପସ୍ଥାପିତ ହୋଇଛି। ଏହାଦ୍ୱାରା ସଂରକ୍ଷଣ ସୀମା ୫୦% ମଧ୍ୟରେ ସୀମିତ ରହିବ। ଏଥିସହିତ ରାଜ୍ୟରେ ପୌର ନିର୍ବାଚନ ପାଇଁ ବାଟ ଫିଟିଛି।*

ଭୁବନେଶ୍ୱର,୬।୯(ବ୍ୟୁରୋ)

ରାଜ୍ୟରେ ପୌର ଏବଂ ପଞ୍ଚାୟତ ନିର୍ବାଚନରେ ୫୦%ରୁ ଅଧିକ ଥିବା ସ୍ଥାନ ସଂରକ୍ଷଣକୁ ନେଇ ରାଜ୍ୟ ସରକାର ଅଡୁଆରେ ପଡ଼ିଛନ୍ତି। ଏଥିଯୋଗୁ ଗତ ୩ ବର୍ଷ ହେବ ରାଜ୍ୟରେ ପୌର ନିର୍ବାଚନ ହୋଇପାରି ନାହିଁ। ସୁପ୍ରିମ୍‌କୋର୍ଟରୁ ନିରାଶ ହେବା ପରେ ରାଜ୍ୟ ସରକାର ପ୍ରଚଳିତ ଓଡ଼ିଶା ପୌର ଅଧିନିୟମ ୧୯୫୦ ଏବଂ ଓଡ଼ିଶା ମହାନଗର ନିଗମ ଅଧିନିୟମ ୨୦୦୩କୁ ସଂଶୋଧନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଉଭୟ ବିଲ୍ ସଂଶୋଧନ ହେବା ପରେ ପୌର ଏବଂ ପଞ୍ଚାୟତ ନିର୍ବାଚନ ପାଇଁ ବାଟ ଫିଟିଛି। ଗତ କ୍ୟାବିନେଟ ବୈଠକରେ ଉକ୍ତ ଅଧିନିୟମ ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ କରିବା ପରେ ରାଜ୍ୟ ସରକାର ଏହାକୁ ଓଡ଼ିଶା ବିଧାନସଭାର ଅନୁମୋଦନ କରିବାକୁ ଯାଉଛନ୍ତି। ସୋମବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଓଡ଼ିଶା ପୌର ବିଧି(ସଂଶୋଧନ) ବିଲ୍-୨୦୨୧କୁ ବିଧାନସଭାର ଅନୁମୋଦନ ପାଇଁ ଉପସ୍ଥାପନ କରିଛନ୍ତି। ସମୟ ଅଭାବରୁ ଓଡ଼ିଶା ପଞ୍ଚାୟତ ବିଧି (ସଂଶୋଧନ) ୨୦୨୧କୁ ବିଧାନସଭାରେ ଆଗତ କରାଯାଇପାରି ନାହିଁ। ମଙ୍ଗଳବାର ବିଧାନସଭାରେ ତାହାକୁ ଉପସ୍ଥାପନ କରାଯାଇପାରେ।

ଏହି ବିଲ୍ ବିଧାନସଭାର ଅନୁମୋଦନ ଲାଭ କରିବା ପରେ ପ୍ରତ୍ୟେକ ପୌରପାଳିକାରେ ଅନୁସୂଚିତ ଜାତି ଓ ଜନଜାତିର ଜନସଂଖ୍ୟା ଅନୁପାତରେ ଆସନ ସଂରକ୍ଷଣ କରାଯିବ। ସମ୍ବିଧାନର ବ୍ୟବସ୍ଥା ଅନୁସାରେ ଉକ୍ତ ବର୍ଗ ଓ ମହିଳାମାନଙ୍କ ପାଇଁ ଅଧକ୍ଷ ପଦର ସଂରକ୍ଷଣ କେଉଁ ରୀତିରେ କରାଯିବ ତାହା ବିଧାନସଭାର ବିଚାର ଉପରେ ନିର୍ଭର କରିବ। ସେହିପରି ପଛୁଆ ବର୍ଗର ଲୋକମାନଙ୍କ କ୍ଷେତ୍ରରେ ☞ପୃଷ୍ଠା-୪


USHA TRAVELS
www.flyusha.in
OFFER PRICE
BHUBANESWAR ⇄

| | |
|---|---|
| KOLKATA | 2533/-* |
| HYDERABAD | 3533/-* |
| BENGALURU | 3533/-* |
| DELHI | 3633/-* |
| MUMBAI | 3733/-* |
| DUBAI | 10,333/-* |

T&C Apply*
CALL US! 1800 890 3566


# ବଢୁଛି ମହିଳା ବିରୋଧୀ ହିଂସା

*ଜ୍ଞାନକୌଶଳ ବଳରେ ରାଜ୍ୟ ତଥା ଦେଶରେ ଯେତେ ପ୍ରଗତି ହେଲେ ମଧ୍ୟ ଅପରାଧ କମିପାରୁନାହିଁ। ବିଶେଷକରି ମହିଳା ବିରୋଧୀ ହିଂସା ଉପରେ ଲଗାମ ଲାଗିପାରୁନାହିଁ। ଜନସଂଖ୍ୟା ତୁଳନାରେ ଅପରାଧ ହ୍ରାସ ପାଇଁ ଆବଶ୍ୟକ ଭିତ୍ତିଭୂମି ଉପଲବ୍ଧ କରିବାରେ ସରକାର ବିଫଳ ହେବା ଏହାର ପ୍ରମୁଖ କାରଣ। ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ଦୋହଲିଯାଇଥିବା ବିରୋଧୀ ଭାଜପା, କଂଗ୍ରେସ ସମେତ ବିଭିନ୍ନ ସଂଗଠନ ଅଭିଯୋଗ କରିଆସୁଛନ୍ତି। ପ୍ରତିବର୍ଷ ଘଟୁଥିବା ମହିଳା ବିରୋଧୀ ହିଂସା ତଥା ହତ୍ୟା, ବଳାତ୍କାର, ଏସିଡ୍ ଆକ୍ରମଣ, ଯୌତୁକ ନିର୍ଯାତନା ସଂଖ୍ୟାକୁ ଦେଖିଲେ ବିରୋଧୀଙ୍କ ଅଭିଯୋଗ ସତ୍ୟ ପ୍ରମାଣିତ ହେଉଛି। ଏପରି କି ସୋମବାର ବିଧାନସଭାରେ ଉପସ୍ଥାପିତ ତଥ୍ୟରୁ ରାଜ୍ୟରେ ମହିଳା ବିରୋଧୀ ହିଂସା ବଢୁଥିବା ଖୋଦ୍ ସରକାର ସ୍ୱୀକାର କରିଛନ୍ତି। କିନ୍ତୁ ପୋଲିସ ପଦବୀ ପୂରଣ, ଫାଣ୍ଡି ଓ ଥାନା ପ୍ରତିଷ୍ଠା ଆଦି ଭିତ୍ତିଭୂମି ପାଇଁ ବିଭିନ୍ନ ସମୟରେ ବିରୋଧୀ ଏବଂ ଶାସକ ଦଳ ବିଧାୟକମାନେ ବହୁବାର ଦାବି କରୁଥିଲେ ମଧ୍ୟ ସରକାର ଗ୍ରହଣ କରିନାହାନ୍ତି। ଏନେଇ ସୋମବାର ବିଧାନସଭାରେ ଉଦ୍‌ବେଗ ପ୍ରକାଶ ପାଇଛି।*

ଭୁବନେଶ୍ୱର, ୬।୯(ବ୍ୟୁରୋ)

- **ପ୍ରତିବର୍ଷ ବଢୁଛି ହତ୍ୟା, ନିର୍ଯାତନା ମାମଲା**
- **ବଳାତ୍କାର, ଯୌତୁକଜନିତ ହତ୍ୟା କ୍ଷେତ୍ରରେ ମୟୂରଭଞ୍ଜ ଆଗରେ**



ରାଜ୍ୟରେ ହତ୍ୟା ଓ ଯୌତୁକଜନିତ ହତ୍ୟା ମାମଲା ବଢ଼ିବାରେ ଲାଗିଛି। ସେହିପରି ବଳାତ୍କାରଜନିତ ଅପରାଧ ସଂଖ୍ୟାରେ ମଧ୍ୟ ବୃଦ୍ଧି ଘଟିଛି। କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ପ୍ରଶ୍ନର ଉତ୍ତରରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀ ଦେଇଥିବା ଉତ୍ତର ଅନୁଯାୟୀ, ରାଜ୍ୟରେ ୨୦୧୯ରେ ୨,୯୫୦ ବଳାତ୍କାର ମାମଲା ରୁଜୁ ହୋଇଛି। ୨୦୨୦ରେ ଏହି ସଂଖ୍ୟାରେ ବୃଦ୍ଧି ଘଟି ୨,୯୮୪ ହୋଇଛି। ୨୦୨୧ ଜୁନ୍ ସୁଦ୍ଧା ୧୫୬୩ଟ ବଳାତ୍କାର ମାମଲା ରୁଜୁ ହୋଇଛି। ସେହିପରି ୨୦୧୯ରେ ୧,୬୩୫ ନାବାଳିକା ବଳାତ୍କାରର ଶିକାର ହୋଇଛନ୍ତି। ୨୦୨୦ରେ ୧୬୪୬ ନାବାଳିକା ବଳାତ୍କାର ମାମଲା ରୁଜୁ ହୋଇଥିବାବେଳେ ୨୦୨୧ ଜୁନ୍ ସୁଦ୍ଧା ୭୮୬ ନାବାଳିକା ବଳାତ୍କାରର ଶିକାର ହୋଇଛନ୍ତି। ମୟୂରଭଞ୍ଜ ଜିଲାରେ ☞ପୃଷ୍ଠା-୪

## ନୂତନ ଥାନା, ଫାଣ୍ଡି ଦାବିରେ ବିଧାନସଭାରେ ଉଦ୍‌ବେଗ

ଭୁବନେଶ୍ୱର,୬।୯(ବ୍ୟୁରୋ)

- **ଗୃହରେ ବିବୃତି ଦେବାକୁ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀଙ୍କୁ ବାଚସ୍ପତିଙ୍କ ନିର୍ଦ୍ଦେଶ**
- **ରାଜ୍ୟରେ ୧୧,୪୫୬ ପୋଲିସ ପଦବୀ ଖାଲି**

ରାଜ୍ୟରେ ଦିନକୁ ଦିନ ଅପରାଧ ବଢ଼ିଚାଲିଛି। ଏଥିସହିତ ରାଜ୍ୟରେ ପୋଲିସ କର୍ମଚାରୀଙ୍କ ଅଭାବ ରହିଛି। ଏହାକୁ ନେଇ ଉଭୟ ଶାସକ ଓ ବିରୋଧୀ ଦଳ ସଭ୍ୟମାନେ ବିଧାନସଭାରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଜନସଂଖ୍ୟା ବଢୁଥିବାରୁ ରାଜ୍ୟରେ ଖାଲିଥିବା ପୋଲିସ ପଦବୀ ପୂରଣ କରିବା ସହ ନୂଆ ଥାନା ଓ ଫାଣ୍ଡି ସ୍ଥାପନ କରିବାକୁ ଦାବି କରିଛନ୍ତି।

ସୋମବାର ପ୍ରଶ୍ନୋତ୍ତର ବେଳେ ବିଜେଡି ସଭ୍ୟ ସତ୍ୟନାରାୟଣ ପ୍ରଧାନ ମୂଳ ପ୍ରଶ୍ନ ୧୨୧ରେ ପଚାରିଥିଲେ ଯେ, ନୟାଗଡ଼ ରାଜସୁନାଖଳା ସହର ଏକ ବ୍ୟବସାୟିକ ପେଣ୍ଠସ୍ଥଳ ପାଲଟିଛି। ଏଠାରେ ଥିବା ଫାଣ୍ଡି ରଣପୁର ଥାନାଠାରୁ ୧୫ କି.ମି. ଦୂରରେ ରହିଛି। ଜନସଂଖ୍ୟା ବୃଦ୍ଧି ସହିତ ଚୋରି, ଡକାୟତି, ରାହାଜାନି ଏବଂ ଚୋରାମଦ ବେପାର ବଢୁଥିବାରୁ ରାଜସୁନାଖଳା ଫାଣ୍ଡିକୁ ଥାନାରେ ପରିଣତ କରାଯାଉ। ଏଥିସହିତ ରଣପୁର ବ୍ଲକର ଖଇରପଲ୍ଲୀ ପଞ୍ଚାୟତର ଗରିଆଠାରେ ଏକ ଫାଣ୍ଡି ଖୋଲିବାକୁ ସରକାର ପଦକ୍ଷେପ ନେବେ କି ବୋଲି ପଚାରିଥିଲେ। ଗୃହ ରାଷ୍ଟ୍ରମନ୍ତ୍ରୀ ଦବ୍ୟ ଶଙ୍କର ମିଶ୍ର କହିଥିଲେ ଯେ, ରାଜସୁନାଖଳା ଫାଣ୍ଡିକୁ ଥାନାରେ ପରିଣତ କରିବା କିମ୍ବା ଗରିଆଠାରେ ନୂତନ ଫାଣ୍ଡି ସ୍ଥାପନ କରିବା ପାଇଁ କୌଣସି ପ୍ରସ୍ତାବ ନାହିଁ। ଅତିରିକ୍ତ ପ୍ରଶ୍ନରେ କଂଗ୍ରେସ ସଦସ୍ୟ ସୁରେଶ କୁମାର ରାଉତରାୟ, ସନ୍ତୋଷ ସିଂ ସାଲୁଜା ନୂଆ ଥାନା ସ୍ଥାପନ କରିବା ନେଇ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାଜ୍ୟରେ ୬୮ଟି ନୂଆ ଥାନା, ୧୦୩ଟି ଫାଣ୍ଡି ଓ ୩ ଥାନାର ଅପ୍‌ଗ୍ରେଡ୍ କରିବା ପାଇଁ ୬୦ ଜଣ ☞ପୃଷ୍ଠା-୪

# ରାଜ୍ୟ ଶିଳ୍ପକୁ ମିଳୁ ୫୦% ଲୁହାପଥର

ଭୁବନେଶ୍ୱର,୬।୯(ବ୍ୟୁରୋ)

- **ସଙ୍କଟରେ ଏମ୍‌ଏସ୍‌ଏମ୍‌ଇ ଷ୍ଟିଲ୍ ଶିଳ୍ପ**
- **ପ୍ରିଏମ୍ପଶନ ନୀତି ଲାଗୁ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ**
- **ରାଜ୍ୟ ବାହାରକୁ ଚାଲି ଯାଉଛି ୬୦% ଲୁହାପଥର**

ରାଜ୍ୟର ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ଇସ୍ପାତ ଶିଳ୍ପଗୁଡିକ ବର୍ତ୍ତମାନ ଲୁହା ପଥର ଅଭାବଜନିତ ସମସ୍ୟାର ସାମ୍ନା କରୁଛନ୍ତି। ସ୍ଥାନୀୟ ଶିଳ୍ପ ରାଜ୍ୟର ଖଣିଗୁଡିକରୁ ଉତ୍ତୋଳନ ହେଉଥିବା ଲୁହା ପଥର ଉପରେ ନିର୍ଭରଶୀଳ। ମାତ୍ର ରାଜ୍ୟର ଉତ୍ପାଦିତ ମୋଟ ଲୁହାପଥର ମଧ୍ୟରୁ ପ୍ରାୟ ୬୦% ରାଜ୍ୟ ବାହାରକୁ ରପ୍ତାନି ହେଉଥିବାରୁ ଏହା ଶିଳ୍ପର ଚିନ୍ତା ବଢାଇଥିବା ଜଣାପଡିଛି। ସ୍ଥାନୀୟ ଶିଳ୍ପଗୁଡିକ ଏ ନେଇ ବାରମ୍ବାର ବିରୋଧ କରିବା ସତ୍ତ୍ୱେ ମଧ୍ୟ ଏହାକୁ କର୍ଣ୍ଣପାତ କରାଯାଉନାହିଁ। ଫଳରେ ଶିଳ୍ପ କ୍ଷେତ୍ରରେ ବର୍ତ୍ତମାନ ବଡ଼ ସଙ୍କଟ ସୃଷ୍ଟି ହୋଇଛି। ☞ପୃଷ୍ଠା-୪

# ପୂର୍ବତନ ରାଜ୍ୟପାଳଙ୍କ ବିରୋଧରେ ଦେଶଦ୍ରୋହ ମାମଲା

**ଯୋଗୀ ସରକାରଙ୍କ ବିରୋଧରେ ଦେଇଥିଲେ ମନ୍ତବ୍ୟ**

ଲକ୍ଷ୍ନୌ, ୬।୯



ଅଜିଜ୍ କୁରେଶୀ

ଉତ୍ତରପ୍ରଦେଶର ପୂର୍ବତନ ରାଜ୍ୟପାଳ ଅଜିଜ୍ କୁରେଶୀଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ ହୋଇଛି। ସେ ଯୋଗୀ ଆଦିତ୍ୟନାଥ ସରକାରଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଥିଲା। ରାମପୁର ଜିଲାର ସିଭିଲ୍ ଲାଇନ ଥାନାରେ ରବିବାର ଭାଜପା ନେତା ଆକାଶ କୁମାର ସାକ୍ସେନା କରିଥିବା ଅଭିଯୋଗ ଆଧାରରେ ଏତଲା ଦାଏର ହୋଇଥିଲା। ସାକ୍ସେନାଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବତନ ରାଜ୍ୟପାଳ ଅଜିଜ୍ ସମାଜବାଦୀ ପାର୍ଟି ନେତା ଆଜାଦ ଖାନ୍‌ଙ୍କ ☞ପୃଷ୍ଠା-୪

## ୪ର୍ଥ ଟେଷ୍ଟ ଜିତିଲା ଭାରତ

### ୨-୧ରେ ଆଗୁଆ



**ଲଣ୍ଡନ,୬।୯:** ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ କ୍ରିକେଟ ଦଳ ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟ ମ୍ୟାଚ୍‌ରେ ୧୫୭ ରନରେ ବିଜୟ ହାସଲ କରିଛି। ପ୍ରଥମ ଇନିଂସରେ ୯୯ ରନ ପଛରେ ପଡିଥିଲେ ମଧ୍ୟ ଦ୍ୱିତୀୟ ଇନିଂସରେ ପ୍ରତ୍ୟାବର୍ତ୍ତନ କରି ଭାରତ ବାଜି ମାରିଛି। ଦୀର୍ଘ ୫୦ ବର୍ଷ ପରେ ଭାରତ ଏହି ଗ୍ରାଉଣ୍ଡରେ ଟେଷ୍ଟ ବିଜୟ ହାସଲ କରି ଇତିହାସ ସୃଷ୍ଟି କରିଛି। ଦ୍ୱିତୀୟ ଇନିଂସରେ ଉପଯୋଗୀ ଶତକ ହାସଲ କରିଥିବା ଭାରତୀୟ ଅଭିଜ୍ଞ ଓପନର ରୋହିତ ଶର୍ମା ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଏହି ବିଜୟ ସହ ଭାରତ ୫ ମ୍ୟାଚ୍ ବିଶିଷ୍ଟ ଚଳିତ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

**ଆମେରିକାର ପରାଜୟ, ପାକିସ୍ତାନର ବିଜୟ**


**ଆଜିର ମନ୍ତବ୍ୟ**

“ଭାରତରେ ଦୈନିକ ୧.୨୫ କୋଟି କୋଭିଡ୍ ଟିକା ଡୋଜ୍ ଦିଆଯାଉଛି, ଯାହା ଅନେକ ଦେଶର ଜନସଂଖ୍ୟାଠାରୁ ଅଧିକ। ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଥମ ଡୋଜ୍ ଟିକା ଦେବାରେ ହିମାଚଳପ୍ରଦେଶ ପ୍ରଥମ ରାଜ୍ୟ।

**- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

# ପଞ୍ଜଶିରରେ ପତାକା ଉଡ଼ାଇଲା ତାଲିବାନ୍

କାବୁଲ, ୬।୯




ପଞ୍ଜଶିର ରାଜ୍ୟପାଳ ଅଫିସ୍ ସମ୍ମୁଖରେ ତାଲିବାନୀ ଯୋଦ୍ଧା।

- **ଆଫଗାନିସ୍ତାନରେ ଯୁଦ୍ଧ ଶେଷ ଘୋଷଣା**
- **ପ୍ରତିରୋଧୀ ବଳ ଅପରାଜେୟ: ମାସୁଦ୍**
- **ଏନ୍‌ଆର୍‌ଏଫ୍‌ର ଚିଫ୍ କମାଣ୍ଡର ନିହତ**

ତାଲିବାନ୍ ପାଇଁ ଅଭେଦ୍ୟ ଦୁର୍ଗ ପାଲଟିଥିବା ଆଫଗାନିସ୍ତାନର ପଞ୍ଜଶିର ଉପତ୍ୟକା ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣକୁ ନିଆଯାଇଥିବା ଘୋଷଣା କରିଛି ତାଲିବାନ୍। ଏହି ପ୍ରଦେଶ ଉପରେ ବିଜୟ ହାସଲ ହୋଇଥିବା ତାଲିବାନ୍ ମୁଖପାତ୍ର ଜାବିହୁଲ୍ଲା ମୁଜାହିଦ୍ ସୋମବାର ଦାବି କରିବା ସହ ଆଫଗାନିସ୍ତାନରେ ଯୁଦ୍ଧ ଶେଷ ହେଲା ବୋଲି କହିଛନ୍ତି। ପଞ୍ଜଶିର ରାଜ୍ୟପାଳ ଅଫିସ୍‌ରେ ତାଲିବାନୀ ନେତା ସେମାନଙ୍କ ପତାକା ଉଡ଼ାଇଛନ୍ତି। ଏହାର ଭିଡିଓ ଏବଂ ଫଟୋ ସୋସିଆଲ ମିଡିଆରେ ଜାରି ହୋଇଛି। ଅନ୍ୟପକ୍ଷରେ ତାଲିବାନ୍‌ର ଏହି ଦାବିକୁ ପୁଣି ଖଣ୍ଡନ କରିଛି ନ୍ୟାଶନାଲ ରେଜିଷ୍ଟାନ୍ସ ଫୋର୍ସ (ଏନ୍‌ଆର୍‌ଏଫ୍)। ପ୍ରତିରୋଧୀ ବଳ ଅପରାଜେୟ ଏବଂ ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ତାଲିବାନ୍ ବିରୋଧରେ ଲଢ଼େଇ ଜାରି ରହିବ ବୋଲି ଏନ୍‌ଆର୍‌ଏଫ୍‌ର ନେତୃତ୍ୱ ନେଉଥିବା ପଞ୍ଜଶିରର ସିଂହ ଅହମ୍ମଦ ମାସୁଦ୍ ଏକ ଫେସ୍‌ବୁକ୍ ପୋଷ୍ଟରେ କହିଛନ୍ତି। ପ୍ରତିରୋଧୀ ବଳ ବିରୋଧରେ ତାଲିବାନ୍ ଯୁଦ୍ଧ ନ କରି ପାକିସ୍ତାନ ସେନା ଏବଂ ଆଇଏସ୍‌ଆଇକୁ ଏଥିପାଇଁ ନିୟୋଜିତ କରିଛି ବୋଲି ସେ ପ୍ରକାଶ କରିଛନ୍ତି। ଯୁଦ୍ଧ ବିରତି ଓ ଆଲୋଚନା ପାଇଁ ପ୍ରତିରୋଧୀ ବଳ ପକ୍ଷରୁ ତାଲିବାନ୍‌କୁ ପ୍ରସ୍ତାବ ଦିଆଯାଇଥିଲା। ହେଲେ ତାଲିବାନ୍ ଏହାକୁ ଅଗ୍ରାହ୍ୟ କରିଦେଇଥିଲା। ତାଲିବାନ୍ ଲଢୁଆମାନେ ପଞ୍ଜଶିରକୁ ଘେରାଉ ଜାରି ରଖିଥିବାବେଳେ ରବିବାର ରାତିରେ ଉଭୟ ପକ୍ଷ ମଧ୍ୟରେ ଜୋରଦାର ଲଢ଼େଇ ହୋଇଥିଲା। ଏଥିରେ ଏନ୍‌ଆରଏଫ୍‌ର ଚିଫ୍ କମାଣ୍ଡର ସାଲେହ ☞ପୃଷ୍ଠା-୪


INSTITUTE OF ENTREPRENEURSHIP DEVELOPMENT, ODISHA
*An Institute of*
MSME Department, Govt. of Odisha

ADMISSION NOTICE 2021-22

IMBA

INTEGRATED MASTER OF BUSINESS ADMINISTRATION
*(Affiliated to Utkal University)*

QUALITY EDUCATION IN GOVT. INSTITUTE

| COURSE | DURATION | COURSE FEE |
|---|---|---|
| BBA (IMBA FIRST 3 YEARS) | 3 YEARS | ₹ 25,000/- per year |
| | Eligibility : The candidate should have passed +2 or its equivalent in any discipline with minimum 45% marks in aggregate. | |
| MBA LATERAL ENTRY (IMBA LAST 2 YEARS) | 2 YEARS | ₹ 60,000/- per year |
| | Eligibility : The candidate should have passed 3 year BBA (six semesters) from any recognized university with minimum 50% marks in aggregate. | |

Applications are invited for admission into **IMBA 5 years programme** for the session **2021-22.** The Application Form is available in Institute's website **www.iedodisha.org.in.** Interested candidates can also collect the Application Form personally from IED Odisha on payment of ₹ **500/-** (₹ **200/- for SC/ST/PH Candidates)** cash or DD in favour of **IED ODISHA IMBA, payable at Bhubaneswar.**

****Hostel Facility is available within the premises of the Institute.****

| | |
|---|---|
| Last date for submission of IMBA Application form with all relevant documents and fees: | 18.09.2021 |
| Commencement of Admission into IMBA 1st Semester and 7th Semester at IED Odisha | 21.09.2021 |

Plot No. 123, Sector-A, Zone-A, Mancheswar Indl. Estate, Near Postal Printing Press, PO:Rasulgarh, Bhubaneswar-751010, Ph. 0674-2585609/2587176, Mob. 9437163828, 7978120939

## ପିମ୍ପୁଡ଼ି ପାଇଁ ଅଟକିଲା ବିମାନ

ନୂଆଦିଲ୍ଲୀରୁ ଲଣ୍ଡନ ଯିବାକୁ ଥିବା ଏୟାର ଇଣ୍ଡିଆ ବିମାନରେ ପିମ୍ପୁଡ଼ି ଯୋଗୁ ଏହାର ଉଡ଼ାଣ ବନ୍ଦ କରିବାକୁ ପଡ଼ିଛି। ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ସୋମବାର ଏଆଇ-୧୧୧ ବିମାନ ଉଡ଼ାଣ ପୂର୍ବରୁ ଏହାର ବିଜନେସ୍ କ୍ଲାସ୍‌ରେ ପିମ୍ପୁଡ଼ି ଦେଖିବାକୁ ମିଳିଥିଲା। ବିମାନରେ ଭୁଟାନ ଯୁବରାଜ ଯିବାର ଥିଲା। ପରେ ଏୟାର ଇଣ୍ଡିଆ କର୍ତ୍ତୃପକ୍ଷ ଉକ୍ତ ବିମାନକୁ ବଦଳାଇଥିଲେ।

## ସଂକ୍ଷେପରେ

### ୯,୦୦୦ ଥର ଚନ୍ଦ୍ର ପରିକ୍ରମା ଶେଷ କଲା ଚନ୍ଦ୍ରୟାନ-୨



**ନୂଆଦିଲ୍ଲୀ, ୬।୯:** ଦୁଇବର୍ଷ ପୂର୍ବେ ମହାକାଶକୁ ଯାଇଥିବା ଭାରତର ଚନ୍ଦ୍ରୟାନ-୨ ଇତିମଧ୍ୟରେ ଚନ୍ଦ୍ରକୁ ୯,୦୦୦ ଥର ପରିକ୍ରମା ସମ୍ପୂର୍ଣ୍ଣ କରିଛି। ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ମୁଖ୍ୟ କେ. ସିବନ ଏକ କର୍ମଶାଳାରେ ଏହି ସୂଚନା ଦେଇଛନ୍ତି। ଲ୍ୟାଣ୍ଡର-ରୋଭର କ୍ରାସ୍ ଲ୍ୟାଣ୍ଡିଂ କରିଥିଲେ ମଧ୍ୟ ଚନ୍ଦ୍ରୟାନ-୨ ମିଶନ ଏପର୍ଯ୍ୟନ୍ତ ଭାରତକୁ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟବେକ୍ଷଣ ତଥ୍ୟ ଯୋଗାଇଆସୁଛି ଏବଂ ୯,୦୦୦ ଥର ପରିକ୍ରମା ଶେଷ କରିଛି। ଏହାର ଅନ୍‌ବୋର୍ଡ ଉପକରଣଗୁଡ଼ିକ କାମ କରୁଥିବା ଦୁଇଦିନିଆ ଲୁନାର ସାଇନ୍ସ ୱାର୍କଶପ୍-୨୦୨୧ରେ ଉଦ୍‌ବୋଧନ ଦେଇ ସିବନ କହିଛନ୍ତି। ଚନ୍ଦ୍ରୟାନ-୨ ମିଶନକୁ ଦୁଇବର୍ଷ ପୂରିବା ଅବସରରେ ସୋମବାରଠାରୁ ଏହି କର୍ମଶାଳା ଆରମ୍ଭ ହୋଇଛି। ଚନ୍ଦ୍ରୟାନ ପଠାଇଥିବା ବିଜ୍ଞାନଭିତ୍ତିକ ତଥ୍ୟଗୁଡ଼ିକ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଅନୁଧ୍ୟାନ ପାଇଁ ଯୋଗାଇ ଦିଆଯାଉଥିବା ଇସ୍ରୋ ପକ୍ଷରୁ କୁହାଯାଇଛି।

### ନାବାଳିକାଙ୍କୁ ଅପହରଣ ପରେ ଗଣବଳାତ୍କାର: ୮ ଗିରଫ

**ପୁଣେ, ୬।୯:** ପୁଣେ ରେଳଷ୍ଟେଶନରୁ ଜଣେ ନାବାଳିକାଙ୍କୁ ଦୁର୍ବୃତ୍ତମାନେ କୌଶଳ କ୍ରମେ ଅପହରଣ କରିନେଇ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ପୁଣେ ସିଟି ପୋଲିସ ୮ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ୨ ଜଣ ରେଳ କର୍ମଚାରୀ ହୋଇଥିବାବେଳେ ଅନ୍ୟମାନେ ରିକ୍ସାଚାଳକ। ୩ ଦିନ ପୂର୍ବରୁ ୧୪ ବର୍ଷୀୟା ପୀଡ଼ିତା ଜଣଙ୍କ ତାଙ୍କ ସାଙ୍ଗକୁ ଭେଟିବା ପାଇଁ ଯିବା ଲାଗି ପୁଣେ ଷ୍ଟେଶନରେ ପହଞ୍ଚିଥିଲେ। ରାତିରେ ଆଉ ଟ୍ରେନ ନାହିଁ କହି ଅଭିଯୁକ୍ତମାନେ ତାଙ୍କୁ ଭୁଲାଇ ବିଭିନ୍ନ ସ୍ଥାନକୁ ନେଇଯିବା ସହ ବଳାତ୍କାର କରିଥିଲେ। ପୀଡ଼ିତା ଜଣକ ଏବେ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ସେ କ'ଣ ପାଇଁ ରାତିରେ ଘରୁ ବାହାରି ଆସିଥିଲେ ତାହା ସ୍ପଷ୍ଟ ହୋଇ ନ ଥିବା ପୋଲିସ କହିଛି।

### ୪ ସପ୍ତାହରେ କୋଭିଶିଲ୍ଡ ଦ୍ୱିତୀୟ ଡୋଜ୍ ଦିଅ

**କେନ୍ଦ୍ରକୁ କେରଳ ହାଇକୋର୍ଟଙ୍କ ନିର୍ଦ୍ଦେଶ**



**ପୁଣେ, ୬।୯:** କେରଳରେ କୋଭିଡ୍ ସଂକ୍ରମଣ ବଢ଼ିଚାଲିଥିବାବେଳେ ୧୨ ସପ୍ତାହ ପରିବର୍ତ୍ତେ ୪ ସପ୍ତାହ ପରେ କୋଭିଶିଲ୍ଡ ଟିକାର ଦ୍ୱିତୀୟ ଡୋଜ୍ ଦେବା ପାଇଁ ହାଇକୋର୍ଟ ସୋମବାର କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁମାନେ ଟିକା ନେବାକୁ ଚାହୁଁଛନ୍ତି, ସେମାନଙ୍କୁ ୪ ସପ୍ତାହ ପରେ ଦ୍ୱିତୀୟ ଡୋଜ୍ ଦିଆଯାଉ। ଏଥିପାଇଁ କୋୱିନ୍ ଆପ୍‌ରେ ପରିବର୍ତ୍ତନ କରିବା ଲାଗି ସରକାରଙ୍କୁ କୁହାଯାଇଛି। ଏହି ନିର୍ଦ୍ଦେଶନାମା କେବଳ ଘରୋଇ ସୂତ୍ରରୁ ଟିକା ନେଉଥିବା ଲୋକମାନଙ୍କ କ୍ଷେତ୍ରରେ ସୀମିତ। ସରକାରଙ୍କ ମାଗଣା ଟିକା ନେଉଥିବା ଲୋକଙ୍କ ପାଇଁ ଏହା ଲାଗୁ ହେବନାହିଁ। ବଜାରରୁ ଟଙ୍କା ଦେଇ ଟିକା କିଣୁଥିବା ବ୍ୟକ୍ତି ସଅଳ ସୁରକ୍ଷା କିମ୍ବା ଉତ୍ତମ ସୁରକ୍ଷାରୁ ଗୋଟିଏ ବାଛିବା ପାଇଁ ହକ୍‌ଦାର ବୋଲି ଖଣ୍ଡପୀଠ କହିଥିଲେ। ସୂଚନାଯୋଗ୍ୟ, ଜାନୁୟାରୀରେ କୋଭିଡ୍ ଟିକାକରଣ ଆରମ୍ଭ ହେଲାବେଳେ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ପ୍ରସ୍ତୁତ କୋଭିଶିଲ୍ଡ ଟିକାର ଦୁଇ ଡୋଜ୍ ମଧ୍ୟରେ ବ୍ୟବଧାନ ୪ରୁ ୬ ସପ୍ତାହ ରଖିବା ପାଇଁ ସ୍ଥିର ହୋଇଥିଲା। ପରେ ଏହାକୁ ୬ରୁ ୮ ସପ୍ତାହ ପର୍ଯ୍ୟନ୍ତ ବଢ଼ାଯାଇଥିଲା। ଗତ ମେ' ମାସରେ ସରକାର ଏହି ବ୍ୟବଧାନକୁ ୧୨ରୁ ୧୬ ସପ୍ତାହକୁ ବଢ଼ାଇ ଦେଇଥିଲେ। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ନେଇ ପ୍ରଶ୍ନ ଉଠିଥିଲା। ଏପ୍ରିଲ୍-ମେ'ରେ ସଂକ୍ରମଣ ଶୀର୍ଷ ଛୁଇଁଥିବାରୁ ଟିକା ଅଭାବ ଯୋଗୁ ଦୁଇ ଡୋଜ୍ ମଧ୍ୟରେ ବ୍ୟବଧାନ ବଢ଼ାଯାଉଥିବା ଅନେକେ ଅଭିଯୋଗ କରିଥିଲେ।

# କାମଚଳା ସରକାର ଗଢ଼ିବ ତାଲିବାନ୍

## ଆଫଗାନିସ୍ତାନ ମୁଖ୍ୟ ହେବେ ମୁଲ୍ଲା ହାସନ୍ ଅଖୁନ୍ଦ

**କାବୁଲ, ୬।୯**



କାବୁଲରେ ଏକ ଖବରଦାତା ସମ୍ମିଳନୀ ତାଲିବାନୀ ନେତା ସରକାର ଗଠନ ସମ୍ପର୍କରେ ସୂଚନା ଦେଉଛନ୍ତି।

ପଞ୍ଜଶିର ଅକ୍ତିଆର ପରେ ଆଫଗାନିସ୍ତାନରେ ସରକାର ଗଠନ ପାଇଁ ତାଲିବାନ୍‌ର ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଖୁବ୍‌ଶୀଘ୍ର ସରକାରର ସମ୍ପୂର୍ଣ୍ଣ ରୂପରେଖ ସାମ୍‌ନାକୁ ଆସିବ। ଏବେ ନିର୍ବାଚନ କଥା ଦୃଷ୍ଟିରେ ରଖାଯାଇନାହିଁ। ତେବେ ସାମୟିକ ଭାବେ ତାଲିବାନ୍ ଏକ କାମଚଳା ସରକାର ଗଠନ କରିବ। ଆଗକୁ ଏଥିରେ ପରିବର୍ତ୍ତନ ଅଣାଯିବ ବୋଲି ତାଲିବାନ୍ ମୁଖପାତ୍ର ଜାବିହୁଲ୍ଲା ମୁଜାହିଦ୍ ସୋମବାର କାବୁଲରେ ଏକ ଖବରଦାତା ସମ୍ମିଳନୀ କରି କହିଛନ୍ତି। ଏହି ସମାରୋହରେ ପାକିସ୍ତାନ, ଚାଇନା, ରୁଷିଆ, ତୁର୍କୀ, କାତାର ଏବଂ ଇରାନ୍‌କୁ ଅତିଥି ଭାବେ ଯୋଗଦେବାକୁ ନିମନ୍ତ୍ରଣ କରାଯାଇଛି। ମୁଜାହିଦ୍ କହିଛନ୍ତି, ଆଫଗାନିସ୍ତାନରେ ଯୁଦ୍ଧ ସମ୍ପୂର୍ଣ୍ଣ ଶେଷ ହୋଇଛି। ଏଣିକି ଅସ୍ତ୍ରଶସ୍ତ୍ର ଉଠାଉଥିବା ବ୍ୟକ୍ତିଙ୍କୁ କୌଣସି ମତେ କ୍ଷମା ଦିଆଯିବ ନାହିଁ। ଅନ୍ୟପକ୍ଷରେ ଆଫଗାନିସ୍ତାନ ଛାଡ଼ିବା ପୂର୍ବରୁ ଆମେରିକା ସୈନ୍ୟ କାବୁଲ ବିମାନବନ୍ଦରରେ ବ୍ୟାପକ କ୍ଷତି ପହଞ୍ଚାଇଥିବା ମୁଜାହିଦ୍ ଅଭିଯୋଗ କରିଛନ୍ତି। ଏହାର ମରାମତି ଏବଂ ପୁନଃ

### ଚାଇନା, ପାକିସ୍ତାନକୁ ନିମନ୍ତ୍ରଣ

କାର୍ଯ୍ୟକ୍ଷମ କରିବା ନିମନ୍ତେ କାତାର, ତୁର୍କୀ ଏବଂ ୟୁଏଇରୁ ଆସିଥିବା ଟିମ୍ କାମ ଜାରି ରଖିଛନ୍ତି ବୋଲି ସେ କହିଛନ୍ତି।

ଅନ୍ୟପକ୍ଷେ କିଛି ଦିନ ଧରି ବିଚାର ବିମର୍ଶ ଚାଲିବା ପରେ ତାଲିବାନ୍ ମୁଲ୍ଲା ମହମ୍ମଦ ହାସନ୍ ଅଖୁନ୍ଦଙ୍କୁ ଆଫଗାନିସ୍ତାନର ନୂଆ ମୁଖ୍ୟ କରିବାକୁ ସ୍ଥିର କରିଥିବା ଜଣାପଡ଼ିଛି। ଆସନ୍ତା ବୁଧବାର ତାଲିବାନ୍ ସରକାର ଗଠନ କରିପାରେ। ଏହା ପୂର୍ବରୁ ତାଲିବାନ୍ ସୁପ୍ରିମ ଲିଡର ଶେଖ୍ ହିବାତୁଲ୍ଲା ଅଖୁନ୍ଦଜାଦା ଆଫଗାନିସ୍ତାନର ମୁଖ୍ୟ ପାଇଁ ହାସନ୍ ଅଖୁନ୍ଦଙ୍କ ନାଁ ପ୍ରସ୍ତାବ ଦେଇଥିବା ରିପୋର୍ଟ ପ୍ରକାଶ ପାଇଛି। ଏହି ପ୍ରସ୍ତାବ ଉପରେ ୩ ତାଲିବାନ୍ ବରିଷ୍ଠ ନେତା ମୋହର ମାରିଛନ୍ତି। ମୁଲ୍ଲା ବରାଦର ଅଖୁନ୍ଦ ଏବଂ ମୁଲ୍ଲା ଅବଦୁସ୍ ସଲାମ ହାସନ୍‌ଙ୍କ ଡେପୁଟି ଭାବେ କାମ କରିବେ। ମୁଲ୍ଲା ମହମ୍ମଦ ହାସନ୍ ଅଖୁନ୍ଦ ଏବେ ତାଲିବାନ ନେତୃତ୍ୱ ପରିଷଦ ବା ରେହବରୀ ଶୁରାର ମୁଖ୍ୟ ଅଛନ୍ତି। ହିବାତୁଲ୍ଲା ଅଖୁନ୍ଦଜାଦାଙ୍କ ନିକଟତମ ସହଯୋଗୀ ଭାବେ ଜଣାଶୁଣା ହାସନ୍ ୨୦ ବର୍ଷ ହେଲା ଶୁରା ମୁଖ୍ୟ ରହିଆସିଛନ୍ତି। ସେହିପରି ହକ୍କାନୀ ନେଟୱର୍କର ମୁଖ୍ୟ ଶିରାଜୁଦ୍ଦିନ ହକ୍କାନୀଙ୍କୁ ସଂଘୀୟ ଆଭ୍ୟନ୍ତରୀଣ ମନ୍ତ୍ରଣାଳୟ ଦାୟିତ୍ୱ ମିଳିପାରେ ବୋଲି କୁହାଯାଉଛି। ତାଲିବାନ୍ ପ୍ରତିଷ୍ଠାତା ମୁଲ୍ଲା ମହମ୍ମଦ ଉମାରଙ୍କ ପୁଅ ମୁଲ୍ଲା ୟାକୁବ୍ ପ୍ରତିରକ୍ଷା ମନ୍ତ୍ରୀ ହୋଇପାରନ୍ତି। ୟାକୁବଙ୍କୁ ହାବିତୁଲ୍ଲା ତାଲିବାନ୍ ସଶସ୍ତ୍ରବାହିନୀର ଚିଫ୍ କମାଣ୍ଡର ଦାୟିତ୍ୱ ଦେଇଥିଲେ। ପରେ ଶକ୍ତିଶାଳୀ ମିଲିଟାରୀ କମିଶନର ମୁଖ୍ୟ ଭାବେ ମଧ୍ୟ ୟାକୁବ୍ ନିଯୁକ୍ତ ହୋଇଥିଲେ। ବହିର୍ବ୍ୟାପାର ମନ୍ତ୍ରୀ ଭାବେ ମୁଲ୍ଲା ଅମୀର ଖାନ୍ ମୁତାକିଙ୍କୁ ଦାୟିତ୍ୱ ମିଳିପାରେ ବୋଲି ଜଣାପଡ଼ିଛି।

### ଗର୍ଭବତୀ ପୋଲିସଙ୍କୁ ହତ୍ୟା

ଆଫଗାନିସ୍ତାନର ଗର୍ଭବତୀ ଥିବା ଜଣେ ମହିଳା ପୋଲିସଙ୍କୁ ଆତଙ୍କବାଦୀ ଗୁଳିକରି ହତ୍ୟା କରିଛନ୍ତି। ଆଫଗାନିସ୍ତାନର ଜଣେ ଖବରଦାତା ଏ ବାବଦରେ ଟୁଇଟ କରିଛନ୍ତି। ମୃତା ନିଜାରା ୬ ମାସର ଗର୍ଭବତୀ ଥିଲେ। ଗୋହର ପ୍ରଦେଶରେ ତାଙ୍କ ସ୍ୱାମୀ ଓ ପିଲାଙ୍କ ସାମ୍‌ନାରେ ଗୁଳି କରାଯାଇଛି। ତେବେ ତାଲିବାନ୍ ଏଥିରେ ସମ୍ପୃକ୍ତ ନ ଥିବା ଏହାର ମୁଖପାତ୍ର ଜାବିହୁଲ୍ଲା ମୁଜାହିଦ୍ କହିଛନ୍ତି।

## ଛାତ୍ରୀଛାତ୍ରଙ୍କ ମଝିରେ ପରଦା ରହିବ

**କାବୁଲ, ୬।୯**



ଆଫଗାନିସ୍ତାନର ଘରୋଇ ୟୁନିଭର୍ସିଟିରେ ପାଠ ପଢୁଥିବା ମହିଳାମାନେ ନିକାବ ପିନ୍ଧିବା ସହ ମୁହଁ ଲୁଚାଇବା ବାଧ୍ୟତାମୂଳକ। ଏଥିସହ ଶ୍ରେଣୀଗୁଡ଼ିକ ଲିଙ୍ଗଗତ ଅନୁସାରେ ବିଭାଜନ ହେବ ଅଥବା ଛାତ୍ରୀ ଓ ଛାତ୍ରଙ୍କ ମଧ୍ୟରେ ପରଦା ରହିବ ବୋଲି ତାଲିବାନ୍ ନିର୍ଦ୍ଦେଶନାମା ଜାରି ହୋଇଛି। ତାଲିବାନ୍‌ର ଶିକ୍ଷା ବିଭାଗ ପକ୍ଷରୁ ଜାରି ଏହି ନୋଟିସ୍‌ରେ କୁହାଯାଇଛି, ଛାତ୍ରୀମାନଙ୍କୁ କେବଳ ଶିକ୍ଷୟିତ୍ରୀ ପାଠ ପଢ଼ାଇ ପାରିବେ। ଯଦି କୌଣସି ଶିକ୍ଷାନୁଷ୍ଠାନରେ ଶିକ୍ଷୟିତ୍ରୀ ନ ଥାନ୍ତି ତେବେ ଭଲ ଚରିତ୍ର ଥିବା ବୟସ୍କ ବ୍ୟକ୍ତି ସେମାନଙ୍କୁ ପାଠ ପଢ଼ାଇବେ। ସେହିପରି ୟୁନିଭର୍ସିଟିଗୁଡ଼ିକ ଛାତ୍ରୀମାନଙ୍କ ପାଇଁ ଶିକ୍ଷୟିତ୍ରୀ ନିଯୁକ୍ତ କରିବେ। ଯଦି ତାହା ନ ହୁଏ ତେବେ ଚରିତ୍ର ଓ ବ୍ୟବହାର ଆଧାରରେ ବୟସ୍କ ଶିକ୍ଷକଙ୍କୁ ନିଯୁକ୍ତ ଦିଆଯିବ। ଛାତ୍ରୀମାନଙ୍କ କ୍ଲାସ୍ ଛାତ୍ରମାନଙ୍କ ଆଗରୁ ଛୁଟି ହେବ। ଛାତ୍ରମାନେ ସମ୍ପୂର୍ଣ୍ଣ ଭାବେ କଲେଜ ଛାଡ଼ିବା ପର୍ଯ୍ୟନ୍ତ ଛାତ୍ରୀମାନେ ପ୍ରତୀକ୍ଷା କକ୍ଷରେ ଅପେକ୍ଷା କରିବେ।

## ପଞ୍ଜଶିରରେ ପାକିସ୍ତାନର ଏୟାରଷ୍ଟ୍ରାଇକ୍

**କାବୁଲ, ୬।୯**



ଅହମ୍ମଦ ମାସୁଦ

ଆଫଗାନିସ୍ତାନର ଆଭ୍ୟନ୍ତରୀଣ ଲଢ଼େଇରେ ପାକିସ୍ତାନ ହସ୍ତକ୍ଷେପ କରି ପଞ୍ଜଶିର ଉପତ୍ୟକାରେ ଏୟାର ଷ୍ଟ୍ରାଇକ୍ କରିଛି। ପ୍ରତିରୋଧୀ ବଳର ନେତୃତ୍ୱ ନେଉଥିବା ଅହମ୍ମଦ ମାସୁଦ ଏହି ଅଭିଯୋଗ କରିବା ସହ ବିଶ୍ୱ ସମୁଦାୟ ଏ ଦିଗରେ ନୀରବ ଦ୍ରଷ୍ଟା ସାଜିଥିବା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ମାସୁଦ୍ କହିଛନ୍ତି, ତାଲିବାନ୍ ଅଗଷ୍ଟ ୧୫ରେ କାବୁଲ ଦଖଲ କରିବା ପରଠାରୁ ପାକିସ୍ତାନ ପଞ୍ଜଶିରରେ ଆକ୍ରମଣ କରୁଛି। ପଞ୍ଜଶିରରେ ରହୁଥିବା ମାସୁଦଙ୍କ ପରିବାର ଲୋକଙ୍କୁ ପାକିସ୍ତାନ ହତ୍ୟା କରିବା ସହ ପୂର୍ବତନ ରାଷ୍ଟ୍ରପତି ଅମରୁଲ୍ଲା ସାଲେହଙ୍କ ଘର ଉପରେ ମଧ୍ୟ ଏୟାର ଷ୍ଟ୍ରାଇକ୍ କରି ବୋମା ପକାଇଛି। ସମସ୍ତ ରାଷ୍ଟ୍ର ପାକିସ୍ତାନର ଏଭଳି କାର୍ଯ୍ୟ ବିଷୟରେ ଅବଗତ ଥିବା ସତ୍ତ୍ୱେ କେହି ସ୍ୱର ଉଠାଉନାହାନ୍ତି ବୋଲି ମାସୁଦ୍ କହିଛନ୍ତି।

## ଆଇଏସ୍‌ଆଇ ମୁଖ୍ୟଙ୍କ କାବୁଲ ଗସ୍ତକୁ ନେଇ ବିବାଦ



ଫୟଜ ହମିଦ୍

**ଇସ୍‌ଲାମାବାଦ, ୬।୯**

ପାକିସ୍ତାନ ଗୋଇନ୍ଦା ସଂସ୍ଥା (ଆଇଏସ୍‌ଆଇ) ମୁଖ୍ୟ ଫୟଜ ହମିଦ୍ କାବୁଲ ଯାଇ ତାଲିବାନ୍ ନେତାଙ୍କୁ ଭେଟିବାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଆଫଗାନିସ୍ତାନର ଆଭ୍ୟନ୍ତରୀଣ ବ୍ୟାପାରରେ ପାକିସ୍ତାନ ହସ୍ତକ୍ଷେପ କରୁଥିବା ନେଇ ପ୍ରଶ୍ନ ଉଠିଛି। ଆଫଗାନିସ୍ତାନର ଆଭ୍ୟନ୍ତରୀଣ ବ୍ୟାପାରରେ କୌଣସି ଦେଶ ହସ୍ତକ୍ଷେପ କରିବାକୁ ଦିଆଯିବ ନାହିଁ ବୋଲି ଇସ୍‌ଲାମିକ ଏମିରେଟ୍ ଅଫ୍ ଆଫଗାନିସ୍ତାନର ଅଧିକାରୀମାନେ କହିଛନ୍ତି। ହମିଦ୍‌ଙ୍କ ଆଫଗାନିସ୍ତାନ ଗସ୍ତର ଉଦ୍ଦେଶ୍ୟ ସମ୍ପର୍କରେ ପାକିସ୍ତାନ ସରକାରଙ୍କ ପକ୍ଷରୁ କୌଣସି ମନ୍ତବ୍ୟ ଦିଆଯାଇନାହିଁ। ପାକିସ୍ତାନର ପ୍ରଭାବଶାଳୀ ଆଇଏସ୍‌ଆଇ ମୁଖ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଫୟଜ ହମିଦ୍ କାବୁଲ୍‌ରେ ତାଲିବାନ୍ ନେତା ମୁଲ୍ଲା ଅବଦୁଲ ଗନି ବରାଦରଙ୍କୁ ଭେଟିଥିଲେ। ସୋମବାର ଆତଙ୍କବାଦୀ ସଂଗଠନ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ୍ ଏହା ସ୍ପଷ୍ଟ କରିଛନ୍ତି। ଆଫଗାନ୍ ମାଟିକୁ ପାକିସ୍ତାନ ବିରୋଧରେ ବ୍ୟବହାର କରିବାକୁ ଦିଆଯିବ ନାହିଁ ବୋଲି ତାଲିବାନ ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି। ଅଗଷ୍ଟ ୧୫ରେ ତାଲିବାନ୍ ଆଫଗାନିସ୍ତାନ ରାଜଧାନୀ କାବୁଲ ଦଖଲ କରିବା ପରେ ସେଠାକୁ ଗସ୍ତରେ ଯିବାରେ ହମିଦ୍ ହେଉଛନ୍ତି ପ୍ରଥମ ଉଚ୍ଚପଦସ୍ଥ ବୈଦେଶିକ ଅଧିକାରୀ।

## ବ୍ରିକ୍ସ ସମିଟ୍‌ରେ ଅଧ୍ୟକ୍ଷତା କରିବେ ମୋଦି

**ନୂଆଦିଲ୍ଲୀ, ୬।୯**



ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଏବଂ ଦକ୍ଷିଣ ଆଫ୍ରିକାକୁ ନେଇ ଗଠିତ ବ୍ରିକ୍ସ ରାଷ୍ଟ୍ରଗୋଷ୍ଠୀର ତ୍ରୟୋଦଶ ସମିଟ୍ ୯ ତାରିଖରେ ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିରେ ଭର୍ଚ୍ୟୁଆଲି ଅଧ୍ୟକ୍ଷତା କରିବେ। ୨୦୧୨ ଏବଂ ୨୦୧୬ ପରେ ଭାରତ ତୃତୀୟ ଥର ପାଇଁ ବ୍ରିକ୍ସ ସମ୍ମିଳନୀ ଆୟୋଜନ କରିବାକୁ ଯାଉଛି। ଏଥିରେ ବ୍ରାଜିଲ ରାଷ୍ଟ୍ରପତି ଜାଏର ବୋଲସନାରୋ, ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ, ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ଏବଂ ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ୍ ରାମାଫୋସା ଯୋଗଦେବେ। ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲ, ନ୍ୟୁ ଡେଭେଲପମେଣ୍ଟ ବ୍ୟାଙ୍କ୍‌ର ଅଧ୍ୟକ୍ଷ ମାର୍କୋସ୍ ଟ୍ରୋଜୋ, ବ୍ରିକ୍ସ ବିଜନେସ୍ କାଉନସିଲର ବର୍ତ୍ତମାନ ପାଇଁ ଅଧ୍ୟକ୍ଷ ଥିବା ଓଙ୍କାର କନୱର ଏବଂ ମହିଳା ବିଜିନେସ୍ ଆଲାଏନ୍ସର ବର୍ତ୍ତମାନ ପାଇଁ ଅଧ୍ୟକ୍ଷ ଥିବା ଡ. ସଙ୍ଗୀତା ରେଡ୍ଡୀ ଚଳିତ ବର୍ଷର ବିଭିନ୍ନ ରିପୋର୍ଟ ଉପସ୍ଥାପନ କରିବେ। ଏଥର ସମିଟ୍‌ର ବିଷୟବସ୍ତୁ ରହିଛି, '୧୫ ବର୍ଷରେ ବ୍ରିକ୍ସ: ନିରନ୍ତରତା, ଏକୀକରଣ ଏବଂ ସହମତି ପାଇଁ ଆନ୍ତଃସହଯୋଗ'। ସମ୍ମିଳନୀରେ ଅଧ୍ୟକ୍ଷତା କରିବାକୁ ଥିବା ଭାରତ ବହୁପାକ୍ଷିକ ବ୍ୟବସ୍ଥାରେ ସଂସ୍କାର, ଆତଙ୍କବାଦ ନିରୋଧୀ ପଦକ୍ଷେପ, ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ଲାଗି ଡିଜିଟାଲ ଓ ଟେକ୍‌ନୋଲୋଜି ଉପକରଣର ପ୍ରୟୋଗ ଏବଂ ଜନସାଧାରଣଙ୍କ ମଧ୍ୟରେ ଭାବବିନିମୟ ବଢ଼ାଇବା ଉପରେ ଗୁରୁତ୍ୱାରୋପ କରିବ।

## ୩ ମହିଳାଙ୍କୁ ଗୁଳି କଲେ ସେନା ଯବାନ

**ପାଟନା, ୬।୯**

ଭାରତୀୟ ସେନାର ଜଣେ ଯବାନ ତାଙ୍କ ସ୍ତ୍ରୀଙ୍କ ସମେତ ୩ ମହିଳାଙ୍କୁ ଗୁଳି କରିଛନ୍ତି। ବିହାର ଚମ୍ପାରନ୍ ଜିଲାରେ ଏହି ଘଟଣା ଘଟିଛି। ଦିଲ୍ଲୀ କ୍ୟାଣ୍ଟନମେଣ୍ଟରେ ପୋଷ୍ଟିଂ ହୋଇଥିବା ଅଭିଯୁକ୍ତ ଯବାନ ନରେଶ ଶାହା ଛୁଟିରେ ବିହାର ଆସିଥିଲେ। ସୋମବାର ସକାଳେ ସେ ନିଶାସକ୍ତ ଅବସ୍ଥାରେ ସ୍ତ୍ରୀ ଅନୀତାଙ୍କୁ ମାଡ଼ ମାରିଥିଲେ। ଅନୀତା ଘରୁ ବାହାରିଆସି ଗାଁର ମହିଳାମାନଙ୍କ ପଛରେ ଲୁଚିଯାଇଥିଲେ। ନରେଶ ରାଇଫଲ ଧରି ଅନ୍ୟ ମହିଳାମାନଙ୍କୁ ସେଠାରୁ ଚାଲିଯିବାକୁ କହିଥିଲେ। ସେମାନେ ନ ଯିବାରୁ ନରେଶ ଗୁଳି ଚଳାଇଥିଲେ। ଅନୀତାଙ୍କ ଗୋଡ଼ରେ ଦୁଇଟି ଗୁଳି ବାଜିଥିବାବେଳେ ଅନ୍ୟ ଦୁଇ ମହିଳା ଆହତ ହୋଇଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି।



କୋଭିଡ୍ ନିୟମ ଉଲ୍ଲଂଘନ ସହ ଜୀବନକୁ ବାଜି ଲଗାଇ ସୋମବାର ବିହାରର ପାଟନାରେ ଏକ ଟ୍ରେନ୍‌ରେ ଯାତ୍ରୀମାନେ ଓହଳି ଯାଉଛନ୍ତି।

# ଜଳବାୟୁ ପରିବର୍ତ୍ତନ ରୋକିବାକୁ ତ୍ୱରିତ ପଦକ୍ଷେପ ନିଆଯାଉ

**ନୂଆଦିଲ୍ଲୀ, ୬।୯(ପି.ଟି.)**



■ମହାମାରୀ ଶେଷ ହେବା ପର୍ଯ୍ୟନ୍ତ ଅପେକ୍ଷା କରାଯାଇପାରିବ ନାହିଁ

■ବିଶ୍ୱ ନେତାଙ୍କୁ ସତର୍କ କରାଇଲେ ଗଣମାଧ୍ୟମ

ଜଳବାୟୁ ପରିବର୍ତ୍ତନ ରୋକିବା ସହ ଜୈବ ବିବିଧତା ରକ୍ଷା ଓ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ବିଶ୍ୱ ନେତାମାନେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ଜାତିସଂଘ ସାଧାରଣ ଅଧିବେଶନ ପୂର୍ବରୁ ଲାନ୍‌ସେଟ, ନ୍ୟାଶନାଲ ମେଡିକାଲ ଜର୍ନାଲ ଅଫ୍ ଇଣ୍ଡିଆ ସମେତ ୨୨୦ରୁ ଊର୍ଦ୍ଧ୍ୱ ପ୍ରମୁଖ ପତ୍ରିକାରେ ଏଭଳି ସମ୍ପାଦକୀୟ ପ୍ରକାଶ ପାଇଛି। ନଭେମ୍ବରରେ ସ୍କଟଲାଣ୍ଡର ଗ୍ଲାସ୍‌ଗୋଠାରେ ସିଓପି୨୬ ଜଳବାୟୁ ସମ୍ମିଳନୀ ପୂର୍ବରୁ ଜାତିସଂଘର ସାଧାରଣ ଅଧିବେଶନ ବସିବାକୁ ଯାଉଛି। ବିଶ୍ୱ ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରୀ ସେଲ୍‌ସିୟସ ତଳେ ରଖିବା ଏବଂ ପ୍ରକୃତିର ସୁରକ୍ଷା ପାଇଁ ବିଶ୍ୱ ନେତାମାନେ ପର୍ଯ୍ୟାପ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ କ୍ରମାଗତ ଭାବେ ବିଫଳ ହେଉଥିବାରୁ ଭବିଷ୍ୟତର ବିଶ୍ୱ ଜନସ୍ୱାସ୍ଥ୍ୟ ପ୍ରତି ବଡ଼ ବିପଦ ସୃଷ୍ଟି ହୋଇଥିବା ଉକ୍ତ ସମ୍ପାଦକୀୟଗୁଡ଼ିକରେ କୁହାଯାଇଛି। ନିକଟରେ ପୃଥିବୀର ବିଭିନ୍ନ ଅଞ୍ଚଳରେ ଅତି ଭୀଷଣ ପାଣିପାଗ ଏହାର ଉଦାହରଣ। ଏହା ଜଳବାୟୁ ପରିବର୍ତ୍ତନର ବାସ୍ତବତାକୁ ସୂଚାଉଛି ବୋଲି ନ୍ୟାଶନାଲ ମେଡିକାଲ ଜର୍ନାଲ ଅଫ୍ ଇଣ୍ଡିଆର ମୁଖ୍ୟ ସମ୍ପାଦକ ପେଉଶ୍ ସାହନି କହିଛନ୍ତି। ଏବେ ଆମକୁ ପଦକ୍ଷେପ ନେବାକୁ ହେବ, ନଚେତ ବହୁତ ବିଳମ୍ବ ହୋଇଯିବ। ଆମେ ଭବିଷ୍ୟତ ପିଢ଼ି ନିକଟରେ ଋଣୀ ହୋଇ ରହିଯିବା ବୋଲି ସେ ଉଲ୍ଲେଖ କରିଛନ୍ତି।

ନିର୍ଗମନ କମାଇବା ଏବଂ ପ୍ରକୃତିର ସୁରକ୍ଷା ପାଇଁ ନିକଟରେ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା, ତାହା ସ୍ୱାଗତଯୋଗ୍ୟ। ତେବେ ଏହା ପର୍ଯ୍ୟାପ୍ତ ନୁହେଁ। ଆହୁରି ବିଶ୍ୱସନୀୟ ଏବଂ ଦୀର୍ଘମିଆଦୀ ଯୋଜନା କାର୍ଯ୍ୟକାରୀ କରିବାକୁ ହେବ ବୋଲି ସମ୍ପାଦକମାନେ ସତର୍କ କରାଇଦେଇଛନ୍ତି। ଏଥିପାଇଁ ସମାଜ ଏବଂ ଅର୍ଥନୀତିରେ ପରିବର୍ତ୍ତନ ଆଣିବା ଲାଗି ସରକାରଗୁଡ଼ିକ ହସ୍ତକ୍ଷେପ କରିବା ପାଇଁ ସେମାନେ ଆହ୍ୱାନ ଦେଇଛନ୍ତି। ପରିବହନ ବ୍ୟବସ୍ଥା, ସହର, ଖାଦ୍ୟ ଉତ୍ପାଦନ ଓ ପରିବଣ୍ଟନ, ପୁଞ୍ଜିନିବେଶ ପାଇଁ ବଜାର ଏବଂ ସ୍ୱାସ୍ଥ୍ୟସେବାରେ ପରିବର୍ତ୍ତନ ଆଣିବାକୁ ହେଲେ ସରକାରଙ୍କ ସହାୟତା ଆବଶ୍ୟକ।

ବିଶ୍ୱବ୍ୟାପୀ ଜନକଲ୍ୟାଣକୁ ଆଗେଇନେବାକୁ ହେଲେ ଜଳବାୟୁ ସଙ୍କଟର ଜରୁରୀ ସମାଧାନ କରିବା ସବୁଠୁ ବଡ଼ ସୁଯୋଗ ବୋଲି ଲାନ୍‌ସେଟର ଏଡିଟର-ଇନ୍-ଚିଫ୍ ରିଚାର୍ଡ ହର୍ଟନ କହିଛନ୍ତି। ବିଶ୍ୱ ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରୀ ତଳେ ରଖିବା ପାଇଁ ରାଜନେତାମାନଙ୍କୁ ଉତ୍ତରଦାୟୀ କରିବାକୁ ହେବ। ଏଥିପାଇଁ ସ୍ୱାସ୍ଥ୍ୟସେବା ସହ ସମ୍ପୃକ୍ତ ବ୍ୟକ୍ତିମାନେ ସ୍ୱର ଉଠାଇବାକୁ ହର୍ଟନ ପରାମର୍ଶ ଦେଇଛନ୍ତି। ଇନ୍ଧନ ବ୍ୟବହାର କମାଇବା ଦିଗରେ ଧନୀ ରାଷ୍ଟ୍ରଗୁଡ଼ିକ ଅନ୍ୟମାନଙ୍କୁ ସହାୟତା ଯୋଗାଇଦେଲେ ସୁଫଳ ହାସଲ ହୋଇପାରିବ ବୋଲି ସମ୍ପାଦକୀୟଗୁଡ଼ିକରେ ଯୁକ୍ତି ଦର୍ଶାଯାଇଛି। ଜଳବାୟୁ ପରିବର୍ତ୍ତନ ମୁକାବିଲା ପାଣ୍ଠିକୁ ଧନୀ ରାଷ୍ଟ୍ରଗୁଡ଼ିକର ସହାୟତା ବଢ଼ିବା ଆବଶ୍ୟକ। ସେମାନେ ବାର୍ଷିକ ୧୦୦ ବିଲିୟନ ଡଲାର ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ବକେୟା ଅର୍ଥ ତୁରନ୍ତ ଭରଣା କରନ୍ତୁ। ସେମାନେ ଋଣ ବଦଳରେ ଅନୁଦାନ ଆକାରରେ ଏହି ଅର୍ଥ ପ୍ରଦାନ କରନ୍ତୁ ବୋଲି ସମ୍ପାଦକୀୟରେ କୁହାଯାଇଛି।

## ୨୫ଯାଏ ଆତ୍ମସମର୍ପଣ କରିବେନି ୱାରାୱାରା ରାଓ



**ମୁମ୍ବାଇ, ୬।୯**

ଏଲ୍‌ଗାର ପରିଷଦ-ମାଓବାଦୀ ଲିଙ୍କ୍ ମାମଲାର ଅଭିଯୁକ୍ତ ୱାରାୱାରା ରାଓଙ୍କ ଅନ୍ତରୀଣ ଜାମିନ ଅବଧି ବଢ଼ାଇବା ଆବେଦନର ଶୁଣାଣିକୁ ବମ୍ବେ ହାଇକୋର୍ଟ ସେପ୍ଟେମ୍ବର ୨୪ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି। ୮୨ ବର୍ଷୀୟ କବି ତଥା ସାମାଜିକ କର୍ମୀ ୱାରାୱାରା ସେପ୍ଟେମ୍ବର ୨୫ ପର୍ଯ୍ୟନ୍ତ ତଲୋଜା ଜେଲ୍ କର୍ତ୍ତୃପକ୍ଷଙ୍କ ନିକଟରେ ଆତ୍ମସମର୍ପଣ କରିବା ଆବଶ୍ୟକ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଦେଇଛନ୍ତି। ଚିକିତ୍ସା ପାଇଁ ଜାମିନ ଆବେଦନ ବଢ଼ାଇବା ଏବଂ ମାମଲାକୁ ମୁମ୍ବାଇରୁ ହାଇଦ୍ରାବାଦ ସ୍ଥାନାନ୍ତର ପାଇଁ ୱାରାୱାରା କରିଥିବା ଆବେଦନକୁ ଏନ୍‌ଆଇଏ ବିରୋଧ କରିଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୨,୧୮,୧୮,୮୫୮ | ୪୫,୮୬,୧୩୯ | ୧୯,୮୪,୧୦,୩୨୦ |
| ଭାରତ | ୩,୩୦,୫୪,୯୦୪ | ୪,୪୧,୦୩୧ | ୩,୨୨,୧୪,୮୩୯ |
| ଓଡ଼ିଶା | ୧୦,୧୨,୧୬୭ | ୮୦୫୫(+୫୩) | ୯,୯୭,୭୯୦ |

ସୋମବାର ରାତି ୧୧ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଅଣଓଡ଼ିଆ ଠିକାସଂସ୍ଥା କବ୍‌ଜାରେ ନିଯୁକ୍ତି

**କଳିଙ୍ଗନଗର ଶିଳ୍ପାଞ୍ଚଳ**
- ୧୮୪ ଓଡ଼ିଆ ସଂସ୍ଥା ଦ୍ୱାରା ୬୧୯୫, ୩୬୪ ଅଣଓଡ଼ିଆ ସଂସ୍ଥା ଦ୍ୱାରା ୨୫,୭୧୦ ନିୟୋଜିତ
- ଓଡ଼ିଆ ଶ୍ରମିକଙ୍କୁ ମିଳୁଛି ନିର୍ଯାତନା

ଯାଜପୁର ଅଫିସ,୬।୯

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଓଡ଼ିଆ ଓ ଅଣଓଡ଼ିଆ ଠିକାସଂସ୍ଥା ଦ୍ୱାରା ସ୍ଥାନୀୟ ନିଯୁକ୍ତିକୁ ନେଇ ଏକ ରୋଚକ ତଥ୍ୟ ହସ୍ତଗତ ହୋଇଛି। ଏଠାରେ ୧୮୪ ଓଡ଼ିଆ ଠିକାସଂସ୍ଥା ଦ୍ୱାରା ୬,୧୯୫ ଓ ୩୬୪ ଅଣଓଡ଼ିଆ ଠିକାସଂସ୍ଥା ଦ୍ୱାରା ୨୫,୭୧୦ ଜଣ କର୍ମଚାରୀ ଓ ଶ୍ରମିକ ନିୟୋଜିତ ହୋଇଥିବା ସୂଚନା ଅଧିକାର ଆଇନ(ଆର୍‌ଟିଆଇ) ବଳରେ ମିଳିଥିବା ତଥ୍ୟରେ ସ୍ପଷ୍ଟ ହୋଇଛି। ତେବେ ଓଡ଼ିଆଙ୍କ ତୁଳନାରେ ଅଣଓଡ଼ିଆ ଠିକାସଂସ୍ଥା ପାଖାପାଖି ୨ ଗୁଣ ହୋଇଥିବାରୁ ସେମାନଙ୍କ ମନମାନି କ୍ରମଶଃ ଏଠାରେ ବୃଦ୍ଧି ପାଇବାରେ ଲାଗିଛି। ଅଣଓଡ଼ିଆ ଠିକାସଂସ୍ଥାର କର୍ମକର୍ତ୍ତାମାନେ ଓଡ଼ିଆ କର୍ମଚାରୀ ଓ ଶ୍ରମିକଙ୍କୁ ଅସ୍ଥାୟୀ ଭାବେ ନିଯୁକ୍ତି ଦେଇ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ଉଠିଛି। ଫଳରେ ସେମାନେ ଚାକିରି ଛାଡ଼ି ଘରକୁ ପଳାଉଥିବା ଭଳି ଘଟଣା ନଜିର ରହିଛି। ଅଣଓଡ଼ିଆ ଠିକାସଂସ୍ଥାକୁ କ୍ଷମତାଶାଳୀ ଅଧିକାରୀ ଓ ସ୍ଥାନୀୟ ଲୋକପ୍ରତିନିଧିମାନେ ସୁରକ୍ଷା ଦେଉଥିବାରୁ ଏନେଇ ପ୍ରତିବାଦ କଲେ ମଧ୍ୟ ପ୍ରତିକାର ବ୍ୟବସ୍ଥା ଶୂନ ହେଉଥିବା ମତପ୍ରକାଶ ପାଇଛି।

ଜିଲାରେ ଗଢ଼ି ଉଠିଥିବା ଇସ୍ପାତ କାରଖାନାର ନିଯୁକ୍ତିର ଚିତ୍ରକୁ ଅବଲୋକନ କଲେ କଳିଙ୍ଗନଗର ଶିଳ୍ପାଞ୍ଚଳ ପାଇଁ ବିସ୍ଥାପିତଙ୍କ ଅବଦାନ ବୃଥା ହୋଇଥିବା କୁହାଯାଇପାରେ। ଯାଜପୁର ରୋଡ ଯୁଗ୍ମ ଶ୍ରମ କମିଶନ କାର୍ଯ୍ୟାଳୟରୁ ମିଳିଥିବା ଆର୍‌ଟିଆଇ ତଥ୍ୟରେ ଟାଟା ଷ୍ଟିଲ ଲିଃରେ ୮୩ ଓଡ଼ିଆ ଠିକାସଂସ୍ଥା ମାଧ୍ୟମରେ ୪୦୫ ଜଣ କର୍ମଚାରୀ ଓ ୩୨୮ ଜଣ ଶ୍ରମିକ କାମ କରୁଛନ୍ତି। ସେହିପରି ୨୦୫ଟି ଅଣଓଡ଼ିଆ ଠିକାସଂସ୍ଥା ଜରିଆରେ ୩୦୧୫ କର୍ମଚାରୀ ଓ ୧୭,୮୪୫ ଶ୍ରମିକଙ୍କୁ ନିଯୁକ୍ତି ମିଳିଛି। ତେବେ କମ୍ପାନୀ ପକ୍ଷରୁ ସମ୍ପୃକ୍ତ ଠିକାସଂସ୍ଥାକୁ ଦରମା ବାବଦରେ ମିଳୁଥିବା ଅର୍ଥର ପ୍ରାୟ ୫୦ ପ୍ରତିଶତ ମାତ୍ର କର୍ମଚାରୀ ଓ ଶ୍ରମିକଙ୍କୁ ଦିଆଯାଇଥାଏ। ବ୍ୟକ୍ତିଗତ ଜରୁରୀ ସମୟରେ ଠିକା ଶ୍ରମିକ କିମ୍ବା କର୍ମଚାରୀଙ୍କୁ ଛୁଟି ମଧ୍ୟ ମିଳି ନଥାଏ ବୋଲି ଠିକାସଂସ୍ଥାରେ ନିୟୋଜିତ ଜଣେ ମେକାନିକାଲ ଇଞ୍ଜିନିୟର ନିଜ ନାମ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ଏହି କମ୍ପାନୀର କେତେକ ଅଧିକାରୀଙ୍କ ସହାୟତାରେ ସମ୍ପୃକ୍ତ ଠିକାସଂସ୍ଥା କର୍ମକର୍ତ୍ତାଙ୍କ ଦ୍ୱାରା ବାହାରକୁ ଯାଉଥିବା ଉତ୍ପାଦିତ ସାମଗ୍ରୀ ଓଜନ ପ୍ରକ୍ରିୟାରେ ମଧ୍ୟ ବ୍ୟାପକ ଅନିୟମିତତା କରାଯାଇଥାଏ। ଏଥିରେ ସମ୍ପୃକ୍ତ ଅଧିକାରୀ ଓ ଠିକାସଂସ୍ଥା ମାଲାମାଲ ହେଉଛନ୍ତି। ଏନେଇ ଠିକା ଶ୍ରମିକ କିମ୍ବା କର୍ମଚାରୀ ସ୍ୱର ଉତ୍ତୋଳନ କଲେ ତାଙ୍କର କ୍ୟାରିୟରକୁ କଳା ତାଲିକାଭୁକ୍ତ କରି ଦିଆଯିବ ବୋଲି ଧମକ ମଧ୍ୟ ମିଳିଥାଏ। ଜିନ୍ଦଲ ଷ୍ଟେନ୍‌ଲେସ ଲିଃରେ ୪୫ ଓଡ଼ିଆ ଠିକାସଂସ୍ଥା ଦ୍ୱାରା ୧୨୬ କର୍ମଚାରୀ ଓ ୧୨୫୬ ଶ୍ରମିକ ଏବଂ ୧୦୯ ଅଣଓଡ଼ିଆ ଠିକାସଂସ୍ଥା ମାଧ୍ୟମରେ ୬୦୦ କର୍ମଚାରୀ ଓ ୨୯୮୪ ଶ୍ରମିକ କାର୍ଯ୍ୟ କରୁଛନ୍ତି। ବିଆର୍‌ପିଏଲ୍‌ରେ ୧୦ ଓଡ଼ିଆ ଠିକାସଂସ୍ଥା ଜରିଆରେ ୪୦ କର୍ମଚାରୀ ଓ ୧୨୧ ଶ୍ରମିକ ଏବଂ ୧୨ ଅଣଓଡ଼ିଆ ଠିକାସଂସ୍ଥା ଦ୍ୱାରା ୮୦ କର୍ମଚାରୀ ଓ ୩୯୦ ଜଣ ଶ୍ରମିକଙ୍କୁ ନିଯୁକ୍ତି ମିଳିଛି। ଭିସା ଷ୍ଟିଲ ଲିଃରେ ୧୫ ଓଡ଼ିଆ ଠିକାସଂସ୍ଥା ମାଧ୍ୟମରେ ୪୫ କର୍ମଚାରୀ ଓ ୨୭୮ ଶ୍ରମିକ ଏବଂ ୨୫ ଅଣଓଡ଼ିଆ ସଂସ୍ଥା ଜରିଆରେ ୩୨ କର୍ମଚାରୀ ଓ ୨୧୫ ଶ୍ରମିକଙ୍କୁ ନିଯୁକ୍ତି ମିଳିଛି। ରୋହିତ ଫେରୋଟେକ କାରଖାନାରେ ୨୧ ଓଡ଼ିଆ ଠିକାସଂସ୍ଥା ଦ୍ୱାରା ୧୨ କର୍ମଚାରୀ ଓ ୪୦୦ ଶ୍ରମିକ ଏବଂ ୫ ଅଣଓଡ଼ିଆ ସଂସ୍ଥା ମାଧ୍ୟମରେ ୧୨ କର୍ମଚାରୀ ଓ ୧୨୨ ଜଣ ଶ୍ରମିକ ନିଯୁକ୍ତି ପାଇଛନ୍ତି। ୟାଜଦାନୀରେ ୧୦ ଓଡ଼ିଆ ସଂସ୍ଥା ଦ୍ୱାରା ୧୨ କର୍ମଚାରୀ ଓ ୨୧୨ ଶ୍ରମିକ ଏବଂ ୮ ଅଣଓଡ଼ିଆ ସଂସ୍ଥା ଜରିଆରେ ୧୫ କର୍ମଚାରୀ ଓ ୪୦୦ ଶ୍ରମିକ କାମ କରୁଛନ୍ତି।

ଅଣଓଡ଼ିଆ ଠିକାସଂସ୍ଥା ଜରିଆରେ ନିଯୁକ୍ତି ପାଇଥିବା ପ୍ରାୟ ୮୦% କର୍ମଚାରୀ ଓ ଶ୍ରମିକ ମଧ୍ୟ ରାଜ୍ୟ ବାହାରର। ଉଲ୍ଲେଖଯୋଗ୍ୟ ଯେ, ଶିଳ୍ପାନୁଷ୍ଠାନଗୁଡ଼ିକରେ ନିଯୁକ୍ତି ଉପରେ ରାଜ୍ୟ ସରକାରଙ୍କ ଶ୍ରମ ଓ ନିୟୋଜନ ବିଭାଗର କୌଣସି ନିୟନ୍ତ୍ରଣ ନାହିଁ। ଶିଳ୍ପାନୁଷ୍ଠାନଗୁଡ଼ିକ ସେମାନେ ଯୋଗାଇଥିବା ତଥ୍ୟକୁ ଯାଞ୍ଚ କରିବା ପାଇଁ ଶ୍ରମ ଓ ନିୟୋଜନ ବିଭାଗକୁ ଅନୁମତି ଦିଅନ୍ତି ନାହିଁ। ନିଯୁକ୍ତି ନାମରେ ଶିଳ୍ପାନୁଷ୍ଠାନଗୁଡ଼ିକ ମନମୁଖି କାରବାର ଚଳାଇଛନ୍ତି। ଯାଜପୁର ଜିଲାରେ କୌଣସି ଶିଳ୍ପାନୁଷ୍ଠାନ ନିଯୁକ୍ତି ପାଇଁ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରୁ ନାମ ମାଗିନାହାନ୍ତି। ଜିଲାର କୌଣସି ଶିଳ୍ପ ପ୍ରତିଷ୍ଠାନ ବିଜ୍ଞାପନ ଜରିଆରେ ନିଯୁକ୍ତି ଆହ୍ୱାନ କରିନାହାନ୍ତି। ରାଜ୍ୟର ବିଭିନ୍ନ ବିଭାଗର କେତେଜଣ ଅମଲାତନ୍ତ୍ରୀ ଓ ପ୍ରଭାବଶାଳୀ ନେତାଙ୍କ ସୁପାରିସରେ ଓଡ଼ିଆ ଯୁବତୀଯୁବକଙ୍କ ନିଯୁକ୍ତି ସୀମିତ ରହିଛି। ନିଜର ଦକ୍ଷତା ଅନୁସାରେ ନିଯୁକ୍ତି ପାଇଥିବା ଓଡ଼ିଆଙ୍କ ସଂଖ୍ୟା ନଗଣ୍ୟ। ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି ସ୍ଥାନୀୟ ନିଯୁକ୍ତିକୁ ଗୁରୁତ୍ୱ ଦିଆଯାଉଛି। ବିଭିନ୍ନ ଶିଳ୍ପ ସମୀକ୍ଷା ବୈଠକରେ କାରଖାନା କର୍ତ୍ତୃପକ୍ଷଙ୍କୁ ମଧ୍ୟ ଏନେଇ ତାଗିଦ କରାଯାଉଛି।

# ୧୩ରେ କଟକ ବନ୍ଦ

**ପାର୍ବଣ କଟକଣାକୁ ବିରୋଧ**

କଟକ ଅଫିସ, ୬।୯

ଦୁର୍ଗାପୂଜା ପାଇଁ ପ୍ରତିମା ଉଚ୍ଚତା ୪ଫୁଟରେ ସୀମିତ ରଖିବା ଓ ପରଦା ଆବଦ୍ଧରେ ପୂଜା କରିବାକୁ ରାଜ୍ୟ ସରକାର ନିୟମାବଳୀ ଜାରି କରିଛନ୍ତି। ଏହାକୁ ବିରୋଧ କରି ଭାରତୀୟ ଜନତା ପାର୍ଟି (ଭାଜପା) ପକ୍ଷରୁ ଆସନ୍ତା ୧୩ତାରିଖରେ କଟକ ବନ୍ଦ ଡାକରା ଦିଆଯାଇଛି। ପୂର୍ବତନ ମନ୍ତ୍ରୀ ସମୀର ଦେଙ୍କ ସିଡିଏ ବାସଭବନସ୍ଥିତ ଦଳୀୟ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତା ଏହି ସୂଚନା ଦେଇଛନ୍ତି।

ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଦେ ଏବଂ କଟକ ନଗର ଜିଲା ସଭାପତି ଲଲାଟେନ୍ଦୁ ବଡୁ କହିଛନ୍ତି, କରୋନା ମହାମାରୀ ସ୍ଥିତି ଅନୁଧ୍ୟାନ କରି ରାଜ୍ୟ ସରକାର କଟକଣାକୁ ବହୁମାତ୍ରାରେ କୋହଳ କରିଛନ୍ତି। ସମସ୍ତ ଧର୍ମାନୁଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବ୍ୟବସାୟିକ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ, ପ୍ରେକ୍ଷାଳୟ ଇତ୍ୟାଦିକୁ କୋଭିଡ୍ କଟକଣା ମଧ୍ୟରେ ଖୋଲିବାକୁ ଅନୁମତି ଦେଇଛନ୍ତି। ମାତ୍ର ଦୁର୍ଗାପୂଜାରେ ପ୍ରତିମା ଉଚ୍ଚତା ୪ ଫୁଟରେ ସୀମିତ ରଖିବା ସହ ପରଦା ଆବଦ୍ଧ କରି ପୂଜା କରିବାକୁ ନିୟମାବଳୀ ଜାରି କରିଛନ୍ତି। ଏଭଳି ପାର୍ବଣ କଟକଣାକୁ କଟକ ସହରବାସୀ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଏହି କଟକଣା ପ୍ରତିବାଦରେ କଟକର କୋଣ ଅନୁକୋଣରେ ପ୍ରତିବାଦର ସ୍ୱର ତୀବ୍ର ହେବାରେ ଲାଗିଛି। ଏଣୁ ଉକ୍ତ କଟକଣାର ପୁନର୍ବିଚାର କରି ପ୍ରତିମା ଉଚ୍ଚତାରେ କୌଣସି ସୀମା ନ ରଖିବା ସହ ବିନା ପରଦାରେ କୋଭିଡ୍ ନିୟମ ମାନି ପୂଜା କରିବାକୁ ଅନୁମତି ଦେବାକୁ ଦାବି କରାଯାଇଛି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସମିତା ରଞ୍ଜନ ପଟ୍ଟନାୟକ, ବିନୋଦ ଦାସ, ଦେବାଶିଷ ରାୟ ଏବଂ ଲକ୍ଷ୍ମୀଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।







# ବଜ୍ରପାତରେ ୨ ଚାଷୀ ମୃତ

**ଭଞ୍ଜନଗର,୬।୯(ଡି.ଏନ.ଏ):** ଗଞ୍ଜାମ ଜିଲା ଭଞ୍ଜନଗର ଅଞ୍ଚଳରେ ସୋମବାର ବଜ୍ରପାତ ସହ ପ୍ରବଳ ବର୍ଷା ହୋଇଥିଲା। ବେଲଗୁଣ୍ଠା ବ୍ଲକରେ ବଜ୍ରପାତରେ ଜଣେ ମହିଳାଙ୍କ ସମେତ ୨ ଚାଷୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ତନରଡ଼ାର ଛବିତା ଡାକୁଆ (୩୫) ଓ କୁରୁଲାଇର ପ୍ରଫୁଲ୍ଲ ସ୍ୱାଇଁ (୫୦)। ଜମିରେ କାମସାରି ଘରକୁ ଫେରୁଥିବା ବେଳେ ଉଭୟେ ବଜ୍ରପାତର ଶିକାର ହୋଇଛନ୍ତି। ସେହିପରି ଆଉ କେତେଜଣ ଚାଷୀ ଆହତ ହୋଇଛନ୍ତି। ତନରଡ଼ା ଓ କୁରୁଲାଇ ଦୁଇ ପାଖାପାଖି ଗ୍ରାମ। ଛବିତା ଓ ପ୍ରଫୁଲ୍ଲ ନିଜ ନିଜ ଜମିକୁ କାମ କରିବାକୁ ଯାଇଥିଲେ। ଅପରାହ୍ନ ପ୍ରାୟ ୧ଟାରେ ପ୍ରବଳ ବର୍ଷା ହେବାରୁ ଘରକୁ ଫେରୁଥିବା ବେଳେ ବଜ୍ରପାତରେ ଟଳିପଡ଼ିଥିଲେ। ଗୁରୁତର ଅବସ୍ଥାରେ ଛବିତା ଓ ପ୍ରଫୁଲ୍ଲଙ୍କୁ ସେମାନଙ୍କ ପରିବାର ଲୋକେ ଭଞ୍ଜନଗର ମେଡିକାଲକୁ ଆଣିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ବେଲଗୁଣ୍ଠା ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇଛି।

# ପିଲାଙ୍କ ସଂକ୍ରମଣ ହାର ୨୦% ଟପିଲା

**ଭୁବନେଶ୍ୱର, ୬।୯(ବ୍ୟୁରୋ):** ରାଜ୍ୟରେ ପିଲାଙ୍କ ସଂକ୍ରମଣ ହାର ବଢୁଛି। ଗତ ୨୪ ଘଣ୍ଟାରେ ୬୫,୨୬୮ ନମୁନା ପରୀକ୍ଷା କରାଯାଇଥିବାବେଳେ ୬୦୯ଜଣ କରୋନା ପଜଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ ସଂକ୍ରମଣ ହାର ୦.୯୩%କୁ ଖସି ଆସିଛି। ତେବେ ପିଲାଙ୍କ ସଂକ୍ରମଣକୁ ନେଇ ଚିନ୍ତା ବଢ଼ିଛି। ଗତ କିଛିଦିନ ହେବ ଏହି ହାର ପ୍ରାୟ ୧୭% ରହୁଥିବାବେଳେ ଏବେ ୨୦% ଟପିଯାଇଛି। ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୧୮ ବର୍ଷରୁ କମ୍ ବୟସର ପିଲା ୧୨୨ଜଣ ରହିଛନ୍ତି। ଯାହା ମୋଟ ସଂକ୍ରମଣର ୨୦.୦୩% ରହିଛି। ସେପଟେ କଟକରେ ସଂକ୍ରମଣ ପୁଣି ବଢ଼ିଛି। ଜିଲାରେ ୨% ଭିତରେ ସଂକ୍ରମଣ ହାର ରହୁଥିବାବେଳେ ଏବେ ୩% ଟପିଯାଇଛି। ୩,୬୪୮ ନମୁନା ପରୀକ୍ଷା କରାଯାଇଥିବାବେଳେ ୧୧୩ଜଣ ପଜିଟିଭ୍ ବାହାରିଛନ୍ତି। ସଂକ୍ରମଣ ହାର ୩.୧%କୁ ବୃଦ୍ଧି ପାଇଛି। ତେବେ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧୮୮ଜଣ ରହିଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ସଂକ୍ରମଣ ସଂଖ୍ୟା ୧୦,୧୨,୧୬୭ରେ ପହଞ୍ଚିଛି। ଅପରପକ୍ଷେ ଆଉ ୮ଜଣ ଆକ୍ରାନ୍ତଙ୍କ କରୋନାରେ ମୃତ୍ୟୁ ଘଟିଛି। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧାରୁ ୩ଜଣ ଥିବାବେଳେ ଗଞ୍ଜାମ ଓ ପୁରୀରୁ ୨ଜଣ ଲେଖାଏ ଏବଂ ବାଲେଶ୍ୱରରୁ ଜଣେ ମୃତକ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ଜନିତ ମୃତ୍ୟୁ ସଂଖ୍ୟା ୮,୦୫୫କୁ ବୃଦ୍ଧି ପାଇଛି।



# ଓଡ଼ିଶାରେ ୬୦% ଟିକାକରଣ

**୧୦୦% ଟିକାକରଣରେ ହିମାଚଳ ପ୍ରଦେଶ ପ୍ରଥମ ରାଜ୍ୟ**

ଭୁବନେଶ୍ୱର, ୬।୯(ବ୍ୟୁରୋ)

ଓଡ଼ିଶାରେ ପ୍ରଥମ ଡୋଜ୍ ଟିକାକରଣ ୬୦% ରହିଛି। ତେବେ ଦେଶରେ ପ୍ରଥମ ରାଜ୍ୟ ଭାବେ ହିମାଚଳ ପ୍ରଦେଶ ଯୋଗ୍ୟ ହିତାଧିକାରଙ୍କୁ ଶତ ପ୍ରତିଶତ ଟିକାକରଣ କରିବାରେ ସଫଳତା ହାସଲ କରିଛି। ଏଥିପାଇଁ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉକ୍ତ ରାଜ୍ୟକୁ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ହିମାଚଳ ପ୍ରଦେଶର ଯୋଗ୍ୟ ହିତାଧିକାରୀ ଶତପ୍ରତିଶତ ପ୍ରଥମ ଡୋଜ୍ ଓ ଏକ ତୃତୀୟାଂଶ ଦ୍ୱିତୀୟ ଡୋଜ୍ ଟିକା ନେଇଛନ୍ତି। ଏହା ମୋତେ ଗର୍ବିତ କରିବାର ସୁଯୋଗ ଦେଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ସୂଚନାନୁସାରେ, ୮୫%ରୁ ଅଧିକ ଟିକାକରଣ ହାସଲ କରିଥିବା ରାଜ୍ୟ ଏବଂ କେନ୍ଦ୍ରାଞ୍ଚଳ ମଧ୍ୟରେ ତ୍ରିପୁରା ୮୯%, ଲଦାଖ ୮୮%, ଦାମନ ଏବଂ ଡିୟୁ ୮୮%, ଲାକ୍ଷାଦୀପ ୮୮% ଏବଂ ମିଜୋରାମ ୮୫% ରହିଛି। ଓଡ଼ିଶାରେ ଯୋଗ୍ୟ ହିତାଧିକାରୀଙ୍କୁ ଶତପ୍ରତିଶତ ଟିକାକରଣ ପାଇଁ ୬କୋଟି ଡୋଜ୍ ଆବଶ୍ୟକ କରୁଥିବା ବେଳେ ଏ ପର୍ଯ୍ୟନ୍ତ ୨.୩୯ କୋଟି ଡୋଜ୍ ଟିକାକରଣ ହୋଇଛି। ଏଥିରେ ପ୍ରଥମ ଡୋଜ୍ ଟିକାକରଣ ୧,୮୦,୪୫,୪୦୧ ହୋଇଛି, ଯାହାକି ୬୦%ରୁ ଅଧିକ। ସେହିଭଳି ୧୯.୭% ଅର୍ଥାତ୍ ୫୯,୧୧,୦୮୨ ଲୋକଙ୍କୁ ସମ୍ପୂର୍ଣ୍ଣ ଟିକାକରଣ କରାଯାଇଥିବା ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡିଛି।

ଏପଟେ ରାଜ୍ୟରେ ଟିକାକରଣ ସ୍ଥିତି ନେଇ ପରିବାର କଲ୍ୟାଣ ନିର୍ଦ୍ଦେଶକ ତଥା ରାଜ୍ୟ ଟିକାକରଣ ନୋଡାଲ ଅଫିସର ଡା. ବିଜୟ ପାଣିଗ୍ରାହୀ କହିଛନ୍ତି, ଏ ଯାଏ ୧ ଲକ୍ଷ ୧୪ ହଜାର ଗର୍ଭବତୀଙ୍କୁ ଟିକା ଦିଆହୋଇଛି। କିଛି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ପାଖାପାଖି ୩୩ ଲକ୍ଷ ଟିକା ମହଜୁଦ ଅଛି। ଏଥିମଧ୍ୟରୁ ୩୧ ଲକ୍ଷ ୫୯ ହଜାର ୨୬୦ କୋଭିଶିଲ୍ଡ ଓ ୨ ଲକ୍ଷ ୬୫ ହଜାର ୫୨୦ ଡୋଜ୍ କୋଭାକ୍ସିନ ରହିଛି। ନିୟମିତ ଭାବେ ଟିକା ଆସୁଛି ଓ ଟିକାକରଣ ଚାଲିଛି। ନକଲି କୋଭିଶିଲ୍ଡ ନେଇ କେନ୍ଦ୍ର ସରକାର ଚିଠି କରି ସତର୍କ କରିଥିଲେ। ହେଲେ ଏ ଯାଏ ଓଡ଼ିଶାରେ ନକଲି ଟିକା ଦୃଷ୍ଟିକୁ ଆସିନାହିଁ। ଟିକା ନେବା ପାଇଁ ଆଗ୍ରହ ଲୋକଙ୍କ ଭିତରେ ଅଛି। କିନ୍ତୁ ଟିକାକରଣ କେନ୍ଦ୍ରରେ ଗହଳି ନ କରି ଠିକ୍ ସମୟରେ ଆସନ୍ତୁ। ରାତି ତମାମ ଅପେକ୍ଷା କରିବାର ଆବଶ୍ୟକତା ନାହିଁ। କିଛି ସ୍ଥାନରେ ଗହଳି ନିୟନ୍ତ୍ରଣ କରିବାକୁ ଟୋକନ ବ୍ୟବସ୍ଥା ହୋଇଛି। ହେଲେ ସେଠାରେ ବି ଗହଳି ଦେଖିବାକୁ ମିଳୁଛି। ଭୁବନେଶ୍ୱରରେ ୧୭ ଲକ୍ଷ ଡୋଜ୍ ଟାର୍ଗେଟ ଥିଲା। ବାହାର ଲୋକ ଏଠାରେ ଆସିବାରୁ ଏବେ ଟିକାକରଣ ୨୨ ଲକ୍ଷ ଡୋଜ୍‌ରେ ପହଞ୍ଚିଥିବା ପରିବାର କଲ୍ୟାଣ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

# ଜଗଦୀଶ, ଜୟନ୍ତ ପାଇବେ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ'



ଜଗଦୀଶ ଚନ୍ଦ୍ର କାନୁନ୍‌ଗୋ    ଜୟନ୍ତ କୁମାର ବେହେରା

ଭୁବନେଶ୍ୱର, ୬।୯ (ବ୍ୟୁରୋ)

ଇମ୍ପା ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ୨୦୨୧ ମସିହା ପାଇଁ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ' ଘୋଷଣା ହୋଇଛି। କଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନାର ଉତ୍କର୍ଷ ପାଇଁ ବରିଷ୍ଠ ଚିତ୍ରକର ଜଗଦୀଶ ଚନ୍ଦ୍ର କାନୁନ୍‌ଗୋ ଓ ପ୍ରସିଦ୍ଧ ଘୁମୁରା ଶିଳ୍ପୀ ଜୟନ୍ତ କୁମାର ବେହେରାଙ୍କୁ ଏହି ପୁରସ୍କାର ମିଳିବ। ପୁରସ୍କାର ସ୍ୱରୂପ ପ୍ରତ୍ୟେକଙ୍କୁ ଦେଢ଼ଲକ୍ଷ ଟଙ୍କାର ଅର୍ଥରାଶି ସହ ମାନପତ୍ର ଓ ଫଳକ ପ୍ରଦାନ କରାଯିବ। ପୂର୍ବରୁ ଚଳିତ ବର୍ଷ ପାଇଁ ଶାରଳା ପୁରସ୍କାର ଘୋଷଣା ହୋଇ ସାରିଛି। କଥାକାର ପାରମିତା ଶତପଥୀ ଉପନ୍ୟାସ 'ଅଭିପ୍ରେତ କାଳ' ପାଇଁ ଶାରଳା ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଆସନ୍ତା ଅକ୍ଟୋବରରେ ହେବାକୁ ଥିବା ଶାରଳା ପୁରସ୍କାର ପ୍ରଦାନ ଉତ୍ସବରେ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ' ପ୍ରଦାନ କରାଯିବ ବୋଲି ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି।

ପୂର୍ବରୁ ଏହି ପୁରସ୍କାର କେବଳ ଇଲା ପଣ୍ଡାଙ୍କ ନାମରେ ନାମିତ ଥିବାବେଳେ ଚଳିତ ବର୍ଷଠାରୁ ଏଥିରେ ଶିଳ୍ପପତି ବଂଶୀଧର ପଣ୍ଡାଙ୍କ ନାମ ସଂଯୁକ୍ତ ହୋଇଛି। ସୂଚନାଯୋଗ୍ୟ, ଓଡ଼ିଶାର ବିଶିଷ୍ଟ ଶିଳ୍ପପତି ସ୍ୱର୍ଗତ ଡ. ବଂଶୀଧର ପଣ୍ଡା ଓ ତାଙ୍କ ସ୍ତ୍ରୀ ସ୍ୱର୍ଗତ ଇଲା ପଣ୍ଡାଙ୍କ ଦ୍ୱାରା ପ୍ରତିଷ୍ଠିତ 'ଶାରଳା ପୁରସ୍କାର' ଇମ୍ପା ଦ୍ୱାରା ପରିଚାଳିତ ଇଣ୍ଡିଆନ୍ ମେଟାଲସ୍ ଆଣ୍ଡ୍ ପବ୍ଲିକ୍ ଚାରିଟେବଲ୍ ଟ୍ରଷ୍ଟ (ଇମ୍ପାକ୍ଟ) ଆନୁକୂଲ୍ୟରେ ୧୯୮୦ ମସିହାରୁ ପ୍ରତିବର୍ଷ ପ୍ରଦାନ କରାଯାଉଛି।



## ମୁଖ୍ୟରାସ୍ତାରେ ଯୁବକଙ୍କୁ ହତ୍ୟା

**ରାୟଗଡ଼ା ଅଫିସ, ୬।୯:** ରାୟଗଡ଼ା ଟାଉନ ଥାନା ଅଧୀନ କୋଡ଼ିଙ୍ଗିଗୁଡ଼ା ଗ୍ରାମ ନିକଟରୁ ସୋମବାର ରାତିରେ ଜଣେ ଯୁବକଙ୍କ ରକ୍ତାକ୍ତ ମୃତଦେହ ଜବତ ହୋଇଛି। ତାଙ୍କୁ ହତ୍ୟା କରାଯାଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ମୃତ ବ୍ୟକ୍ତି ହେଲେ କୋଡ଼ିଙ୍ଗିଗୁଡ଼ା ଗାଁର ରାଜେଶ ବେନିଆ। ସୂଚନା ଅନୁଯାୟୀ, ହାଲୁଆସ୍ଥିତ ଓପିଡି ନିକଟ ମୁଖ୍ୟରାସ୍ତାରେ ରାଜେଶଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଟାଉନ୍ ଥାନା ପୋଲିସ ଟିମ୍ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି।


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ସିଦ୍ଧି
ପରିବାରବର୍ଗ



ଗୁଡୁଲି
ପରିବାରବର୍ଗ



ଗୀତ୍‌କ୍ରୀଷ୍ଟା
ପରିବାରବର୍ଗ



ଜି. ଗଣେଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ପ୍ରଥମ ପୃଷ୍ଠାରୁ...**

### ବଢୁଛି ମହିଳା...

ସର୍ବାଧିକ ୭୩ ଜଣ ନାବାଳିକା ବଳାତ୍କାରର ଶିକାର ହୋଇଥିବା ବେଳେ ନବରଙ୍ଗପୁରରେ ଏହି ସଂଖ୍ୟା ୪୧ ରହିଛି। ସେହିପରି ୨୦୧୯, ୨୦୨୦ ଏବଂ ୨୦୨୧ ଜୁନ୍ ସୁଦ୍ଧା ମହିଳାଙ୍କୁ ବଳାତ୍କାର କ୍ଷେତ୍ରରେ ମଧ୍ୟ ମୟୂରଭଞ୍ଜ ଜିଲା ଆଗରେ ରହିଛି। ମହିଳାଙ୍କୁ ହତ୍ୟା ସଂଖ୍ୟା ମଧ୍ୟ ପ୍ରତ୍ୟେକ ବର୍ଷ ବଢ଼ିବାରେ ଲାଗିଛି। ୨୦୧୯ରେ ୧୩୫୬ ଜଣଙ୍କୁ ହତ୍ୟା କରାଯାଇଥିବା ନେଇ ମାମଲା ରୁଜୁ ହୋଇଛି। ସେହିପରି ୨୦୨୦ରେ ଏହି ମାମଲା ସଂଖ୍ୟା ବୃଦ୍ଧି ଘଟି ୧୪୭୦ ହୋଇଛି। ୨୦୨୧ ଜୁନ୍ ସୁଦ୍ଧା ଏହି ସଂଖ୍ୟା ୭୮୨ ରହିଛି। ସମାନଭାବେ ଯୌତୁକଜନିତ ହତ୍ୟା ସଂଖ୍ୟା ମଧ୍ୟ ବଢ଼ିଚାଲିଛି। ଏ କ୍ଷେତ୍ରରେ ମଧ୍ୟ ମୟୂରଭଞ୍ଜ ଜିଲା ସର୍ବାଗ୍ରେ ରହିଛି। ୨୦୧୯ରେ ଯୌତୁକଜନିତ ହତ୍ୟା ନେଇ ୨୭୮ ମାମଲା ରୁଜୁ ହୋଇଛି। ୨୦୨୦ରେ ଯୌତୁକଜନିତ ହତ୍ୟା ସଂଖ୍ୟା ବୃଦ୍ଧି ଘଟି ୩୧୧ ରହିଛି। ୨୦୨୧ ଜୁନ୍ ସୁଦ୍ଧା ଏହି ସଂଖ୍ୟା ୧୮୪ରେ ରହିଛି।

ମହିଳା ନିର୍ଯାତନା ଏବଂ ଯୌତୁକଜନିତ ନିର୍ଯାତନା ମାମଲାରେ ମଧ୍ୟ ବୃଦ୍ଧି ଘଟିବାରେ ଲାଗିଛି। ୨୦୧୯ରେ ରାଜ୍ୟରେ ନିର୍ଯାତନା ମାମଲା ୩୭୫୬ ରହିଥିବା ବେଳେ ୨୦୨୦ରେ ଏହି ସଂଖ୍ୟା ୩୭୫୯ ରହିଛି। ୨୦୨୧ ଜୁନ୍ ସୁଦ୍ଧା ରାଜ୍ୟରେ ନିର୍ଯାତନା ମାମଲା ୨,୨୯୪ ରହିଛି। ଯୌତୁକ ଯୋଗୁ ରାଜ୍ୟରେ ୨୦୧୯ରେ ୨୫୩୨ ନିର୍ଯାତନା ମାମଲା ରୁଜୁ ହୋଇଛି। ୨୦୨୦ରେ ୩,୧୫୩ ଯୌତୁକଜନିତ ନିର୍ଯାତନା ମାମଲା ରୁଜୁ ହୋଇଥିବାବେଳେ ୨୦୨୧ ଜୁନ୍ ସୁଦ୍ଧା ଏହି ସଂଖ୍ୟା ୨,୧୫୯ ରହିଛି। ସେହିଭଳି ରାଜ୍ୟରେ ମହିଳାଙ୍କୁ ଦୁର୍ବ୍ୟବହାର ଘଟଣାରେ ୨୦୧୯ରେ ୫୪୪ ମାମଲା ରୁଜୁ କରାଯାଇଛି। ୨୦୨୦ରେ ଏନେଇ ୬୧୬ ମାମଲା ଏବଂ ୨୦୨୧ ଜୁନ୍ ସୁଦ୍ଧା ୩୩୪ ମାମଲା ରୁଜୁ ହୋଇଛି। ସେହିପରି ମହିଳାଙ୍କ ଉପରକୁ ଏସିଡ୍ ମାଡ଼ ଘଟଣାରେ ୨୦୧୯ରେ ୩, ୨୦୨୦ରେ ୬ ଏବଂ ୨୦୨୧ ଜୁନ୍ ସୁଦ୍ଧା ଗୋଟିଏ ମାମଲା ରୁଜୁ ହୋଇଛି। ଅନ୍ୟପଟେ ମହିଳା ଚାଲାଣ ନେଇ ୨୦୧୯ରେ ୧୧୭ ମାମଲା ରୁଜୁ ହୋଇଥିବା ବେଳେ ୨୦୨୦ରେ ୭୩ ଏବଂ ୨୦୨୧ରେ ୪୦ ମାମଲା ରୁଜୁ ହୋଇଛି।

### ନୂତନ ଥାନା, ଫାଣ୍ଡି...

ବିଧାୟକ ପ୍ରସ୍ତାବ ଦେଇଥିଲେ। ବାଚସ୍ପତିଙ୍କ ରୁଲିଂ ଓ ବିଧାୟକମାନଙ୍କ ପ୍ରସ୍ତାବ ପରେ ମଧ୍ୟ ଏହା କାର୍ଯ୍ୟକାରୀ ହେଉ ନ ଥିବାରୁ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଗୃହରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିଜେଡି ସଭ୍ୟ ମୀନାକ୍ଷୀ ମହନ୍ତ, ଲତିକା ପ୍ରଧାନ, ଭାଜପା ସଭ୍ୟ କୁସୁମ ଟେଟେ, ସନାତନ ବିଜୁଳି ପ୍ରମୁଖ ନିଜ ନିଜ ଅଞ୍ଚଳରେ ଆଇନ ଶୃଙ୍ଖଳା ଦୃଷ୍ଟିରୁ ନୂଆ ଫାଣ୍ଡି ଓ ଥାନା ସ୍ଥାପନ କରିବାକୁ ପ୍ରସ୍ତାବ ଦେଇଥିଲେ। ରାଜ୍ୟରେ ଥାନା ଓ ଫାଣ୍ଡି ଖୋଲିବା ନେଇ ଗୃହରେ ଉଭୟ ଶାସକ ଓ ବିରୋଧୀ ଦଳ ସଦସ୍ୟଙ୍କ ଉଦ୍‌ବେଗକୁ ଦେଖି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ରୁଲିଂ ଦେଇଛନ୍ତି। ସେ କହିଛନ୍ତି ଯେ, ୪୦ ଜଣରୁ ଊର୍ଦ୍ଧ୍ୱ ସଦସ୍ୟଙ୍କର ଉଦ୍‌ବେଗ ରହିଛି। ପୋଲିସ ଡିଜି, ଡିଆଇଜି କ୍ରାଇମବ୍ରାଞ୍ଚ ଓ ଗୃହ ସଚିବଙ୍କୁ ଡାକି ଆଲୋଚନା କରିବା ସହ ଗୃହରେ ଏ ନେଇ ଏକ ବିବୃତି ଦେବାକୁ ବାଚସ୍ପତି ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଭାଜପା ସଭ୍ୟ ଗଣେଶରାମ ସିଂ ଖୁଣ୍ଟିଆଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଗୃହ ରାଷ୍ଟ୍ରମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ଅଗଷ୍ଟ ୧ ସୁଦ୍ଧା ୧୧,୪୫୬ ପୋଲିସ ପଦ ଖାଲି ପଡ଼ିଛି। ସେଥିରୁ ୧୩ ଡିଆଇଜି, ୧୫ ଏସ୍‌ପି, ୨୪୮ ଇନ୍ସପେକ୍ଟର ପଦବୀ ଖାଲି ପଡ଼ିଛି।

### ସଂରକ୍ଷଣ ସୀମା ୫୦%...

ଯେକୌଣସି ପୌର ପରିଷଦର ଅଧ୍ୟକ୍ଷ ପଦ ପାଇଁ ସଂରକ୍ଷଣ ନୀତି, ବିଧାନସଭାର ବିଚାର ପରେ ନିଷ୍ପତ୍ତି ନିଆଯିବ। ୨୦୧୩ରେ ୨୧ଟି ରିଟ୍ ଆବେଦନ ଉପରେ ବିଚାର କରି ହାଇକୋର୍ଟ ୨୦୧୮ ମାର୍ଚ୍ଚ ୧୮ରେ ଦେଇଥିବା ରାୟ ଅନୁଯାୟୀ ପୌର ସଂସ୍ଥାଗୁଡିକରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପଛୁଆ ବର୍ଗର ନାଗରିକମାନଙ୍କ ନିମନ୍ତେ ସଂରକ୍ଷଣ ସୀମା ୫୦ ପ୍ରତିଶତରୁ ଅଧିକ ହୋଇପାରିବ ନାହିଁ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ପୌର ଅଧିନିୟମ ୧୯୫୦ ଏବଂ ଓଡ଼ିଶା ମହାନଗର ନିଗମ ଅଧିନିୟମ ୨୦୦୩ରେ ଥିବା ବ୍ୟବସ୍ଥାରେ କେତେକ ସଂଶୋଧନ କରାଯାଇଛି। କେ. କ୍ରିଷ୍ଣାମୂର୍ତ୍ତି ମାମଲାରେ ସର୍ବୋଚ୍ଚ ଅଦାଲତଙ୍କ ନିଷ୍ପତ୍ତି ଅନୁଯାୟୀ ହାଇକୋର୍ଟଙ୍କ ଆଦେଶ ମତେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ପଛୁଆବର୍ଗଙ୍କ ପାଇଁ ସମୁଦାୟ ଆସନର ସଂରକ୍ଷଣକୁ ୫୦%ରେ ସୀମିତ ରଖାଯିବ।

ରାଜ୍ୟରେ ପୌର ନିର୍ବାଚନ ବିଳମ୍ବ ହେଉଥିବାରୁ ଭାଜପା ଏ ନେଇ କୋର୍ଟର ଦ୍ୱାରସ୍ଥ ହୋଇଛି। ଆଇନ ସଂଶୋଧନ ହେବା ପରେ ପୌର ନିର୍ବାଚନ ନେଇ ସରକାର ପ୍ରସ୍ତୁତି ଆରମ୍ଭ କରିବେ। ରାଜ୍ୟ ନିର୍ବାଚନ ଅଧିକାରୀ ମଧ୍ୟ ପୌର ନିର୍ବାଚନ ପ୍ରସ୍ତୁତି ପାଇଁ ଜିଲାପାଳଙ୍କୁ ଚିଠି ଲେଖି ସାରିଛନ୍ତି। ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ୨୦୧୯ରେ ପୌର ନିର୍ବାଚନ କରିବା ସକାଶେ ୱାର୍ଡ ପୁନର୍ଗଠନ କାର୍ଯ୍ୟ ଶେଷ କରିଥିଲେ। ତେବେ ସ୍ଥାନ ସଂରକ୍ଷଣକୁ ନେଇ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯିବାରୁ ପୌର ନିର୍ବାଚନକୁ ଝଟକା ଲାଗିଥିଲା। ସଂରକ୍ଷଣ ସୀମା ୫୦%ରୁ ଅଧିକ ହେବ ନାହିଁ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେବା ପରେ ପୌର ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇ ପାରି ନ ଥିଲା। ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାର ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାତ୍ର ସରକାରଙ୍କ ଆବେଦନକୁ ସର୍ବୋଚ୍ଚ ଅଦାଲତ ଖାରଜ କରିବା ସହ ହାଇକୋର୍ଟଙ୍କ ରାୟକୁ କାଏମ ରଖିଥିଲେ।

### ରାଜ୍ୟ ଶିଳ୍ପକୁ ମିଳୁ...

ଉତ୍କଳ ଚାମ୍ବର ଅଫ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରି(ୟୁସିସିଆଇ) ଏବଂ ଓଡ଼ିଶା ସ୍ପଞ୍ଜ ଆଇରନ ମାନୁଫାକ୍‌ଚର୍ସ ଆସୋସିଏଶନ(ଓସିଆଇଏମ୍‌ଏ) ପକ୍ଷରୁ ଏ ନେଇ ଆଶଙ୍କା ପ୍ରକଟ କରାଯିବା ସହ ପ୍ରମୁଖ ଖବରକାଗଜଗୁଡ଼ିକରେ ନିଆରା ଢଙ୍ଗରେ ପ୍ରଥମ ପୃଷ୍ଠାରେ ବିଜ୍ଞାପନ ମାଧ୍ୟମରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସଂଘଗୁଡିକ ପକ୍ଷରୁ କୁହାଯାଇଛି, ଏଭଳି ସମସ୍ୟାକୁ ନଜରରେ ରଖି ବାରମ୍ବାର ବିରୋଧ କରିବା ସତ୍ତ୍ୱେ ମଧ୍ୟ ସ୍ଥାନୀୟ ଶିଳ୍ପଗୁଡିକର ସ୍ୱାର୍ଥକୁ ଅଣଦେଖା କରାଯାଉଛି। ଫଳରେ ବାଧ୍ୟ ହୋଇ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିବାକୁ ପଡିଛି। ରାଜ୍ୟରେ ବର୍ତ୍ତମାନ ଲୁହା ପଥର ଦର ଆକାଶଛୁଆଁ ହୋଇଛି। ଖଣି ହାତେଇଥିବା ବ୍ୟକ୍ତିବିଶେଷଙ୍କ ଲାଭଖୋର ମନୋବୃତ୍ତିକୁ ଦୃଷ୍ଟିରେ ରଖାଯାଇ ଏଭଳି ନୀତି ଆପଣାଯାଇଛି। ରାଜ୍ୟର ବିକାଶରେ କ୍ଷୁଦ୍ର ଶିଳ୍ପର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ମଧ୍ୟ ଏହାକୁ ଅଣଦେଖା କରି ଶିଳ୍ପକୁ ସମସ୍ୟା ମଧ୍ୟକୁ ଠେଲି ଦିଆଯାଉଛି। ଫଳରେ ସିଧାସଳଖ ଏମ୍‌ଏସ୍‌ଏମ୍‌ଇ ଇସ୍ପାତ ଶିଳ୍ପ ଉପରେ ଏହା ଚାପ ପକାଇଛି।

ଲୁହା ପଥର ଅଭାବ ଯୋଗୁ ଅନେକ ସ୍ପଞ୍ଜ ଆଇରନ ୟୁନିଟ୍‌ରେ ତାଲା ଝୁଲିଲାଣି। ଏହି ଶିଳ୍ପ ସଂସ୍ଥାଗୁଡିକରେ କାର୍ଯ୍ୟରତ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଜୀବିକା ଉପରେ ଏହା ମଧ୍ୟ ପ୍ରଭାବ ପକାଇଛି। ଏଭଳି ଖରାପ ସମୟରେ କେବଳ ପ୍ରିଏମ୍ପଶନ ନୀତି ଦ୍ୱାରା ଏହି ଶିଳ୍ପ ସଂସ୍ଥାଗୁଡିକୁ ବଞ୍ଚାଇବାକୁ ସଂଘଗୁଡିକ ନିବେଦନ କରିଛନ୍ତି। ଏହାବାଦ ଏଭଳି ନୀତି ଆପଣାଇ ସରକାର ପ୍ରକୃତ ପକ୍ଷେ ରାଜ୍ୟରେ ଉତ୍ପାଦିତ ଖଣିଜ ସମ୍ପଦର ଭାଲ୍ୟୁ ସଂଯୋଗ କରିପାରିବେ ବୋଲି ଉଭୟ ସଂଘ ପକ୍ଷରୁ କୁହାଯାଇଛି। ପ୍ରିଏମ୍ପଶନ ଦ୍ୱାରା ରାଜ୍ୟ ସରକାର ଅଧିକ ରାଜସ୍ୱ ମଧ୍ୟ ପାଇପାରିବେ। ସ୍ଥାନୀୟ ଅଞ୍ଚଳରେ ଯୁବବର୍ଗଙ୍କୁ ଏହା ଦ୍ୱାରା ନିଯୁକ୍ତି ମଧ୍ୟ ମିଳିପାରିବ। ପ୍ରିଏମ୍ପଶନ ସ୍କିମରେ ରାଜ୍ୟର ଇସ୍ପାତ ଶିଳ୍ପଗୁଡିକୁ ଅନ୍ତତଃ ପକ୍ଷେ ପ୍ରାୟ ୫୦% ଲୁହା ପଥର ଯୋଗାଣ କରାଯାଉ। ଏହା ଦ୍ୱାରା ଏମ୍‌ଏସ୍‌ଏମ୍‌ଇ ଷ୍ଟିଲ୍ କ୍ଷେତ୍ର ଏବଂ ବୃହତ୍ ସଂଖ୍ୟାରେ ନିଯୁକ୍ତିକୁ ସୁରକ୍ଷା ଦିଆଯାଇପାରିବ ବୋଲି ସଂଘଗୁଡିକ ପକ୍ଷରୁ କୁହାଯାଇଛି।

ଏହି ପରିପ୍ରେକ୍ଷୀରେ ୟୁସିସିଆଇ ସଭାପତି ବ୍ରହ୍ମାନନ୍ଦ ମିଶ୍ର କହିଛନ୍ତି, ଯେଉଁ ଶିଳ୍ପ ସଂସ୍ଥାଗୁଡିକର ନିଜର କ୍ୟାପ୍ଟିଭ୍ ଖଣି ନାହିଁ ସେମାନେ ବର୍ତ୍ତମାନ ସଙ୍କଟ ସ୍ଥିତିରେ ରହିଛନ୍ତି। ସେଗୁଡ଼ିକ ମଧ୍ୟରୁ କିଛି ବନ୍ଦ ହୋଇଥିବା ବେଳେ ଅଧିକାଂଶ ବନ୍ଦ ହେବା ସ୍ଥିତିକୁ ଚାଲି ଆସିଲାଣି। ସ୍ଥିତିର ଗମ୍ଭୀରତାକୁ ନଜରରେ ରଖି ସରକାର ପ୍ରିଏମ୍ପଶନ ନୀତି ଆଧାରରେ ଏକ ସୁଚିନ୍ତିତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଓଡିଶା ସ୍ପଞ୍ଜ ଆଇରନ ମାନୁଫାକ୍‌ଚର୍ସ ଆସୋସିଏଶନର ଅଧ୍ୟକ୍ଷ ଯୋଗେଶ କୁମାର ଡାଲମିଆ କହିଛନ୍ତି, ବଡ ବଡ ପ୍ଲାଣ୍ଟଗୁଡ଼ିକ ନିକଟରେ କ୍ୟାପ୍ଟିଭ ମାଇନ୍ସ ଥିବାରୁ ସେମାନଙ୍କୁ ସମସ୍ୟା ହେଉନାହିଁ। ମାତ୍ର କ୍ଷୁଦ୍ର ୟୁନିଟଗୁଡିକ ସାମ୍ନାରେ ଘୋର କଞ୍ଚାମାଲ ସଙ୍କଟ ସୃଷ୍ଟି ହୋଇଛି। ଏ କ୍ଷେତ୍ରରେ କେବଳ ପ୍ରିଏମ୍ପଶନ ନୀତି ହିଁ ରାଜ୍ୟର କ୍ଷୁଦ୍ର ଶିଳ୍ପଗୁଡିକୁ ରକ୍ଷା କରିବା ଦିଗରେ ସକ୍ଷମ ହେବ। ରାଜ୍ୟରେ ଉତ୍ପାଦିତ ମୋଟ ଲୁହାପଥର ମଧ୍ୟରୁ ଅନନ୍ତଃ ପକ୍ଷେ ୫୦% ସ୍ଥାନୀୟ ଶିଳ୍ପଗୁଡିକ ଯେଭଳି ପାଇବେ ତାକୁ ରାଜ୍ୟ ସରକାର ପ୍ରାଥମିକତା ପ୍ରଦାନ କରନ୍ତୁ। ଏହା ଦ୍ୱାରା ରାଜ୍ୟ ରାଜସ୍ୱରେ ଉନ୍ନତି ଏବଂ ଅଧିକ ନିଯୁକ୍ତି ସୃଷ୍ଟି ମଧ୍ୟ କରାଯାଇପାରିବ ବୋଲି ଡାଲମିଆ ମତ ରଖିଛନ୍ତି।

ଉଲ୍ଲେଖଯୋଗ୍ୟ, ସ୍ଥାନୀୟ ଶିଳ୍ପ କ୍ଷେତ୍ରକୁ କଞ୍ଚାମାଲ ଯୋଗାଣ ଲାଗି ରାଜ୍ୟ ସରକାର ୨୦୧୨ରେ ପ୍ରିଏମ୍ପଶନ ନୀତି ଘୋଷଣା କରିଥିଲେ। ୨୦୧୪ରେ ଏ ନେଇ ବିଜ୍ଞପ୍ତି ଜାରି କରାଯାଇଥିଲା। ଏହି ନୀତିକୁ ବିରୋଧ କରି ଫେଡେରେଶନ ଅଫ୍ ଇଣ୍ଡିଆନ ମିନେରାଲ ଇଣ୍ଡଷ୍ଟ୍ରିଜ(ଫିମି) ହାଇକୋର୍ଟ ଏବଂ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ରାଜ୍ୟ ସରକାରଙ୍କ ନୀତିକୁ ନ୍ୟାୟାଳୟ କାଏମ ରଖିଥିଲେ। ପ୍ରିଏମ୍ପଶନ ନୀତିରେ ରହିଥିବା ନିୟମ ମୁତାବକ, ରାଜ୍ୟର ଶିଳ୍ପଗୁଡିକ ଲାଗି ଅନ୍ତତଃ ପକ୍ଷେ ୫୦% କଞ୍ଚାମାଲ ସଂରକ୍ଷିତ ରହିବା କଥା ; ଯାହା ଏବେ ହେଉନାହିଁ। ଫଳରେ ଶିଳ୍ପଗୁଡିକ ସାମ୍ନାରେ ନାହିଁ ନ ଥିବା ସମସ୍ୟା ସୃଷ୍ଟି ହୋଇଛି। ତେଣୁ ଶିଳ୍ପ ବିଶେଷଜ୍ଞ କହିଛନ୍ତି, ବର୍ତ୍ତମାନ କରୋନା ମହାମାରୀ ଯୋଗୁ ଦେଶର ଅର୍ଥ ବ୍ୟବସ୍ଥା ଚାପଗ୍ରସ୍ତ ହୋଇଛି। ଯଦି ସରକାର ନିଜ ରାଜ୍ୟର ଶିଳ୍ପ ସଂସ୍ଥାଗୁଡିକର ସ୍ୱାର୍ଥକୁ ଅଣଦେଖା କରିବେ ତାହା ହେଲେ ଅନେକ ୟୁନିଟରେ ତାଲା ଝୁଲିବ। ଓଡ଼ିଶାରେ କଞ୍ଚାମାଲ ଆବଶ୍ୟକ ହେଉଥିବା ବିଚାର କରି ଯେଉଁ କମ୍ପାନୀ ୟୁନିଟ ବସାଇଥିଲେ ବର୍ତ୍ତମାନ ଯଦି ସେମାନେ ରାଜ୍ୟରୁ ବାହାରକୁ ଚାଲି ଯାନ୍ତି ଏହା ଉଭୟ ରାଜ୍ୟର ଅର୍ଥ ବ୍ୟବସ୍ଥା ଏବଂ ନିଯୁକ୍ତି କ୍ଷେତ୍ରକୁ ଆହୁରି କ୍ଷତିଗ୍ରସ୍ତ କରିବ। ନୂଆ ନିବେଶକ କିଭଳି ରାଜ୍ୟକୁ ଆସିବେ ବୋଲି ବିଶେଷଜ୍ଞ ପ୍ରଶ୍ନ ଉଠାଇଛନ୍ତି। ଶିଳ୍ପର ଏହି ସମସ୍ୟା ସମ୍ପର୍କରେ ଖବରକାଗଜରୁ ଅବଗତ ହୋଇଥିବା ରାଜ୍ୟ ଖଣି ଏବଂ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି। ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ ଗଣମାଧ୍ୟମକୁ ସ୍ପଷ୍ଟ କରିଛନ୍ତି।

### ପଞ୍ଜଶିରରେ ପତାକା...

ମହମ୍ମଦ ରେଗିସ୍ତାନିଙ୍କ ମୃତ୍ୟୁ ଘଟିଛି। ଏହା ପୂର୍ବରୁ ପ୍ରତିରୋଧୀ ବଳର ମୁଖପାତ୍ର ଫହିମ୍ ଦାସ୍ତି ଏବଂ ମାସୁଦ୍‌ଙ୍କ ଭାଇ ସାହିବ୍ ଅବଦୁଲ୍ ୱାଦୁଦ୍ ଜୋହର୍ ନିହତ ହୋଇଛନ୍ତି। ପ୍ରତିରୋଧୀ ବଳ ପାଇଁ ଏହା ଏକ ବଡ଼ କ୍ଷତି। ପଞ୍ଜଶିରରୁ ପ୍ରମୁଖ ଅପ୍‌ଡେଟ୍ ଦେବା ସହ ତାଲିବାନ୍ ବିରୋଧରେ ଲଢ଼େଇ ଜାରି ରହିବ ବୋଲି ଫହିମ୍ ଟୁଇଟ କରିଆସୁଥିଲେ। ପଞ୍ଜଶିରରେ ତାଲିବାନ୍ ବିରୋଧରେ ଲଢୁଥିବା ମାସୁଦ୍ ଏବଂ ପୂର୍ବତନ ଉପରାଷ୍ଟ୍ରପତି ଅମରୁଲ୍ଲା ସାଲେହ ମଧ୍ୟ ଦେଶ ଛାଡ଼ି ତାଜିକିସ୍ତାନ ପଳାଇ ଯାଇଥିବା ଜାବିହୁଲ୍ଲା କହିଛନ୍ତି। ଏହାକୁ ମଧ୍ୟ ସାଲେହ ଖଣ୍ଡନ କରିଛନ୍ତି। ସେ ପଞ୍ଜଶିରରେ ଅଛନ୍ତି ଏବଂ ତାଲିବାନ୍ ସହ ଲଢ଼େଇ ଚାଲିଛି ବୋଲି ସାଲେହ କହିଛନ୍ତି। ମାସୁଦ୍‌ଙ୍କ ଘରକୁ ମଧ୍ୟ ତାଲିବାନ୍ ନିୟନ୍ତ୍ରଣକୁ ନେବା ସହ ତାଙ୍କ ପରିବାରର ଅନେକଙ୍କୁ ହତ୍ୟା କରିଛି। ସେପଟେ ପଞ୍ଜଶିରରେ ୧୯୯୬ରୁ ୨୦୦୧ ପର୍ଯ୍ୟନ୍ତ ଇସ୍‌ଲାମିଷ୍ଟ ବିରୋଧରେ ଯୁଦ୍ଧକୁ ଓହ୍ଲାଇଥିବା ଲୋକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ବୋଲି ଜାବିହୁଲ୍ଲା ପ୍ରତିଶ୍ରୁତି ଦେଇଛନ୍ତି। ଏଣିକି ଆଫଗାନିସ୍ତାନରେ କୌଣସି ପ୍ରକାର ଯୁଦ୍ଧକୁ ଅନୁମତି ମିଳିବ ନାହିଁ। ଯଦି ଏହା ବିରୋଧରେ ଯାଇ କେହି ଅସ୍ତ୍ରଶସ୍ତ୍ର ଉଠାନ୍ତି ତେବେ ସେମାନଙ୍କୁ ଦେଶର ଶତ୍ରୁ ବୋଲି ବିବେଚନା କରାଯାଇ ଦଣ୍ଡବିଧାନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଅଗଷ୍ଟ ୧୫ରେ ତାଲିବାନ୍ ଆଫଗାନିସ୍ତାନ ରାଜଧାନୀ କାବୁଲକୁ ଦଖଲ କରିବା ସହ ପଞ୍ଜଶିରକୁ ଛାଡ଼ି ଅନ୍ୟ ସମସ୍ତ ପ୍ରଦେଶକୁ ନିଜ ଅକ୍ତିଆରକୁ ନେଇଥିଲା। କିନ୍ତୁ ପଞ୍ଜଶିରରେ ତାଲିବାନ୍‌କୁ ଘୋର ବିରୋଧର ସାମ୍ନା କରିବାକୁ ପଡ଼ିଛି। ପ୍ରତିରୋଧୀ ବଳ ସହ ଲଢ଼େଇରେ ତାଲିବାନ୍‌ର ଶତାଧିକ ଲଢୁଆ ନିହତ ହୋଇଛନ୍ତି।

### ପୂର୍ବତନ ରାଜ୍ୟପାଳଙ୍କ ବିରୋଧରେ...

ଘରକୁ ଯାଇ ତାଙ୍କ ସ୍ତ୍ରୀ ତାଜିନ୍ ଫତ୍‌ମାଙ୍କୁ ଭେଟିଥିଲେ। ଏହା ପରେ ସେ ଯୋଗୀ ସରକାର ବିରୋଧରେ ଅପମାନଜନକ ମନ୍ତବ୍ୟ ଦେବା ସହ ଏହାକୁ ରକ୍ତ ଶୋଷୁଥିବା ଦାନବ ସହ ତୁଳନା କରିଥିଲେ। ଏଭଳି ମନ୍ତବ୍ୟ ଦୁଇ ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନା ସୃଷ୍ଟି କରିବା ସହ ସମାଜକୁ ଅଶାନ୍ତ କରିପାରେ ବୋଲି ସାକ୍ସେନା ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଥିଲେ। ଏଥିସହିତ ସେ ଅଜିଜ୍‌ଙ୍କ ମନ୍ତବ୍ୟ ରେକର୍ଡିଂ ହୋଇଥିବା ଏକ ପେନ୍ ଡ୍ରାଇଭ୍ ପୋଲିସକୁ ଦେଇଥିଲେ। ୮୧ ବର୍ଷୀୟ ଅଜିଜ୍‌ଙ୍କ ବିରୋଧରେ ଧାରା ୧୫୩ଏ (ଧର୍ମକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଶତ୍ରୁତା ବଢ଼ାଇବା), ୧୫୩ବି (ଜାତୀୟ ସଂହତି ବିରୋଧରେ ମନ୍ତବ୍ୟ ଦେବା), ୧୨୪ଏ (ଦେଶଦ୍ରୋହ) ଏବଂ ଧାରା ୫୦୫(୧)ବି (ଭୟ ସୃଷ୍ଟି କରାଇବା ଉଦ୍ଦେଶ୍ୟ)ରେ ମାମଲା ରୁଜୁ ହୋଇଥିବା ପୋଲିସ ଅଧିକାରୀ କହିଛନ୍ତି।

### ୪ର୍ଥ ଟେଷ୍ଟ ଜିତିଲା...

ସିରିଜରେ ୨-୧ରେ ଅଗ୍ରଣୀ ହାସଲ କରିଛି। ପୂର୍ବରୁ ପ୍ରଥମ ଟେଷ୍ଟରେ ଭାରତ ବର୍ଷା କାରଣରୁ ସୁଯୋଗ ହାତଛଡା କରିଥିଲା। ତେବେ ଦ୍ୱିତୀୟ ଟେଷ୍ଟରେ ଭାରତ ୧୫୧ ରନରେ ଜିତିଥିଲା। ଏହାପରେ ତୃତୀୟ ଟେଷ୍ଟରେ ଇଂଲଣ୍ଡ ଇନିଂସ ବିଜୟ ହାସଲ କରିଥିଲା। ଭାରତୀୟ ବୋଲରମାନେ ଉଚ୍ଚକୋଟୀର ପ୍ରଦର୍ଶନ କରି ଇଂଲଣ୍ଡକୁ ସୁଯୋଗ ଦେଇ ନ ଥିଲେ। ଭାରତ ତରଫରୁ ଉମେଶ ଯାଦବ ୩ ଉଇକେଟ ହାସଲ କରିଥିବା ବେଳେ ଯଶପ୍ରୀତ ବୁମ୍‌ରା, ଶାର୍ଦ୍ଦୁଳ ଠାକୁର ଓ ରବୀନ୍ଦ୍ର ଜାଡେଜା ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଦେଖାଦେବାରୁ କିଛିଟା ଦ୍ୱନ୍ଦ୍ୱ ଓ ଆଶଙ୍କା ମଧ୍ୟରେ ମନ ହଲଚଲ ହୋଇପାରେ। କିଛି ସହାନୁଭୂତିମୂଳକ ଆଲୋଚନା ଓ ସମାଲୋଚନା ଭିତରେ ପରିବାରରେ ଶାନ୍ତି ଫେରି ଆସିବ। ଦ୍ରବ୍ୟନଷ୍ଟ ହୋଇପାରେ ଅତଏବ, ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ। ଆନୁଷ୍ଠାନିକ କାର୍ଯ୍ୟ ସକାଶେ ତତ୍ପରତା ବୃଦ୍ଧିପାଇବ।

**ବୃଷ** ଦକ୍ଷତା ସାଙ୍ଗକୁ କୃତି ଓ କୃତିତ୍ୱ କାରଣରୁ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଅର୍ଥ ସମ୍ପର୍କିତ କେତେକ ସମସ୍ୟା ସମାଧାନ ପାଇଁ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ପ୍ରଶାସନ, ଆଇନ, କଳା, ସାହିତ୍ୟ ତଥା ବ୍ୟବସାୟିକ କ୍ଷେତ୍ର ମନ୍ଦ ହେବନାହିଁ। ବନ୍ଧୁଙ୍କ ଦ୍ୱାରା କାମ ହାସଲ କରାଇନେବେ।

**ମିଥୁନ** ଆଜି ଟଙ୍କାପଇସା କିମ୍ବା ଦରକାରୀ କାଗଜପତ୍ର ନ ପାଇ ବ୍ୟସ୍ତ ହେବେ। ସମସ୍ୟା ବଢ଼ିଚାଲିଥିବାରୁ କର୍ମକ୍ଷେତ୍ରରେ ବ୍ୟସ୍ତତା ବୃଦ୍ଧି ପାଇବ। ପରିବହନ, ବ୍ୟବସାୟ, ସଭାସମିତି, ଜମିଜମା ଦିଗରେ ଅସୁବିଧା ହେବନାହିଁ। ପିଲାଙ୍କ କଥା ନେଇ ଉନ୍ନତ ମାନର ଫଳ ପାଇବେ। ଜଣେ ବନ୍ଧୁଙ୍କଠାରୁ ଅର୍ଥ ସାହାଯ୍ୟ ପାଇ ଖୁସି ହେବେ।

**କର୍କଟ** ଆଜି କୌଣସି କ୍ଷେତ୍ରରେ ମଧ୍ୟ ଠିକ୍ ନିଷ୍ପତ୍ତି ଆପଣ ନେଇପାରିବେ ନାହିଁ। ପରିବାର ଲୋକମାନଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ସାମାଜିକ ସ୍ତରରେ ବହୁଦିଗରୁ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ବିଶେଷ ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେବା ସୂଚନା ରହିଛି।

**ସିଂହ** ଯେତେ ଖୁସିରେ ରହିବାକୁ ଚାହିଁଲେ ମଧ୍ୟ ଆଜିର ପରିସ୍ଥିତି ଓ ରହୁଥିବା ପରିବେଶ ତାହା କରାଇ ଦେବନାହିଁ। ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ବିଳମ୍ବରେ ପାଇଯିବେ। କର୍ମକ୍ଷେତ୍ରରେ ବାଧା ଉପୁଜିବ ତଥାପି ବ୍ୟସ୍ତ ହୁଅନ୍ତୁ ନାହିଁ, କାମ ଅଟକିବ ନାହିଁ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କନ୍ୟା** ଆଜି ଦିନରେ ଯାହା କରିବେ ଭାବିଚିନ୍ତି ନ କଲେ ପରିସ୍ଥିତି ବିଗିଡ଼ିଯାଇପାରେ। ବହୁ ଚେଷ୍ଟା ପରେ ଋଣ ସୂତ୍ରରେ ଅର୍ଥ ପାଇବା ସକାଶେ ବନ୍ଧୁଙ୍କୁ ମନେଇ ପାରନ୍ତି। ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଆଗରେ ନ ହେଲେ ମଧ୍ୟ ପଛରେ ବିଭିନ୍ନ ପ୍ରକାର ସମାଲୋଚନାମୂଳକ ମନ୍ତବ୍ୟ ଦେବେ।

**ତୁଳା** ପ୍ରତ୍ୟେକ କ୍ଷେତ୍ରରେ ଆଳସ୍ୟ ଓ ଅବହେଳା ସାଙ୍ଗକୁ କାଳକ୍ଷେପଣ ନୀତି ହେତୁ ମନରେ ସରସତା ରହିବ ନାହିଁ। କାମରେ ମନଦେଇ କାମଟିକୁ ପୂରା ନ କରିବା ଯାଏଁ ଛାଡ଼ିବେ ନାହିଁ। ନିଜର ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

**ବିଛା** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବ। ଆର୍ଥିକ ଅଭିବୃଦ୍ଧି ସାଙ୍ଗକୁ କର୍ମଜଞ୍ଜାଳ ମଧ୍ୟ ବୃଦ୍ଧି ପାଇବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ଆପଣ ବିଜୟୀ ହେବେ। ବ୍ୟବସାୟ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ଧନୁ** ପରିସ୍ଥିତି ବଦଳିଯିବ ଏବଂ ପ୍ରତ୍ୟେକ କ୍ଷେତ୍ରରେ ସ୍ୱଚିନ୍ତାଧାରା ଅନୁଯାୟୀ କାମ ହାସଲରେ ସମର୍ଥ ହେବେ। ପିଲାଙ୍କ ବିବାହ ସମ୍ପର୍କିତ ନୂତନ ବନ୍ଧୁ ପ୍ରସ୍ତାବ ପାଇଁ ଯୋଗାଯୋଗ କରି କୃତକାର୍ଯ୍ୟ ହେବେ। ହାତକୁ ନେଇଥିବା କେତେକ ଉନ୍ନୟନ କାମ ବାଧାପ୍ରାପ୍ତ ହୋଇପାରେ। ଶାରୀରିକ ସୁସ୍ଥତା ଫେରିବା କାରଣରୁ ମାନସିକ ଶାନ୍ତି ମିଳିବ।

**ମକର** ଭୁଲ୍ ବୁଝାମଣା ନେଇ ବନ୍ଧୁ କିମ୍ବା ସହକର୍ମୀମାନଙ୍କ ସହ ତିକ୍ତତା ଦେଖାଦେଇପାରେ। ବାଣିଜ୍ୟ, ବ୍ୟବସାୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ପାରିବାରିକ ଜୀବନରେ ଉତ୍ଥାନ ପତନ ଲାଗି ରହିବ।

**କୁମ୍ଭ** ନିଜ ଲୋକଙ୍କ କାର୍ଯ୍ୟକଳାପ ନେଇ ବ୍ୟସ୍ତ ହୋଇପାରନ୍ତି। ସ୍ତ୍ରୀ କିମ୍ବା ଭାଇଙ୍କ ସ୍ୱାସ୍ଥ୍ୟ ସକାଶେ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆରମ୍ଭ କରିବାକୁ ଥିବା କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। ଜମିଜମା, ଯାନ୍ତ୍ରିକ ଜିନିଷ କିମ୍ବା ଧାତୁ ଅଳଙ୍କାର କ୍ରୟବିକ୍ରୟ ପାଇଁ ଚିନ୍ତା କରିବେ।

**ମୀନ** ଚେଷ୍ଟା କରୁଥିବା କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବାରୁ ମନ ଖୁସିହୋଇଯିବ। ବନ୍ଧୁଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନାନ୍ତର ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା ଆସିବା ସାଙ୍ଗକୁ ପ୍ରିୟବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ।


# classifieds Everyday
0674-2580101, 2549302




**SALE**

Sum Hospitalରୁ 5k.m. ଭିତରେ gharabari yellowzone, electricity, 30'road, boundary ସହିତ plot ମିଳୁଅଛି। Contact: 8917697736, 7750068828. D-21562

ଭୁବନେଶ୍ୱର Sum Hospital ନିକଟବର୍ତ୍ତୀ ଅନ୍ଧାରୁଆରେ boundary, electricity, gated societyରେ plot କିଣି immediate ଘର କରନ୍ତୁ। 9437005434. D-70898

3/2BHK furnished flat available near Amber Showroom, Patrapada. 9861037729, 9040337729. D-71412

ପାରାଦୀପଠାରେ ବିଶ୍ୱର Business Hub ହେବାକୁ ଯାଉଥିବା ବଡ଼ବନ୍ଧ Railway Station ପାଖରେ litigation free, ପ୍ରଦୂଷଣମୁକ୍ତ ଏକ ଏକର ଘରବାଡ଼ି commercial ଜାଗା ବିକ୍ରିହେବ (Single Owner). ଷ୍ଟାର୍ ହୋଟେଲ୍, ମାର୍କେଟ୍ କମ୍ପ୍ଲେକ୍ସ, ହସ୍ପିଟାଲ୍, ଆପାର୍ଟମେଣ୍ଟ ଇତ୍ୟାଦି ପାଇଁ ଉପଯୁକ୍ତ। 8917413036. D-71151

2BHK Simplex Santola near Trinath Bazar (Nakhara) rate-28,50,000/- Bank Loan available. 7978230118, 8249477254. D-70886

Land Owner plot for sale Patrapada CV Raman College yellowzone, Price-999/-. 9437335686, 7008487006. D-21504

2/3 BHK flats sale at Mancheswar Railway Station, Bhubaneswar discount upto-5,00,000/-. 8114982646, 9040744989. D-70890

ଭୁବନେଶ୍ୱର ଚନ୍ଦକାରେ BCCST College ପାଖରେ ରୋଡ୍, Electricity, Water ସୁବିଧା ଥାଇ ବାସୋପଯୋଗୀ ଘରବାରି ପ୍ଲଟ୍ ମିଳୁଛି। 7735922768, 7326820978. D-70897

30'road gharabari plot at Ghangapatna 4kms from Sum Hospital and commercial/residential plot Pitapalli NH side. 7978601422. D-70879

ଭୁବନେଶ୍ୱର ବିକାଶ ସ୍କୁଲ ନିକଟରେ ଘରବାରି ପ୍ଲଟ୍ sqft.-650/-, ସୁନ୍ଦରପଦାରେ 1500/-, 9937984256. D-70899

Bhubaneswar infocity-2 ପାଖରୁ 200mtrs distance ଘରବାରି ପଟ୍ଟା (4plots) 30ft. road, electricity available. Rate-21,00,000/-, 7978444805. D-70900

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (Outright). 9348232008. D-21430

ଭୁବନେଶ୍ୱର ଚନ୍ଦକାରେ Nalanda ଓ BCCST College ପାଖରେ road, electricity, water ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ possession ଥାଇ ମିଳୁଛି। 9348870771, 9090543542. D-70889

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Construct your dream home with branded materials, plan approval, elevation, bank loan with Bastu complaints. Contact- Bhulaxmi Group. 7609931239, 7978230118. D-70888

Construct your home with branded material. We provide plan approval, boring, vastu. 7789824989, 9040744989. D-70891




Gents readymade Garments Shop 600sqft. with stocks at Dargha Bazar, Cuttack, Contact: 9937458387. D-21566

4000sqft. Godown with office space for rent at BJB Nagar. Contact: 9937095445. D-70478

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open full body massage ladies and gents. 7894304092, 8327740003. D-70481

Newly Open Saikrupa Panchakarma Spa positively health benefits with Expert. 8984068077. D-21564

Refreshments rejuvenation body massage therapy with experience therapists, Bhubaneswar. 9668374480. D-71143

Newly open SPA Offer @599/-, positively health benefits, Kalpana. 8984846329. D-71413

Refreshing your mind, your body with tha best therapy at Lotus SPA. 8018891951. D-70474

Refreshing your mind, your body with tha best therapy at Lotus SPA. 8018891951. D-70482

Swarna SPA newly open positively health benefits with expert therapist. 9556978408. D-71150

Newly open SPA Offer @699/-, positively health benefits, Jaydevbihar. 7846814019. D-71411

Newly open therapy centre offer @ 799/-, positively health benefits. 7381172169. D-71410

# ୩୨୦୬.୮୮ କୋଟି ଜିଏସ୍‌ଟି କ୍ଷତିପୂରଣ ମିଳିନି

ଭୁବନେଶ୍ୱର,୬।୯(ବ୍ୟୁରୋ)

ରାଜ୍ୟ ସରକାର ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଦ୍ରବ୍ୟ ଓ ସେବା ଟିକସ(ଜିଏସ୍‌ଟି) କ୍ଷତିପୂରଣ ବାବଦରେ କେନ୍ଦ୍ର ନିକଟରେ ୮୬୮୮.୧୯ କୋଟି ଟଙ୍କାର କ୍ଷତିପୂରଣ ଦାବି କରିଥିଲେ। ସେଥିମଧ୍ୟରୁ ରାଜ୍ୟ ସରକାର ୧୬୫୯.୩୧ କୋଟିର କ୍ଷତିପୂରଣ ପାଇଥିବା ବେଳେ ବ୍ୟାକ୍ ଟୁ ବ୍ୟାକ୍ ଋଣ ବାବଦକୁ ୩୮୨୨.୦୦ କୋଟି ପାଇଛନ୍ତି। ରାଜ୍ୟ ସରକାର ୨୦୨୦-୨୧ ଆର୍ଥିକ ବର୍ଷ ଲାଗି ୩୨୦୬.୮୮ କୋଟି କ୍ଷତିପୂରଣ ବାବଦକୁ ପାଇବାର ଅଛି ବୋଲି ସୋମବାର ବିଧାନସଭା ପ୍ରଶ୍ନକାଳରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ସୂଚନା ଦେଇଛନ୍ତି।

ବିଜେଡି ସଭ୍ୟ ଅମର ଶତପଥୀ ମୂଳ ପ୍ରଶ୍ନ ୧୨୨ରେ ଜିଏସ୍‌ଟି ପ୍ରଚଳନ ହେବା ପରଠାରୁ ରାଜ୍ୟ ସରକାର କ୍ଷତିପୂରଣ ବାବଦକୁ କେତେ ଅର୍ଥ କେନ୍ଦ୍ର ସରକାରଙ୍କଠାରୁ ପାଇଛନ୍ତି। ବାକି ଅର୍ଥ ପାଇଁ କେନ୍ଦ୍ର ସରକାର କେଉଁ ସମୟ ସୀମା ଧାର୍ଯ୍ୟ କରିଛନ୍ତି ବୋଲି ପଚାରିଥିଲେ।

ମନ୍ତ୍ରୀ କହିଛନ୍ତ,୧୦୧ତମ ସମ୍ବିଧାନ ସଂଶୋଧନ ଅଧିନିୟମ, ୨୦୧୬ ଅନୁସାରେ ଜିଏସ୍‌ଟି ପ୍ରଚଳନ ଫଳରେ ରାଜ୍ୟର ରାଜସ୍ୱ ଆଦାୟରେ କ୍ଷତି ଘଟିଲେ ୫ ବର୍ଷ ପାଇଁ କ୍ଷତିପୂରଣ ଦିଆଯିବ। ଏଥି ନିମନ୍ତେ ଦ୍ରବ୍ୟ ଓ ସେବା ଟିକସ (ରାଜ୍ୟକୁ କ୍ଷତିପୂରଣ ) ଆଇନ-୨୦୧୭ କାର୍ଯ୍ୟକାରୀ ହୋଇଛି। କ୍ଷତିପୂରଣ ପାଇଁ ୨୦୧୫-୧୬ ଆର୍ଥିକ ବର୍ଷର ସଂଗୃହୀତ ଟିକସ ପରିମାଣକୁ ମୂଳ ବର୍ଷର ଟିକସ ରୂପେ ଗ୍ରହଣ କରାଯାଇଛି। ୧୪ ପ୍ରତିଶତ ବାର୍ଷିକ ଅଭିବୃଦ୍ଧି ହାର ନିଆଯାଇଛି। ୨୦୧୫-୧୬ ଆର୍ଥିକ ବର୍ଷରେ ରାଜ୍ୟ ସରକାର ଜିଏସ୍‌ଟିରେ ମିଶ୍ରଣ ଘଟିଥିବା ଟିକସ ବାବଦକୁ ୧୧୦୪୯.୩୪ କୋଟି ଟଙ୍କା ପାଇଥିଲେ। ସୁନିଶ୍ଚିତ ରାଜସ୍ୱରୁ ବାସ୍ତବରେ ସଂଗୃହୀତ ରାଜସ୍ୱକୁ ବିୟୋଗ କରି ଅବଶିଷ୍ଟ ପରିମାଣକୁ କ୍ଷତିଭରଣା ଭାବେ କେନ୍ଦ୍ର ସରକାର ପ୍ରଦାନ କରିଥାନ୍ତି। କ୍ଷତିଭରଣା ପ୍ରତ୍ୟେକ ତ୍ରୈମାସିକ କିସ୍ତିରେ ମିଳୁଛି। ମୂଳ ଆର୍ଥିକ ବର୍ଷରେ (୨୦୧୫-୧୬) ସଂଗୃହୀତ ରାଜସ୍ୱରେ ବାର୍ଷିକ ୧୪ ପ୍ରତିଶତ ଅଭିବୃଦ୍ଧି ହାର ପ୍ରୟୋଗ କରାଯାଇ ୨୦୧୭-୧୮ ( ୨୦୧୭ ଜୁଲାଇରୁ ୨୦୧୮ ମାର୍ଚ୍ଚ ) ପର୍ଯ୍ୟନ୍ତ ୧୦୭୬୯.୭୯ କୋଟି ଟଙ୍କା ସୁନିଶ୍ଚିତ ରାଜସ୍ୱ (ପ୍ରୋଟେକ୍ଟେଡ ରେଭିନ୍ୟୁ) ଆକଳନ ହୋଇଥିଲା। ସୁନିଶ୍ଚିତ ରାଜସ୍ୱରୁ ବାସ୍ତବରେ ସଂଗୃହୀତ ରାଜସ୍ୱକୁ ବିୟୋଗ କରି ଅବଶିଷ୍ଟ ପରିମାଣକୁ କ୍ଷତିଭରଣା ଭାବେ କେନ୍ଦ୍ର ସରକାର ପ୍ରଦାନ କରିଥାନ୍ତି। ଏହି ସମୟ ମଧ୍ୟରେ ଓଡ଼ିଶାରେ ଓଜିଏସ୍‌ଟି ଏବଂ ଜିଏସ୍‌ଟିରେ ମିଶ୍ରଣ ଘଟିଥିବା ଅନ୍ୟାନ୍ୟ ଟିକସ ବାବଦକୁ ୮୪୨୧.୭୧ କୋଟି ଟଙ୍କା ସଂଗୃହୀତ ହୋଇଥିଲା। ରାଜ୍ୟ ସରକାର ଉକ୍ତ ବର୍ଷ ପାଇଁ ୨୩୪୮.୦୮ କୋଟି ଟଙ୍କାର କ୍ଷତିପୂରଣ ପାଇଛନ୍ତି। ୨୦୧୯-୨୦ରେ ୧୮୬୬୧.୮୯ କୋଟି ଟଙ୍କା ରାଜସ୍ୱ ଧାର୍ଯ୍ୟ ହୋଇଥିଲା। ରାଜ୍ୟ ସରକାର ଉକ୍ତ ବର୍ଷ ପାଇଁ ୫୩୩୧.୯୨ କୋଟି ଟଙ୍କା କ୍ଷତିପୂରଣ ଦାବି କରିଥିଲେ ଓ ତାହା ରାଜ୍ୟକୁ ମିଳିସାରିଛି।

୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ୨୧୨୭୪.୫୬ କୋଟି ଟଙ୍କା ସୁନିଶ୍ଚିତ ରାଜସ୍ୱ ଧାର୍ଯ୍ୟ ହୋଇଥିଲା। ଏହି ସମୟ ସୀମା ମଧ୍ୟରେ ଆମ ରାଜ୍ୟରେ ଓଜିଏସ୍‌ଟି ଏବଂ ଜିଏସ୍‌ଟିରେ ମିଶ୍ରଣ ଘଟିଥିବା ଅନ୍ୟାନ୍ୟ ଟିକସ ବାବଦକୁ ୧୨୫୮୬.୩୭ କୋଟି ଟଙ୍କା ସଂଗୃହୀତ ହୋଇଥିଲା। ରାଜ୍ୟ ସରକାର ଉକ୍ତ ଆର୍ଥିକ ବର୍ଷ ପାଇଁ ୩୨୦୬.୮୮ କୋଟି ଟଙ୍କା କ୍ଷତିପୂରଣ ପାଇବାକୁ ବାକି ରହିଛି। ସେହିପରି ଚଳିତ ୨୦୨୧-୨୨ ଆର୍ଥିକ ବର୍ଷର ଜୁଲାଇ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଥିବା ୮୦୮୪.୩୩ କୋଟି ଟଙ୍କା ସୁନିଶ୍ଚିତ ରାଜସ୍ୱ ମଧ୍ୟରୁ ରାଜ୍ୟର କ୍ଷତିଭରଣା ବାବଦକୁ ପ୍ରାୟ ୩୧୯୨.୫୭ କୋଟି ଟଙ୍କା ଆକଳନ ହୋଇଛି। ସେଥିମଧ୍ୟରୁ କେନ୍ଦ୍ର ସରକାର ୩୦୩୩.୧୦ କୋଟି ଟଙ୍କା ( ବ୍ୟାକ୍ ଟୁ ବ୍ୟାକ୍ ଋଣ ) କ୍ଷତିପୂରଣ ବାବଦରେ ପ୍ରଦାନ କରିଛନ୍ତି। ତଥାପି ରାଜ୍ୟ ସରକାର ୨୦୨୧-୨୨ ଆର୍ଥିକ ବର୍ଷର ଜୁଲାଇ ପର୍ଯ୍ୟନ୍ତ ୧୫୯.୪୭ କୋଟି ଟଙ୍କା କ୍ଷତିପୂରଣ ବାବଦକୁ ପାଇବାର ଅଛି।

ସେହିପରି ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ୧୬,୩୭୦.୦୮ କୋଟି ଟଙ୍କା ସୁନିଶ୍ଚିତ ରାଜସ୍ୱ ଧାର୍ଯ୍ୟ ହୋଇଥିଲା। ରାଜ୍ୟ ସରକାର ଉକ୍ତ ବର୍ଷ ପାଇଁ ୪୨୪୧.୦୮ କୋଟି ଟଙ୍କାର କ୍ଷତିପୂରଣ ଦାବି କରିଥିଲେ। ରାଜ୍ୟ ସରକାର ୪୨୪୧.୦୮ କୋଟି ଟଙ୍କାର କ୍ଷତିପୂରଣ ପାଇସାରିଛନ୍ତି।

୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ୧୮୬୬୧.୮୯ କୋଟି ଟଙ୍କା ରାଜସ୍ୱ ଧାର୍ଯ୍ୟ ହୋଇଥିଲା। ରାଜ୍ୟ ସରକାର ଉକ୍ତ ବର୍ଷ ପାଇଁ ୫୩୩୧.୯୨ କୋଟି ଟଙ୍କାର କ୍ଷତିପୂରଣ ଦାବି କରିଥିଲେ। ସମ୍ପୂର୍ଣ୍ଣ କ୍ଷତିପୂରଣ ପାଇସାରିଛନ୍ତି।

୨୦୧୫-୧୬ ଆର୍ଥିକ ବର୍ଷରେ ୮ଗୋଟି ସ୍କିମ୍ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଥିବା ହେତୁ ବାର୍ଷିକ ଅନୁଦାନ ପ୍ରାୟ ୧୮୫୪ କୋଟି ଟଙ୍କା ହ୍ରାସ ପାଇଥିଲା। ସେହିପରି ସ୍ୱାଭାବିକ କେନ୍ଦ୍ରୀୟ ଅନୁଦାନ ଆକାରରେ ମିଳୁଥିବା କେନ୍ଦ୍ରୀୟ ସହାୟତା ମଧ୍ୟ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିଦେଇଥିବାରୁ ବାର୍ଷିକ ପ୍ରାୟ ୬୧୦ କୋଟି ଟଙ୍କା ହ୍ରାସ ପାଇଥିଲା।

ଏହାଛଡ଼ା କେନ୍ଦ୍ର ସରକାର ଅନେକ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାରେ ରାଜ୍ୟକୁ ମିଳୁଥିବା କେନ୍ଦ୍ର ଅଂଶ ଓ ରାଜ୍ୟ ଅଂଶର ଅନୁପାତ ୬୦:୪୦ କରିବା ଦ୍ୱାରା ରାଜ୍ୟ ଅଂଶ ବୃଦ୍ଧି ପାଇଲା।

ରାଜ୍ୟକୁ କେତେ ଜିଏସ୍‌ଟି କ୍ଷତିପୂରଣ ମିଳିଛି ଓ କେନ୍ଦୁପତ୍ର ଉପରେ ଜିଏସ୍‌ଟି ଛାଡ଼ କରିବା ନେଇ ରାଜ୍ୟ ସରକାର କି ପଦକ୍ଷେପ ନେଇଛନ୍ତି ସେ ନେଇ ବିଜେଡି ସଭ୍ୟ ଦେବୀ ପ୍ରସାଦ ମିଶ୍ର, ପ୍ରଦୀପ କୁମାର ଅମାତ ଅର୍ଥମନ୍ତ୍ରୀଙ୍କଠାରୁ ଜାଣିବାକୁ ଚାହିଁଥିଲେ। ମନ୍ତ୍ରୀ କହିଥିଲେ, ରାଜ୍ୟକୁ ଜିଏସ୍‌ଟି କ୍ଷତିପୂରଣ ସମ୍ପୂର୍ଣ୍ଣ ମିଳୁ ନାହିଁ। କେନ୍ଦୁପତ୍ର ଉପରେ ଜିଏସ୍‌ଟି ଛାଡ କରିବା ନେଇ ରାଜ୍ୟ ସରକାର ବହୁବାର ଜିଏସ୍‌ଟି କାଉନସିଲରେ ଦାବି କରିଛନ୍ତି। ତେବେ ଏ ନେଇ କେନ୍ଦ୍ର ସରକାର ଏ ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେଇନାହାନ୍ତି।

## କେନ୍ଦୁପତ୍ର ଉପରେ ଜିଏସ୍‌ଟି ଛାଡ଼ ନେଇ ନିଷ୍ପତ୍ତି ହୋଇନି: ଅର୍ଥମନ୍ତ୍ରୀ



ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଧାନସଭାରେ ଉତ୍ତର ରଖୁଛନ୍ତି।

# ୨୦୨୧ ଅଗଷ୍ଟ ସୁଦ୍ଧା କୋଭିଡ୍‌ରେ ମରିଛନ୍ତି ୮୦୨୮

ଭୁବନେଶ୍ୱର, ୬।୯(ବ୍ୟୁରୋ)

ରାଜ୍ୟରେ କୋଭିଡ୍ ମୃତ୍ୟୁକୁ ନେଇ ସବୁବେଳେ ଦ୍ୱନ୍ଦ୍ୱ ଲାଗି ରହିଛି। ରାଜ୍ୟ ସରକାର ଦେଉଥିବା ତଥ୍ୟ ଠିକ୍ ନୁହେଁ ବୋଲି ବିରୋଧୀ ଅଭିଯୋଗ କରିଆସୁଛନ୍ତି। ତେବେ ସରକାର ଦୈନିକ ଯେଉଁ ତଥ୍ୟ ଦେଉଛନ୍ତି ତା'ଠାରୁ ଢେର ଅଧିକ ମଶାଣିରେ ଦାହ କରାଯାଉଛି ବୋଲି ଉଭୟ ଭାଜପା ଏବଂ କଂଗ୍ରେସ ସବୁବେଳେ ଦାବି କରିଆସୁଛନ୍ତି। ଏହାରି ଭିତରେ ସରକାରୀ ତଥ୍ୟ ଅନୁଯାୟୀ, ରାଜ୍ୟରେ ୨୦୨୧ ଜୁନ୍ ସୁଦ୍ଧା ୮୦୨୮ ଜଣ କୋଭିଡ୍‌ରେ ମୃତ୍ୟୁବରଣ କରିଥିବା ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ସୋମବାର ବିଧାନସଭାରେ ସୂଚନା ଦେଇଛନ୍ତି।

ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଦାସ କହିଛନ୍ତି, ୩୦ ଜିଲା ମଧ୍ୟରୁ ଖୋର୍ଦ୍ଧାରେ ସର୍ବାଧିକ ୧୪୬୦ ଜଣ ମୃତ୍ୟୁବରଣ କରିଛନ୍ତି। ଏହାପରେ କଟକରେ ସର୍ବାଧିକ ୮୦୫ ଜଣଙ୍କ ମୃତ୍ୟୁ ଘଟିଛି। ସେହି ଅନୁସାରେ, ଅନୁଗୋଳରେ ୩୭୬, ବରଗଡ ୩୩୬, ବାଲେଶ୍ୱର ୨୭୭, ଭଦ୍ରକ ୧୩୯, ବଲାଙ୍ଗୀର ୧୨୮, ବୌଦ୍ଧ ୧୧୦, ଦେଓଗଡ ୫୦, ଢେଙ୍କାନାଳ ୨୩୯, ଗଜପତି ୮୨, ଗଞ୍ଜାମ ୪୬୯, ଜଗତ୍‌ସିଂହପୁର ୨୯୩, ଯାଜପୁର ୧୫୯, ଝାରସୁଗୁଡା ୧୭୫, କଳାହାଣ୍ଡି ୨୦୭, କନ୍ଧମାଳ ୮୨, କେନ୍ଦ୍ରାପଡା ୨୪୧, କେନ୍ଦୁଝର ୧୬୯, କୋରାପୁଟ ୭୭, ମାଲକାନଗିରି ୪୬, ମୟୂରଭଞ୍ଜ ୨୭୦, ନବରଙ୍ଗପୁର ୭୩, ନୟାଗଡ ୨୦୫, ନୂଆପଡ଼ା ୮୪, ପୁରୀ ୪୩୬, ରାୟଗଡା ୧୬୮, ସମ୍ବଲପୁର ୨୪୨, ସୁବର୍ଣ୍ଣପୁର ୫୮ ଏବଂ ସୁନ୍ଦରଗଡରେ ୫୭୨ ଜଣଙ୍କ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟମନ୍ତ୍ରୀ ଉତ୍ତରରେ ଦର୍ଶାଇଛନ୍ତି। ସେ ଆହୁରି କହିଛନ୍ତି, କୋଭିଡ୍‌ରେ ମୃତବ୍ୟକ୍ତିଙ୍କ ମୃତ୍ୟୁ ପ୍ରମାଣପତ୍ର ପଞ୍ଜୀକରଣ ପରେ ପ୍ରଦାନ କରାଯାଉଛି। ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ଅଧିନିୟମ ୧୯୬୯ର ଧାରା ୧୭(୧) ଅନୁଯାୟୀ ମୃତ୍ୟୁ ପ୍ରମାଣପତ୍ରରେ ମୃତ୍ୟୁର କାରଣ ସମ୍ବନ୍ଧୀୟ ସବିଶେଷ ବିବରଣୀ ରହିବାର ପ୍ରାବଧାନ ନ ଥିବା ସେ କହିଛନ୍ତି।

ଅନ୍ୟପଟେ ୨୦୨୧ ଅଗଷ୍ଟ ଶେଷ ସୁଦ୍ଧା ରାଜ୍ୟ ସରକାର ୧୦୪୦ କୋଟି ୧୯ ଲକ୍ଷ ୨୭ ହଜାର ୬୦୫ ଟଙ୍କା କୋଭିଡ୍ ମୁକାବିଲା ନେଇ ଖର୍ଚ୍ଚ କରିଛନ୍ତି। ସେଥିରୁ କେନ୍ଦ୍ର ସରକାର ମୋଟ ୩୮ କୋଟି ୮୬ ଲକ୍ଷ ଟଙ୍କା ପ୍ରଦାନ କରିଥିବା ମନ୍ତ୍ରୀ ଦାସ ବିଧାନସଭାରେ ବିଧାୟକ ତାରାପ୍ରସାଦ ବାହିନୀପତି ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି। ସେହିପରି କୋରାପୁଟ ଜିଲା ବିଧାୟକମାନଙ୍କ ପାଣ୍ଠିରୁ ୭୭ ଲକ୍ଷ ୩୮ ହଜାର ୪୨ଟ ଟଙ୍କା ଖର୍ଚ୍ଚ ହୋଇଥିବା ମନ୍ତ୍ରୀ ଦାସ ସୂଚନା ଦେଇଛନ୍ତି।

## କରୋନା ମୁକାବିଲାରେ ସରକାର ଖର୍ଚ୍ଚ କରିଛନ୍ତି ୧୦୪୦ କୋଟି ୧୯ ଲକ୍ଷ




ପୁନଃ ନିଯୁକ୍ତି ସହିତ ନିୟମିତ ଶିକ୍ଷକ ମାନ୍ୟତା ଦାବିରେ ୨୦୦୩-୦୪ ବ୍ୟାଚ୍ ଶିକ୍ଷା ସହାୟକ ସଂଘ ଓଡ଼ିଶା ପକ୍ଷରୁ ସୋମବାର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ୨ ବର୍ଷରେ ଓଡ଼ିଶାକୁ କେନ୍ଦ୍ର ଦେଇଛି ୪୦୫ କୋଟି

ଭୁବନେଶ୍ୱର,୬।୯(ବ୍ୟୁରୋ)

କୋଭିଡ୍ ସମୟରେ ଗତ ୨ ବର୍ଷରେ କେନ୍ଦ୍ର ସରକାର ଓଡ଼ିଶାକୁ ୪୦୫ କୋଟି ଟଙ୍କା ଦେଇଛନ୍ତି। ସୋମବାର ବିଜେଡି ସଭ୍ୟ ମୌଷଧୀ ବାଗଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

ଅର୍ଥମନ୍ତ୍ରୀ କହିଛନ୍ତି ଯେ କେନ୍ଦ୍ର ସରକାର କୋଭିଡ୍-୧୯ ଜନିତ ସମସ୍ୟାର ପରିଚାଳନା ନିମନ୍ତେ ୨୦୨୦-୨୧ ଆର୍ଥିକ ବର୍ଷରେ ସ୍ୱତନ୍ତ୍ର ଭାବରେ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ଯୋଜନା ଅଧୀନରେ ୧୪୬ କୋଟି ୪୪ ଲକ୍ଷ ଟଙ୍କା ଦେଇଥିଲେ। ସେହିପରି ୨୦୨୧-୨୨ ଆର୍ଥିକ ବର୍ଷର ଜୁଲାଇ ଶେଷ ସୁଦ୍ଧା ଇସିଆର୍‌ପି ଯୋଜନାରେ ୨୫୮ କୋଟି ୫୯ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ରାଜ୍ୟ ସରକାର ନିଜସ୍ୱ ସମ୍ବଳ ବିନିଯୋଗ କରି ଅନେକ ପଦକ୍ଷେପ ନେଇ ସଫଳତାର ସହିତ କୋଭିଡ୍-୧୯ଜନିତ ସମସ୍ୟାର ମୁକାବିଲା କରିପାରିଛନ୍ତି। ଏଥିସହିତ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ତଥା ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି ଜରିଆରେ ଉଭୟ କେନ୍ଦ୍ର ଓ ରାଜ୍ୟ ଅଂଶକୁ ମିଶାଇ କୋଭିଡ୍-୧୯ଜନିତ ସମସ୍ୟାର ମୁକାବିଲା କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

## କୋଭିଡ୍ ମୁକାବିଲା

# ଆସନ୍ତାବର୍ଷରୁ ସୁନ୍ଦରଗଡ଼ ମେଡିକାଲ କଲେଜରେ ନାମଲେଖା

ଭୁବନେଶ୍ୱର,୬।୯(ବ୍ୟୁରେ)

ଆସନ୍ତା ୨୦୨୨-୨୩ ଶିକ୍ଷାବର୍ଷରୁ ସୁନ୍ଦରଗଡ଼ଠାରେ ଏନ୍‌ଟିପିସି ସହାୟତାରେ ନିର୍ମାଣାଧୀନ ମେଡିକାଲ କଲେଜ ଓ ହସ୍ପିଟାଲରେ ନାମଲେଖା ଆରମ୍ଭ ହେବ। ରାଜ୍ୟ ସରକାରଙ୍କ ଖର୍ଚ୍ଚରେ ୧୦୦ ଜଣ ଏମ୍‌ବିବିଏସ୍ ଛାତ୍ର ବାର୍ଷିକ ନାମଲେଖା ସହ ୫୦୦ ଶଯ୍ୟାବିଶିଷ୍ଟ ହସ୍ପିଟାଲରେ ରୋଗୀସେବା ଆରମ୍ଭ ହେବ। ସୋମବାର ବିଧାନସଭାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଏହି ସୂଚନା ଦେଇଛନ୍ତି।

ଶୂନ୍ୟକାଳରେ ସ୍ୱାସ୍ଥ୍ୟମନ୍ତ୍ରୀ ଏ ସଂକ୍ରାନ୍ତରେ ବିବୃତି ରଖି କହିଛନ୍ତି, ସୁନ୍ଦରଗଡ଼ ଜିଲାରେ ଏନ୍‌ଟିପିସି ସହାୟତାରେ ଏକ ମେଡିକାଲ କଲେଜ ଓ ହସ୍ପିଟାଲ ନିର୍ମାଣ ପାଇଁ ୨୦୧୩ରେ ରାଜ୍ୟ ସରକାର ଓ ଏନ୍‌ଟିପିସି ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। ତଦନୁଯାୟୀ ଏନ୍‌ଟିପିସି ଏହି ମେଡିକାଲ କଲେଜ ନିର୍ମାଣ ପାଇଁ ତାହାର ସିଏସ୍‌ଆର୍ ପାଣ୍ଠିରୁ ୩୫୦ କୋଟି ଟଙ୍କା ବ୍ୟୟ କରିବ ଏଥିପାଇଁ ରାଜ୍ୟ ସରକାର ବିନା ମୂଲ୍ୟରେ ୨୧ ଏକର ଜମି ଯୋଗାଇ ଦେଇଛନ୍ତି।

ପଶ୍ଚିମ ଓଡ଼ିଶାର ବୁଦ୍ଧିଜୀବୀ, ନେତା, ଆଇନଜୀବୀ ଓ ସାଧାରଣ ଜନତାଙ୍କ ଦାବିକୁ ଦୃଷ୍ଟିରେ ରଖି ଏବଂ ଏହି ସ୍ଥାନରେ ସଡ଼କ ଓ ଆକାଶ ମାର୍ଗରେ ଯୋଗାଯୋଗର ସୁବିଧା, ପଡ଼ୋଶୀ ରାଜ୍ୟ ବିହାରରେ ଦ୍ୱିତୀୟ ଏମ୍‌ସ ପ୍ରତିଷ୍ଠା ଓ ପଶ୍ଚିମ ଓଡ଼ିଶାରେ ଉନ୍ନତମାନର ରୋଗୀସେବା ପାଇଁ ମୁଖ୍ୟ ଶାସନ ସଚିବ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କୁ ୨୦୨୦ ନଭେମ୍ବର ୨୪ରେ ସୁନ୍ଦରଗଡରେ ଦ୍ୱିତୀୟ ଏମ୍‌ସ ପ୍ରତିଷ୍ଠା ଲାଗି ଚିଠି ଲେଖି ଅନୁରୋଧ କରିଥିଲେ। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ହିସାବରେ ଚଳିତବର୍ଷ ମାର୍ଚ୍ଚରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କୁ ମଧ୍ୟ ଏସଂକ୍ରାନ୍ତରେ ସେ ନିଜେ ଅନୁରୋଧ କରିଥିବା ନବ କହିଛନ୍ତି।

ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ତରଫରୁ ଭୁବନେଶ୍ୱର ଏମ୍‌ସ ନିର୍ଦ୍ଦେଶିକାଙ୍କ ନେତୃତ୍ୱରେ ଏକ ୬ଜଣିଆ କେନ୍ଦ୍ରୀୟ ଟିମ୍ ଚଳିତବର୍ଷ ଏପ୍ରିଲରେ ସୁନ୍ଦରଗଡ ପରିଦର୍ଶନ କରିଥିଲେ। ଏହି ଟିମ୍ ସୁନ୍ଦରଗଡ ମେଡିକାଲ କଲେଜ ଓ ହସ୍ପିଟାଲର ଭିତ୍ତିଭୂମି ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ଜିଲାପାଳଙ୍କ ସହିତ ଆଲୋଚନା ସମୟରେ ୨୦୦ ଏକର ଜମି ଆବଶ୍ୟକ ପଡିବ ବୋଲି କହିଥିଲେ। ରାଜ୍ୟ ସରକାର ଏହି ଜମି ଯୋଗାଇବାକୁ ପ୍ରତିଶ୍ରୁତି ଦେବା ସହିତ ଜିଲା ଖଣିଜ ପାଣ୍ଠିରୁ ଦ୍ୱିତୀୟ ଏମ୍‌ସ ନିର୍ମାଣ ପାଇଁ ଅର୍ଥ ଯୋଗାଇ ଦେବାକୁ ରାଜି ହୋଇଥିଲେ। ତେବେ ଇତିମଧ୍ୟରେ ୫ ମାସ ବିତି ଯାଇଥିଲେ ମଧ୍ୟ କେନ୍ଦ୍ର ସରକାରଙ୍କଠାରୁ ଦ୍ୱିତୀୟ ଏମ୍‌ସ ନିର୍ମାଣ ନେଇ କୌଣସି ଉତ୍ତର ମିଳୁ ନ ଥିବା ମନ୍ତ୍ରୀ କହିଛନ୍ତି। ଯଦି କେନ୍ଦ୍ର ସରକାର ସୁନ୍ଦରଗଡଠାରେ ଦ୍ୱିତୀୟ ଏମ୍‌ସ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନେବେ ତେବେ ରାଜ୍ୟ ସରକାର ଏଥିପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବେ ବୋଲି ମନ୍ତ୍ରୀ କହିଛନ୍ତି।

## ଦ୍ୱିତୀୟ ଏମ୍‌ସ ପାଇଁ କେନ୍ଦ୍ରରୁ ମିଳୁନି ସବୁଜ ସଙ୍କେତ

# ସରକାର ମରୁଡ଼ି ସ୍ୱୀକାର କରନ୍ତୁ: ବିରୋଧୀ

ଭୁବନେଶ୍ୱର,୬।୯(ବ୍ୟୁରେ)

ରାଜ୍ୟରେ ସ୍ୱଳ୍ପ ବର୍ଷା ଯୋଗୁ ଅନେକ ଜିଲାରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ଚାଷକାର୍ଯ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ଏହାକୁ ନେଇ ବିଧାନସଭାରେ ବିରୋଧୀ ଭାଜପା ଓ କଂଗ୍ରେସ ସରକାରଙ୍କୁ ଘେରିଛନ୍ତି। ମରୁଡ଼ି ପରିସ୍ଥିତିକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ମୋଶନ ଅଣାଯାଇ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳ ମଲ୍ଲିକ 'ରାଜ୍ୟରେ ସାମ୍ପ୍ରତିକ ଅନାବୃଷ୍ଟି ଏବଂ ତଜ୍ଜନିତ ପରିସ୍ଥିତି' ସମ୍ପର୍କରେ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଏକ ମୋଶନ ଆଣିଥିଲେ। ଏହି ମୋଶନ ଉପରେ ଆଲୋଚନା ଆରମ୍ଭ କରି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଛନ୍ତି, ଓଡ଼ିଶାରେ ଭୟଙ୍କର ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। ସରକାର ଏହାକୁ ନେଇ ଗମ୍ଭୀର ନାହାନ୍ତି। ମରୁଡିକୁ ନେଇ ସରକାର ସବୁବେଳେ ଉପରଠାଉରିଆ ଉତ୍ତର ଦେଉଛନ୍ତି। ୨୨ ବର୍ଷ ସରକାର କରିବା ପରେ ମରୁଡି ପ୍ରତିକାର ପାଇଁ ଆଉ କେତେବର୍ଷ ନେବେ। ଜଳସେଚନ ଅଭାବରୁ ରାଜ୍ୟରେ ମରୁଡି ସୃଷ୍ଟି ହୋଇଛି, ସରକାର ଏକଥାକୁ ସ୍ୱୀକାର କରିବା ଦରକାର। ଜଳସେଚନ ନ ହେବାରୁ ରାଜ୍ୟରେ ସ୍ଥିତି ଦୟନୀୟ ହେବାକୁ ଯାଉଛି। ଜାତୀୟସ୍ତରରେ ଜଳସେଚନ ୫୩% ରହିଥିବା ବେଳେ ପଞ୍ଜାବ ଓ ହରିୟାଣା ଭଳି କମ୍ ବର୍ଷା ହେଉଥିବା ରାଜ୍ୟରେ ୯୫% ଜଳସେଚନ ସୁବିଧା ରହିଛି। ୨୨ ବର୍ଷ କ୍ଷମତାରେ ରହିଲେ, ଗୋଟିଏ ବି ନଦୀବନ୍ଧ କରିପାରିଲେ ନାହିଁ। ଆମେ ସବୁବେଳେ ବିରୋଧୀ ଦଳରେ ବସିବୁ, ହେଲେ ରାଜ୍ୟର ଚାଷୀକୁଳକୁ ରକ୍ଷା କରିବା ପାଇଁ ସରକାର ଯୋଜନା କରନ୍ତୁ। ଚାଷୀ ଭାସିଗଲେ ଆମେ ସମସ୍ତେ ଭାସିଯିବା ବୋଲି ସେ କହିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ରାଜ୍ୟ ସରକାର ଯାହା କହନ୍ତି, ତାହା କରନ୍ତି ନାହିଁ। ୨୦୦୮ରେ ଚାଷୀଙ୍କୁ ମାଗଣାରେ ବିଜୁଳି ଦେବେ ବୋଲି କହିଥିଲେ। ତାହା କଲେ ନାହିଁ। ପଶ୍ଚିମ ଓଡ଼ିଶାରେ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ କରିବେ ବୋଲି ଘୋଷଣା କରିଥିଲେ। ସେ ବି ସେମିତି ରହିଗଲା। ଲୋୟର ସୁକତେଲ ପ୍ରକଳ୍ପ କଂଗ୍ରେସ ସରକାର ଅମଳରେ ଆରମ୍ଭ ହୋଇଥିଲା। ଏପର୍ଯ୍ୟନ୍ତ ପ୍ରକଳ୍ପ କାମ ଶେଷ ହୋଇ ନାହିଁ। ଜଳସେଚନ ପାଇଁ କେନ୍ଦ୍ରୀୟ ଅନୁଦାନ କମି କମି ଯାଉଛି। ରାଜ୍ୟ ସରକାର ଭାଜପା ସହ ମିଶିକରି ରହିଛନ୍ତି। ଉପା ସରକାର ବେଳେ ମୁହଁ ଖୋଲୁଥିଲେ। ଏବେ କିନ୍ତୁ ଚୁପ ରହିଛନ୍ତି। ମରୁଡି ହେଉଛି ବୋଲି ସମସ୍ତେ କହୁଛନ୍ତି। ତେବେ ରାଜ୍ୟ ସରକାର ମରୁଡି ଘୋଷଣା କାହିଁକି କରୁନାହାନ୍ତି ତାହା ବୁଝାପଡୁନାହିଁ। ସରକାର ମରୁଡି ପାଇଁ ସ୍ଥାୟୀ ପ୍ରତିକାର ଲାଗି ପଦକ୍ଷେପ ନିଅନ୍ତୁ। ମରୁଡି ଯୋଗୁ ଚାଷୀ ଆତ୍ମହତ୍ୟା କଲେଣି। ସରକାର ଏହାକୁ ଗୁରୁତର ସହ ନିଅନ୍ତୁ ବୋଲି ସେ କହିଛନ୍ତି।

ବିଜେଡି ସଭ୍ୟ ଭୂପିନ୍ଦର ସିଂ କହିଛନ୍ତି, ଅନାବୃଷ୍ଟି ଯୋଗୁ ରାଜ୍ୟରେ ମରୁଡି ପରିସ୍ଥିତି ହୋଇଛି। ମରୁଡି ବିଷୟରେ ସରକାର ସମ୍ପୂର୍ଣ୍ଣ ଅବଗତ ଅଛନ୍ତି। ଭୂତଳ ଜଳ ସ୍ତର ତଳକୁ ଖସୁଛି। ଚାଷୀ ହସିଲେ ଦେଶ ହସିବ। ରାଜନୀତିରୁ ଉର୍ଦ୍ଧ୍ୱରେ ରହି ସମ୍ଭାବ୍ୟ ମରୁଡିକୁ ନେଇ ସରକାର ସଜାଗ ଅଛନ୍ତି। କେନ୍ଦ୍ର ସରକାର ନିୟମ କରିଛନ୍ତି, ଅକ୍ଟୋବର ୩୦ ସୁଦ୍ଧା ବର୍ଷା ନ ହେଲେ ମରୁଡି ଘୋଷଣା କରାଯିବ। ଏଠାରେ ଭାଜପା ସଭ୍ୟମାନେ କିପରି ମରୁଡି ଘୋଷଣା ଲାଗି ଦାବି କରୁଛନ୍ତି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚାଷୀଙ୍କୁ ଠିକ୍ ସମୟରେ ବୀମା କମ୍ପାନୀ ଅର୍ଥ ଦେଉ ନାହିଁ। ଚାଷୀଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ଦରଦ ଥିଲେ ଠିକ୍ ସମୟରେ ସାର ମିଳିପାରନ୍ତା ବୋଲି ସେ କହିଛନ୍ତି। ଏହି ଆଲୋଚନାରେ ଭାଜପା ସଭ୍ୟ ମୁକେଶ ମହାଲିଙ୍ଗ, କୁସୁମ ଟେଟେ, ନବ ଚରଣ ମାଝୀ, କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ, ଅଧିରଞ୍ଜନ ପାଣିଗ୍ରାହୀ, ବିଜେଡି ସଭ୍ୟ ଅମର ପ୍ରସାଦ ଶତପଥୀ, ପ୍ରଫୁଲ୍ଲ ସାମଲ, ଦେବେଶ ଆଚାର୍ଯ୍ୟ, ଅଶ୍ୱିନୀ ପାତ୍ର, ଧ୍ରୁବ ଚରଣ ସାହୁ, କିଶୋର ନାଏକ, ରାଜ କିଶୋର ଦାସ ଏବଂ ସ୍ୱରୂପ ଦାସ ଭାଗ ନେଇଥିଲେ।

ଶେଷରେ ବିରୋଧୀଙ୍କ ଅଭିଯୋଗର ଉତ୍ତର ଦେଇ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି କହିଛନ୍ତି, ରାଜ୍ୟରେ ଅଧିକାଂଶ ଅଞ୍ଚଳରେ ଖରିଫ ଚାଷ ବର୍ଷା ଉପରେ ନିର୍ଭରଶୀଳ। ଓଡ଼ିଶାରେ ସାଧାରଣତଃ ବାର୍ଷିକ ହାରାହାରି ୧୪୫୧.୨ ମିମି ବୃଷ୍ଟିପାତ ହୋଇଥାଏ। ସେଥିରୁ ୭୯ ଭାଗ ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ହୋଇଥାଏ। ଚଳିତ ବର୍ଷ କମ୍ ବର୍ଷା ହୋଇଥିବାରୁ ଧାନ ଓ ଅଣଧାନ ଚାଷରେ ବିଳମ୍ବ ହୋଇଛି। ଜୁନ୍‌ରେ ୧୬.୬% ଏବଂ ଜୁଲାଇରେ ୨୧.୩% କମ୍ ବୃଷ୍ଟିପାତ ହୋଇଛି। ସେହିପରି ଅଗଷ୍ଟରେ ସ୍ୱାଭାବିକଠାରୁ ୪୪.୭% କମ୍ ବର୍ଷା ହୋଇଛି। ଜୁନ୍‌ରୁ ଅଗଷ୍ଟ ମଧ୍ୟରେ ରାଜ୍ୟରେ ସ୍ୱାଭାବିକଠାରୁ ୨୯.୩%ରୁ କମ୍ ବର୍ଷା ହୋଇଛି। ରାଜ୍ୟରେ ମୋଟ ୫୬.୩୩ ଲକ୍ଷ ହେକ୍ଟର ଚାଷ ହୋଇଛି, ଯାହାକି ଧାର୍ଯ୍ୟଲକ୍ଷ୍ୟର ୯୧% ହେବ। ଗତବର୍ଷ ଏହି ସମୟ ମଧ୍ୟରେ ୯୩% ଜମିରେ ଚାଷ ହୋଇଥିଲା। ଫସଲର ସ୍ଥିତି ସମ୍ବନ୍ଧରେ ମୁଖ୍ୟ ଶାସନ ସଚିବ ନିକଟରେ ଜିଲାପାଳଙ୍କ ସହ ଆଲୋଚନା କରି ପଦକ୍ଷେପ ନେବା ଲାଗି ନିର୍ଦ୍ଦେଶ ଦେବା ସହ କମ୍ ବୃଷ୍ଟିପାତ ଅଞ୍ଚଳରେ ଜରୁରିକାଳୀନ ଶସ୍ୟ ଯୋଜନା କରାଯାଇଛି। କମ୍ ବୃଷ୍ଟିପାତ ଯୋଗୁ ୮ ବୃହତ୍ ଜଳଭଣ୍ଡାର ଓ ୧୩ ମଧ୍ୟମ ଜଳଭଣ୍ଡାର ସ୍ଥିତି ଭଲ ନ ଥିବା ବେଳେ ୧୫ଟି ମଧ୍ୟମ ଓ କ୍ଷୁଦ୍ର ଜଳଭଣ୍ଡାର ପ୍ରାୟତଃ ଶୁଷ୍କ ଅବସ୍ଥାରେ ରହିଛି। ମହାନଦୀ ଡେଲ୍‌ଟା ଜଳସେଚନ ଓ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପକୁ ଛାଡ଼ିଦେଲେ ରାଜ୍ୟର ସମସ୍ତ ବ୍ୟାରେଜ ଜଳସେଚନ ପାଇଁ ଅସମର୍ଥ ରହିଛନ୍ତି। ଜଳସେଚନ ବିଭାଗର ଆକଳନ ଅନୁଯାୟୀ ସମସ୍ତ ବୃହତ୍ ଜଳଭଣ୍ଡାର ମାଧ୍ୟମରେ ୯,୬୯,୩୬୪ ହେକ୍ଟର ଖରିଫ ଫସଲ ପାଇଁ ଜଳସେଚନ ବ୍ୟବସ୍ଥା କରାଯାଇଥିଲା। ଚଳିତ ମାସରେ ମଧ୍ୟ ଏହି ଖରିଫ ଜଳସେଚନ ଅବ୍ୟାହତ ରହିପାରେ। ପୂର୍ବରୁ ଓଡ଼ିଶା ରିଲିଫ କୋଡ୍‌ର ପରିଚ୍ଛେଦ ୨୯ ଏବଂ ରାଜ୍ୟ ସରକାରଙ୍କ ଫସଲ କଟା ପରୀକ୍ଷଣ ପଦ୍ଧତି ମାଧ୍ୟମରେ ରାଜ୍ୟରେ ମରୁଡି ଘୋଷଣା କରି ସହାୟତା ଦିଆଯାଉଥିଲା। କିନ୍ତୁ କେନ୍ଦ୍ର ସରକାରଙ୍କ କୃଷି ମନ୍ତ୍ରଣାଳୟ ଦ୍ୱାରା ପ୍ରଣୀତ ନିୟମାବଳୀ ଅନୁଯାୟୀ ବୃଷ୍ଟିପାତର ଅଭାବ, ଶସ୍ୟର ଅବସ୍ଥା ସମ୍ପର୍କିତ ସୂଚନା, ସୁଦୂର ସମ୍ବେଦନଶୀଳ ଉଦ୍ଭିଦ ରାଜିର ସଙ୍କେତ, ଭୂମିର ଆର୍ଦ୍ରତା, ଭୂତଳ ଜଳସ୍ତର ସଙ୍କେତ ଇତ୍ୟାଦି ଅନୁଯାୟୀ ମରୁଡି ଘୋଷଣା କରିବା ଲାଗି ୨୦୧୭ ମାର୍ଚ୍ଚ ୮ରେ କେନ୍ଦ୍ର ସରକାର ରାଜ୍ୟକୁ ନିର୍ଦ୍ଦେଶ ଦେଇଛନ୍ତି। ୫ଟି ମାନଦଣ୍ଡକୁ ଆଧାର କରି ଆବଶ୍ୟକସ୍ଥଳେ ଅକ୍ଟୋବର ୩୦ ସୁଦ୍ଧା ମରୁଡି ଘୋଷଣା କରାଯାଇଥାଏ। ଉକ୍ତ ମାନଦଣ୍ଡଗୁଡିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଫସଲ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ପ୍ରତ୍ୟେକ ଦିନ ଫସଲର ଅନୁଧ୍ୟାନ ଓ ନିରୀକ୍ଷଣ କରି ପଦକ୍ଷେପ ନେବାକୁ କ୍ଷେତ୍ର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିପର୍ଯ୍ୟୟ ସମୟରେ ସରକାର ସର୍ବଦା ଚାଷୀଙ୍କ ସାଙ୍ଗରେ ରହିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

## ସରକାର ସବୁବେଳେ ଚାଷୀଙ୍କ ସାଥିରେ ରହିଛନ୍ତି: ରାଜସ୍ୱ ମନ୍ତ୍ରୀ




ନୀରବତା ଭିତରେ ହିଁ ରହିଛି ସର୍ବଶ୍ରେଷ୍ଠ ଶକ୍ତି। ... ତୁମେ ଯଦି ନୀରବ ରହି ଶୁଣ– ତେବେ ତୁମେ ଠିକ୍ ଶୁଣି ପାରିବ ଓ ଠିକ୍ ଭାବେ ବୁଝି ପାରିବ। .. ଲୋକେ ଯଦି ନୀରବ ରହିବା ପାଇଁ ଶିଖନ୍ତେ– ତେବେ ପୃଥିବୀର କେତେ ଗୋଳମାଳିଆ ପରିସ୍ଥିତି ସୁଧୁରି ଯାନ୍ତା ! –ଶ୍ରୀମା

# ଆମେରିକାର ପରାଜୟ, ପାକିସ୍ତାନର ବିଜୟ

ଆମେରିକା ଓ ନାଟୋ ସୈନ୍ୟ ଆଫଗାନିସ୍ତାନରୁ ଅପସରି ଯିବା ପରେ ସେଠାରେ ନିର୍ଦ୍ୱନ୍ଦ୍ୱରେ ସରକାର ଗଠନ କରିବ ବୋଲି ତାଲିବାନ୍ ଧରିନେଇଥିଲା। ସମଗ୍ର ପୃଥିବୀ ମଧ୍ୟ ଭାବିଥିଲା ଯେ, ତାଲିବାନ୍‌ର ଶାସନ ଏକତରଫା ହୋଇଚାଲିବ। କିନ୍ତୁ ଏବେ ଭିନ୍ନ ଚିତ୍ର ପଦାକୁ ଆସିଲାଣି। ୪ ସେପ୍ଟେମ୍ବରରେ ତାଲିବାନ୍ ସହପ୍ରତିଷ୍ଠାତା ତଥା ପଲିଟିକାଲ ଅଫିସ୍ ମୁଖ୍ୟ ମୁଲ୍ଲା ଅବଦୁଲ୍ ଗନି ବରାଦର ରାଷ୍ଟ୍ରପତି ହେବେ ବୋଲି ଅନ୍ତର୍ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। କିନ୍ତୁ ସରକାର ଗଠନ କେବେ ହେବ ତାହା ଅନିଶ୍ଚିତତା ମଧ୍ୟରେ ରହିଯାଇଛି। କାରଣ ଇତିମଧ୍ୟରେ ପାକିସ୍ତାନ ସମର୍ଥିତ ହକ୍କାନି ନେଟ୍‌ୱର୍କ ଭାବୀ ରାଷ୍ଟ୍ରପତି ବରାଦରଙ୍କୁ ଗୁଳି କରିଥିବା ପଞ୍ଜଶିର୍ ଅବ୍‌ଜର୍ଭର ୱେବସାଇଟ୍‌ରେ ରିପୋର୍ଟ ପ୍ରକାଶ ପାଇଛି। ଉଲ୍ଲେଖଯୋଗ୍ୟ ଯେ, ପାକିସ୍ତାନ ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ(ଆଇଏସ୍‌ଆଇ) ଛତ୍ରଛାୟା ତଳେ ପରିଚାଳିତ ହକ୍କାନି ବରାଦରଙ୍କ କ୍ଷମତା ଆରୋହଣକୁ ବିରୋଧ କରିଛି। ହକ୍କାନିର ଇଚ୍ଛା ଆଫଗାନିସ୍ତାନର ଶାସନ କ୍ଷେତ୍ରରେ ତାକୁ ବଡ଼ ଅଂଶ ମିଳୁ। ଓଡ଼ିଆରେ ଢଗ ଅଛି– 'ଘରେ ନ ପଶୁଣୁ ଚାଳ ବାଜିବା।' ଆଫଗାନିସ୍ତାନରେ କେଉଁ ପ୍ରକାରର ସରକାର ଗଠନ ହେବ ତାହା ସ୍ଥିର ହେବା ପୂର୍ବରୁ ସର୍ବୋଚ୍ଚ ନେତାମାନଙ୍କ ମଧ୍ୟରେ ଗୁଳି ଫୁଟିଲାଣି।

ଇତିହାସକୁ ଦେଖିଲେ ବିଭିନ୍ନ ସମୟରେ ସମଗ୍ର ପୃଥିବୀରେ ସବୁଠାରୁ ବଡ଼ ସାମରିକ ଶକ୍ତି ଭାବେ ପରିଚିତ ହେଉଥିବା ଦେଶ ଆଫଗାନିସ୍ତାନ ମାଟିରେ ଘୋର ପରାଜୟ ଚାଖିଛି। ଊନବିଂଶ ଶତାବ୍ଦୀରେ ବିଶ୍ୱ ଶକ୍ତି ଭାବେ ପରିଚିତ ବ୍ରିଟେନ ସେଠାରେ ଯୁଦ୍ଧ ଲଢ଼ି ପରାଜିତ ହୋଇଥିଲା। ବିଂଶ ଶତାବ୍ଦୀରେ କମ୍ୟୁନିଷ୍ଟ ସୋଭିଏଟ୍ ରୁଷିଆ ଦୀର୍ଘବର୍ଷ ଆଫଗାନିସ୍ତାନରେ ଯୁଦ୍ଧ କରି ହାରିଯାଇଥିଲା। ଏକବିଂଶ ଶତାବ୍ଦୀର ଆରମ୍ଭରୁ ଅର୍ଥାତ୍ ୨୦୦୧ ମସିହାରୁ ଆଫଗାନିସ୍ତାନରେ ଆମେରିକା ଓ ନାଟୋର ସିଧାସଳଖ ସାମରିକ ହସ୍ତକ୍ଷେପ ଏବଂ ଦୀର୍ଘ ଦୁଇ ଦଶନ୍ଧି ଧରି ଯୁଦ୍ଧ ଲଢ଼ିବା ସତ୍ତ୍ୱେ ମିଳିତ ପାଶ୍ଚାତ୍ୟ ଦେଶଗୁଡ଼ିକର ସେନା ପୁନର୍ବାର ୨୦୨୧ ଅଗଷ୍ଟ ୧୫ ତାରିଖରେ ଜୀବନବିକଳରେ ଆଫଗାନିସ୍ତାନ ଛାଡ଼ି ପଳାଇଲା। ଏହାପରେ ତାଲିବାନ୍ ଦ୍ୱିତୀୟ ଥର ଆଫଗାନିସ୍ତାନ ଦଖଲ କରି କ୍ଷମତା ଜାବୁଡ଼ି ଧରିବାକୁ ଅଣ୍ଟା ଭିଡ଼ିଛି। ନିଜ ଦେଶର ନାଗରିକ ଓ ଅନ୍ତର୍ଜାତୀୟ ସମୁଦାୟ ଆଗରେ ଭାବମୂର୍ତ୍ତି ନିର୍ମଳ ରଖିବାକୁ ଚାହିଁ କେତେକ ଉଦାରବାଦୀ ପଦକ୍ଷେପ ନେବ ବୋଲି ଘୋଷଣା କରିଥିଲା। ମହିଳାମାନଙ୍କ ପ୍ରତି ତାଲିବାନ୍‌ର ସମ୍ମାନ ରହିଛି ବୋଲି ମଧ୍ୟ କହିଥିଲା। କିନ୍ତୁ ଆଫଗାନିସ୍ତାନ ଦଖଲ କରୁ କରୁ ମହିଳାଙ୍କ ଉପରେ ଯେଉଁଭଳି ଅକଥନୀୟ ଅତ୍ୟାଚାର କରୁଥିବାର ଭିଡିଓ ସୋସିଆଲ ମିଡ଼ିଆରେ ଦୃଶ୍ୟମାନ ହେଉଛି ସେଥିରୁ ତାଲିବାନ୍‌ର କଥା ଓ କାର୍ଯ୍ୟ ମଧ୍ୟରେ ଫରକ୍ ରହିଥିବା ବାରିହୋଇ ପଡୁଛି । ଏକ ନିର୍ବାଚିତ ସରକାରକୁ ଗାଦିଚ୍ୟୁତ କରି ଯେତେବେଳେ ଏକ ଉଗ୍ରପନ୍ଥୀ ଗୋଷ୍ଠୀ ଦେଶକୁ କବଳିତ କରୁଛି, ତା'ଠାରୁ ସୁଶାସନ ସହଜରେ ମିଳିବ ବୋଲି ଆଶା କରିବା ବୃଥା। କାରଣ ମୌଳବାଦୀ ଚିନ୍ତାଧାରା ପୋଷଣ କରୁଥିବା ଦଳ ବା ବ୍ୟକ୍ତି କଦାପି ନାଗରିକଙ୍କୁ ସୁଶାସନ ଦେଇପାରି ନ ଥାଏ। ଆଉ ଏକ ବିଷୟ ଯାହା ଆଫଗାନିସ୍ତାନ ଭଳି ଏକ ସୁନ୍ଦର ଦେଶକୁ ନଷ୍ଟ କରିବାକୁ ଯାଉଛି ତାହା ହେଲା ଆତଙ୍କବାଦୀ ଓ ଉଗ୍ରବାଦୀଙ୍କ ମେଳି। ଜନସାଧାରଣଙ୍କୁ ଡରେଇ, ରକ୍ତପାତ କରି ସେମାନଙ୍କୁ ବଶତା ସ୍ୱୀକାର କରିବାକୁ ଯାଇ ତାଲିବାନ୍ ଅନେକାଂଶରେ ସଫଳ ହୋଇଥିବା ଦେଖିବା ପରେ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍), ହକ୍କାନି ନେଟ୍‌ୱର୍କ, ଲଶ୍କର-ଇ-ତୋଇବା (ଏଲ୍‌ଇଟି) ଓ ଜୈଶ-ଇ-ମହମ୍ମଦ (ଜେଇଏମ୍) ମଧ୍ୟ ଉତ୍ସାହିତ ହୋଇପଡ଼ିଛନ୍ତି। ତାଲିବାନ୍ ସରକାରରେ ସେମାନଙ୍କ ଯୋଗଦାନ ରହିବା ଦରକାର ବୋଲି ଭାବିନେଲେଣି। ଏବେ ତାଲିବାନ୍ ଓ ହକ୍କାନି ମଧ୍ୟରେ ଚାଲିଥିବା ବିବାଦକୁ ସମାଧାନ କରିବା ସକାଶେ ପାକିସ୍ତାନ ଆଇଏସ୍‌ଆଇ ମୁଖ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଫୈଜ ହମିଦ୍ ଆଫଗାନିସ୍ତାନ ରାଜଧାନୀ କାବୁଲରେ ପହଞ୍ଚି ମଧ୍ୟସ୍ଥତା କାର୍ଯ୍ୟରେ ଲାଗିଛନ୍ତି।

ଏଠାରେ ଲକ୍ଷ୍ୟ କରାଯାଇପାରେ ଯେ, ମୁଲ୍ଲା ବରାଦରଙ୍କୁ ଚିକିତ୍ସା ପାଇଁ ପାକିସ୍ତାନ ନିଆଯାଇଛି। କାବୁଲରେ ସ୍ଥିତି ଅସମ୍ଭାଳ ହେବାର ଖବର ପ୍ରକାଶ ପାଇବା ପରେ ଆଇଏସ୍‌ଆଇ ମୁଖ୍ୟ ହମିଦ ଆଫଗାନିସ୍ତାନରେ ପହଞ୍ଚି ମିଳାମିଶାର ପ୍ରୟାସ ଆରମ୍ଭ କରିଛନ୍ତି। ଏହି ଦୁଇଟି ଖବରକୁ ଏକସଙ୍ଗେ ଦେଖିଲେ ସ୍ପଷ୍ଟ ବୁଝାପଡୁଛି ଯେ, ଆଗାମୀ ସମୟରେ ଆଫଗାନିସ୍ତାନ ସରକାର ଯିଏବି ଗଠନ କଲେ ମଧ୍ୟ ତା'ସମ୍ପୂର୍ଣ୍ଣ ଭାବେ ପାକିସ୍ତାନ କବଳରେ ରହିବ। ସମ୍ଭବତଃ ସେଥିପାଇଁ ଉଭୟ ଚାଇନା ଓ ରୁଷିଆ ଭଳି ବୃହତ୍ ସୀମାନ୍ତ ଦେଶଦୁହିଁଙ୍କର ଆଫଗାନିସ୍ତାନ ସହ ସୁସମ୍ପର୍କ ରକ୍ଷା କରିବା ପାଇଁ ପାକିସ୍ତାନ ଏକମାତ୍ର ମାଧ୍ୟମ ସାଜିଛି। ଏଥିରୁ ଆଇଏସ୍‌ଆଇର ଅନ୍ତର୍ଜାତୀୟ ପ୍ରଭାବକୁ ଏବେ ବିଶ୍ୱ ସ୍ୱୀକାର କରିବାକୁ ବାଧ୍ୟ ହେଉଛି। ଅର୍ଥନୈତିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଦୁର୍ବଳ ସତ୍ତ୍ୱେ ପାକିସ୍ତାନର ସାମରିକ ରାଜନୀତି ଓ ଗୋଇନ୍ଦା ପ୍ରଭାବ ଖୁବ୍ ଶକ୍ତିଶାଳୀ ଅଛି ବୋଲି ଆଫଗାନିସ୍ତାନ ବ୍ୟାପାରରୁ ପ୍ରମାଣ ମିଳୁଛି। ଆଫଗାନିସ୍ତାନ ସମ୍ପର୍କିତ ଖବର ପଢ଼ିଲେ ସବୁ ବଡ଼ ଦେଶର ବହିର୍ବ୍ୟାପାର ମନ୍ତ୍ରୀମାନେ ପାକିସ୍ତାନର ସେନାଧ୍ୟକ୍ଷ ଜେନେରାଲ କମର ଜାଭେଦ ବାଜୱା ଏବଂ ଆଇଏସ୍‌ଆଇ ମୁଖ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଫୈଜ ହମିଦ୍‌ଙ୍କୁ ଭେଟି ଗୁହାରି କରୁଛନ୍ତି। ଆଫଗାନିସ୍ତାନରେ ଆମେରିକାର ପରାଜୟ, ପାକିସ୍ତାନର ବିଜୟରେ ପରିଣତ ହୋଇଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | | 2 | 6 | 4 | | |
| | | | | | | 7 | | 1 |
| 4 | | | | | 9 | | 3 | |
| | 3 | | | 6 | | 2 | | |
| 7 | | | | | 5 | | | 8 |
| 5 | | 2 | | | | | | |
| | | | | | 2 | | | |
| | | | 7 | | | 5 | | 9 |
| | 5 | | 3 | | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 9 | 2 | 3 | 1 | 5 | 8 | 7 |
| 3 | 8 | 1 | 6 | 5 | 7 | 9 | 4 | 2 |
| 7 | 2 | 5 | 9 | 8 | 4 | 1 | 3 | 6 |
| 5 | 4 | 6 | 7 | 2 | 9 | 8 | 1 | 3 |
| 1 | 9 | 7 | 3 | 6 | 8 | 4 | 2 | 5 |
| 8 | 3 | 2 | 1 | 4 | 5 | 7 | 6 | 9 |
| 2 | 1 | 8 | 5 | 9 | 3 | 6 | 7 | 4 |
| 9 | 7 | 3 | 4 | 1 | 6 | 2 | 5 | 8 |
| 6 | 5 | 4 | 8 | 7 | 2 | 3 | 9 | 1 |

ଗତକାଲିର ଉତ୍ତର

# ମୁଦ୍ରୀକରଣ ନାଁରେ ସରକାରୀ ସମ୍ପତ୍ତି ହସ୍ତାନ୍ତର



ଭାଲଚନ୍ଦ୍ର ଷଡ଼ଙ୍ଗୀ

ନିକଟରେ କେନ୍ଦ୍ର ସରକାର ଦେଶର ପ୍ରମୁଖ କ୍ଷେତ୍ରର ସରକାରୀ ସମ୍ପତ୍ତିଗୁଡ଼ିକୁ ୬ ଲକ୍ଷ କୋଟି ଟଙ୍କା ବିନିମୟରେ ଘରୋଇ କମ୍ପାନୀଙ୍କୁ ହସ୍ତାନ୍ତର କରିବାକୁ ଘୋଷଣା କରିଛନ୍ତି। ଦୀର୍ଘକାଳିନ ସୂତ୍ରରେ ସେସବୁ ସମ୍ପତ୍ତିକୁ ଲିଜ୍‌ରେ ଦିଆଯାଉଥିଲେ ମଧ୍ୟ ସେସବୁର ମାଲିକାନା ଯେହେତୁ ହସ୍ତାନ୍ତର ନ ହୋଇ ସରକାରଙ୍କ ପାଖରେ ରହିବ, ତେଣୁ ତାକୁ ଘରୋଇକରଣ ବା ବିକ୍ରି ବଦଳରେ ସରକାର ମୁଦ୍ରୀକରଣ ବୋଲି କହିଛନ୍ତି। ଏହି କ୍ରମରେ ଏକ ଜାତୀୟ ମୁଦ୍ରୀକରଣ ପାଇପ୍‌ଲାଇନ୍ ଘୋଷଣା କରିଛନ୍ତି। ସରକାରଙ୍କ ମାଲିକାନାରେ ରହିଥିବା ଦେଶର ଜାତୀୟ ରାଜପଥ, ରେଳଲାଇନ୍, ରେଳଷ୍ଟେସନ୍, ମୋବାଇଲ ଟାୱାର, ଅପ୍‌ଟିକ୍ ଫାଇବର୍ ଲାଇନ୍, ଗ୍ୟାସ୍ ପାଇପ୍‌ଲାଇନ୍, ବନ୍ଦର, ବିମାନବନ୍ଦର, ବିଶାଳକାୟ ଭଣ୍ଡାରଗୃହକୁ ଭଲ ପରିଚାଳନା କରିବା ନାଁରେ ଦେଶୀ ବିଦେଶୀ ବୃହତ୍ କମ୍ପାନୀଙ୍କ ହାତକୁ ଟେକିଦେବାକୁ ଯାଉଛନ୍ତି। ତେବେ ସରକାରଙ୍କ ଭାଷା ଯାହା ବି ହେଉନା କାହିଁକି, ମୁଦ୍ରୀକରଣ ନାଁରେ ଦୀର୍ଘକାଳିନ ଲିଜ୍‌ରେ ଘରୋଇ କମ୍ପାନୀଙ୍କ ହାତରେ ଟେକି ଦିଆଯାଉଥିବା ଏହି ପଦକ୍ଷେପ ଯେ ସରକାରୀ ସମ୍ପତ୍ତିର ଏକରକମ ବିକ୍ରି, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

ଦେଶରେ ସରକାରୀ ସମ୍ପତ୍ତିର ଘରୋଇକରଣ ବା ବିକ୍ରି କୌଣସି ନୂଆ ନୁହେଁ। ଉଦାରୀକରଣ ଅର୍ଥନୀତି ପରେ କ୍ରମାନ୍ୱୟରେ ସବୁ ସରକାର ସରକାରୀ ସମ୍ପତ୍ତିର ଅଳ୍ପ ବହୁତ ବିକ୍ରି କରି ଆସିଛନ୍ତି। ତେବେ ଅତୀତରେ କ୍ଷତିରେ ଚାଲିଥିବା ସଂସ୍ଥା ଓ ଶିଳ୍ପକୁ ବିକ୍ରି କରିଥିବା ବେଳେ ବର୍ତ୍ତମାନର ସରକାର ଲାଭଜନକ ସଂସ୍ଥାଗୁଡ଼ିକୁ ବିକ୍ରି କରିବା ଦେଖାଯାଉଛି। ଗତ ୨୦୨୧-୨୨ ବଜେଟରେ ରାଜକୋଷୀୟ ନିଅଣ୍ଟକୁ ଭରଣା କରିବା ପାଇଁ ସରକାର ୧.୭୫ ଲକ୍ଷ କୋଟିର ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ଧାର୍ଯ୍ୟ କରିବା ସହ ମୁଦ୍ରୀକରଣ କଥା କହିଥିଲେ। ଚଳିତ ବର୍ଷ ଫେବୃୟାରୀ ୨୪ରେ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ସରକାର ନିଜେ କୌଣସି ଶିଳ୍ପ ବା ସଂସ୍ଥାର ମାଲିକ ରହି ତାକୁ ଚଳାଇବେ, ତାହା ଆଜିର ଯୁଗରେ ନା ସମ୍ଭବ ନା ଆବଶ୍ୟକ ବୋଲି କହି ସରକାରୀ ସମ୍ପତ୍ତିର ଘରୋଇକରଣ ଓ ମୁଦ୍ରୀକରଣ ପାଇଁ ଦୃଢ଼ ଯୁକ୍ତି ଉପସ୍ଥାପନ କରିବା ଦେଖାଯାଇଛି।

ମୁଦ୍ରୀକରଣ ଯୋଜନାରେ ସରକାର ଆଗାମୀ ତିନି ବର୍ଷରେ ଅର୍ଥାତ୍ ନିଜର ଅବଶିଷ୍ଟ କାର୍ଯ୍ୟକାଳ ମଧ୍ୟରେ ଘରୋଇ କମ୍ପାନୀଙ୍କୁ ସରକାରୀ ସମ୍ପତ୍ତିର ହସ୍ତାନ୍ତର ବଦଳରେ ମୋଟ ୬ ଲକ୍ଷ କୋଟି ଟଙ୍କା ପାଇବାର ଲକ୍ଷ୍ୟ ରଖିଛନ୍ତି। ସେଗୁଡ଼ିକ ମଧ୍ୟରେ ଦେଶର ୨୬,୭୦୦ କି.ମି. ଜାତୀୟ ରାଜପଥ, ରେଳବାଇ ଅଧୀନରେ ରହିଥିବା ୧୫୦ ରେଳଗାଡ଼ି, ୬୦ ରେଳଷ୍ଟେସନ୍ ଏବଂ ୨୫୬ ଗୁଡ୍‌ସ ଶେଡ୍, ୧୫ଟି ରେଳ ଷ୍ଟାଡିୟମ୍ ଏବଂ ୪ ପାର୍ବତୀୟ ରେଳ, କୋଙ୍କଣ ରେଳବାଇର ୭୪୧ କି.ମି. ରେଳପଥ ତଥା ରେଳ ମାଲ କରିଡରର ୬୭୪ କି.ମି. ରେଳପଥ ରହିଛି। ସେହିପରି ଦେଶରେ ଶକ୍ତି ଉତ୍ପାଦନ ଓ ପରିବହନ କରୁଥିବା ଏନ୍‌ଏଚ୍‌ପିସି, ଏନ୍‌ଟିପିସି ଆଦି ସରକାରୀ କମ୍ପାନୀର ତାପଜ, ବାୟୁ ଓ ସୌରଶକ୍ତିର ୫,୦୦୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କ୍ଷମତାକୁ ଘରୋଇ କମ୍ପାନୀଙ୍କୁ ଦେଇ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ଏବଂ ବିଏସ୍‌ଏନ୍‌ଏଲ୍‌ର ୧୪,୯୧୭ ମୋବାଇଲ ଟାୱାର ଓ ୨.୮୬ ଲକ୍ଷ କି.ମି. ଦୀର୍ଘ ଫାଇବର ଲାଇନ୍‌କୁ ଘରୋଇ କମ୍ପାନୀଙ୍କୁ ଦେଇ ୩୫,୦୦୦ କୋଟି ଟଙ୍କା ସଂଗ୍ରହ କରିବାକୁ ଚାହୁଁଛନ୍ତି। ଏହାବ୍ୟତୀତ ୧୬୦ଟି କୋଇଲା ଖଣି ଅନ୍ତର୍ଗତ ୭୬୧ ବ୍ଲକ୍‌ର ଲିଜ୍ ବାବଦରେ ୨୮,୭୪୭ କୋଟି, ୨୫ଟି ବିମାନବନ୍ଦରରୁ ୨୧ ହଜାର କୋଟି, ପ୍ରାକୃତିକ ଗ୍ୟାସ୍ ସରବରାହରୁ ୩୯.୮୩ ହଜାର କୋଟି ଟଙ୍କା ସଂଗ୍ରହ କରାଯିବ ବୋଲି କହିଛନ୍ତି। ପୁନଶ୍ଚ ପ୍ରକାଶ କରିଛନ୍ତି ଯେ, ପ୍ରାଥମିକ ଭାବେ ଏସବୁକୁ ୪ ବର୍ଷ ଏବଂ ପରବର୍ତ୍ତୀ ଅବସ୍ଥାରେ ପୁନଶ୍ଚ ମୁଦ୍ରୀକରଣ ଜରିଆରେ ୩୦ରୁ ୪୦ ବର୍ଷ ପାଇଁ ଦିଆଯିବ । ମୋଦି ସରକାର ଅମଳରେ ମୁଦ୍ରୀକରଣ ପଦକ୍ଷେପ ଅର୍ଥନୀତିର ଭୟଙ୍କର ସ୍ଥିତିକୁ ଉଜାଗର କରୁଛି। ସରକାର ଦେଶୀ ବିଦେଶୀ କର୍ପୋରେଟ୍‌ମାନଙ୍କ ପାଇଁ କେତେ ଅଙ୍ଗୀକାରବଦ୍ଧ, ତାହା ଏହି ଯୋଜନାରୁ ସ୍ପଷ୍ଟ ହୋଇଯାଉଛି। ଅତୀତରେ ବିମୁଦ୍ରୀକରଣ ଓ ଜିଏସ୍‌ଟି ପରି ବିନାଶକାରୀ ପଦକ୍ଷେପ, ଦେଶର ଅର୍ଥନୀତିକୁ ଭୟଙ୍କର କ୍ଷତି ପହଞ୍ଚାଇଥିବା ବେଳେ ମୁଦ୍ରୀକରଣ ଯୋଜନା ଆଉ ଏକ ଶକ୍ତ ଧକ୍କା ହେବାକୁ ଯାଉଛି।

ସରକାରୀ ସଂସ୍ଥା ଓ କାରଖାନାର କାର୍ଯ୍ୟଦକ୍ଷତାକୁ ବଢ଼ାଇବା ନାଁରେ ସରକାର ସେସବୁର ଘରୋଇକରଣ ଓ ମୁଦ୍ରୀକରଣ ପାଇଁ ଯୁକ୍ତି ରଖିଛନ୍ତି। ତେବେ କାର୍ଯ୍ୟଦକ୍ଷତା ଲାଗି ସରକାରୀ ସଂସ୍ଥାମାନଙ୍କ କ୍ଷତି ହେଉଛି ଏବଂ ଘରୋଇ କମ୍ପାନୀ ହାତକୁ ଗଲେ କାର୍ଯ୍ୟଦକ୍ଷତା ବଢ଼ିଯିବାର ଯୁକ୍ତିଟି ଭ୍ରମାତ୍ମକ ମନେହୁଏ। କହିବାକୁ ଗଲେ, ଦେଶର ଲାଭଜନକ ସରକାରୀ ସଂସ୍ଥା ଓ ଶିଳ୍ପଗୁଡ଼ିକର ଅଧୋଗତି ପାଇଁ ସେମାନଙ୍କ କାର୍ଯ୍ୟଦକ୍ଷତା ନୁହେଁ ବରଂ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ହିଁ ଦାୟୀ। ସେସବୁକୁ ଅଧିକ ଶକ୍ତିଶାଳୀ କରିବା ପରିବର୍ତ୍ତେ, ସରକାରରେ ଥିବା ଲୋକେ ଘରୋଇ କମ୍ପାନୀଙ୍କ ସ୍ୱାର୍ଥରେ ତାକୁ ଜାଣିଶୁଣି ଦୁର୍ବଳ କରିବା ସହ ଲୁଟିଛନ୍ତି।

ଦେଶରେ ଭିତ୍ତିଭୂମିର ବିକାଶ ପାଇଁ ମୁଦ୍ରୀକରଣ ଯୋଜନା ଜରୁରୀ ବୋଲି ଅର୍ଥମନ୍ତ୍ରୀ ଓ ନୀତି ଆୟୋଗ କହିଛନ୍ତି। କିନ୍ତୁ ମୁଦ୍ରୀକରଣ ଜରିଆରେ ସରକାର ଯେଉଁ ଟଙ୍କା ପାଇବେ, ତାହା କୌଣସି ନୂଆ ସମ୍ପତ୍ତି ସୃଷ୍ଟି କରିବାରେ କିମ୍ବା ସରକାରୀ ଉଦ୍ୟୋଗର ବିକାଶ ପାଇଁ ବିନିଯୋଗ ହେବନି। ବରଂ ସରକାର ନିଜର ବଜେଟ ନିଅଣ୍ଟକୁ ଭରଣା କରିବା ପାଇଁ ତାକୁ ବିନିଯୋଗ କରିବେ। ସରକାରଙ୍କ ନିତିଦିନିଆ ଖର୍ଚ୍ଚ ପାଇଁ ଦେଶର ଭବିଷ୍ୟତ ଆୟର ଲାଭଜନକ ସ୍ରୋତକୁ ସବୁଦିନ ପାଇଁ ହରାଇବାକୁ ଯାଉଛେ।

ଦେଶରେ ସରକାରୀ କ୍ଷେତ୍ର ସହିତ ଘରୋଇ କ୍ଷେତ୍ରରେ ପୁଞ୍ଜିନିବେଶ ହ୍ରାସ ପାଇବା ଦେଶର ଅର୍ଥନୀତି ପାଇଁ ଏହା ଏକ ସମସ୍ୟା ରୂପେ ମୁଣ୍ଡ ଟେକିଛି। ଘରୋଇ କମ୍ପାନୀଗୁଡ଼ିକ ପୁଞ୍ଜି ନିବେଶ କରି ନୂଆ ନୂଆ ଶିଳ୍ପ କରୁ ନ ଥିବା ଯୋଗୁ ଦେଶରେ ରୋଜଗାର ଓ କାରବାର ସଙ୍କୁଚିତ ହେବାରେ ଲାଗିଛି। ଏଭଳି ପରିସ୍ଥିତିରେ ଘରୋଇ କମ୍ପାନୀଗୁଡ଼ିକ ନୂଆ ନୂଆ ଶିଳ୍ପରେ ପୁଞ୍ଜି ନିବେଶ ନ କରି ସରକାରୀ ଶିଳ୍ପ ଓ ସଂସ୍ଥାକୁ ଯଦି ଲିଜ୍ ସୂତ୍ରରେ ନେବେ ତାହେଲେ ନୂଆ ଶିଳ୍ପ କିମ୍ବା ଭିତ୍ତିଭୂମି ବିକାଶର ସମ୍ଭାବନା ରହିବନି। ଅନ୍ୟପଟେ ସରକାର ନିଜ ସମ୍ପତ୍ତିକୁ ଘରୋଇ ହାତରେ ହସ୍ତାନ୍ତର କଲେ ସେସବୁରେ ପୂର୍ବରୁ ହେଉଥିବା ସରକାରୀ ପୁଞ୍ଜି ନିବେଶ ଆହୁରି କମିଯିବ। ଅତଏବ ମୁଦ୍ରୀକରଣର ପ୍ରକ୍ରିୟାରେ କୌଣସି ନୂଆ ପୁଞ୍ଜି ନିବେଶ ହେଉ ନ ଥିବାରୁ ତାହା ଅର୍ଥ ବ୍ୟବସ୍ଥାକୁ ଚଳଚଞ୍ଚଳ କରିବାର କୌଣସି ସମ୍ଭାବନା ନାହିଁ।

ମୋଦି ସରକାରଙ୍କ ସାତବର୍ଷର ଶାସନକାଳରେ ସବୁ କମ୍ପାନୀଙ୍କ ବଦଳରେ କେବଳ ଅମ୍ବାନୀ ଓ ଆଦାନୀଙ୍କ କମ୍ପାନୀ ପରି କିଛି ହାତଗଣତି କମ୍ପାନୀଙ୍କ ହିଁ ବିକାଶ ହୋଇଛି। ବର୍ତ୍ତମାନର ମୁଦ୍ରୀକରଣର ନିଷ୍ପତ୍ତି ପଛରେ ବଡ଼ କାରଣ ହେଉଛି, ସେସବୁ କ୍ଷେତ୍ରରେ କାର୍ଯ୍ୟରତ ବଡ଼ କମ୍ପାନୀମାନଙ୍କ ଏକଚାଟିଆ ଆଧିପତ୍ୟ ପାଇଁ ରାସ୍ତା ପରିଷ୍କାର କରିବା। ମୁଦ୍ରୀକରଣ ଯୋଜନାରେ ହସ୍ତାନ୍ତରିତ ହେବାକୁ ଯାଉଥିବା ବନ୍ଦର, ବିମାନ ବନ୍ଦରଠାରୁ ଆରମ୍ଭ କରି ଟେଲିକମ୍, ପ୍ରାକୃତିକ ଗ୍ୟାସ୍ ଉତ୍ପାଦନ ପର୍ଯ୍ୟନ୍ତ କ୍ଷେତ୍ରଗୁଡ଼ିକରେ ଦେଶର କେଉଁ କେଉଁ କମ୍ପାନୀଙ୍କ ବୃହତ୍ କାରବାର ରହିଛି, ତାହା ସମସ୍ତେ ଜାଣନ୍ତି। ପୂର୍ବରୁ ସେମାନେ ନିଜ କମ୍ପାନୀର ବ୍ୟବସାୟିକ ସ୍ୱାର୍ଥରେ ସରକାର ଉପରେ ଚାପ ପକାଇ ସରକାରୀ କମ୍ପାନୀଗୁଡ଼ିକୁ ଦୁର୍ବଳ କରୁଥିବା ବେଳେ ବର୍ତ୍ତମାନ ସେଗୁଡ଼ିକ ନିଜ ମାଲିକାନାକୁ ଚାଲିଆସିବା ଫଳରେ ଏକ୍ଷେତ୍ରରେ ଯାହା ବି ପ୍ରତିବନ୍ଧକ ଥିଲା ଦୂରହେବ। ସେମାନେ ସରକାରୀ କମ୍ପାନୀଗୁଡ଼ିକୁ ନାମମାତ୍ର ମୂଲ୍ୟରେ ଲିଜ୍‌ରେ ନେଇ ତାକୁ ନିଜ କମ୍ପାନୀର ମୁନାଫା ଓ ଏକାଧିକାରକୁ ବଢ଼େଇବାକୁ ହିଁ ଉଦ୍ୟମ କରିବେ। ଥରେ କର୍ପୋରେଟ୍‌ଙ୍କ ହାତକୁ ଗଲେ ସେସବୁ ସରକାରୀ କମ୍ପାନୀରେ କାର୍ଯ୍ୟରତ ଲକ୍ଷ ଲକ୍ଷ କର୍ମଚାରୀଙ୍କ ରୋଜଗାର ଓ ଅଧିକାର ଉପରେ ଆକ୍ରମଣ ହେବା ସ୍ୱାଭାବିକ।

ପ୍ରଧାନମନ୍ତ୍ରୀ ମୋଦି ବାରମ୍ବାର କହି ଆସିଛନ୍ତି ଯେ, ଗତ ସତୁରି ବର୍ଷ ମଧ୍ୟରେ ଦେଶରେ କୌଣସି ସରକାର କିଛି କରିନାହାନ୍ତି। କିନ୍ତୁ ବାସ୍ତବତା ହେଉଛି, ଦେଶରେ ଆଜି ଯେଉଁ ସରକାରୀ ସମ୍ପତ୍ତି ରହିଛି ତାହା ଗତ ସାତ ବର୍ଷରେ ନୁହେଁ ବରଂ ସତୁରି ବର୍ଷରେ ହିଁ ସୃଷ୍ଟି ହୋଇଛି। ପରିତାପର ବିଷୟ, ସତୁରି ବର୍ଷ ମଧ୍ୟରେ ଅନ୍ୟ ସରକାରମାନଙ୍କ ଦ୍ୱାରା ନିର୍ମିତ ଏହି ସମ୍ପତ୍ତିକୁ ଏବେ ତାଙ୍କ ସରକାର ବିକ୍ରି କରି ନିଜର ଖର୍ଚ୍ଚ ଚଳାଇବାକୁ ଯାଉଛି। ସ୍ୱାଧୀନତା ପରେ ଯେତେବେଳେ ଭିତ୍ତିଭୂମି ଓ ଭାରୀଶିଳ୍ପ କ୍ଷେତ୍ରରେ ଘରୋଇ କମ୍ପାନୀଗୁଡ଼ିକ ପୁଞ୍ଜି ନିବେଶ କରିବାକୁ ପ୍ରସ୍ତୁତ ନ ଥିଲେ, ସେତେବେଳେ ଲୋକଙ୍କ ଟିକସ ଲବ୍ଧ ଅର୍ଥରେ ଏସବୁ ଉଦ୍ୟୋଗ ତିଆରି କରାଯାଇଥିଲା। ଦେଶର ଅର୍ଥନୈତିକ ବିକାଶ, ରୋଜଗାର ପ୍ରଦାନ ସହ ସାଧାରଣ ଜନତାଙ୍କୁ ଶସ୍ତାରେ ସେବା ଯୋଗାଇବାରେ ଏସବୁ ସରକାରୀ ସଂସ୍ଥାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଛି। ଅତଏବ ସରକାର ପୁଞ୍ଜିପତିଙ୍କ ସ୍ୱାର୍ଥରେ ଏଭଳି ସୁନାଅଣ୍ଡାଦିଆ କୁକୁଡ଼ାକୁ ମାରିଦେଇ ଦେଶର ଅପୂରଣୀୟ କ୍ଷତି କରିବାକୁ ଯାଉଛନ୍ତି।

ମୋ: ୯୪୩୭୧୬୬୩୯୧
bhalachandra.odisha@gmail.com

# ବକ୍ତାଙ୍କ ବକ୍ତୃତା



ରବିନାରାୟଣ ସାମଲ

ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସ ବାଦ୍ ମହାପୁରୁଷଙ୍କ ଜୟନ୍ତୀ ଦେଶରେ ପାଳିତ ହୁଏ। ଏଥିରେ ସ୍ୱାଧୀନତା ସଂଗ୍ରାମୀ ତଥା ମହାପୁରୁଷଙ୍କ କଥା କେଉଁଠି କେମିତି ନାମକୁମାତ୍ର ସ୍ମରଣ କରାଯାଏ। ଏଥିରୁ ଆମ ନୂତନ ପିଢ଼ି ଜାଣିବେ କ'ଣ? ବହୁ ବର୍ଷ ଧରି ଏହି ପରମ୍ପରା ଚାଲିଆସିଛି। ନୂତନ ପିଢ଼ି ଉଦ୍‌ବୁଦ୍ଧ ହେଲା ଭଳି ପ୍ରସଙ୍ଗ ବକ୍ତାଙ୍କ ତୁଣ୍ଡରୁ ଶୁଣିବାକୁ ମିଳୁନାହିଁ। ଏହାବ୍ୟତୀତ ବହୁ ସଭାରେ ବକ୍ତାମାନେ ବିଶ୍ୱ ଇତିହାସ କଥା କେବେ ବି ଉଦ୍ଧୃତ କରିବାର ଶୁଣାଯାଏ ନାହିଁ। ମାତ୍ର ଇତିହାସ ବିନା ସଭ୍ୟତା ଯେ ଶିଖର ଛୁଇଁପାରିବ ନାହିଁ, ଏକଥା ମନେରଖିବା ଉଚିତ।

ବୈଜ୍ଞାନିକ ଉଦ୍ଭାବନ ଓ ଆବିଷ୍କାର ବିନା ମାନବ ସଭ୍ୟତା ତିଷ୍ଠି ପାରିବ ନାହିଁ, ଏକଥା ସମସ୍ତେ ଊଣାଅଧିକେ ଜାଣନ୍ତି। କରୋନା ମହାମାରୀର ବ୍ୟାପକତାକୁ ପର୍ଯ୍ୟାଲୋଚନା କଲେ, ଏକଥା ସହଜରେ ଜଣାପଡ଼େ। ମାତ୍ର ସଭାସମିତିରେ ମଞ୍ଚ ମଣ୍ଡନ କରୁଥିବା ବକ୍ତାମାନେ ବିଜ୍ଞାନ ଓ ବୈଜ୍ଞାନିକ ସତ୍ୟ ଉପରେ ପଦେହେଲେ କେବେ ଆଲୋଚନା କରୁଥିବାର ଶୁଣାଯାଏ ନାହିଁ। ରାମାୟଣ, ମହାଭାରତ ପରି ପୁରାଣ ଶାସ୍ତ୍ରରୁ ଯେଉଁମାନେ ଉଦାହରଣ ଦେଇ ଫେଣେଇଫାଣେଇ ଅବତାରଣା କରିପାରନ୍ତି, ଆମମାନଙ୍କ ବିଚାରରେ ସେ ବଡ଼ ବକ୍ତା ଏବଂ ସଭାସମିତିରେ ସେମାନଙ୍କର ଚାହିଦା ଅଧିକ ଥିବା ଦେଖିବାକୁ ମିଳେ। ଯଥାର୍ଥତା ଥାଉ ବା ନ ଥାଉ, ଶ୍ରୋତାମାନେ ଶୁଣୁଥାଆନ୍ତୁ ବା ଶୁଣୁ ନ ଥାଆନ୍ତୁ, ଗୋଟିଏ ତାଳି ବାଜିଲେ ସମବେତ ଶ୍ରୋତାମାନଙ୍କର ଅନ୍ୟମନସ୍କତାରୁ ହଜାର ତାଳି ବାଜିଯାଏ।

ବର୍ଷକ ବାର ମାସ କେଉଁଠି ନା କେଉଁଠି ଧର୍ମସଭାମାନ ଅନୁଷ୍ଠିତ ହୁଏ। ଏହି ଧର୍ମସଭାକୁ କେତେଜଣ ନିଜର ଜୀବିକା ରୂପେ ବି ଗ୍ରହଣ କରିଆସିଛନ୍ତି। ଆଧ୍ୟାତ୍ମିକବାଦରେ ବିଶ୍ୱାସ କରୁଥିବା ଶ୍ରୋତାମାନେ ସେହି ଧର୍ମସଭାରେ ରୁଣ୍ଡ ହୁଅନ୍ତି। ମାତ୍ର ସଭା ଶେଷ ହେବା ସାଙ୍ଗେସାଙ୍ଗେ ଆଧ୍ୟାତ୍ମିକତା ସେଇଠି ଶେଷ ହୁଏ। ପ୍ରବଚନ ଶୁଣି ସେମାନଙ୍କର ଆତ୍ମା ଯେ ଶୁଦ୍ଧ ହୁଏ, ଏକଥା ବିଶ୍ୱାସ କରି ହୁଏ ନାହିଁ। ସେମାନଙ୍କ ଚରିତ୍ର ଓ ଚାଲିଚଳଣରେ କୌଣସି ପରିବର୍ତ୍ତନ ପରିଲକ୍ଷିତ ହୁଏ ନାହିଁ। ଅଧିକାଂଶ ଟିଭି ଚ୍ୟାନେଲ୍‌ରେ ସକାଳେ ସଞ୍ଜେ ଏହି ପ୍ରବଚନ ପରିବେଷଣ ହୁଏ। ବେଶ୍ କିଛି ଲୋକ କମେଇ ହୋଇ ମନଧ୍ୟାନ ଦେଇ ଏହାକୁ ଦେଖନ୍ତି। ମାତ୍ର କାର୍ଯ୍ୟକ୍ରମ ଶେଷ ହେଲେ କଥା ସରିଯାଏ। ପ୍ରବଚନ ନୀତିବାଣୀ ତା' ବାଟରେ, ଶ୍ରୋତା ଦର୍ଶକ ତାଙ୍କ ବାଟରେ।

ଶିବ ଖେରା, ବିବେକ ବିନ୍ଦ୍ରା ଓ ଦୀପକ ଚୋପ୍ରାଙ୍କ ଭଳି କେତେ ଜଣ ମୋଟିଭେସନାଲ୍ ସ୍ପିକର୍‌ଙ୍କୁ ଆମେ ମଝିରେ ମଝିରେ ଶୁଣୁ। ଯାଦୁକର ଦର୍ଶକଙ୍କୁ ବିମୋହିତ କଲା ଭଳି ସେମାନେ ନିଜର ଉପସ୍ଥାପନା ଶୈଳୀରେ ଦର୍ଶକଙ୍କୁ ବାନ୍ଧି ରଖନ୍ତି। ସେହି ମୋଟିଭେସନାଲ୍ ସ୍ପିକର୍‌ମାନେ ଏଥିରୁ ଭଲ ଆୟ କରୁଥିବା ବେଳେ ଆୟୋଜକମାନେ ବି ଭଲ ଦି'ପଇସା ରୋଜଗାର କରନ୍ତି। ମାତ୍ର ଶ୍ରୋତାମାନଙ୍କ ଭାବବିହ୍ୱଳତା ସେହି ଅଡିଟୋରିୟମ୍‌ର ଚାରିକାନ୍ଥ ଭିତରେ ମିଳେଇଯାଏ।

ଇଚ୍ଛା-ଅନିଚ୍ଛା ସତ୍ତ୍ୱେ ଏମିତି ଗୋଟିଏ ଗୋଟିଏ ସଭା ଆମମାନଙ୍କ ଭାଗରେ ଜୁଟେ। ସୀମା ସରହଦ ନ ମାନି ବକ୍ତା ଅନର୍ଗଳ ଗପିଚାଲନ୍ତି। ଦର୍ଶକମାନଙ୍କ ଧୈର୍ଯ୍ୟ ତଥା ମନସ୍ତତ୍ତ୍ୱକୁ ବୁଝିବାକୁ ସେ ଚେଷ୍ଟା କରନ୍ତି ନାହିଁ। ବାଧ୍ୟ ହୋଇ ସଭାପତି ହସ୍ତକ୍ଷେପ କରନ୍ତି ଏବଂ ବକ୍ତାଙ୍କର ବକ୍ତବ୍ୟରେ ଯବନିକା ପଡ଼େ। ବେଳେବେଳେ ମଞ୍ଚ ତଳେ ପାଲଉଠାଳି ଏକାକୀ ଜଗି ବସିଥିବା ଭଳି ଅବସ୍ଥାକୁ ସଭାଟି ଆସିଯାଏ।

ରାଜନୈତିକ ଦଳଙ୍କ ସଭା ସମାବେଶ କଥା ନ କହିଲେ ଭଲ। ସେଠାରେ ପ୍ରତ୍ୟେକ ଜଣେ ଜଣେ ନେତା। କର୍ମୀ କେହି ନ ଥା'ନ୍ତି। ସମସ୍ତେ କହିବାକୁ ବ୍ୟସ୍ତ ହୁଅନ୍ତି, ଶୁଣିବାକୁ କେହି ନ ଥା'ନ୍ତି। ନେତାଙ୍କୁ ଅପେକ୍ଷା କରି କରି ଅଧାରୁ ଅଧିକ କର୍ମୀ ସଭାସ୍ଥଳ ଛାଡ଼ି ଚାଲିଯାଇଥା'ନ୍ତି। ଅବଶିଷ୍ଟ ଯେଉଁମାନେ ରହିଲେ, ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ସଭାମଣ୍ଡପରେ ଦେଖିବାକୁ ମିଳେ। ଏଥିପାଇଁ ସେମାନଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲେ। ସଭା ସରୁଣୁ ନ ସରୁଣୁ ଖାଦ୍ୟପୁଡ଼ିଆ ପାଇଁ ଧସ୍ତାଧସ୍ତି ବି ହୁଏ।

ସବୁଠାରୁ ବେଶି ଗୁରୁତ୍ୱ ବହନ କରେ ଆଲୋଚନାଚକ୍ର ବା ସେମିନାର। ଏଠାରେ ନିର୍ଦ୍ଦିଷ୍ଟ ସମୟ ଥାଏ, ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଥାଏ, ନିର୍ଦ୍ଦିଷ୍ଟ ବକ୍ତା ଥାଆନ୍ତି, ନିର୍ଦ୍ଦିଷ୍ଟ ଶ୍ରୋତା ବି ଥାଆନ୍ତି। ଶୃଙ୍ଖଳାର ସହିତ ଆଲୋଚନାଚକ୍ର ଶେଷ ହୁଏ। ଅତିଥିମାନଙ୍କ ବକ୍ତବ୍ୟ ଦର୍ଶକମାନଙ୍କ ଉପରେ ପ୍ରଭାବଶାଳୀ ହୁଏ। ସାହିତ୍ୟ ସଭା ବା ସାହିତ୍ୟ ଆସର ଆଉ ଏକ ପ୍ରକାର ଉତ୍ସାହପ୍ରଦ କାର୍ଯ୍ୟକ୍ରମ। କେବଳ ସାହିତ୍ୟପ୍ରେମୀ ବ୍ୟକ୍ତିମାନଙ୍କୁ ଏଠାରେ ହିଁ ଦେଖିବାକୁ ମିଳେ।

ବିଶ୍ୱର ଅଧିକାଂଶ ରାଷ୍ଟ୍ରରେ ଗଣତନ୍ତ୍ର ଶାସନ ଚାଲିଛି। ଏହି ଗଣତନ୍ତ୍ରକୁ ଭଙ୍ଗୁର କରିବା ପାଇଁ ସମାନ୍ତର ଭାବେ ଆତଙ୍କବାଦ ମୁଣ୍ଡ ଟେକୁଛି। ମୌଳବାଦୀ ଓ ସାମ୍ପ୍ରଦାୟିକତାବାଦୀମାନେ ସଭାସମିତି କରି ସାଧାରଣ ଜନତାଙ୍କୁ ହିଂସା ଦ୍ୱେଷ ସୃଷ୍ଟି କରିବାକୁ ପ୍ରବର୍ତ୍ତାଉଛନ୍ତି। ସେମାନଙ୍କ ପ୍ରରୋଚନାରେ କେତେକ ଭଳି ଯାଇ ଅସ୍ତ୍ର ଧାରଣ କରୁଛନ୍ତି। ଦେଶରେ ଅରାଜକତା ସୃଷ୍ଟି ହେଉଛି।

କହିବା ବାହୁଲ୍ୟ ଯେ, ବର୍ତ୍ତମାନ ଦେଶଟା କେବଳ ଭାଷଣରେ ଚାଲିଛି। ତା' ସତ୍ତ୍ୱେ ସାମାଜିକ ପରିବର୍ତ୍ତନ ପାଇଁ ସଭାସମିତିର ଆବଶ୍ୟକତାକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ। ମାତ୍ର ସେହି ସଭାସମିତିଗୁଡ଼ିକ ସୃଜନଶୀଳତାକୁ ଆଧାର କରି ହେବା ଉଚିତ। ବକ୍ତା ଓ ବକ୍ତୃତା ଯେପରି ପରସ୍ପର ଅବିଚ୍ଛେଦ୍ୟ, ବକ୍ତା ଓ ଶ୍ରୋତା ସେହିପରି ପରସ୍ପର ପରିପୂରକ। ଗୋଟିକୁ ଛାଡ଼ି ଅନ୍ୟଟିକୁ ଚିନ୍ତା କରାଯାଇ ପାରିବ ନାହିଁ। ବକ୍ତାମାନେ ସମାଜକୁ ଦିଗ୍‌ଦର୍ଶନ ଦିଅନ୍ତି। ବକ୍ତାଙ୍କ ଆଦର୍ଶରେ ସମାଜ ଅନୁପ୍ରାଣିତ ହୁଏ। ତେଣୁ ବକ୍ତାଙ୍କ ବକ୍ତବ୍ୟ ସର୍ବଦୌ ଗଠନମୂଳକ ହେବା ଆବଶ୍ୟକ ଏବଂ ଦେଶ ତଥା ସମାଜର ହିତରେ ତାହା ପ୍ରେରଣାଦାୟୀ ହେବା ଅପରିହାର୍ଯ୍ୟ।

ମୋ: ୭୯୭୫୦୪୬୪୮୬

## ଏଇ ଭାରତରେ

ନଡ଼ାପୋଡ଼ି ସମସ୍ୟା ସମାଧାନ କରିବା ସହ ଜମିର ଉର୍ବରତା ବଢ଼ାଇବାରେ ସନ୍ଦୀପା କାନିତକରଙ୍କ ଅଭିନବ ପ୍ରୟାସ ବେଶ୍ ପ୍ରଶଂସନୀୟ। ୫୩ ବର୍ଷୀୟା କାନିତକର ଜଣେ ମାଇକ୍ରୋ ବାୟୋଲୋଜିଷ୍ଟ। ରହୁଛନ୍ତି ପୁଣେରେ। ତାଙ୍କ ଦ୍ୱାରା ପ୍ରସ୍ତୁତ 'ସ୍ୱିଡ୍ କମ୍ପୋଷ୍ଟ' ଜମିରେ ପକାଇବା ଦ୍ୱାରା ନଡ଼ା ସହଜରେ ଖତ ହୋଇଯାଉଛି। ସ୍ୱିଡ୍ କମ୍ପୋଷ୍ଟରେ ଥିବା ଅଣୁଜୀବ ନଡ଼ାକୁ ଶୀଘ୍ର ବିଘଟନ କରିପାରୁଛନ୍ତି। ନଡ଼ାକୁ ଜୈବିକ ଖତରେ ପରିଣତ କରିବାକୁ ହେଲେ ଏକ ଏକରରେ ୬୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। କିନ୍ତୁ ଏହି ପଦ୍ଧତିରେ ଜମିର ଉର୍ବରତା ସହ ଉତ୍ପାଦନ ବୃଦ୍ଧି ପାଇବା ସହ ଚାଷୀମାନେ ଅତ୍ୟଧିକ ଲାଭ ପାଇପାରୁଛନ୍ତି। କାନିତକରଙ୍କ ପ୍ରୟାସ ଯୋଗୁ ଦିଲ୍ଲୀ, ହରିୟାଣାରେ ପ୍ରାୟ ୩୦,୦୦୦ ଏକର ଜମିରେ ନଡ଼ାପୋଡି ବନ୍ଦ କରାଯାଇପାରିଛି। ବାୟୁ ପ୍ରଦୂଷଣ ବି ଅନେକାଂଶରେ କମିଛି। ୨୦୧୬ରୁ କାନିତକର ଏହି କାର୍ଯ୍ୟ କରିଆସୁଛନ୍ତି। ସେ ୧୯୯୦ରେ ପ୍ରତିଷ୍ଠା କରିଥିବା 'କାନ୍ ବାୟୋଜ' ସଂସ୍ଥା ଦ୍ୱାରା ଏହା କରାଯାଉଛି। ଏହି ସଂସ୍ଥା ମଧ୍ୟ କୀଟନାଶକ ଓ ରାସାୟନିକ ସାର ମୁକ୍ତ କୃଷି ଲାଗି ସଂଗ୍ରାମ ଜାରି ରଖିଛି। ଦୀର୍ଘ ୩୦ ବର୍ଷ ହେବ ମହାରାଷ୍ଟ୍ର, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ଗୁଜରାଟ, ପଞ୍ଜାବ ଏବଂ ହରିୟାଣାରେ ଲକ୍ଷ ଲକ୍ଷ କୃଷକଙ୍କୁ ଜୈବିକ କୃଷିରେ ସାମିଲ କରିସାରିଲେଣି କାନିତକର। କୃଷି ଉତ୍ପାଦଗୁଡ଼ିକୁ ଆମେରିକା, ତୁର୍କି, ଅଷ୍ଟ୍ରେଲିଆ, ୟୁରୋପ, ଆଫ୍ରିକା ଏବଂ ଲାଟିନ୍ ଆମେରିକାକୁ ରପ୍ତାନି କରାଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୭ ସେପ୍ଟେମ୍ବର ୧୯୯୬

- ୬୫ କୋଟି ଟଙ୍କାର ହାୱାଲା କାରବାର ମାମଲାରେ ଭାଜପା ସଭାପତି ଏଲ୍.କେ. ଆଡଭାନୀଙ୍କ ବିରୁଦ୍ଧରେ ଦୁର୍ନୀତି ଓ ଫୌଜଦାରି ଷଡ଼ଯନ୍ତ୍ର ମାମଲା ରୁଜୁପାଇଁ ସ୍ୱତନ୍ତ୍ର କ୍ଷମତାପ୍ରାପ୍ତ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।
- ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ପୂର୍ବତନ ପାର୍ଲାମେଣ୍ଟ ସଦସ୍ୟଙ୍କୁ ଉତ୍କୋଚ ପ୍ରଦାନ ମାମଲାରେ ସିବିଆଇ ଶିବୁ ସୋରେନ୍‌ଙ୍କ ସମେତ ୬ ଜଣ ଝାଡ଼ଖଣ୍ଡୀ ନେତାଙ୍କୁ ଗିରଫ କରିଛନ୍ତି।

## ଚିରନ୍ତନୀ

''ନିର୍ମଳ ସେ ପୂତ ଜଳେ
ଅନ୍ତର ବେଦନା ତୋର ଲିପ
''ଜୀବନ ମନ୍ଦିର ଚୂଳେ
ଜଳି ଉଠୁ ଆଶା ମହାଦୀପ ! –(ମହାଦୀପ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଯେଉଁମାନଙ୍କର ଗୋ ବିଜ୍ଞାନ ଭିତରେ ପ୍ରବେଶ ନାହିଁ ସେମାନେ ଗୋମାତା ଉପରେ ଟିପ୍ପଣୀ କରିବା ଉଚିତ ନୁହେଁ

ମହାଶୟ,
ଆପଣଙ୍କ ୬ ସେପ୍ଟେମ୍ବର ୨୦୨୧ରେ ପ୍ରକାଶିତ 'ବିଚାରରେ ଗାଈ' ଶୀର୍ଷକ ସମ୍ପାଦକୀୟ ସମ୍ପର୍କରେ ଅବତାରଣା କରୁଛୁ। ଉଚ୍ଚତମ ନ୍ୟାୟାଳୟର ନ୍ୟାୟାଧୀଶ ଗୋ ବିଜ୍ଞାନ ଉପରେ ଗବେଷଣା ଓ ଅଧ୍ୟୟନ ମଧ୍ୟ କରିଛନ୍ତି। ରାଷ୍ଟ୍ର ଭିତରେ ନ୍ୟାୟ ଦେବା ପାଇଁ ସମଗ୍ର ବିଚାରକୁ ଉପସ୍ଥାପନା କରିଛନ୍ତି। କିନ୍ତୁ ଧରିତ୍ରୀର ସମ୍ପାଦକ ମହୋଦୟ ଏହି ବିଷୟରେ କୌଣସି ଜ୍ଞାନ ନ ଥାଇ ଯେଉଁ ମତ ଉପସ୍ଥାପନ କରିଛନ୍ତି, ତାହା ଉଭୟ ସମାଜ ଏବଂ ଦେଶର ନ୍ୟାୟକୁ ଖଣ୍ଡନ କରିଛନ୍ତି। ଏହା ସମ୍ପୂର୍ଣ୍ଣ ଅସାମ୍ବିଧାନିକ। ତତ୍ ସହିତ ଏହି ମନ୍ତବ୍ୟ ସନାତନ ଧର୍ମ ପାଇଁ କୁଠାରାଘାତ। ଓଡ଼ିଶାର ସାଧୁ ସନ୍ଥମାନେ କିଛି ଅନୁଷ୍ଠାନ, କାର୍ଯ୍ୟାଳୟ, ସହରର ନାମ ବଦଳାଇବାକୁ ନେଇ ପ୍ରକାଶ କରୁଥିବା ବିଷୟ ମଧ୍ୟ ଖଣ୍ଡନୀୟ। ଯେଉଁ ବ୍ୟକ୍ତି ବା ସମୂହ ଭାରତୀୟ ସମ୍ବିଧାନ ନ୍ୟାୟ ପ୍ରକ୍ରିୟାର ବିଚାରପତିଙ୍କ ସହ ଉପହାସ କରିଛନ୍ତି ତାଙ୍କୁ ଶୀଘ୍ର ଦଣ୍ଡିତ କରାଯାଉ।

–ସନ୍ଥ ସମାଜ ଓଡ଼ିଶା, ରାୟଗଡ଼ା ଜିଲା ବିଶ୍ୱ ହିନ୍ଦୁ ପରିଷଦ

## ସବୁ ସ୍କୁଲ୍‌ରେ ହକି ଶିଖାଯାଉ

ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ପୁରୁଷ ହକି ଦଳ ୪୧ ବର୍ଷ ପରେ ପଦକ ହାସଲ କରିବା ଓ ମହିଳା ହକି ଦଳ ସେମିଫାଇନାଲରେ ପହଞ୍ଚି ଇତିହାସ ରଚିବା କିଛି କମ୍ କଥା ନୁହେଁ। ଏହି ଦୁଇଟି ଦଳରେ ଓଡ଼ିଶାର ଅବଦାନ ଉଲ୍ଲେଖଯୋଗ୍ୟ। କାରଣ ପୁରୁଷ ଦଳରେ ସୁନ୍ଦରଗଡ଼ର ଅମିତ ରୋହିଦାସ ଓ ବୀରେନ୍ଦ୍ର ଲାକ୍ରା ଖେଳୁଥିଲେ। ସେହିପରି ମହିଳା ହକି ଦଳରେ ଥିଲେ ଦୀପ୍‌ଗ୍ରେସ ଏକ୍କା ଓ ନମିତା ଟପ୍ପୋ। ଓଡ଼ିଶାର ସମସ୍ତ ବିଦ୍ୟାଳୟରେ ଖେଳ ପିରିୟଡ଼ରେ ଛାତ୍ରୀଛାତ୍ରଙ୍କୁ ହକି ଉପରେ ପ୍ରଶିକ୍ଷଣ ଦିଆଗଲେ ଏମାନଙ୍କ ଭଳି ଆହୁରି ଅନେକ ଖେଳାଳି ଆଗକୁ ଆସିପାରିବେ।

–କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ପୁଣି ଧରାହେଲା ୪ ବିରାଡ଼ି

ବାରଙ୍ଗ,ଡି.ଏନ୍.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ଏବେ ବୁଲା ବିରାଡିର ଭୟ ଘାରିଛି। ଯାହା ଫଳରେ କର୍ତ୍ତୃପକ୍ଷ ନନ୍ଦନକାନନରେ ବିରାଡିଧରା ଅଭିଯାନ ଗତ ୨ତାରିଖରେ ଆରମ୍ଭ କରିଛନ୍ତି। ପ୍ରଥମଦିନ ଉଦ୍ୟାନ ଭିତରୁ ଗୋଟିଏ ବୁଲା ବିରାଡ଼ି ଧରିଥିବା ବେଳେ ସୋମବାର ମଧ୍ୟରେ ଆଉ ୪ଟି ବୁଲା ବିରାଡ଼ିକୁ ଧରାଯାଇଛି। ଏହି ବିରାଡ଼ିଙ୍କୁ ଜନବସତିଠାରୁ ଦୂରରେ ଛଡ଼ାଯାଉଛି। ଆଗକୁ ଏହି ଅଭିଯାନ ଜାରି ରହିବ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ଡ.ସଞ୍ଜିତ କୁମାର ସୂଚନା ଦେଇଛନ୍ତି।

### ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଆଦିଶକ୍ତି ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ 'ମା' କି ଅମର ଗାଥା' ଉନ୍ମୋଚନ, ସିଜେଲର ଷ୍ଟୁଡିଓ, ପ୍ଲଟ ନଂ.ବି-୪୮, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୧ଟା ୩୦।

କଟକ
- କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ପେନସନର ସଂଘର ରାଜ୍ୟ କମିଟି ପକ୍ଷରୁ ଧାରଣା, କଟକ ରେଳ ଷ୍ଟେଶନ, ଆର୍‌ଏମ୍‌ଏସ୍ ଅଫିସ ସମ୍ମୁଖ, ପୂର୍ବାହ୍ନ ୧୦ଟା ୩୦।

### ସଂକ୍ଷେପରେ

## ନାବାଳିକାଙ୍କ ଝୁଲନ୍ତା ମୃତଦେହ ଜବତ

ଭୁବନେଶ୍ୱର,୬।୯(ବ୍ୟୁରୋ): ମଞ୍ଚେଶ୍ୱର ଥାନା ରଙ୍ଗମାଟିଆ ଗ୍ରାମରେ ଏକ ଘରୁ ଜଣେ ନାବାଳିକାଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ପୋଲିସ ଜବତ କରିଛି। ମୃତ ଛାତ୍ରୀ ଜଣଙ୍କର ବୟସ ପାଖାପାଖି ୧୬ ବର୍ଷ ବୋଲି ପୋଲିସ ଅନୁମାନ କରୁଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲା ବାଣପୁରର ସରୋଜିନୀ ପ୍ରଧାନ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ସ୍ଥାନୀୟ ଥାନା ରଙ୍ଗମାଟିଆରେ ନାବାଳିକା ଝିଅଙ୍କୁ ଧରି ରହୁଥିଲେ। ସରୋଜିନୀ ଝିଅକୁ ପାଠ ପଢ଼ାଇବା ସହ ନିଜେ ରୋଜଗାର କରି ପରିବାର ଚଳାଉଥିଲେ। ସୋମବାର ଅପରାହ୍ନ ୨ଟାରେ ସରୋଜିନୀ କାମରୁ ଫେରିବା ପରେ ଘରର କବାଟ ବାଡେଇ ଝିଅକୁ ଡାକିଥିଲେ ମଧ ସେ ଶୁଣି ନ ଥିଲେ। ସନ୍ଦେହରେ ଝରକା ଫାଙ୍କରେ ଦେଖିବା ବେଳେ ଓଢ଼ଣିରେ ଝିଅ ଝୁଲିଥିବା ଦେଖି ପୋଲିସକୁ ଖବର ଦେଇଥିଲେ।

## ଶ୍ରୀମଦ୍ ଭଗବଦ୍ ଗୀତାର ପ୍ରଚାର, ପ୍ରସାର ଉଦ୍ୟମ

ଭୁବନେଶ୍ୱର,୬।୯(ବ୍ୟୁରୋ): ଆଧୁନିକ ଯୁଗରେ ବିଶ୍ୱର ସର୍ବଶ୍ରେଷ୍ଠ ଗ୍ରନ୍ଥ ଓ ଭଗବାନଙ୍କ ମୁଖନିଃସୃତ ବାଣୀ ଶ୍ରୀମଦ ଭଗବଦ୍ ଗୀତାର ପ୍ରଚାର ଓ ପ୍ରସାର ଏବଂ ବଣ୍ଟନ କାର୍ଯ୍ୟକ୍ରମ ଢେଙ୍କାନାଳସ୍ଥିତ ଗିରିରାଜ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ କରାଯାଉଛି। ଅନୁଷ୍ଠାନର ସମ୍ପାଦିକା ବିଭାରାଣୀ ପାତ୍ରଙ୍କ ନେତୃତ୍ୱରେ ଦେଶର ବିଭିନ୍ନ ପ୍ରସିଦ୍ଧ ଦେବାଳୟଗୁଡ଼ିକରେ ଶ୍ରୀମଦ୍ ଭଗବଦ୍ ଗୀତାର ପ୍ରଚାର ପ୍ରସାର କରିବା ସହ ଲୋକମାନଙ୍କୁ ଗୀତା ପୁସ୍ତକ ପ୍ରଦାନ କରାଯାଉଛି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସୋମବାର ଭୁବନେଶ୍ୱରର ଶ୍ରୀଲିଙ୍ଗରାଜ ମନ୍ଦିର, ରାମ ମନ୍ଦିର ଏବଂ ଇସ୍କନ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିବା ସହ ଗୀତାର ମାହାତ୍ମ୍ୟ ଉପରେ ଆଲୋଚନା କରାଯାଇଥିଲା। ପରେ ମନ୍ଦିରକୁ ଆସୁଥିବା ଭକ୍ତମାନଙ୍କୁ ଗୀତା ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ କିପରି ଏହି ମହାନ ଗ୍ରନ୍ଥକୁ ପାଠ୍ୟକ୍ରମରେ ସଂଯୁକ୍ତ କରାଯିବ, ସେଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ଦାବିପତ୍ର ଦିଆଯିବ। ଓଡ଼ିଶାର ସମସ୍ତ ଦେବାଳୟରେ କାର୍ଯ୍ୟକ୍ରମ ସମାପ୍ତି ପରେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପ୍ରାୟ ୧ଲକ୍ଷରୁ ଉର୍ଦ୍ଧ୍ୱ ଗୀତା ବଣ୍ଟନ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଦସ୍ୟ ରଞ୍ଜନ କୁମାର ମହାପାତ୍ର, ବିଶ୍ୱଜିତ ସାମନ୍ତରାୟ, ସତ୍ୟବ୍ରତ ଦାସ, ସୁଜିତ ପଟ୍ଟନାୟକ, ସୌଭାଗ୍ୟ ବରାଳ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ଗ୍ରାମାଞ୍ଚଳରେ ଶିକ୍ଷାର ବିକାଶ ପାଇଁ ଦଧୀଚି ସର୍ବଦା ଚେଷ୍ଟିତ

କଣ୍ଟାପଡ଼ା,୬।୯(ଡି.ଏନ୍.ଏ.): କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ସୁନ୍ଦର ଗ୍ରାମରେ ଥିବା ଦଧୀଚି ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କୋଭିଡ୍ ନିୟମ ଅନୁସାରେ ଏହି ଉତ୍ସବ ହୋଇଥିବାବେଳେ ଏଥିରେ ଅନୁଷ୍ଠାନର ଚେୟାରମ୍ୟାନ ଡ. ମନୋଜ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳରେ ଶିକ୍ଷାର ବିକାଶ ପାଇଁ ଦଧୀଚି ସର୍ବଦା ଚେଷ୍ଟିତ ବୋଲି କହିଥିଲେ। ମ୍ୟାନେଜିଂ ଟ୍ରଷ୍ଟି ବବିତା ଦାଶ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିବାବେଳେ ଦଧିଚି ପବ୍ଲିକ ସ୍କୁଲର ଅଧକ୍ଷ ଦେବେନ୍ଦ୍ର ଭଞ୍ଜ, ଏଆଇସିଏସ୍‌ର ଅଧକ୍ଷ କାର୍ତ୍ତିକ ଚନ୍ଦ୍ର ପୃଷ୍ଟି, ଦଧୀଚି ଆଇଓଆଇ ଅଧକ୍ଷା ନିବେଦିତା ମହାନ୍ତି, ଫାର୍ମାସୀ ଅଧକ୍ଷ ରଜତ କର ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ବିଭିନ୍ନ ଦିଗ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧାପିକ ମନୀଷା ମଞ୍ଜରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଶୁଭାମିତା ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିକାରୀ ବାସୁଦେବ ବିଶ୍ୱାଳ, ସୀମାଞ୍ଚଳ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ 'ମାଇ କଲେଜ ମାଇ ଆଇଡଲ' ଉପରେ ଆଲୋଚନା କରାଯାଇଥିଲା।

# ନୃତ୍ୟରେ ମହାଦେବଙ୍କୁ ପ୍ରଣତି ଜଣାଇଲେ ଅନିତା

### ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ଭୁବନେଶ୍ୱର, ୬।୯ (ବ୍ୟୁରୋ)

ନୃତ୍ୟାନୁଷ୍ଠାନ 'ସୃଜନ' ପକ୍ଷରୁ ଚାଲିଥିବା ୨୭ତମ ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ମହୋତ୍ସବର ସୋମବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ପ୍ରସିଦ୍ଧ ଭାରତନାଟ୍ୟମ୍ ନୃତ୍ୟଶିଳ୍ପୀ, କୋରିଓଗ୍ରାଫର ତଥା ସାରସ୍ୱତ ସଂସ୍କୃତି କେନ୍ଦ୍ରର ପ୍ରତିଷ୍ଠାତା ଅନିତା ମଲ୍ଲିକଙ୍କ ନୃତ୍ୟରୁ ମହୋତ୍ସବର ସନ୍ଧ୍ୟା ଆରମ୍ଭ ହୋଇଥିଲା। ଗୁରୁ ଥାଙ୍କମଣି କୁଟ୍ଟୀଙ୍କ ଶିଷ୍ୟା ଅନିତାଙ୍କ ପ୍ରଥମ ପରିବେଷଣ ଥିଲା ଲଳିଥା ଶହସ୍ରନାମମ୍‌ରୁ ଆଧାରିତ 'ଅମ୍ବିକା ପଲ୍ଲବୀ'। ଶିଳ୍ପୀ ନିଜର ନୃତ୍ୟ ମାଧ୍ୟମରେ ଦେବୀ ଅମ୍ବିକାଙ୍କ ଐଶ୍ୱର୍ଯ୍ୟ, ଶକ୍ତିର ପ୍ରଶଂସା କରିଥିଲେ। ଏହା ପରେ ରାଗ ମାଳିକା ଏବଂ ଆଦି ତାଳରେ 'କୃଷ୍ଣ ଅନୁଭବମ୍' ପରିବେଷଣ କରିଥିଲେ। ଏଥିରେ ଭଗବାନ କୃଷ୍ଣଙ୍କର ମହିମା ଏବଂ ଆକର୍ଷଣୀୟ ପ୍ରକୃତିର ପ୍ରତିଫଳନକୁ ବେଶ୍ ଚମତ୍କାର ଢଙ୍ଗରେ ଉପସ୍ଥାପନ କରିଥିଲେ। ତୃତୀୟ ଉପସ୍ଥାପନାରେ 'କୀର୍ତ୍ତନମ' ପ୍ରଦର୍ଶିତ ହୋଇଥିଲା। ଏହି ନୃତ୍ୟରେ ସେ ଜୀବନର ଅନନ୍ତ ଚକ୍ର ଯଥା ସୃଷ୍ଟି, ବିବର୍ତ୍ତନ ଓ ବିନାଶର ନିୟନ୍ତ୍ରକ ମହାଦେବଙ୍କୁ ପ୍ରଣତି ଜଣାଇଥିଲେ। ଶେଷରେ ସନ୍ଥ ତୁଳସୀ ଦାସଙ୍କ ରଚିତ ପ୍ରସିଦ୍ଧ ରାମ ଭଜନ 'ଠୁମକ ଚଲତ ରାମ ଚନ୍ଦ୍ର'ରେ ଭକ୍ତିପୂତ ପ୍ରଣାମ ଜଣାଇଥିଲେ। ବାଦ୍ୟ ସଙ୍ଗୀତରେ ଓଏସ୍ ଅରୁଣ ଓ ବସୁଧା ରବି, ମୃଦଙ୍ଗରେ ଏମ୍‌ଏସ୍ ସୁଖୀ ଓ ଏନ୍‌କେ କେଶବନ, ବଂଶୀରେ ନବୀନ କୁମାର ଓ ପାଲଘାଟ ସାଇରାମ, ବେହେଲାରେ ଟି. ଶିବଗଣେଶନ୍ ଓ ଶ୍ରୀଲକ୍ଷ୍ମୀ ଭେଙ୍କଟ ରମଣୀ, ନଟ୍ଟୁଭଙ୍ଗମ୍‌ରେ ଏମ୍‌ଏସ୍ ସୁଖୀ ଓ ସୁଧାରାଣୀ ରଘୁପତି ସହାୟତା କରିଥିଲେ।



ଶିଳ୍ପୀ ଅନିତା ମଲ୍ଲିକ ନୃତ୍ୟ ପରିବେଷଣ କରୁଛନ୍ତି।



କଣ୍ଠଶିଳ୍ପୀ ରୂପକ ପରିଡ଼ା ସଙ୍ଗୀତ ଗାନ କରୁଛନ୍ତି।

### ଆମୋଦିତ କଲା ରୂପକଙ୍କ 'ବିରଚିତ ଚାଟୁ ବଚନ'

ଦ୍ୱିତୀୟ ଆକର୍ଷଣ ଥିଲେ କଣ୍ଠଶିଳ୍ପୀ ରୂପକ କୁମାର ପରିଡ଼ା। ତାଙ୍କର ପ୍ରଥମ ପରିବେଷଣ ଥିଲା ମେଡ୍‌ଲୀ। କବି ଗୋପାଳକୃଷ୍ଣ ପଟ୍ଟନାୟକଙ୍କ ସଂଯୋଜିତ ଏହି ଗୀତରୁ ତାଙ୍କ ସଙ୍ଗୀତର ସୁର ଆରମ୍ଭ ହୋଇଥିଲା। ପରେ ଜୟଦେବଙ୍କ ଗୀତଗୋବିନ୍ଦ ଅଷ୍ଟପଦୀରୁ 'ବିରଚିତ ଚାଟୁ ବଚନ' ଗାନ କରିଥିଲେ। ଏଥିସହ ଶଳ୍ପୀ କିଛି ଓଡ଼ିଆ ଗୀତ ଓ ଭଜନ ପରିବେଷଣ




ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ

କରିଥିଲେ। 'ସତେ କି ଭାଙ୍ଗି କଳା', 'ଲାଜରେ ସରିଗଲି ଆଜ', 'ବରିଜାଖି ମନରୁ ମାନ', 'ମୋହନ ମୂରତି' ଏବଂ ଶେଷରେ ସ'ଚମ୍ପୂ ପରିବେଷଣ କରି ମଞ୍ଚରୁ ବିଦାୟ ନେଇଥିଲେ। ସଙ୍ଗୀତ କାର୍ଯ୍ୟକ୍ରମର ନିର୍ଦ୍ଦେଶନା ଦେଇଥିଲେ ଡ. ବିଜୟ କୁମାର ଜେନା। ଶିଳ୍ପୀଙ୍କୁ ମର୍ଦ୍ଦଳରେ ଗୁରୁ ସଚ୍ଚିଦାନନ୍ଦ ଦାସ, ହାର୍‌ମୋନିୟମ୍‌ରେ ମୁରଲୀଧର ସ୍ୱାଇଁ, ତାନପୁରାରେ ପ୍ରିୟଙ୍କା ରଥ ଏବଂ ଶ୍ରୀତତ୍ତ୍ୱା ମିଶ୍ର ସହାୟତା କରିଥିଲେ। ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଭର୍ଚ୍ଚୁଆଲରେ ବାର୍ତ୍ତା ରଖିବା ସହ ଶିଳ୍ପୀଙ୍କୁ ଉତ୍ସାହିତ କରିଥିଲେ। 'ସୃଜନ'ର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା, ସଦସ୍ୟା ମାୟା କ୍ରିଷ୍ଣାମୂର୍ତ୍ତି ସଂଯୋଜନା ଓ ଦେବୀପ୍ରସାଦ ମିଶ୍ର ଆଲୋକ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ 'ସୃଜନ'ର ଫେସ୍‌ବୁକ୍ ଓ ୟୁଟ୍ୟୁବ୍‌ରେ ସନ୍ଧ୍ୟା ୭ଟା ୩୦ରେ ଲାଇଭ୍ ପ୍ରଦର୍ଶିତ ହୋଇଥିଲା।

# ରାଜଧାନୀରେ କଳା ଦିବସ ପାଳିଲେ କୁଡୁମୀ ସମ୍ପ୍ରଦାୟ



ଭୁବନେଶ୍ୱର ଲୋୟର ପିଏମ୍‌ଜିରେ କୁଡୁମୀ ସମ୍ପ୍ରଦାୟର ଲୋକେ ନାଚଗୀତ ମାଧ୍ୟମରେ ସରକାରଙ୍କୁ ଦାବି ଜଣାଉଛନ୍ତି।

ଭୁବନେଶ୍ୱର,୬।୯ (ବ୍ୟୁରୋ)

କୁଡୁମୀ ଜାତିକୁ ଅନୁସୂଚିତ ଜନଜାତି ବର୍ଗରୁ ବାଦ୍ ଦିଆଯାଇଥିବାରୁ ଏହା ପ୍ରତିବାଦରେ ସୋମବାର କଳା ଦିବସ ପାଳନ କରିଛି ଏହି ସମ୍ପ୍ରଦାୟ। ଓଡିଶା କୁଡୁମୀ ସେନାର ସଭାପତି ଦିବ୍ୟ ସିଂହ ମହାନ୍ତିଙ୍କ ନେତୃତ୍ୱରେ ରାଜ୍ୟର କୁଡୁମୀ ସମ୍ପ୍ରଦାୟର ଲୋକମାନେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦେବା ସହ ବିଧାନସଭା ସମ୍ମୁଖରେ ନାଚଗୀତ ଗାଇ ପ୍ରତିବାଦ ଓ ଦାବି ଜଣାଇଛନ୍ତି। ଏଥିସହିତ ଏକ ସ୍ମାରକପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଏହି ସ୍ମାରକପତ୍ରରେ କୁଡୁମୀ ଜାତିକୁ ପୁନଃ ଅନୁସୂଚିତ ଜନଜାତି ବର୍ଗରେ ସାମିଲ କରିବା, କୁଡୁମାଲୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ଓ କୁଡୁମାଲୀ ଲିପିକୁ ସ୍ୱୀକୃତି ଦେବା, ଶିକ୍ଷା, ଚାକିରି ଓ ରାଜନୀତି କ୍ଷେତ୍ରରେ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରିବା ତଥା କୁଡୁମୀ ଜାତିର ସାମୂହିକ ଉନ୍ନତି ପାଇଁ କୁଡୁମୀ ବିକାଶ ପରିଷଦ ଗଠନ ଆଦି ପ୍ରମୁଖ ଦାବି ରହିଛି। ପ୍ରକାଶ ଯେ, ୧୯୫୦ ସେପ୍ଟେମ୍ବର ୬ରେ ତତ୍‌କାଳୀନ କେନ୍ଦ୍ରସରକାର କୁଡୁମୀ ଜାତିକୁ ଅନୁସୂଚିତ ଜନଜାତି ବର୍ଗରୁ ବାଦ୍ ଦେଇଥିଲେ। ସେବେଠାରୁ ଏହି ଦିନକୁ କଳା ଦିବସ ରୂପେ କୁଡୁମୀ ଜାତି ପାଳନ କରି ଆସୁଛି।

## ଓଡ଼ିଶାର ପ୍ରାଚୀନତା ଦେଶ ବିଦେଶରେ ପ୍ରମାଣିତ

ଭୁବନେଶ୍ୱର,୬।୯(ବ୍ୟୁରୋ)

ଓଡ଼ିଶାର ପ୍ରାଚୀନତା ଦେଶ ବିଦେଶରେ ପ୍ରମାଣିତ। ବିଶେଷକରି ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ରଗୁଡିକ ସହ ପ୍ରାଚୀନ ଓଡ଼ିଶା ନୌବାଣିଜ୍ୟ ସମ୍ପର୍କ ପ୍ରତିଷ୍ଠା କରିଥିଲା, ଯାହାକି ସମୃଦ୍ଧ ଓ ସୁଦୃଢ଼। କଙ୍ଗୋ, ଜାଭା, କାମ୍ବୋଡିଆ ସମେତ ବିଭିନ୍ନ ଅଞ୍ଚଳର ଶିଳାଲେଖରୁ ପ୍ରାଚୀନ ସାହିତ୍ୟର ସୃଷ୍ଟିର ପ୍ରମାଣ ମିଳୁଛି ବୋଲି ପ୍ରତ୍ନତତ୍ତ୍ୱବିତ୍ ଡ. ସୁନୀଲ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। କେଦାରନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ସ୍ମାରକୀ ବକ୍ତୃତାରେ ଯୋଗଦେଇ ଡ. ପଟ୍ଟନାୟକ 'କଳିଙ୍ଗ ସାହସିକା' କଥା ଭୌଗୋଳିକ ଭୂଖଣ୍ଡରେ ଥିବା ବିଭିନ୍ନ ଜନପଦରେ ପ୍ରମାଣିତ ହୋଇଥିବା କହିଥିଲେ। ପ୍ରତିଷ୍ଠାନର ସଭାପତି ରଘୁନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୌଦ୍ଧିକ ବିତର୍କରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଅଲେଖ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଓ ମାନ୍ଦ୍ରାଜ୍ ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଫେସର ସିନିରୁଦ୍ଧ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଳାଲେଖ, ତାମ୍ରପତ୍ର, ମୁଦ୍ରା ଓ ଉପଲବ୍ଧ ଲିଖିତ ସାହିତ୍ୟରେ ଓଡ଼ିଶାର ପ୍ରାଚୀନତା ପଦଚିହ୍ନ ସ୍ପଷ୍ଟ ବୋଲି କହିଥିଲେ। ଡ. ଦେବାଶିଷ ମହାପାତ୍ର, ଡ. ସୁରେନ୍ଦ୍ରନାଥ ଷଡଙ୍ଗୀ, ଡ. ଭୋଳାନାଥ ଦାଶ, ରାଜଶ୍ରୀ ପାତ୍ର, ସନ୍ଧ୍ୟାରାଣୀ କହଁର ପ୍ରମୁଖ ଯୋଗଦେଇଥିଲେ। ଡ. କୁମୁଦ ପ୍ରସାଦ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଓ ଡ. ରମେଶ ଚନ୍ଦ୍ର ପାଣି ଧନ୍ୟବାଦ ଦେଇଥିଲେ।

## ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ ପାଇବେ ଭାସ୍କର ମିଶ୍ର, ଶକୁନ୍ତଳା ବଳିଆରସିଂ

ପୁରୀ ଅଫିସ, ୬।୯

ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟର ୩୨ତମ ବାର୍ଷିକ ଉତ୍ସବରେ ୨୦୨୦ ଏବଂ ୨୦୨୧ ବର୍ଷ ପାଇଁ ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ ପ୍ରଦାନ କରାଯିବ। ଆସନ୍ତା ୧୪ ତାରିଖରେ ପୁରୀ ୟୁଥ ହଷ୍ଟେଲ ପରିସରରେ ଅନୁଷ୍ଠାନର ବାର୍ଷିକ ଉତ୍ସବ ପାଳନ ହେବ। ୨୦୨୦ ବର୍ଷ ପାଇଁ ବିଶିଷ୍ଟ ସାହିତ୍ୟିକା ଡ. ଶକୁନ୍ତଳା ବଳିଆରସିଂ ଏବଂ ୨୦୨୧ ବର୍ଷ ପାଇଁ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଭାସ୍କର ମିଶ୍ରଙ୍କୁ ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ ପ୍ରଦାନ କରାଯିବ। ସେହିପରି ସାରସ୍ୱତ ସମ୍ମାନରେ ମନୋରମା ଆଚାର୍ଯ୍ୟ, ଦାମୋଦର ମହାନ୍ତି, ଫୁଲରାଣୀ ପାଳ, ବଦ୍ରି ମିଶ୍ର, ଶାନ୍ତିଲତା ପଲାଇ, ଡ. ଗୀତାଶ୍ରୀ ପ୍ରିୟମ୍ବଦାଙ୍କୁ ସମ୍ମାନିତ କରାଯିବ। ଏଥିସହ ପ୍ରକାଶ କୁମାର ଚାନ୍ଦଙ୍କୁ ଯୁବ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

# ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହେବ ମନ୍ଦିର ପରିଚାଳନା କମିଟି

କଟକସଦର,୬।୯(ଡି.ଏନ୍.ଏ.)

କିଶନ ନଗର ତହସିଲ ଅନ୍ତର୍ଗତ ରଟିଲୋସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିରକୁ ଗତ ୨ ତାରିଖରେ ଏନ୍‌ଜିଟି (ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ) ନିର୍ଦ୍ଦେଶରେ ଭାଙ୍ଗି ଦିଆଯାଇଥିଲା। ଯେଉଁ ନିୟମ ଆଧାରରେ ଟ୍ରିବ୍ୟୁନାଲ ୧୫/୧୨/୨୦ରେ ରାୟ ଦେଇଥିଲେ, ତଦ୍‌ନୁଯାୟୀ ମନ୍ଦିର ଭଙ୍ଗାଯାଇଥିଲା। ତେବେ ଭଙ୍ଗା କାର୍ଯ୍ୟ ସରିବା ପରେ ଏହାକୁ ଗ୍ରାମବାସୀଙ୍କ ପକ୍ଷରୁ ବିରୋଧ କରାଯାଇଥିଲା। ଫଳରେ ଏନ୍‌ଜିଟିର ଉକ୍ତ ରାୟର ସମୀକ୍ଷା ବରିଷ୍ଠ ଆଇନଜୀବୀଙ୍କ ଦ୍ୱାରା ତର୍ଜମା କରାଯାଇଥିଲା। ଅନେକ ସ୍ଥାନରେ କଟକ ଜିଲା ପ୍ରଶାସନ ମଧ କ୍ଷମତା ବହିର୍ଭୂତ କାର୍ଯ୍ୟ କରି ନଦୀପଠାରେ ସ୍ଥାୟୀ ନିର୍ମାଣର ଅନୁମତି ଦେଇଛି ବୋଲି ତର୍ଜମାରୁ ଜଣାଯାଇଛି। ଏହି ବେନିୟମ କାର୍ଯ୍ୟ ସମ୍ପର୍କରେ ରଟିଲୋ ମନ୍ଦିର କମିଟି ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହେବ ବୋଲି ମନ୍ଦିର ପରିଚାଳନା କମିଟିର ବରିଷ୍ଠ ସଭ୍ୟ ତ୍ରୈଲୋକ୍ୟ ପଣ୍ଡା ସୂଚନା ଦେଇଛନ୍ତି। କିଶନ ନଗର ତହସିଲ ରଟିଲୋ ମୌଜାର ଖାତା ନଂ. ୪୩୯ ପ୍ଲଟ ନଂ. ୧୬୨୨ ମୋଟ ରକବା ୨ଏକର ୧୨ଡିସିମିଲ ଜାଗାରୁ ୧୦ଡିସିମଲରେ ମନ୍ଦିର ନିର୍ମାଣ କରାଯାଇଥିଲା। ମହାନଦୀର ତଳମୁଣ୍ଡକୁ ଜଳ ନିଷ୍କାସନରେ ବାଧା ଉପୁଜିବାର ସମ୍ଭାବନା ଥିବାରୁ ଏହାକୁ ଉଚ୍ଛେଦ କରିବା ପାଇଁ ଟ୍ରିବ୍ୟୁନାଲ ରାୟ ଦେଇଥିଲେ। ମାତ୍ର କଟକ ସଦର ତହସିଲ ଅନ୍ତର୍ଗତ ବଗୁଲାପଡ଼ା ମୌଜା ଖାତା ନଂ. ୨୫, ପ୍ଲଟ ନଂ. ୨୪, ୧୧୩ ଓ ୧୧୪ କିସମ ନଦୀକୁ ଜିଲା ପ୍ରଶାସନ ୨୦୧୪ ମସିହାରେ ଜଳ ବିଶୋଧନ ପ୍ଲାଣ୍ଟ ପାଇଁ ଜାଇକାକୁ ହସ୍ତାନ୍ତର କରିସାରିଛି। ମୋଟ ୧୬ଏକର ୫୬ ଡେସିମିଲ ନଦୀ କିସମ ଜାଗାରେ ବିରାଟ କୋଠା ସହ ଘେରିବନ୍ଧ କରାଯାଇଛି। ଏହା କ'ଣ କାଠଯୋଡ଼ି





### ପଞ୍ଚମୁଖୀ ହନୁମାନ ମନ୍ଦିର ଭାଙ୍ଗିବା ଘଟଣା

ନଦୀର ବନ୍ୟାଜଳ ନିଷ୍କାସନରେ ବାଧା ସୃଷ୍ଟି ହେବ ନାହିଁ କି ବୋଲି ପଣ୍ଡା ଜିଲା ପ୍ରଶାସନକୁ ପ୍ରଶ୍ନ କରିଛନ୍ତି। ଜିଲା ପ୍ରଶାସନର ଏଭଳି ଏକପାଖିଆ ନୀତିକୁ ମନ୍ଦିର ପରିଚାଳନା କମିଟି ନିନ୍ଦା କରିଛି। ଏପରିକି ନଦୀଗର୍ଭରେ ନିର୍ମାଣ ପାଇଁ ଜଳ ସମ୍ପଦ ବିଭାଗ ଓ ଜାତୀୟ ନଦୀଜଳ ପ୍ରାଧିକରଣର ଅନୁମତି ନିଆଯାଇ ନ ଥିବା କଥା ପଣ୍ଡା ସୂଚନା ଦେଇଛନ୍ତି। ଏ ନେଇ କଟକ ସଦର ଉପଜିଲାପାଳ ପ୍ରତାପଚନ୍ଦ୍ର ବେଉରା କହିଛନ୍ତି, ଯାହା ନିଷ୍ପତ୍ତି ହୋଇଛି, ନିୟମ ଅନୁସାରେ ଜଳ ବିଶୋଧନ ପ୍ଲାଣ୍ଟ ନିର୍ମାଣ ହୋଇଛି। ତେଣୁ ଯଦି କେହି ଅଭିଯୋଗ କରିବାର ଅଛି, ଏନ୍‌ଜିଟିରେ ଉପସ୍ଥାପନ କରନ୍ତୁ ବୋଲି ସେ କହିଛନ୍ତି।

### ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦିନେଶ



@ କାହ୍ନୁଚରଣ



@ ମୁକ୍ତାର



@ ସନ୍ତୋଷ



@ ଶତ୍ରୁଘ୍ନ



@ ରାଜେଶ

## ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତିଙ୍କ ନାଁରେ ଫେକ୍ ଫେସ୍‌ବୁକ୍ ଆକାଉଣ୍ଟ

ଭୁବନେଶ୍ୱର, ୬।୯ (ବ୍ୟୁରୋ)

ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକଙ୍କ ନାମରେ ଫେକ୍ ଫେସ୍‌ବୁକ୍ ଆକାଉଣ୍ଟ। ଗତ ରବିବାର କେହିଜଣେ ଏହି ଫେକ୍ ଆକାଉଣ୍ଟ ଖୋଲି ସୋମବାର ସକାଳ ସୁଦ୍ଧା ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଟଙ୍କା ମାଗିଥିବା ଏନେଇ ଡ. ମଲ୍ଲିକ ଚନ୍ଦ୍ରଶେଖରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, କଟକ ଓ ଭୁବନେଶ୍ୱରର କେତେଜଣ ବନ୍ଧୁଙ୍କଠାରୁ ଏ ସମ୍ପର୍କରେ ସୂଚନା ପାଇବା ପରେ ସେ ତୁରନ୍ତ ଯାଞ୍ଚ କରିଥିଲେ। ଘଟଣା ସତ୍ୟ ବୋଲି ଜଣାପଡିଥିଲା। ଫେକ୍ ଆକାଉଣ୍ଟ ଖୋଲିଥିବା ବ୍ୟକ୍ତିଜଣକ ଲୋକଙ୍କ ପାଖକୁ ମେସେଜ୍ କରି ୧୦ରୁ ୨୫ହଜାର ଟଙ୍କା ପର୍ଯ୍ୟନ୍ତ ସହାୟତା ମାଗିଛନ୍ତି। ତେବେ ଏ ସମ୍ପର୍କରେ ତୁରନ୍ତ ପୋଲିସ ଜାରି କରିଥିବା ନମ୍ବରରେ କଲ୍ କରିଥିଲେ। ମାତ୍ର ତାହା ସୁଇଚ୍ ଅଫ୍ ଥିବାରୁ ଡ. ମଲ୍ଲିକ କ୍ଷୋଭ ପ୍ରକାଶ କରିଛନ୍ତି। ପରେ ସେ ଚନ୍ଦ୍ରଶେଖରପୁର ଥାନାରେ ପହଞ୍ଚି ଲିଖିତ ଭାବେ ଅଭିଯୋଗ କରିଛନ୍ତି। ପୋଲିସ ତୁରନ୍ତ ଘଟଣାର ତଦନ୍ତ କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପଦକ୍ଷେପ ନେଉଥିବା ସେ ସୂଚନା ଦେଇଛନ୍ତି।

## ନବନିର୍ମାଣ କୃଷକ ସଙ୍ଗଠନର ବୈଠକ

**କଟକ ଅଫିସ:** ନବନିର୍ମାଣ କୃଷକ ସଙ୍ଗଠନର କଟକ ଜିଲା ସାଙ୍ଗଠନିକ ବୈଠକ ସୋମବାର ବଖରାବାଦସ୍ଥିତ ଗାନ୍ଧୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଅକ୍ଟୋବର ୨ ବିହାର ଚମ୍ପାରନରୁ ବନାରସ ଯାତ୍ରା ସମ୍ପର୍କରେ କହିଥିଲେ। ରାଜ୍ୟ ସଂଯୋଜକ ଶେଷଦେ ନନ୍ଦ ଉଭୟ କହିଥିଲେ, ରାଜ୍ୟରେ ମରୁଡି ଓ ଚାଷୀ ଆତ୍ମହତ୍ୟା ଆରମ୍ଭ ହୋଇଗଲାଣି। ଏବେ ଫସଲ ନଷ୍ଟ ହେଲାପରେ ଉଠା ଜଳସେଚନ ପଏଣ୍ଟକୁ ସଚଳ କରିବାକୁ ନିର୍ଦ୍ଦେଶ ଦିଆଯାଇଛି, ଯାହା ରାଜନୈତିକ ସୁରକ୍ଷା ପାଇଁ ଉଦ୍ଦିଷ୍ଟ। ବୈଠକରେ ବିଚିତ୍ର ପଣ୍ଡା, କୃଷ୍ଣଚନ୍ଦ୍ର ବେହେରା, କୃପାସିନ୍ଧୁ ଦାଶ, ଅଭୟ ଭୋଳ, ମନୋଜ ସ୍ୱାଇଁ, ଭୁପେନ୍ଦ୍ର ରାଉତ, ସୁବାସ ସେଠୀ, ଜଟାଧାରୀ ଲେଙ୍କା, ବସନ୍ତ ବିଶ୍ୱାଳ ଯୋଗଦେଇଥିଲେ।

## ସଂକ୍ଷେପରେ

### ଟ୍ରେନ୍ ଧକ୍କାରେ ଜଣେ ମୃତ

ବାରଙ୍ଗ,୬।୯(ଡି.ଏନ୍.ଏ.)- ବାରଙ୍ଗ ଅନ୍ତର୍ଗତ ସର୍ପେଶ୍ୱର ରେଳ ଷ୍ଟେଶନ ନିକଟ ମହାନଦୀ ରେଳ ବ୍ରିଜ ପାଖରେ ସୋମବାର ଏକ ଟ୍ରେନ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେ ହେଲେ ନରାଜ ଗ୍ରାମର ବାଦଲ ସାହୁ(୪୮)। ଖବରପାଇ ବାରଙ୍ଗ ଜିଆର୍‌ପି ଫାଣ୍ଡି ଅଧିକାରୀ ଗୌରଚନ୍ଦ୍ର ନାୟକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛନ୍ତି। ଏଥିସହ ଏ ନେଇ କଟକ ଜିଆର୍‌ପି ଥାନାରେ ଏକ ମାମଲା(ନଂ.୫୧/୨୧) ରୁଜୁ କରିଛି। ପୋଲିସ ସୂଚନା ମୁତାବକ, ବାଦଲ ସୋମବାର ମହାନଦୀ ରେଳ ଟ୍ରାକରେ ଚାଲିଚାଲି ଘରକୁ ଆସୁଥିଲେ। ଏହି ସମୟରେ ଘଣ୍ଟିଖାଲ ପଟୁ ନରାଜ ଅଭିମୁଖେ ଆସୁଥିବା ରାଉରକେଲା ଭୁବନେଶ୍ୱର ଇଣ୍ଟର ସିଟି ଏକ୍ସପ୍ରେସ ପଛପଟୁ ଧକ୍କା ଦେଇଥିଲା। ଫଳରେ ବାଦଲ ରେଳ ଟ୍ରାକରୁ ଛିଟିକି ତଳକୁ ଖସିପଡ଼ି ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସେହି ବାଟ ଦେଇ ଲୋକେ ଯାଉଥିବା ଏହା ଦେଖି ପୋଲିସକୁ ଜଣାଇଥିଲେ।

### ନଦୀରେ ଭାସୁଛି ମୃତଦେହ

କଣ୍ଟାପଡା,୬।୯(ଡି.ଏନ୍.ଏ.) ଗୋବିନ୍ଦପୁର ଥାନା ଅନ୍ତର୍ଗତ ୱାଉବରାଇ ନିକଟ ଦେବୀ ନଦୀରେ ସୋମବାର ସନ୍ଧ୍ୟାରେ ଏକ ଅଜଣା ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଛି। ମୃତଦେହରେ ପ୍ୟାଣ୍ଟ ଶାର୍ଟ ରହିଥିବାବେଳେ ମୁହଁମାଡି ଭାସୁଥିଲା। ତେବେ ଏହାର ପରିଚୟ ମିଳିପାରି ନାହିଁ। ସୂଚନାଯୋଗ୍ୟ, ଅପରାହ୍ନ ସମୟରେ ନଦୀ ନିକଟସ୍ଥ ସ୍ଥାନୀୟ ଲୋକେ ନଦୀ ରାସ୍ତାରେ ଯାଉଥିବା ବେଳେ ଏକ ମୃତଦେହ ଭାସୁଥିବାର ଦେଖିଥିଲେ। ଖବରପାଇ ପୋଲିସ ପହଞ୍ଚିବା ସମୟରେ ସନ୍ଧ୍ୟା ହୋଇଯାଇଥିବାରୁ ୨ଜଣ ପୋଲିସ ସେଠାରେ ଜଗିରହିଛନ୍ତି। ତେବେ ପରିଚୟ ଜଣାପଡ଼ି ନ ଥିବାରୁ ମଙ୍ଗଳବାର ମୃତଦେହକୁ ଜବତ କରାଯିବ ବୋଲି ଗୋବିନ୍ଦପୁର ଥାନା ପକ୍ଷରୁ କୁହାଯାଇଛି।

### ବିଦ୍ୟୁତ୍ ଆଘାତରେ ଜଣେ ମୃତ

କଟକ ସଦର,୬।୯(ଡି.ଏନ୍.ଏ.)- କିଶନ ନଗର ଥାନା ଅନ୍ତର୍ଗତ ବୋଇଲୋ ଗ୍ରାମର ଅଧୀର ରାଉତ(୪୦)ଙ୍କ ସୋମବାର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଛି। ଏ ନେଇ ପରିବାର ଲୋକଙ୍କ ଅଭିଯୋଗକ୍ରମେ ଏକ ମାମଲା(ନଂ.୯/୨୧) ରୁଜୁ ହୋଇଛି। ପରେ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି। ପୋଲିସ ସୂଚନା ଅନୁଯାୟୀ, ଅଧୀର ନିଜ ଘରେ ବୈଦ୍ୟୁତିକ ସରଞ୍ଜାମ କରୁଥିଲେ। ଏହି ସମୟରେ ଅସାବଧାନତା ହେତୁ ବିଦ୍ୟୁତ୍ ଆଘାତ ପାଇ ସେଠାରେ ଅଚେତ ହୋଇପଡ଼ିଥିଲେ। ପରିବାର ଲୋକ ତାଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ପାନ୍ଥନିବାସ ଘରୋଇକରଣକୁ ତୀବ୍ର ବିରୋଧ

**■ଆନ୍ଦୋଳନକୁ ଓହ୍ଲାଇବ ଉତ୍କଳ ପର୍ଯ୍ୟଟନ ନିଗମ କର୍ମଚାରୀ ସଂଘ**

**■ପର୍ଯ୍ୟଟନ ମନ୍ତ୍ରୀଙ୍କ ବାସଭବନ ଘେରାଉ ଚେତାବନୀ**

ଭୁବନେଶ୍ୱର, ୬।୯ (ବ୍ୟୁରୋ)

ଲାଭରେ ଚାଲୁଥିବା ବାଲେଶ୍ୱର, ଭଦ୍ରକ, ଗୋପାଳପୁର ଓ ତପ୍ତପାଣି ପାନ୍ଥନିବାସକୁ ଘରୋଇକରଣ କରାଯାଇଛି। ଏବେ ଆଉ ୪ ପାନ୍ଥନିବାସ କୋଣାର୍କ, ପଞ୍ଚଲିଙ୍ଗେଶ୍ୱର, ଧଉଳି ଓ ସାତପଡାକୁ ଘରୋଇ ସଂସ୍ଥା ହାତକୁ ଟେକି ଦେବାକୁ ଚକ୍ରାନ୍ତ ଆରମ୍ଭ ହୋଇଥିବା ଉତ୍କଳ ପର୍ଯ୍ୟଟନ ନିଗମ କର୍ମଚାରୀ ସଂଘ ଅଭିଯୋଗ କରିଛି। ଘରୋଇକରଣକୁ ବିରୋଧ କରିବା ସହ ଆନ୍ଦୋଳନ ଚେତାବନୀ ଦେଇଛି। ସଂଘର କାର୍ଯ୍ୟକାରୀ ସଭାପତି ବେଣୁଧର ପାତ୍ର କହିଛନ୍ତି, ପର୍ଯ୍ୟଟନ ବିଭାଗର କେତେକ ପ୍ରକଳ୍ପ ବହୁଦିନ ଧରି ପଡି ରହିଥିବାବେଳେ ସେଗୁଡିକୁ ଘରୋଇକରଣ କରାଯାଉ ନାହିଁ। କିନ୍ତୁ କୋଟି କୋଟି ଟଙ୍କା ଲାଭରେ ଚାଲୁଥିବା ପାନ୍ଥନିବାସକୁ ଘରୋଇ ସଂସ୍ଥା ହାତରେ ଟେକିଦେବାକୁ ହୀନ ପ୍ରୟାସ କରାଯାଉଛି। ୨୦୧୯-୨୦ ସୁଦ୍ଧା ପାନ୍ଥନିବାସ ୩୪କୋଟି ଟଙ୍କା ଲାଭାଂଶ ପ୍ରଦାନ କରିଛି। ଏହାସହ ନିଗମକୁ ରୌପ୍ୟବର୍ଗର ଉଦ୍ୟୋଗ ମାନ୍ୟତା ମଧ ମିଳିଛି। ଏହି ପାନ୍ଥନିବାସଗୁଡିକରେ ୧ହଜାର ନିୟମିତ, ଏନ୍‌ଏମ୍‌ଆର୍, ଠିକା ଓ ଆଉଟ୍‌ସୋର୍ସିଂ କର୍ମଚାରୀ କାମ କରିବା ସହ ନିଜ ପରିବାରର ଗୁଜୁରାଣ ମେଣ୍ଟାଉଛନ୍ତି। ଘରୋଇକରଣ ହେବା ଦ୍ୱାରା ଏହି କର୍ମଚାରୀମାନେ ଅକାରଣରେ ଜୀବିକା ହରାଇବେ। ସଂଘ ପକ୍ଷରୁ ବାରମ୍ବାର ଏହାର ବିରୋଧ କରିବା ସହ ମୁଖ୍ୟମନ୍ତ୍ରୀ, ପର୍ଯ୍ୟଟନ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପର୍ଯ୍ୟଟନ ସଚିବ, ନିର୍ଦ୍ଦେଶକଙ୍କ ନିକଟରେ ଦାବି କରାଯାଇଛି। ଏ ସମ୍ପର୍କରେ ମାମଲା ନ୍ୟାୟାଳୟରେ ଥିବାବେଳେ ତାରିଖ ପରେ ତାରିଖ ଗଡି ଚାଲିଛି। ଏହାର ସୁଯୋଗ ନେଇ ପର୍ଯ୍ୟଟନ ବିଭାଗ ସମସ୍ତ ପାନ୍ଥନିବାସକୁ ଘରୋଇକରଣ କରିବାକୁ ବସିଛି। ସରକାରଙ୍କ କୋଭିଡ୍ କାଳୀନ ନିର୍ଦ୍ଦେଶ ଅନୁଯାୟୀ, କୌଣସି ସରକାରୀ ବିଭାଗରେ ପିଏମ୍‌ୟୁ (ପ୍ରୋଜେକ୍ଟ ମନିଟରିଙ୍ଗ୍ ୟୁନିଟ୍) ଏଜେନ୍ସି ରହିବେ ନାହିଁ। ମାତ୍ର ପର୍ଯ୍ୟଟନ ବିଭାଗ କ୍ଷେତ୍ରରେ ଏହି ନିୟମକୁ ଜଳାଞ୍ଜଳି ଦିଆଯାଇଛି। ଗତ ଅଗଷ୍ଟ ୩୧ରେ ପର୍ଯ୍ୟଟନ ବିଭାଗ ସହ ସମ୍ପୃକ୍ତ ପିଏମ୍‌ୟୁ ଏଜେନ୍ସିର ଚୁକ୍ତିନାମା ଶେଷ ହୋଇ ସାରିଥିଲେ ମଧ ସମ୍ପୃକ୍ତ ଏଜେନ୍ସି ଏବେ ମଧ କାମ କରୁଛି। ସମ୍ପୃକ୍ତ ଏଜେନ୍ସି ଓ ବିଭାଗୀୟ ମନ୍ତ୍ରୀ, ଅଧିକାରୀଙ୍କ ମଧ୍ୟରେ ଚାଲିଥିବା ମଧୁଚନ୍ଦ୍ରିକା କାରଣରୁ ପାନ୍ଥନିବାସର ଭବିଷ୍ୟତ ଅନିଶ୍ଚିତତା ଆଡକୁ ଠେଲି ହୋଇ ଯାଉଛି। ତୁରନ୍ତ ଘରୋଇକରଣ ବନ୍ଦ କରା ନ ଗଲେ ସଂଘ ପକ୍ଷରୁ ପର୍ଯ୍ୟଟନ ମନ୍ତ୍ରୀଙ୍କ ବାସଭବନ, ଘେରାଉ କରାଯିବା ସହ ସମସ୍ତ କର୍ମଚାରୀ ଧାରଣାକୁ ଓହ୍ଲାଇବେ ବୋଲି ପାତ୍ର ସୂଚନା ଦେଇଛନ୍ତି। ତେବେ ଏ ସମ୍ପର୍କରେ ବିଭାଗୀୟ ମନ୍ତ୍ରୀ ଓ ଅଧିକାରୀଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନି।




ମୂଲ୍ୟାୟନରେ ପକ୍ଷପାତିତା ଅଭିଯୋଗ ଆଣି ସୋମବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ଯୁକ୍ତ ୨ ଡ୍ରପ୍‌ଆଉଟ୍, ଏକ୍ସ-ରେଗୁଲାର ଛାତ୍ରୀଛାତ୍ର ଧାରଣାରେ ବସିଛନ୍ତି।

# ଯୁକ୍ତ ୨ ଡ୍ରପ୍‌ଆଉଟ୍, ଏକ୍ସ-ରେଗୁଲାର ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

**■ମୂଲ୍ୟାୟନରେ ପକ୍ଷପାତିତା ଅଭିଯୋଗ**

**■ନବୀନ ନିବାସକୁ ଯିବାବେଳେ ବାଟ ଓଗାଳିଲା ପୋଲିସ**

ଭୁବନେଶ୍ୱର,୬।୯(ବ୍ୟୁରୋ)

ପରୀକ୍ଷା ଖାତା ମୂଲ୍ୟାୟନରେ ଗଣଶିକ୍ଷା ବିଭାଗ ପକ୍ଷପାତିତା କରିଥିବା ଅଭିଯୋଗ ଆଣି ଯୁକ୍ତ୨ ଡ୍ରପ୍‌ଆଉଟ୍ ଓ ଏକ୍ସରେଗୁଲାର ଛାତ୍ରଛାତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସୋମବାର ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ରାଜ୍ୟର ବିଭିନ୍ନ ଜିଲାରୁ ଛାତ୍ରୀଛାତ୍ରମାନେ ମାଷ୍ଟର କ୍ୟାଣ୍ଟିନ ଛକରେ ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଶୋଭାଯାତ୍ରାରେ ସେମାନେ ନବୀନ ନିବାସ ଅଭିମୁଖେ ବାହାରିଥିଲେ। ବାଟରେ ପୋଲିସ ଅଟକାଇବାରୁ ପ୍ରବଳ ବର୍ଷା ସତ୍ତ୍ୱେ ଛାତ୍ରୀଛାତ୍ରମାନେ ପ୍ରାୟ ୩ଘଣ୍ଟା ଧରି ରାଜରାସ୍ତା ଅବରୋଧ କରି ରଖିଥିଲେ। ଏକ୍ସରେଗୁଲାର ଏବଂ ଡ୍ରପଆଉଟ୍ ପିଲାଙ୍କୁ ଦଶମ ମାର୍କ ଆଧାରରେ ପାସ କରାଯାଉ, ଆଗକୁ ହେବାକୁ ଥିବା ଅଫ୍‌ଲାଇନ ପରୀକ୍ଷା ବନ୍ଦ କରାଯାଉ ଓ ୯ତାରିଖ ପର୍ଯ୍ୟନ୍ତ ହେଉଥିବା ଯୁକ୍ତ ୩ ଆବେଦନ ପ୍ରକ୍ରିୟାକୁ ସ୍ଥଗିତ ରଖାଯାଉ ବୋଲି ଏକ୍ସରେଗୁଲାର ଛାତ୍ରୀଛାତ୍ର ଦାବି କରିଛନ୍ତି। ନୱାଜ କହିଛନ୍ତି, ଜୀବନ ଆଗ ବାକି ସବୁ ପଛ କହି ମୁଖ୍ୟମନ୍ତ୍ରୀ ଯୁକ୍ତ ୨ ପରୀକ୍ଷା କରୋନା ପାଇଁ ବାତିଲ କରିଥିଲେ। ବିକଳ୍ପ ପ୍ରଣାଳୀରେ ସମସ୍ତଙ୍କ ମୂଲ୍ୟାୟନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ରେଗୁଲାର ଓ ଏକ୍ସରେଗୁଲାର ପାସହାର ମଧ୍ୟରେ ବହୁ ଅନ୍ତର ପରିଲକ୍ଷିତ ହୋଇଛି। ଏକ୍ସରେଗୁଲାର ୨୬ ପ୍ରତିଶତ ପାସହାର ରହିଥିବାବେଳେ ରେଗୁଲାର ପାସହାର ୯୯ ପ୍ରତିଶତ ରହିଛି। ଉଭୟ ରେଗୁଲାର ଓ ଏକ୍ସରେଗୁଲାର ପାଇଁ ସମାନ ପ୍ରଣାଳୀରେ ମୂଲ୍ୟାୟନର ପ୍ରତିଶ୍ରୁତି ଦେଇ କାହିଁକି ଏତେ ପାତର ଅନ୍ତର କରାଗଲା। ଛାତ୍ରୀଛାତ୍ର ଅଭାଯୋଗ ଆଣିବାରୁ ପୁଣି ଅଫ୍‌ଲାଇନରେ ପରୀକ୍ଷା ଦେବାକୁ କାହିଁକି କୁହାଯାଉଛି ବୋଲି ନୱାଜ ପ୍ରଶ୍ନ କରିବା ସହ ଆଗକୁ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦେଇଛନ୍ତି।

## ଖୁଣ୍ଟୁଣୀ ବନାଞ୍ଚଳରେ ଚନ୍ଦକା ହାତୀପଲ

ଖୁଣ୍ଟୁଣୀ,୬।୯(ଡି.ଏନ୍.ଏ.)

ପ୍ରାୟ ୬ ମାସର ବ୍ୟବଧାନ ପରେ ଖୁଣ୍ଟୁଣୀ ବନାଞ୍ଚଳକୁ ଫେରିଛନ୍ତି ଚନ୍ଦକା ହାତୀପଲ। ଗତ କିଛିଦିନ ହେଲା ଆଠଗଡ଼ ରେଞ୍ଜରେ ପହଞ୍ଚି ବିଚରଣ କରୁଥିବା ଏହି ହାତୀପଲ ରବିବାର ରାତିରେ ଆଠଗଡ଼ ବନାଞ୍ଚଳର ରାଧାଶ୍ୟାମପୁରରେ ରେଳ ଲାଇନ ପାରି ହୋଇ ଖୁଣ୍ଟୁଣୀ ବନାଞ୍ଚଳ ମୁହାଁ ହୋଇଥିବା ବନାଞ୍ଚଳ ଅଧିକାରୀ ଗଜେନ୍ଦ୍ର ସିଂ ପାଲ ମାଥୁର କହିଛନ୍ତି। ହାତୀ ଆସିବା ଖବରପାଇ ମାଥୁରଙ୍କ ନିର୍ଦ୍ଦେଶକ୍ରମେ ବନାଞ୍ଚଳ ଅଧୀନରେ ଥିବା ଓରନ୍ଦା, ଘଣ୍ଟିଖାଲ, ବ୍ରାହ୍ମଣବସ୍ତ ଓ ଗୁରୁ ଫରେଷ୍ଟର ଏବଂ ସମସ୍ତ ହାତୀ ଟ୍ରାକର, ପାରା ଷ୍ଟାଫମାନେ ତତ୍ପର ହୋଇପଡିଛନ୍ତି। ସମସ୍ତେ ଗାଡ଼ି ଓ ହାଇମାଷ୍ଟ ଲାଇଟ ସହିତ ବ୍ରାହ୍ମଣବସ୍ତ ରିଜର୍ଭ ଫରେଷ୍ଟରେ ପହଞ୍ଚି ରାତିତମାମ ସେଠାରେ ପଇଁତରା ମାରିଥିଲେ। ଏହି ହାତୀପଲରେ ୪ଟି ଅଣ୍ଡିରା, ୮ଟି ମାଈ ଓ ୪ଟି ଛୁଆକୁ ମିଶାଇ ମୋଟ ୧୬ ହାତୀ ଥିବା ବନ ବିଭାଗ ସୂଚନା ଦେଇଛି। ରବିବାର ରାତିରେ ଏହି ହାତୀପଲ ବ୍ରାହ୍ମଣବସ୍ତ ସଂରକ୍ଷିତ ଜଙ୍ଗଲ ଛାଡି ବରଦେଇ ଠାକୁରାଣୀଙ୍କ ନିକଟରେ ରାସ୍ତା ପାର ହୋଇ ସୁନିଆଁମୁହଁ ସଂରକ୍ଷିତ ଜଙ୍ଗଲ ମୁହାଁ ହୋଇଥିଲେ। ବନ ବିଭାଗର ହାଇମାଷ୍ଟ ଲାଇଟ୍ ଓ ଘଉଡ଼ାଇବାର ଶୈଳୀ ଯୋଗୁ ହାତୀପଲ ବରଦେଇ ଠାକୁରାଣୀଙ୍କ ପାର୍ଶ୍ୱ ଜଙ୍ଗଲ ଛାଡ଼ିଥିଲେ। ସୋମବାର ଭୋର ସମୟରେ ସମସ୍ତ ହାତୀ ବାଲି-ବଉଳଠାରେ ୫୫ନମ୍ବର ଜାତୀୟ ରାଜପଥ ପାରିହୋଇ ବଉଳ ସଂରକ୍ଷିତ ଜଙ୍ଗଲରେ ଥିବା ବନ ବିଭାଗ କହିଛି। ଚଳିତବର୍ଷ ଅଭାବୀ ବୃଷ୍ଟିପାତ ଯୋଗୁ ମରୁଡି ଆଶଙ୍କା ଚାଷୀଙ୍କୁ ଘାରିଥିବାବେଳେ, ଅନ୍ୟପଟେ ହାତୀପଲଙ୍କ ଆଗମନ ଚାଷୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଦେଇଛି। ତେବେ ହାତୀପଲଙ୍କ ଗତିବିଧି ଉପରେ ଖୁଣ୍ଟୁଣୀ ବନାଞ୍ଚଳର ବନ କର୍ମଚାରୀମାନେ ଓ ହାତୀ ଘଉଡ଼ାଳି ଦଳ ତୀକ୍ଷ୍ଣ ନଜର ରଖିଛନ୍ତି।

# ଡିଗ୍ରୀଧାରୀଙ୍କୁ ବିନା ତାଲିମରେ ଶିକ୍ଷକ ନିଯୁକ୍ତି ଦାବି




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

କଟକ ଅଫିସ, ୬।୯

ଓଡ଼ିଶା ମଦ୍ରାସା ବୋର୍ଡରୁ ଆଲିମ୍, ଫାଜିଲ ଡିଗ୍ରୀଧାରୀଙ୍କୁ ବିନା ବିଏଡ୍ ଟ୍ରେନିଂରେ ଶିକ୍ଷକ ଭାବେ ନିଯୁକ୍ତି, ଖାଲି ପଡ଼ିଥିବା ଉର୍ଦ୍ଦୁ ଶିକ୍ଷକ ପଦବୀ ପୂରଣ କରିବା ସହ ନୂତନ ଶିକ୍ଷକ ନିଯୁକ୍ତି ପାଇଁ ଆମ୍ ଆଦ୍‌ମୀ ପାର୍ଟି(ଏଏପି) ଓଡ଼ିଶା ସଂଖ୍ୟାଲଘୁ ବିଭାଗ ଦାବି କରିଛି। ଏ ନେଇ ରାଜ୍ୟ ସଭାପତି ଶେଖ୍ ମୁନ୍ତାକିମ୍ ବକ୍ସଙ୍କ ନେତୃତ୍ୱରେ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାଗପାଳଙ୍କୁ ଦାବିପତ୍ର ଦିଆଯାଇଛି। ଏହି ଦାବିପତ୍ରରେ ଆହୁରି ଉଲ୍ଲେଖ ରହିଛି ଯେ, ରାଜ୍ୟ ବାହାର ଡିଗ୍ରୀଧାରୀଙ୍କୁ ନିଯୁକ୍ତି ନ ଦେବା, ଚାକିରି ବୟସ ଅତିକ୍ରାନ୍ତ କରିଥିବା ଆବେଦନକାରୀଙ୍କ ବୟସ ୭ବର୍ଷ କୋହଳ କରିବା, ଶେଖବଜାର ଉର୍ଦ୍ଦୁ ସେକେଣ୍ଡାରୀ ସ୍କୁଲ ଏବଂ ସିଡିଏସ୍ଥିତ ମୌଲାନା ଆଜାଦ ଉର୍ଦ୍ଦୁ ବିଶ୍ୱବିଦ୍ୟାଳୟ ପରିସରରେ ଉର୍ଦ୍ଦୁ ମିଡିୟମ୍ ବି.ଏଡ୍ କୋର୍ସ ଖୋଲିବା, ଓଡ଼ିଶା ମଦ୍ରାସା ବୋର୍ଡକୁ ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ପରି ରେଜିଷ୍ଟ୍ରିଭୁକ୍ତ କରିବା ଆଦି ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ କଟକ ନଗର ସଂଖ୍ୟାଲଘୁ ସଭାପତି ନିୟାଜ ଖାନ୍, କଟକ ନଗର ସାଧାରଣ ସମ୍ପାଦକ ବିଜୟ ମହାରଣା, ଆଲିମ ଫାଜିଲ ଅନଏମ୍ପ୍ଲୋଏଡ୍ ଉର୍ଦ୍ଦୁ ଫେଡେରେଶନ୍ କଟକ ଜିଲା ସମ୍ପାଦକ ମୁଫ୍‌ତି ଗୁଲାମ ମୁସ୍ତାଫା ଆଲିମି, ସଭାପତି ମୌଲାନା ଜିଆ ଉଲ ରହେମାନ ରାହିଲ୍, ମୌଲାନା ଗୁଲାମ ମୃତୁଜା, ମୌଲାନା ଆସିକ୍ ମୁଜାହୁଦ୍ଦିନ, ମୌଲାନ ସିବ୍‌ତେନ୍ ରଜା, ମୌଲାନା କାସିମ୍, ମୌଲାନା ସୁଜାଉଦ୍ଦିନ, ମୌଲାନା ଆବିକ୍ ରଜା, ମୌଲାନା ଶେଖ ସାଜନ, ହାଫିଜ ମୋତିଉର ରହମାନ ପ୍ରମୁଖ ଉପସ୍ଥିତ ଥିଲେ।

## ୱେବ୍ ପୋର୍ଟାଲ ସମ୍ପାଦକ, ରିପୋର୍ଟରଙ୍କୁ ରିମାଣ୍ଡରେ ଆଣି ଜେରା

**ଦ୍ୟୁତୀଙ୍କ ନାଁରେ ଅପମାନଜନକ ଖବର ପରିବେଷଣ, ଧମକ ମାମଲା**

ଭୁବନେଶ୍ୱର,୬।୯(ବ୍ୟୁରୋ)

ଦୌଡରାଣୀ ଦ୍ୟୁତୀ ଚାନ୍ଦଙ୍କ ବିରୋଧରେ ବିବାଦୀୟ ଖବର ପ୍ରସାରଣ କରିବା ସହ ଧମକ ଦେଇ ବଟି ମାଗିବା ଅଭିଯୋଗରେ ଫୋକସ୍ ପ୍ଲସ୍ ୱେବ୍ ପୋର୍ଟାଲର ସମ୍ପାଦକ ସୁଧାଂଶୁ ଶେଖର ରାଉତ ଓ ରିପୋର୍ଟର ସ୍ମୃତିରଞ୍ଜନ ବେହେରା ଗିରଫ ହୋଇ ୧୪ ଦିନିଆ ବିଚାର ବିଭାଗୀୟ ହାଜତରେ ଅଛନ୍ତି। ସୋମବାର ଉଭୟଙ୍କୁ ମହିଳା ଥାନା ପୋଲିସ ଦିନିକିଆ ରିମାଣ୍ଡରେ ଆଣି ପଚରାଉଚରା କରିଛି। ସେମାନଙ୍କୁ ଥାନାରେ ବସାଇ ଦିନ ତମାମ ଜେରା କରିଛି। କେଉଁ ଉଦ୍ଦେଶ୍ୟ ରଖି ଦ୍ୟୁତୀଙ୍କ ବିରୋଧରେ ବିବାଦୀୟ ଖବର ପ୍ରସାରଣ କରିଥିଲେ, ଏହା ପଛରେ କାହାର ହାତ ରହିଛି କି ନାହିଁ, ଏଭଳି ବିଭିନ୍ନ ଦିଗକୁ ନେଇ ପୋଲିସ ଉଭୟଙ୍କୁ ଜେରା କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ପୋଲିସ ପକ୍ଷରୁ କୋର୍ଟରେ ୭ ଦିନିଆ ରିମାଣ୍ଡ ପାଇଁ ଆବେଦନ କରାଯାଇଥିଲା। ମାତ୍ର କୋର୍ଟ ଗୋଟିଏ ଦିନ ରିମାଣ୍ଡ ଅନୁମତି ଦେଇଥିଲେ। ତେବେ ଜେରା ସରିଥିବାରୁ ମଙ୍ଗଳବାର ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯିବ ବୋଲି ଥାନା ପକ୍ଷରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ, ଗତ ବୁଧବାର ଦ୍ୟୁତୀ ଏକ ଖବରଦାତା ସମ୍ମିଳନୀ କରି ସୁଧାଂଶୁ, ସ୍ମୃତିରଞ୍ଜନ ଓ ସାମାଜିକ କର୍ମୀ ପ୍ରଦୀପ ପ୍ରଧାନଙ୍କ ନାଁରେ ଅଭିଯୋଗ ଆଣିଥିଲେ। ସ୍ମୃତିରଞ୍ଜନ ମୋ ମା' ବାପାଙ୍କ ନିକଟରୁ କିଛି ତଥ୍ୟ ସଂଗ୍ରହ କରିଥିଲେ। ମୁଁ ଅଲିମ୍ପିକ୍ସ ପାଇଁ ଟୋକିଓରେ ଥିବା ସମୟରେ ସମ୍ପାଦକ ସୁଧାଂଶୁ ଶେଖର ମୋ ନିକଟକୁ ଭିଡିଓ ପଠାଇ ଧମକ ଦେଇ ଅର୍ଥ ଦାବି କରିଥିଲେ। ଏଥିସହ ଗୋଟିଏ ପରେ ଗୋଟିଏ ଭିଡିଓ ପଠାଇ ମାନସିକ ସ୍ତରରେ ଚାପଗ୍ରସ୍ତ କରିବା ସହ ମୋ ଚରିତ୍ର ସଂହାର କରି ସାମାଜିକ ଗଣମାଧ୍ୟମରେ ବଦନାମ କରିଥିଲେ। ସେହିପରି ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ ସାମାଜିକ ଗଣମାଧ୍ୟମରେ ବିଭିନ୍ନ ନକାରାତ୍ମକ ଟିପ୍ପଣୀ ଦେଇଥିଲେ ବୋଲି ଦ୍ୟୁତୀ କହିଥିଲେ। ଏଥିସହ ସେମାନଙ୍କ ବିରୋଧରେ ସେ ମହିଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# 'ଇନ୍‌ସ୍ପାୟାର୍.. ଏମ୍‌ପାୱାର' ଲୋକାର୍ପିତ

**ଦିବ୍ୟାଙ୍ଗଙ୍କ ସଫଳତାର ପ୍ରେରଣାଦାୟୀ ବହି**

ଭୁବନେଶ୍ୱର,୬।୯(ବ୍ୟୁରୋ)

ଓଡ଼ିଶାର କେତେଜଣ ଦିବ୍ୟାଙ୍ଗଙ୍କ ଅସାଧାରଣ ସଫଳତାର କାହାଣୀ ସମ୍ବଳିତ ଏକ କଫିଟେବୁଲ ବହି 'ଇନ୍‌ସ୍ପାୟାର୍.. ଏମ୍‌ପାୱାର' ସୋମବାର ଲୋକାର୍ପିତ ହୋଇଛି। ରାଜ୍ୟ ଭିନ୍ନକ୍ଷମ ଆୟୋଗ ପକ୍ଷରୁ ପ୍ରସ୍ତୁତ ଏହି ବହିକୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏବଂ ଆୟୋଗ ଅଧକ୍ଷା ସୁଲୋଚନା ଦାସ ଉନ୍ମୋଚନ କରିଛନ୍ତି। ପ୍ରତିକୂଳତା ଓ ପ୍ରତିବନ୍ଧକକୁ ଅତିକ୍ରମ କରି ଇଚ୍ଛାଶକ୍ତି, ଅଭ୍ୟାସ ଓ ଅଧବସାୟ ବଳରେ ଓଡ଼ିଶାର ଅନେକ ଦିବ୍ୟାଙ୍ଗ ଯେଉଁ ସଫଳତା ଅର୍ଜନ କରିଛନ୍ତି ତାହା ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ। ଓଡ଼ିଆ କ୍ରୀଡ଼ାବିତ୍ ପ୍ରମୋଦ ଭଗତଙ୍କ କୃତିତ୍ୱ ଆଜି ବିଶ୍ୱବିଦିତ ହୋଇଛି ଓ ଦିବ୍ୟାଙ୍ଗଙ୍କ ସଫଳତାକୁ ଶୀର୍ଷରେ ପହଞ୍ଚାଇଛି ବୋଲି ମନ୍ତ୍ରୀ ପଣ୍ଡା ପ୍ରକାଶ କରିଛନ୍ତି। ରାଜ୍ୟର ପ୍ରତିଭାବାନ୍ ତଥା ସଫଳ ଦିବ୍ୟାଙ୍ଗ ବ୍ୟକ୍ତିତ୍ୱମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି କଫିଟେବୁଲ ବହି ଏକ ପ୍ରୟାସ। ଆୟୋଗ ପକ୍ଷରୁ ଦିବ୍ୟାଙ୍ଗ ବ୍ୟକ୍ତିତ୍ୱଙ୍କ ଦକ୍ଷତା, ସାମର୍ଥ୍ୟ ଓ ସଫଳତାକୁ ଆଧାର କରି ଏହା ପ୍ରସ୍ତୁତ କରାଯାଇଛି ବୋଲି ବୋଲି ସୁଲୋଚନା ଦାସ କହିଛନ୍ତି। ଏହି ବହିରେ ଟୋକିଓ-୨୦୨୦ ପାରାଲିମ୍ପିକ୍ସରେ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ଜିତିଥିବା ବ୍ୟାଡ୍‌ମିଣ୍ଟନ ଖେଳାଳି ତଥା ଅର୍ଜୁନ ପୁରସ୍କାର ବିଜେତା ପ୍ରମୋଦ ଭଗତ, ଚିତ୍ରଶିଳ୍ପୀ ଶ୍ରୀହର୍ଷ ଓ ସୁଦ୍ଧାର୍ଥ ଶୁକ୍ଲା, ଆନ୍ତର୍ଜାତିକ ଚେସ୍ ଖେଳାଳି ପ୍ରାଚୁର୍ଯ୍ୟ କୁମାର ଓ ସୌନ୍ଦର୍ଯ୍ୟ କୁମାର ପ୍ରଧାନ, ଅସୀଚାଳକ(wheelchair encers) ଭି. ରମେଶ ରାଓ ଏବଂ ରାଖାଲ କୁମାର ସେଠୀ, ଓଡ଼ିଶୀ ନୃତ୍ୟଶିଳ୍ପୀ ରଶ୍ମିରେଖା ସାହୁ, ଓଡ଼ିଶା ବନସେବା ଅଧିକାରୀ ତପସ୍ୱିନୀ ଦାସ, ମେଧାବୀ ଛାତ୍ର ବରଜ ଦାସ, ନିଷ୍ଠାପର ଆଶାକର୍ମୀ ସବିତା ରଣା, ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ବିଜୟିନୀ ଧାବିକା ଜୟନ୍ତୀ ବେହେରା, କ୍ରିକେଟ୍ ଖେଳାଳି ପଙ୍କଜ ଭୁଏ ଏବଂ ସୁଖରାମ ମାଝୀ, ସୁଗାୟକ ଶ୍ରୀନିବାସ ରାଓ ଏବଂ ଦିଲୀପ ସାହୁ, ଉଦ୍ୟୋଗ ଅଧିକାରୀ ଅଭିଜିତ କୁଣ୍ଡୁ, ଭିନ୍ନକ୍ଷମ ଅଧିକାର ପ୍ରବକ୍ତା ନିରଞ୍ଜନ ବେହେରାଙ୍କ ସଫଳ କାହାଣୀ ସନ୍ନିବିଷ୍ଟ ହୋଇଛି। ଏହାସହିତ ଓଡ଼ିଶାର ଦୃଷ୍ଟିବାଧିତ ମହିଳା କ୍ରିକେଟ ଦଳଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି।



ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା ଓ ଆୟୋଗ ଅଧକ୍ଷା ସୁଲୋଚନା ଦାସ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ମାନସଙ୍କ ନାଁ ଯୋଡ଼ିଲା ପୋଲିସ

**ବାପପୁଅଙ୍କୁ ମାଡ଼ ମାରିବା ଭିଡିଓ ଭାଇରାଲ ଘଟଣା**

**■ପୂର୍ବରୁ ଗିରଫ ହୋଇଥିଲେ ମନୋରଞ୍ଜନ**

**■୩ଟି ମାମଲାରେ ରହିଛି ମାନସଙ୍କ ସମ୍ପୃକ୍ତି**

ଖୋର୍ଦ୍ଧା ଅଫିସ,୬।୯

ବେଗୁନିଆ ଥାନା ଅଧୀନ କଡ଼ବ ଗ୍ରାମର ମାଗୁଣି ନାୟକ ଓ ତାଙ୍କ ପୁଅ ଆନନ୍ଦଙ୍କୁ ଏକ ବନ୍ଦ କୋଠରିରେ ନିସ୍ତୁକ ମାଡ଼ ମାରିବା ମାମଲାରେ ଜେଲରେ ଥିବା ମାନବବାଦ ସଙ୍ଗଠନର ମୁଖ୍ୟ ତଥା ଆତ୍ମଘୋଷିତ ଗୁରୁଜୀ ମାନସ ଦାସଙ୍କ ନାଁ ଯୋଡ଼ିଛି ଖୋର୍ଦ୍ଧା ପୋଲିସ। ପୂର୍ବରୁ ଏହି ଘଟଣାରେ ପୋଲିସ ମାନସଙ୍କ ପୁଅ ମନୋରଞ୍ଜନ ଦାସଙ୍କୁ ଗିରଫ କରିଛି। ଏଥିସହ ଏହି ଘଟଣାରେ ଅଭିମାନପୁର ଗ୍ରାମର ସତ୍ୟବ୍ରତ ନାୟକ ହତ୍ୟା ଘଟଣାରେ ଜେଲରେ ରହିଥିବା ୬ଜଣ ଅଭିଯୁକ୍ତଙ୍କ ନାଁ ଯୋଡ଼ିଛି ବୋଲି ସଦର ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର ସୂଚନା ଦେଇଛନ୍ତି।

ପ୍ରକାଶ ଯେ, କଡ଼ବ ଗ୍ରାମର ମାଗୁଣି ଓ ତାଙ୍କ ପୁଅ ଆନନ୍ଦ ମାନବବାଦ ସଙ୍ଗଠନରେ କାମ କରୁଥିଲେ। ତେବେ ପରବର୍ତ୍ତୀ ସମୟରେ ସଙ୍ଗଠନର ଅନୈତିକ କାର୍ଯ୍ୟକୁ ବିରୋଧ କରି ଦୂରେଇ ଯାଇଥିଲେ। ଗତ ଜୁଲାଇ ୨୫ରେ ଏହି ସଙ୍ଗଠନର କେତେଜଣ କର୍ମକର୍ତ୍ତା ବାପପୁଅଙ୍କୁ କରଡ଼ଗାଡିଆକୁ ଡାକି ନେଇଥିଲେ। ବନ୍ଦ କୋଠରିରେ କାହିଁକି ସଙ୍ଗଠନ ଛାଡିଲ ବୋଲି କହି ନିସ୍ତୁକ ମାଡ଼ ମାରିଥିଲେ। ଅଗଷ୍ଟ ୨୭ରେ ଏହି ମାଡ ଘଟଣାର ଭିଡିଓ ଭାଇରାଲ ହୋଇଥିଲା। ଏନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରଚାରିତ ହେବା ପରେ ଏସ୍‌ପି ରାଜକିଶୋର ଦୋରା, ସଦର ଏସ୍‌ଡିପିଓ ମିଶ୍ର, ବେଗୁନିଆ ଥାନାଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥୀ କଡ଼ବ ଗ୍ରାମରେ ପହଞ୍ଚି ପୀଡ଼ିତଙ୍କ ସହ ଆଲୋଚନା କରିଥିଲେ। ଏଥିସହ ସେମାନଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲେ। ୨୮ତାରିଖରେ ମାଗୁଣି ଏବଂ ୨୯ ତାରିଖରେ ତାଙ୍କ ପୁଅ ଆନନ୍ଦ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାଗୁଣିଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା(ନଂ.୧୬୬/୨୧)ରୁଜୁ କରିଥିଲା। ପୂର୍ବରୁ ଅଭିମାନପୁର ଗ୍ରାମର ସତ୍ୟବ୍ରତଙ୍କ ହତ୍ୟା ଘଟଣାରେ ପୁତୁରା ବସନ୍ତ ନାୟକଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୧୪୯/୨୧) ରୁଜୁକରି ଅଗଷ୍ଟ ୪ରେ ୬ଜଣଙ୍କୁ ଗିରଫ କରିଥିଲା। ପରବର୍ତ୍ତୀ ସମୟରେ ଏହି ହତ୍ୟା ଘଟଣାରେ ସମ୍ପୃକ୍ତି ନେଇ ପୋଲିସ ସଙ୍ଗଠନର ମୁଖ୍ୟ ମାନସ ଦାସଙ୍କୁ ଭୁବନେଶ୍ୱରସ୍ଥିତ ବାସଭବନରୁ ଗିରଫ କରିଥିଲା। ମାଗୁଣି ଓ ଆନନ୍ଦ ଦେଇଥିବା ଅଭିଯୋଗରେ ଏହି ଅଭିଯୁକ୍ତଙ୍କ ସମେତ ମାନସ ଓ ମନୋରଞ୍ଜନଙ୍କ ନାଁ ଉଲ୍ଲେଖ କରିଥିଲେ। ଏହି ଘଟଣାରେ ପୋଲିସ ପୂର୍ବରୁ ମନୋରଞ୍ଜନଙ୍କୁ ଗିରଫ କରିଥିବା ବେଳେ ଏବେ ମାନସଙ୍କୁ ଟ୍ୟାଗ କରିଛି। ନିଜିଗଡ ତାପଙ୍ଗ ଝିଙ୍କିଝାରୀ ଗାଁର ଶୁଭାଶିଷ ବେହେରାଙ୍କୁ ହତ୍ୟା ଧମକ ଦେବା ଅଭିଯୋଗରେ ମାନସଙ୍କ ନାମରେ ସଦର ଥାନାରେ ଅଗଷ୍ଟ ୨ରେ ମାମଲା (ନଂ.୧୨୭/୨୧)ରୁଜୁ ହୋଇଛି। ମନୋରଞ୍ଜନଙ୍କ ନାଁରେ ଗୋଟିଏ ମାମଲା ରହିଥିବା ବେଳେ ମାନସଙ୍କ ନାଁରେ ୩ଟି ମାମଲା ରୁଜୁ ହୋଇଛି।

## ସମର୍ଥକଙ୍କ ପ୍ରତିବାଦ ଜାରି




ଜଟଣୀ,୬।୯(ଡି.ଏନ୍.ଏ.): ଆତ୍ମଘୋଷିତ ଗୁରୁଜୀ ମାନସ ଦାସଙ୍କ ଗିରଫ ପ୍ରତିବାଦରେ ସମର୍ଥକଙ୍କ ପକ୍ଷରୁ ସୋମବାର ଜଟଣୀ ପୌରାଞ୍ଚଳରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ସାମାଜିକ ନ୍ୟାୟ ମଞ୍ଚର କର୍ମକର୍ତ୍ତାମାନେ ସ୍ଥାନୀୟ ମସଜିଦ୍ ଛକଠାରେ ଏକତ୍ରିତ ହୋଇ ଗୁରୁଜୀ ନିର୍ଦ୍ଦୋଷ ବୋଲି କହିବା ସହ ତାଙ୍କୁ ଜେଲରୁ ଖଲାସ କରିବା ପାଇଁ ଦାବି କରିଥିଲେ। ସେ କୌଣସି ଭୁଲ୍ କରିନାହାନ୍ତି, ତାଙ୍କୁ ମିଥ୍ୟା କେସ୍‌ରେ ଫସାଇ ଦିଆଯାଇଛି ବୋଲି ସମର୍ଥକମାନେ କହିଥିଲେ। ଗୁରୁଜୀଙ୍କୁ ନିର୍ଦ୍ଦୋଷରେ ଖଲାସ କରା ନ ଗଲେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ସମର୍ଥକମାନେ କହିଛନ୍ତି।

## ରାସ୍ତା ନିର୍ମାଣ ପାଇଁ ଦାବିପତ୍ର

ପୁରୀ ଅଫିସ: ସାହିରେ ରାସ୍ତା ନିର୍ମାଣ ପାଇଁ ଦାବି କରି ପୁରୀ ଲୋକନାଥ ରୋଡସ୍ଥିତ କ୍ରିୟାଯୋଗ ଆଶ୍ରମ ନିକଟ ଅଞ୍ଚଳର ବାସିନ୍ଦା ସୋମବାର ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ପ୍ରଶାସନ ପକ୍ଷରୁ ବର୍ତ୍ତମାନ ବନମାଳି ନଗରର ରାସ୍ତା ବର୍ତ୍ତମାନ ନିର୍ମାଣ ଚାଲିଛି। ଫଳରେ ଆଶ୍ରମ ନିକଟ ରାସ୍ତା ମୁଖ୍ୟରାସ୍ତାଠାରୁ ବହୁ ତଳୁଆ ହୋଇଯାଉଛି। ସେଠାରେ ପାଣି ଜମିବାର ସମ୍ଭାବନା ରହୁଛି। ତେଣୁବାସିନ୍ଦାମାନେ ବହୁ ସମସ୍ୟାର ସମ୍ମୁଖୀନ ହେବେ। ସେହିପରି ସାହି ରାସ୍ତା ସଙ୍କୁଚିତ ହେବା ଫଳରେ ଅଳିଆ ସଫା ଗାଡି ସାହିକୁ ପ୍ରବେଶ କରିପାରିବ ନାହିଁ। ତେଣୁ ସାହିକୁ ନିର୍ମାଣ ହେଉଥିବା ମୁଖ୍ୟ ରାସ୍ତା ସମାନ ଉଚ୍ଚତାରେ ନିର୍ମାଣ କରାଯାଉ ବୋଲି ଉକ୍ତ ଅଞ୍ଚଳବାସୀ ଦାବି କରିଛନ୍ତି।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୬।୦୯।୨୦୨୧

| | |
|---|---|
| ୬,୭,୬୯୧ ଟଙ୍କା | |
| ସୁନା | ୦.୦୯୦ ମିଲିଗ୍ରାମ |
| ରୁପା | ୯.୮୦୦ ଗ୍ରାମ |

### ସଂକ୍ଷେପରେ

## କୋଭିଡ୍ ନିୟମ କଡ଼ାକଡ଼ି ପାଳନ ଲାଗି ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୬।୯(ବ୍ୟୁରୋ): ମହାମାରୀ କୋଭିଡ୍-୧୯ ଯୋଗୁ ସ୍ଥଗିତ ଥିବା ପିପିଲି ଉପନିର୍ବାଚନ ନିମନ୍ତେ ଭାରତ ନିର୍ବାଚନ ଆୟୋଗ ଗତ ୪ ତାରିଖରେ ପୁନଃବିଜ୍ଞପ୍ତି ପ୍ରକାଶ କରିଛନ୍ତି । ବିଭିନ୍ନ ରାଜନୈତିକ ଦଳ, ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ, ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀଙ୍କ ପରାମର୍ଶକ୍ରମେ ନିର୍ବାଚନ ଆୟୋଗ ପିପିଲି ଉପନିର୍ବାଚନ ନିମନ୍ତେ ବିଜ୍ଞପ୍ତି ଜାରି କରିଛନ୍ତି। ଏଥି ସହିତ ଗତ ୪ ତାରିଖରୁ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ସମସ୍ତ ରାଜନୈତିକ ଦଳ, ନିର୍ବାଚନରେ ଅଂଶଗ୍ରହଣ କରୁଥିବା ପ୍ରାର୍ଥୀ ଓ ସମଗ୍ର ପୁରୀ ଜିଲାରେ ଆଦର୍ଶ ଆଚରଣବିଧି ଲାଗୁ ହୋଇଛି ବୋଲି ନିର୍ବାଚନ ଆୟୋଗ ତାଙ୍କ ପ୍ରେସ୍ ନୋଟ୍ ସଂଖ୍ୟା ECI/PN/୭୭/୨୦୨୧, ୪.୦୯.୨୦୨୧ରେ ବିଜ୍ଞପ୍ତି ଜାରି କରିଛନ୍ତି। ତଦନୁସାରେ ଆସନ୍ତା ୩୦ ତାରିଖରେ ଭୋଟ ଗ୍ରହଣ କରାଯିବ। ସେହିପରି ଅକ୍ଟୋବର ସକାଳ ୭ ଟାରୁ ପ୍ରକ୍ରିୟା ଶେଷ ପର୍ଯ୍ୟନ୍ତ ଭୋଟ ଗଣତି ହୋଇ ୫ ତାରିଖରେ ନିର୍ବାଚନ ପ୍ରକ୍ରିୟା ଶେଷ ହେବ। ଉପନିର୍ବାଚନରେ କୋଭିଡ୍-୧୯ର ବିସ୍ତୃତ ନିର୍ଦ୍ଦେଶାବଳୀକୁ ସବୁସ୍ତରରେ କଡ଼ାକଡ଼ି ଭାବେ ପାଳନ କରାଯିବ ବୋଲି ନିର୍ବାଚନ ଆୟୋଗ ନିର୍ଦ୍ଦେଶ ଜାରି କରିଛନ୍ତି ।

## ଶ୍ରୀମନ୍ଦିରରେ ଆଜି ସାତପୁରୀ ଭୋଗ ଲାଗି

ପୁରୀ ଅଫିସ, ୬।୯: ସପ୍ତପୁରୀ ଅମାବାସ୍ୟାରେ ମଙ୍ଗଳବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ସାତପୁରିଦିଆ ପିଠା ଭୋଗ ଲାଗି ହେବ। ସୋମବାର ଆଲାମଚଣ୍ଡୀ ମନ୍ଦିରରୁ ଶ୍ରୀମନ୍ଦିରକୁ ସପ୍ତପୁରୀ ତାଡ଼ ବିଜେ ହୋଇଛି। ଆଲାମଚଣ୍ଡୀ ମନ୍ଦିରରେ ନୀତି ସମ୍ପନ୍ନ ପରେ କୁମ୍ଭାର ବିଶୋଇ ସେବକମାନେ ବାଘମୁହାଁ ବାନ୍ଧି ୪ଟି ସାତପୁରୀ ତାଡ଼ ଶ୍ରୀମନ୍ଦିରକୁ ବିଜେ କରିଥିଲେ। ସନ୍ଧ୍ୟାଧୂପ ପରେ ପୂଜାପଣ୍ଡା ସାମନ୍ତ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଦକ୍ଷିଣକାଳୀଙ୍କ ପୀଠକୁ ଯାଇ ଅର୍ପଣ କରିଥିଲେ। ଦକ୍ଷିଣକାଳୀଙ୍କ ସେବକମାନେ ଆଜ୍ଞାମାଳ ଆଣି ଶ୍ରୀମନ୍ଦିରକୁ ଆସି ରୋଷ ପାଇକଙ୍କୁ ଅର୍ପଣ କରିଥିଲେ। ଉକ୍ତ ଆଜ୍ଞାମାଳ ରୋଷଘରେ ବିଜେ ହୋଇଥିଲା। ଏହାରେ ଅନ୍ୟାନ୍ୟ ନୀତି ବଢ଼ିଥିଲା। ମଙ୍ଗଳବାର ସକାଳ ଧୂପରେ ମହାପ୍ରଭୁଙ୍କୁ ସାତପୁରୀ ପିଠା ଲାଗି କରାଯିବ। ମାଟିରେ ନିର୍ମିତ ସାତପୁରୀ ତାଡ଼ରେ ସାତପୁରୀ ପିଠା ପ୍ରସ୍ତୁତ ହୁଏ । କୁମ୍ଭାର ବିଶୋଇ ସେବକମାନେ ତାଡ଼କୁ ତିଆରି କରିଥାନ୍ତି।

# ରୋଡ୍ ଶୋ’, ବାଇକ୍ ରାଲି ଉପରେ କଟକଣା

ପୁରୀ ଅଫିସ, ୬।୯:

ପିପିଲି ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସୋମବାର ପୁରୀ ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ପ୍ରଦକ୍ଷିଣ ଗୃହ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ପ୍ରାର୍ଥୀ ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ଜିଲାପାଳ କହିଛନ୍ତି, ଗତ ୪ ତାରିଖ ଠାରୁ ପିପିଲି ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରଠୁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ଆସନ୍ତା ୩୦ରେ ମତଦାନ, ଅକ୍ଟୋବର ୩ରେ ଭୋଟ ଗଣତି ଓ ୫ ତାରିଖ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ ହେବ। ଆସନ୍ତା ୨୦ ତାରିଖରୁ ନିର୍ବାଚନ ପ୍ରଚାର ଆରମ୍ଭ ହୋଇ ୨୮ ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ।

ଇନ୍‌ଡୋର ବୈଠକରେ ହଲ୍ କ୍ଷମତାର ୩୦ ପ୍ରତିଶତ ଅଥବା ସର୍ବାଧିକ ୨ଶହ ଲୋକଙ୍କୁ ଏକାଠି ହେବାର ଅନୁମତି ରହିଛି। ଇନ୍‌ଡୋର ହଲ୍ କ୍ଷମତାର ୩୦ ପ୍ରତିଶତରୁ ଅଧିକ ହେଲେ ବି ୨ଶହରୁ ଅଧିକ ଲୋକଙ୍କୁ ଅନୁମତି ମିଳିବ ନାହିଁ। ୨ଶହ ବ୍ୟକ୍ତିଙ୍କ ମଧ୍ୟରେ ରାଜନୈତିକ ବୈଠକ ସୀମିତ ରଖିବାକୁ ବାଧ୍ୟ। ଦଳଗୁଡ଼ିକ ଇନ୍‌ଡୋର ବୈଠକରେ ଯୋଗଦେଉଥିବା ବ୍ୟକ୍ତିଙ୍କ ନାମ ତାଲିକା ପ୍ରସ୍ତୁତ କରିବେ।



ବୈଠକରେ ଜିଲାପାଳ ସମର୍ଥ ବର୍ମା ଏବଂ ଅନ୍ୟ ଅଧିକାରୀଙ୍କ ସହ ବିଭିନ୍ନ ଦଳର ପ୍ରତିନିଧି ।

ଯାହାଦ୍ୱାରା ସରକାରୀ ନିୟମ କଡ଼ାକଡ଼ି ଭାବେ ପାଳନ ହେଉଥିବା ନେଇ ଲୋକେ ଆଶ୍ୱସ୍ତ ହେବେ। ତାରକା ପ୍ରଚାରକଙ୍କ ସହ ସର୍ବାଧିକ ୧ ହଜାର ବ୍ୟକ୍ତି ବସିବା ଭଳି ବ୍ୟବସ୍ଥା କରାଯାଇ ପାରିବ। ବୈଠକ କ୍ଷମତାର ୫୦ ପ୍ରତିଶତ ଲୋକଙ୍କ ସଂଖ୍ୟା ୧ ହଜାରରୁ ଉର୍ଦ୍ଧ୍ୱ ହେଲେ ସମ୍ପୃକ୍ତ ରାଜନୈତିକ ଦଳ ବିରୋଧରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜାତୀୟ ଓ ଆଞ୍ଚଳିକ ଦଳ ପାଇଁ ତାରକା ପ୍ରଚାରକ ୨୦ ଏବଂ ଅଣପଞ୍ଜୀକୃତ ଦଳ ପାଇଁ ୧୦ ଜଣ ରହିପାରିବେ। ଘରକୁ ଘର ବୁଲି ସର୍ବାଧିକ ୫ଜଣ ବ୍ୟକ୍ତି ଏକକାଳୀନ ଭାବେ ପ୍ରଚାର କରିପାରିବେ। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ସମ୍ପର୍କିତ ଅଭିଯୋଗ ପାଇଁ ଜିଲା ପ୍ରଶାସନ ଟୋଲ୍ ଫ୍ରି ନମ୍ବର ୧୯୫୦ ଜାରି କରିଛି। ବାଇକ ଓ ସାଇକେଲ ରାଲି, ରୋଡ୍ ଶୋ’ ଭଳି ଆୟୋଜନ ଉପରେ କଟକଣା ଜାରିକରାଯାଇଛି। ପ୍ରଚାର ବେଳେ ସର୍ବାଧିକ ୨୦ଟି ବାଇକ୍ ବ୍ୟବହାର ହୋଇପାରିବ। ରାଜନୈତିକ ଦଳର ବୈଠକ ଓ ପ୍ରଚାର ସମୟରେ କୋଭିଡ୍ କଟକଣାକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ଜିଲାପାଳ ଅନୁରୋଧ କରିଛନ୍ତି। ନିର୍ବାଚନ ଦାୟିତ୍ୱରେ ଥିବା ସମସ୍ତ କର୍ମଚାରୀଙ୍କ ପାଇଁ କୋଭିଡ୍ ଡବଲ୍ ଡୋଜ୍ ଟିକା ନେବା ବାଧ୍ୟତାମୂଳକ କରାଯାଇଛି। ପୋଲିଂ ଏଜେଣ୍ଟମାନେ ମଧ୍ୟ ଡବଲ୍ ଡୋଜ୍ ଟିକା ନେଇଥିବା ଆବଶ୍ୟକ। ମୋଟ ୩୪୮ଟି ପୋଲିଂ ଷ୍ଟେଶନରେ ଜଣେ ଲେଖାଏ ସ୍ୱାସ୍ଥ୍ୟକର୍ମୀଙ୍କୁ କୋଭିଡ୍ ନୋଡାଲ୍ ଅଫିସର ଭାବେ ନିଯୁକ୍ତ କରାଯିବ। ଚଳିତ ଉପନିର୍ବାଚନରେ ୧୦ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ୨ ଲକ୍ଷ ୨୯ ହଜାର ୯୯୮ ଭୋଟର ମତଦାନ କରିବେ। ୩୨୧ ଜଣ ଚାକିରିଆ ଭୋଟର ମତ ଦେବେ। ୮୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି, ଦିବ୍ୟାଙ୍ଗ, କୋଭିଡ୍ ସଂକ୍ରମିତ ହୋଇଥିବା ୧୦୭୭ ଜଣଙ୍କ ମତ ଗ୍ରହଣ ସରିଛି। ପୋଷ୍ଟାଲ ବାଲଟ୍ ଯୋଗେ ୧୩୮ ଜଣ ମତଦାନ କରିଛନ୍ତି। ମୋଟ ୩୪୮ ବୁଥ୍ ମଧ୍ୟରୁ ୧୫ଟିକୁ ମଡେଲ୍ ବୁଥ୍ ଭାବେ ବିକଶିତ କରାଯାଇଛି। ୧୦୨ଟି ଅତିସମ୍ବେଦନଶୀଳ ଓ ୭୩ଟି ସମ୍ବେଦନଶୀଳ ବୁଥ୍ ଚିହ୍ନଟ ହୋଇଛି। ଦିବ୍ୟାଙ୍ଗଙ୍କ ପାଇଁ ସବୁ ବୁଥରେ ବ୍ୟବସ୍ଥା ହୋଇଛି। ବୁଥ୍‌ଗୁଡ଼ିକରେ ସାନିଟାଇଜର ଓ ହ୍ୟାଣ୍ଡଗ୍ଲୋଭ୍ସ ବ୍ୟବସ୍ଥା କରାଯାଇଛି। ୫୨୨ଟି ଭିଭିପାଟ୍ ମେସିନ କାର୍ଯ୍ୟକ୍ଷମ ହେବ। ବଳକା ୯୩୯ ଭୋଟରଙ୍କ ପାଖରେ ଜିଲା ପ୍ରଶାସନର ୭ଟି ଟିମ୍ ପହଞ୍ଚି ମତ ଗ୍ରହଣ କରିବ। ସମ୍ବେଦନଶୀଳ ବୁଥ୍ ଗୁଡ଼ିକରେ ମାଇକ୍ରୋ ଅବଜର୍ଭର, ଭିଡିଓଗ୍ରାଫି ଟିମ୍, ୧୭୪୦ ଜଣ ପୋଲିଂ କର୍ମକର୍ତ୍ତା, ୨୩ ଜଣ ନିର୍ବାଚନ ନୋଡାଲ୍ ଅଫିସରଙ୍କ ସମେତ ଅନ୍ୟ କର୍ମଚାରୀ ଦାୟିତ୍ୱରେ ରହିବେ।

### ପିପିଲି ଉପନିର୍ବାଚନ

- ୩୪୮ ବୁଥ୍ ମଧ୍ୟରୁ ୧୫ଟି ମଡେଲ୍ ବୁଥ୍
- ତାରକା ପ୍ରଚାରକଙ୍କ ବୈଠକରେ ସର୍ବାଧିକ ୧ ହଜାର କର୍ମୀ
- ୧୦୨ ଅତିସମ୍ବେଦନଶୀଳ ଓ ୭୩ ସମ୍ବେଦନଶୀଳ ବୁଥ୍ ଚିହ୍ନଟ



ଆଲାମଚଣ୍ଡୀ ମନ୍ଦିରରୁ ସୋମବାର ଶ୍ରୀମନ୍ଦିରକୁ ସପ୍ତପୁରୀ ତାଡ଼ ବିଜେ କରାଯାଉଛି ।

## ସ୍ଥାୟୀ ପଟ୍ଟା ଦାବିରେ ବସ୍ତିବାସିନ୍ଦାଙ୍କ ଧାରଣା



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବଳିଆପଣ୍ଡା ବିଜୟ ନଗର ବସ୍ତିବାସିନ୍ଦା ଧାରଣା ଦେଇଛନ୍ତି।

ପୁରୀ ଅଫିସ, ୬।୯:

ପୁରୀ ବଳିଆପଣ୍ଡା ବିଜୟ ନଗର ବସ୍ତିବାସିନ୍ଦା ସ୍ଥାୟୀ ପଟ୍ଟା ଦାବି କରି ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସହରର ସବୁ ବସ୍ତିବାସିନ୍ଦାଙ୍କୁ ଜାଗା ମିଶନ ମାଧ୍ୟମରେ ସ୍ଥାୟୀ ପଟ୍ଟା ଦେବାକୁ ପ୍ରଶାସନ ନିଷ୍ପତ୍ତି ନେଇଥିବାବେଳେ ବିଜୟ ନଗର ବାସିନ୍ଦା ଏଥିରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଜିଲା ପ୍ରଶାସନ ଏହି ଅଞ୍ଚଳକୁ ସର୍ଭେ କରିବା ସହ ପଟ୍ଟା ଦେବା ପାଇଁ ପ୍ରତିଶ୍ରୁତି ଦେଇ ଓହରି ଯାଇଥିବାରୁ ଏହା ବିରୋଧରେ ଶହ ଶହ ବସ୍ତିବାସିନ୍ଦା ଧାରଣା ଦେଇଥିଲେ। ମଧୁର ଜଳ ଉତ୍ସ ଅଞ୍ଚଳ ହୋଇଥିବାରୁ ପଟ୍ଟା ହୋଇ ପାରୁ ନ ଥିବା ପ୍ରଶାସନ କହୁଥିବା ବେଳେ ଶହ ଶହ ହୋଟେଲ କିଭଳି ପଟ୍ଟା ପାଇଛନ୍ତି ବୋଲି ଆନ୍ଦୋଳନକାରୀ ପ୍ରଶ୍ନ ଉଠାଇଛନ୍ତି। ଦାବି ପୂରଣ ନ ହେଲେ ବ୍ୟାପକ ଆନ୍ଦୋଳନ ହେବ ବୋଲି ବସ୍ତିବାସିନ୍ଦା ଚେତାବନୀ ଦେଇଛନ୍ତି।

ପ୍ରଶାସନ ପକ୍ଷରୁ ୨୦୧୪ ଓ ୨୦୧୮ରେ ସର୍ଭେ କରାଯାଇଥିଲା। ମାତ୍ର ପରେ ପଟ୍ଟା ଦିଆଯାଇ ନ ଥିଲା। ମାତ୍ର ଅନ୍ୟ ବସ୍ତି ବାସିନ୍ଦାଙ୍କୁ ପଟ୍ଟା ପ୍ରଦାନ ଲାଗି ମନୋନୀତ କରାଯାଇଥିଲା। ଏହାକୁ ବିରୋଧ କରି ବିଭାଗୀୟ ମନ୍ତ୍ରୀଙ୍କୁ ଜଣାଇବା ପରେ ଗୃହ ଓ ନଗର ଉନ୍ନୟନ କର୍ତ୍ତୃପକ୍ଷ ଆସି ବସ୍ତି ବାସିନ୍ଦାଙ୍କ ସହ ଆଲୋଚନା କରି ୭ଦିନରେ ପୁଣି ସର୍ଭେ କରିବା ଲାଗି କହିଥିଲେ। ମାତ୍ର ଆଜି ପର୍ଯ୍ୟନ୍ତ ପଟ୍ଟା ମିଳିଲା ନାହିଁ ବୋଲି ଯୁବନେତା ଆଲୋକ ଦାଶ ଅଭିଯୋଗ କରିଛନ୍ତି ।

## ମତ୍ସ୍ୟଜୀବୀଙ୍କ ପାଇଁ ଫିସ୍‌ଫ୍ରେଣ୍ଡ ଆପ୍ ଲୋକାର୍ପିତ

ଅସ୍ତରଙ୍ଗ,୬।୯(ଡି.ଏନ୍.ଏ.)

ଏମ୍. ଏସ୍. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ, ଚେନ୍ନାଇ ଓ ଓଡ଼ିଶା ସରକାରଙ୍କ ମତ୍ସ୍ୟ ବିଭାଗର ମିଳିତ ସହାୟତାରେ ପୁରୀ ଜିଲା ଅସ୍ତରଙ୍ଗସ୍ଥିତ ନୂଆଗଡ଼ ମେରାଇନ ଥାନା ପରିସରରେ ମତ୍ସ୍ୟଜୀବୀଙ୍କ ପାଇଁ ଫିସ୍‌ଫ୍ରେଣ୍ଡ ମୋବାଇଲ ଆପ୍ଲିକେଶନ ଉନ୍ମୋଚିତ ହୋଇଯାଇଛି। ଏଥିସହ ମତ୍ସ୍ୟଜୀବୀଙ୍କର ଜୀବନ ଜୀବିକା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆପ୍ ଦ୍ୱାରା ମତ୍ସ୍ୟଜୀବୀମାନେ ୧୭ଟି ସାହାଯ୍ୟ ଯଥା ଜିପିଏସ ଏବଂ ନାଭିଗେଶନ, ସମୁଦ୍ରରେ ଯନ୍ତ୍ରଚାଳିତ ଯାନର ନିର୍ଣ୍ଣାୟକ ଯନ୍ତ୍ର ବ୍ୟବହାର, ଅଧିକ ମାଛ ମିଳିବା ସ୍ଥାନ, ସାମୁଦ୍ରିକ ସୀମାଭିତ୍ତିକ ସୂଚନା ବିପଦ ସତର୍କତା, କଇଁଛ ନିଷିଦ୍ଧାଞ୍ଚଳ ସମୂହ ସୁରକ୍ଷା ଏବଂ ଜୀବନ ଜୀବିକା ଉପରେ ମତ୍ସ୍ୟଜୀବୀମାନଙ୍କୁ ଆପ୍‌ର ବ୍ୟବହାର ତଥା ପାଇଲଟ ବ୍ୟବହାର ସମ୍ବନ୍ଧରେ ମତ୍ସ୍ୟ ଅଧିକାରୀମାନେ ପ୍ରକାଶ କରିଥିଲେ। ଏହି ଉତ୍ସବରେ ଅସ୍ତରଙ୍ଗ ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ସୁଧାଂଶୁ ମଲ୍ଲିକ, ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନର ବୈଜ୍ଞାନିକ ଡ. ଭେଲ ଭି ଡ଼ି, ଅତିରିକ୍ତ ଫିସାରୀ ଅଫିସର ରବୀନ୍ଦ୍ର ମହାନ୍ତି, ଅମିତ ପାଢ଼ୀ (ସହକାରୀ ମତ୍ସ୍ୟ ଅଧିକାରୀ(କଟକ ), କୋଣାର୍କ ରେଞ୍ଜର ବେଣୁଧର ବେହେରା, ମୁରଲୀଧର ପରିଡ଼ା, ଅମ୍ରିତା ପ୍ରଧାନ, ନିପ୍ରବର ରାଉତ, ଜୟନ୍ତ ସାହୁଙ୍କ ସମେତ ଫରେଷ୍ଟର ସବୀର ସାହୁ, ପରିବେଷବିତ ଶୋଭାକର ବେହେରା, ବବୁଲ ମଲ୍ଲିକ, ପର୍ଶୁରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମତ୍ସ୍ୟଚାଷୀ ଧର୍ମାନନ୍ଦ ମଳିକ, ବିଦ୍ୟାଧର ସେନାପତି, ପ୍ରଶାନ୍ତ ଭୋଳ, ମଧୁସୂଦନ ବେହେରା ଆଲୋଚନାରେ ଭାଗ ନେଇଥିଲେ।

## ବେଳାଭୂମିରୁ ନାବାଳକଙ୍କ ମୃତଦେହ ଜବତ

### ହତ୍ୟା ଅଭିଯୋଗ ଆଣିଲା ପରିବାର

ପୁରୀ ଅଫିସ, ୬।୯:

ଘରୁ ନିଖୋଜ ଥିବା ଜଣେ ନାବାଳକଙ୍କ ମୃତଦେହ ସୋମବାର ରାଜ ହୋଟେଲ୍ ସମ୍ମୁଖ ବେଳାଭୂମିରୁ ପୋଲିସ ଜବତ କରିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ମୃତକ ବଳିଆପଣ୍ଡା ଥାନା ଅନ୍ତର୍ଗତ ବିଜୟନଗରର ଦୀନବନ୍ଧୁ ସାହୁଙ୍କ ୧୬ ବର୍ଷୀୟ ପୁତ୍ର ଶୁଭମ୍ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶୁଭମ୍‌ଙ୍କୁ କେହି ହତ୍ୟା କରି ଫିଙ୍ଗିଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୂର୍ବରୁ କେତେଜଣ ପିଲାଙ୍କ ସହିତ ତାଙ୍କର ଗଣ୍ଡଗୋଳ ଘଟିଥିଲା ବୋଲି ପରିବାର ପକ୍ଷରୁ କୁହାଯାଇଛି।

ସୂଚନା ଅନୁଯାୟୀ, ରବିବାର ସକାଳ ୮ଟାରେ ଶୁଭମ୍ ଘରୁ ଆସିଥିଲେ। ମାତ୍ର ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ନିରାଶ ହେବା ପରେ ଏସମ୍ପର୍କରେ ବଳିଆପଣ୍ଡା ପୋଲିସକୁ ଜଣାଇଥିଲେ। ସୋମବାର ଭୋର୍ ୫ଟାରେ ରାଜ ହୋଟେଲ୍ ସମ୍ମୁଖ ବେଳାଭୂମିରେ ଶୁଭମ୍ ଅଚେତ ଅବସ୍ଥାରେ ପଡ଼ିରହିଥିବା ଖବର ପାଇ ତାଙ୍କ ସମ୍ପର୍କୀୟ ଓ ସ୍ଥାନୀୟ ଲୋକେ ତାଙ୍କୁ ମେଡିକାଲ୍ ଆଣିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବେଳାଭୂମି ମାର୍ଗ ଜବରଦଖଲ ଜମି ଉଚ୍ଛେଦ

କୋଣାର୍କ,୬।୯(ଡି.ଏନ୍.ଏ.)

ପୁରୀ-କୋଣାର୍କ ମେରାଇନ ଡ୍ରାଇଭ ରାମଚଣ୍ଡୀ ନିକଟରେ ଥିବା ଖାଲକଟା ମୌଜାର ୨୩୦ ଏକର ସରକାରୀ ଜମିକୁ କେତେଜଣ ବ୍ୟକ୍ତି ଜବରଦଖଲ କରିଥିଲେ। ଏ ନେଇ କେତେଜଣ ସ୍ଥାନୀୟ ଲୋକ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ଉପଜିଲାପାଳ ଭବତାରଣ ସାହୁ ତହସିଲଦାରଙ୍କୁ କଡ଼ା ନିର୍ଦ୍ଦେଶ ଦେବାସହ ବେଆଇନ ଭାବେ ଦଖଲ କରିଥିବା ଜମିଗୁଡ଼ିକୁ ଉଚ୍ଛେଦ କରିବା ପାଇଁ ୨୬।୦୮।୨୧ ରେ ଏକ ଚିଠି ଲେଖିଥିଲେ। ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସୋମବାର ସ୍ଥାନୀୟ ପ୍ରଶାସନ ଅଧିକାରୀମାନେ ପୋଲିସ ସହାୟତାରେ ଉକ୍ତ ଜବରଦଖଲ ଜମିକୁ ଉଚ୍ଛେଦ କରିଛନ୍ତି। ଏଥିପାଇଁ ଉପଜିଲାପାଳଙ୍କ ନିକଟରୁ ଚିଠି ନମ୍ବର ୩୫୬୨ ମାଧ୍ୟମରେ ସରକାରୀ ଜମି ଖାଲକଟାପାଟଣାରେ ଥିବା ୨୩୦ ଏକର ଜମିରୁ ପ୍ଲଟ ନମ୍ବର ୯୧୬ରେ ଅକ୍ତିଆର ହୋଇଥିବା ଜମିକୁ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ମିଳିଥିଲା। ଜିଲା ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ, ସୋମବାର ପୂର୍ବାହ୍ନରେ ଗୋପ ତହସିଲଦାର ଶରତ ପରିଡା ଏକ ପ୍ଲାଟୁନ ପୋଲିସ ଫୋର୍ସ ସହ ନିମାପଡ଼ା ଏସ୍‌ଡିପି ଓ ଦେବାଶିଷ ମିଶ୍ର, ରାମଚଣ୍ଡୀ ଆଇଆଇସି ଶରତ ଚନ୍ଦ୍ର ନାୟକ, ସୁତନ ରାଜସ୍ୱ ନିରୀକ୍ଷକ ଯଶୋବନ୍ତ ନାୟକ, କୋଣାର୍କ ରାଜସ୍ୱ ନିରୀକ୍ଷକ ବିଚିତ୍ର ମୋହନ ମିଶ୍ରଙ୍କ ଉପସ୍ଥିତିରେ ଜେସିବି ଲଗାଇ ଉଚ୍ଛେଦ କରାଯାଇଥିଲା। ଉଚ୍ଛେଦ କରଯିବା ପରେ ଉକ୍ତ ଜମିଗୁଡ଼ିକରେ ନାଲି ପତାକା ଲଗାଯାଇ ଏହାକୁ ନିଜ ଦଖଲକୁ ନିଆଯାଇଛି। ଜବରଦଖଲ ହୋଇ ତାରବାଡ଼ ବୁଲିଥିବା ୨୦ ଏକରରୁ ଉର୍ଦ୍ଧ୍ୱ ଜମିରୁ ପ୍ରାୟ ୫ ଏକର ଜମି ଉଚ୍ଛେଦ ହୋଇଥିବା ବେଳେ ଏବେ ବି ମେରାଇନ ଡ୍ରାଇଭ ରାସ୍ତାକଡରେ ଅନେକ ଜମିକୁ ଜବରଦଖଲକାରୀମାନେ ବେଆଇନ ଅକ୍ତିଆର କରି ରଖିଛନ୍ତି। ତେବେ ସମ୍ପୂର୍ଣ୍ଣ ବେଳାମାର୍ଗ ଜମିକୁ ଜବରଦଖଲକାରୀଙ୍କ ନିକଟରୁ ମୁକ୍ତ କରିବା ସହ ଏହି ଉଚ୍ଛେଦୀକରଣ କରିବା ପାଇଁ ସାଧାରଣରେ ଦାବି ହୋଇଛି।



## ପୁରୀ-କୋଣାର୍କ ରେଳପଥ ନିର୍ମାଣ ବାଟ ଫିଟିଲା

ପୁରୀ ଅଫିସ,୬।୯:

ପୁରୀ-କୋଣାର୍କ ରେଳପଥ ସଂଯୋଗ ନେଇ ବାଟ ଫିଟିଛି। ପୂର୍ବତଟ ରେଳପଥ ଚୂଡ଼ାନ୍ତ ସର୍ଭେ ରିପୋର୍ଟ ଦାଖଲ କରିଛି। ରେଲୱେ ବୋର୍ଡ ନିକଟରେ ଏହି ରିପୋର୍ଟ ଦାଖଲ କରାଯାଇଛି। ଏ ସମ୍ପର୍କରେ ପୂର୍ବତଟ ରେଳପଥ କାର୍ଯ୍ୟାଳୟ ପକ୍ଷରୁ ଚିଠି ମାଧ୍ୟମରେ ପୁରୀ ବିକାଶ ପରିଷଦକୁ ସୂଚନା ଦିଆଯାଇଛି। ପୁରୀରୁ କୋଣାର୍କ ମଧ୍ୟରେ ୩୫ କିଲୋମିଟରର ରେଳପଥ ନିର୍ମାଣ ପାଇଁ ପ୍ରାୟ ୩ଶହ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ପ୍ରକଳ୍ପର ୫୦ ପ୍ରତିଶତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ୨୦୧୭ରେ ଘୋଷଣା କରିଥିଲେ। ଗତ ୧୯ ତାରିଖରେ ନୂଆ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପୁରୀ ଗସ୍ତରେ ଆସି ଏହି ରେଳପଥ ନିର୍ମାଣର ପ୍ରକ୍ରିୟା ତ୍ୱରାନ୍ୱିତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରେଳମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ଏନେଇ ଚୂଡ଼ାନ୍ତ ରିପୋର୍ଟ ତୁରନ୍ତ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ସମ୍ପୃକ୍ତ ଚୂଡ଼ାନ୍ତ ରିପୋର୍ଟ ରେଲୱେ ବୋର୍ଡକୁ ପ୍ରଦାନ କରାଯାଇଛି। ପୁରୀ-କୋଣାର୍କ ରେଳପଥ ନିର୍ମାଣ ହୋଇପାରିଲେ ପର୍ଯ୍ୟଟନର ବିକାଶ ତ୍ୱରାନ୍ୱିତ ହୋଇପାରିବ। ସ୍ଥାନୀୟ ଅଧିବାସୀ ମଧ୍ୟ ଉପକୃତ ହେବେ। କୋଣାର୍କ ବିଶ୍ୱରେ ନିଜ ପରିଚୟ ପ୍ରତିଷ୍ଠା କରିସାରିଛି। ଏଭଳି ଏକ ଐତିହ୍ୟ ଓ ବିଶ୍ୱସ୍ତରୀୟ କଳାକୃତି ଯାହା ଶ୍ରୀମନ୍ଦିରଠାରୁ ମାତ୍ର ୩୦ରୁ ୩୫ କିଲୋମିଟର ଦୂରରେ ରହିଛି ସେଠାରେ ରେଳପଥ ନ ରହିବା ନିହାତି ପକ୍ଷେ ଦୁର୍ଭାଗ୍ୟଜନକ ଘଟଣା। ପର୍ଯ୍ୟଟନ ଶିଳ୍ପର ବିକାଶ ଉଦ୍ଦେଶ୍ୟରେ ଏନେଇ ତୁରନ୍ତ ନିଷ୍ପତ୍ତି ନିଆଯିବା ସହ କୋଣାର୍କରୁ ପୁରୀକୁ ରେଳ ଚଳାଚଳ କରାଇବାର ଆବଶ୍ୟକତା ରହିଛି ବୋଲି ପୁରୀ ବିକାଶ ପରିଷଦର ମୁଖ୍ୟ ଜଗନ୍ନାଥ ବସ୍ତିଆ କହିଛନ୍ତି।

## ବ୍ଲୁ ଫ୍ଲାଗ୍ ବିଚ୍ ନିଷ୍ପତ୍ତିକୁ ବିରୋଧ

ପୁରୀ ଅଫିସ, ୬।୯:

ଚକ୍ରତୀର୍ଥ ବେଳାଭୂମି ଅଞ୍ଚଳକୁ ବ୍ଲୁ ଫ୍ଲାଗ୍ ବିଚ୍ କରାଯିବା ନିଷ୍ପତ୍ତିକୁ ପୁରୀ ବେଳାଭୂମି ସୁରକ୍ଷା ସମିତି ଦୃଢ଼ ବିରୋଧ କରିଛି। ଏ ନେଇ ସୋମବାର ବେଳାଭୂମି ସୁରକ୍ଷା ସମିତି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସମିତିର ସଭାପତି ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ଚକ୍ରତୀର୍ଥ ବେଳାଭୂମିକୁ ବ୍ଲୁ ଫ୍ଲାଗ ବିଚ୍ ଭାବେ ପରିଣତ କରିବା ଓ ଜଗନ୍ନାଥ ସଂସ୍କୃତିକୁ ବିଲୋପ କରିବା ପାଇଁ ପ୍ରଶାସନ ଷଡ଼ଯନ୍ତ୍ର କରୁଛି। ମାତ୍ର ଏହାକୁ ବରଦାସ୍ତ କରାଯିବ ନାହିଁ। ଚକ୍ରତୀର୍ଥ ବେଳାଭୂମିକୁ ବ୍ଲୁ ଫ୍ଲାଗ୍ ବିଚ୍ କରାଗଲେ ଅନେକ କଟକଣା ଯୋଗୁ ମତ୍ସ୍ୟଜୀବୀ, କ୍ଷୁଦ୍ର ବ୍ୟବସାୟୀ, ଲାଇଫଗାର୍ଡ ଏବଂ ଫଟୋଗ୍ରାଫର ଜୀବିକା ହରାଇବା ଆଶଙ୍କା ରହିଛି। ସେହିପରି ପୁରୀ ବାସିନ୍ଦା ଓ ପର୍ଯ୍ୟଟକ ସମୁଦ୍ରକୁ ଯିବାର ସ୍ୱାଧୀନତା ହରାଇବେ। ପ୍ରତ୍ୟେକ ଅମାବାସ୍ୟାରେ ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି ସମ୍ପାଦନରେ ସମସ୍ୟା ଉପୁଜିବ। ତେଣୁ ପ୍ରଶାସନ ଯଦି ବ୍ଲୁଫ୍ଲାଗ୍ ବିଚ୍ ନିର୍ମାଣ ନିଷ୍ପତ୍ତିରୁ ନ ଓହରେ ତେବେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଜ୍ୟପାଳଙ୍କୁ ଅବଗତ କରାଯିବା ସହ ଆଇନର ଆଶ୍ରୟ ନିଆଯିବ।




ପୁରୀ ବେଳାଭୂମି ସୁରକ୍ଷା ସମିତି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି ।

## ଉପଯୁକ୍ତ କ୍ଷତିପୂରଣ ଦାବିରେ ଅନଶନ

ପୁରୀ ଅଫିସ, ୬।୯:

ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା କୃଷ୍ଣପ୍ରସାଦ ଓ ବ୍ରହ୍ମଗିରି ଅଞ୍ଚଳର ଲୋକଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ବାତ୍ୟା ନିରୋଧକ ବାସଗୃହ ମଞ୍ଚ ଦାବି କରିଛି। ଏ ନେଇ ମଞ୍ଚ ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଆମରଣ ଅନଶନ କରାଯାଇଛି। ମଞ୍ଚ କର୍ମକର୍ତ୍ତା ଅଭିଯୋଗ କରିଛନ୍ତି ଯେ, କୃଷ୍ଣପ୍ରସାଦ ବ୍ଲକରେ ୨୦୧୩ରେ ଫାଇଲିନ୍ ବାତ୍ୟାରେ ହୋଇଥିବା କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ଦେବାକୁ ୪୮୩୨ ହିତାଧିକାରୀଙ୍କୁ ଚୟନ କରାଯାଇଥିଲା। କିନ୍ତୁ କୌଣସି କାରଣରୁ ଏହା ବନ୍ଦ ହୋଇଗଲା ବୋଲି କୁହାଯିବା ସହ ସେଥିମଧ୍ୟରୁ ୧୭୮୬ ଜଣଙ୍କୁ ଓଡିଆରପି ଯୋଜନାରେ ୩ଲକ୍ଷ ବଦଳରେ ସ୍ୱଳ୍ପ ଅର୍ଥ ପ୍ରଦାନ କରାଯାଇଥିଲା। ଏହାକୁ ନେଇ କ୍ଷତିଗ୍ରସ୍ତମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କ୍ଷତିଗ୍ରସ୍ତମାନେ କ୍ଷତିପୂରଣ ପାଇବାକୁ ଯୋଗ୍ୟ ବୋଲି ହାଇକୋର୍ଟ କହିଥିଲେ। ମାତ୍ର ପ୍ରଶାସନ ଏହାକୁ କାର୍ଯ୍ୟକାରୀ କରୁ ନ ଥିବାରୁ ମଞ୍ଚ ପକ୍ଷରୁ ମାର୍ଚ୍ଚ ମାସରେ ଦୁଇ ଦିନ ବ୍ଲକ ଅଫିସ୍ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଜୁଲାଇରେ ଜିଲାପାଳଙ୍କୁ ଭେଟିବା ପରେ ପଦକ୍ଷେପ ନିଆଯିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ଏପର୍ଯ୍ୟନ୍ତ ପଦକ୍ଷେପ ନିଆଯାଇନାହିଁ। ତେଣୁ ଆସନ୍ତା ୧୦ତାରିଖରେ ଜିଲାପାଳଙ୍କ ଅଫିସ୍‌ଠାରୁ ନବୀନ ନିବାସ ପର୍ଯ୍ୟନ୍ତ ପଦଯାତ୍ରା କରାଯାଇ ସେଠାରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ମଞ୍ଚ କର୍ମକର୍ତ୍ତା କହିଛନ୍ତି।




ବାତ୍ୟା ନିରୋଧକ ବାସଗୃହ ମଞ୍ଚ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।

## ୬ ଘଣ୍ଟିଆ ବୌଦ୍ଧ ଜିଲା ବନ୍ଦ

### ମରୁଡ଼ି ଘୋଷଣା ଦାବି

ବୌଦ୍ଧ/ବାଉଁଶୁଣୀ, ୬।୯ (ସ୍ୱ.ପ୍ର./ଡି.ଏନ୍.ଏ.): ବୌଦ୍ଧ ଜିଲାକୁ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତରେ ସାମିଲ, ଜିଲାକୁ ମରୁଡ଼ି ଘୋଷଣା କରିବା ଓ ଅନ୍ୟ ଦାବିରେ ସୋମବାର ବୌଦ୍ଧ ଜିଲା କଂଗ୍ରେସ କମିଟି ପକ୍ଷରୁ ୬ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ଏହି ବନ୍ଦ ଶାନ୍ତିପୂର୍ଣ୍ଣ ଭାବରେ ସାରା ଜିଲାରେ ପାଳନ କରାଯାଇଛି। କଂଗ୍ରେସ ଜିଲା ସଭାପତି ନବକୁମାର ମିଶ୍ରଙ୍କ ନେତୃତ୍ୱରେ ଦଳର ବରିଷ୍ଠ ନେତା ଓ କର୍ମୀମାନେ ସକାଳ ୬ଟାରୁ ସହରର ଏନଏସି ଛକ, ବ୍ରିଜ ଓ ହାତୀଶାଳ ଛକଠାରେ ରାସ୍ତା ଉପରେ ଚୌକି ପକାଇ ପିକେଟିଂ କରିଥିଲେ। ଫଳରେ ରାସ୍ତା ଉପରେ ଗାଡି ଚଳାଚଳ ବନ୍ଦ ହୋଇଯାଇଥିଲା। ଦିନ ୧୦ଟା ବେଳେ ଜିଲାପାଳଙ୍କ କାର୍ଯ୍ୟାଳୟ, ଜିଲା ଦୌରାଜଜ୍ଙ୍କ କାର୍ଯ୍ୟାଳୟ, ସମସ୍ତ ବ୍ୟାଙ୍କ ଓ ଡାକଘର ଆଗରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରି ବନ୍ଦ କରିଦେଇଥିଲେ। ଜିଲାରେ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ସବୁ ବନ୍ଦ ହୋଇପଡିଥିଲା। ସେହିପରି ଜିଲାର କଣ୍ଟାମାଳ ଓ ହରଭଙ୍ଗା ବ୍ଲକରେ ମଧ୍ୟ ବନ୍ଦ ଶାନ୍ତିପୂର୍ଣ୍ଣ ହୋଇଥିଲା। ଜିଲାର ପ୍ରଶାସନିକ ଢାଞ୍ଚାକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରାଯାଇ ଜିଲାରେ ଅନ୍ୟ ଏକ ସବଡିଭିଜନ ସୃଷ୍ଟି କରାଯିବା ସହିତ ଜିଲା ପରିଷଦ ସଂଖ୍ୟା ୯ ରୁ ୧୮କୁ ବୃଦ୍ଧି କରାଯିବା, ବ୍ଲକ ପୁନର୍ଗଠନ କରାଯାଇ ମନମୁଣ୍ଡା, ବାଉଁଶୁଣୀ ଓ ବଘିଆପଡାକୁ ନୂତନ ବ୍ଲକ ଭାବରେ ମାନ୍ୟତା ପ୍ରଦାନ, ବୌଦ୍ଧ ଏନ୍ଏସିକୁ ପୌରପାଳିକା ମାନ୍ୟତାସହ ଜିଲାର କଣ୍ଟାମାଳ, ମନମୁଣ୍ଡା, ବାଉଁଶୁଣୀ ଓ ପୁରୁଣାକଟକକୁ ଏନ୍ଏସି ମାନ୍ୟତା ପ୍ରଦାନ ଦାବି କରାଯାଇଛି। ଜିଲାର ଘଣ୍ଟାପଡା, ଶଗଡା, ବଘିଆପଡା ଓ ଆଡେଣୀଗଡକୁ ଥାନାର ମାନ୍ୟତା ପ୍ରଦାନ ଦାବି କରାଯାଇଛି। ଏହି ବନ୍ଦରେ ବରିଷ୍ଠ ନେତା ନାରାୟଣ ପ୍ରସାଦ ପରିଜା, ସୁଧୀର କୁମାର କର୍ଣ୍ଣ, ପିସିସି ସଦସ୍ୟ ରାଏ ସଞ୍ଜୀବ କୁମାର ଦେଓ, ପ୍ରଦୀପ କୁମାର ଦାସ, ସମରେଶ ମିଶ୍ର, ପଙ୍କଜ କର୍ଣ୍ଣଙ୍କ ସମେତ ବହୁ ନେତା ଓ କର୍ମୀ ସାମିଲ ଥିଲେ। ବାଉଁଶୁଣୀରେ ବୌଦ୍ଧ ବ୍ଲକ କଂଗ୍ରେସ କମିଟିର ସଭାପତି ଉମେଶ ପ୍ରସାଦ ତ୍ରିପାଠୀଙ୍କ ନେତୃତ୍ୱରେ କଂଗ୍ରେସ ଦଳର କର୍ମୀମାନେ ପିକେଟିଂ କରି ଦୋକାନ ବଜାର ଓ ଯାନବାହନ ଚଳାଚଳ ବନ୍ଦ ରଖିଥିଲେ। ଜିଲା ଛାତ୍ର କଂଗ୍ରେସ ସଭାପତି ବିକ୍ରମ ପ୍ରଧାନ, ଜିଲା ଯୁବ କଂଗ୍ରେସ ସଂଯୋଜକ ସୁଶିଲ କୁମାର ହୋତା, ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ଗେଜ, ଅରୁଣ ପୁରୋହିତ, ବାଲମିକି ନାଏକ, ହରେସ କୁମ୍ଭାର, ବ୍ରହ୍ମାନନ୍ଦ କୁମ୍ଭାର, କର୍ମୁ ଭଇନା, ପବିତ୍ର କର୍ମୀ, ଦେବାଶିଷ ପଲିଆ, କଳାକାହ୍ନୁ ବେଜ ପ୍ରମୁଖ ବନ୍ଦରେ ସାମିଲ ଥିଲେ।

# କୋଲକାତାରୁ ୱେବ୍ ପୋର୍ଟାଲ ମୁଖ୍ୟ ରାଜ୍ ଗିରଫ

### ଦୁଇ ବ୍ୟବସାୟୀଙ୍କୁ ଦୁଇଦିନ ମୁଣ୍ଡଜାମିନ ରଖି ନିର୍ଯାତନା ଘଟଣା

- ୧୦ ଲକ୍ଷ ଟଙ୍କା ଦାବି କରି ନିସ୍ତୁକ ମାଡ଼ ମାରିଥିଲେ
- ପୂର୍ବରୁ ପୋର୍ଟାଲ ସମ୍ପାଦିକାଙ୍କ ସମେତ ୫ ଗିରଫ ହୋଇଥିଲେ

ଭୁବନେଶ୍ୱର(ବ୍ୟୁରୋ)/ବାରଙ୍ଗ,୬।୯(ଡି.ଏନ୍.ଏ.)

ଦୁଇ ବ୍ୟବସାୟୀଙ୍କୁ ମୁଣ୍ଡଜାମିନ ରଖି ଅମାନୁଷିକ ନିର୍ଯାତନା ଦେବା ଘଟଣାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ତଥା ଲାଇଭ୍ କଳିଙ୍ଗ ୱେବ୍ ପୋର୍ଟାଲର ସିଇଓ ରଘୁନାଥ ସାହୁ ଓରଫ ରାଜ୍ଙ୍କୁ ସୋମବାର କମିଶନରେଟ ପୋଲିସ କୋଲକାତାରୁ ଗିରଫ କରିଛି। ଏହି ଘଟଣାରେ ନନ୍ଦନକାନନ ଥାନା ପୋଲିସ ଅଗଷ୍ଟ ୨୮ରେ ଉକ୍ତ ପୋର୍ଟାଲର ସମ୍ପାଦିକାଙ୍କ ସମେତ ୫ଜଣଙ୍କୁ ଗିରଫ କରିଥିଲା। ଚଢ଼ାଉବେଳେ ରାଜ୍ ଫେରାର ହୋଇଯାଇଥିଲେ। ତାଙ୍କୁ ଧରିବାକୁ କମିଶନରେଟ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିଲା। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ନନ୍ଦନକାନନ ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତି କହିଛନ୍ତି। ରାଜ୍ଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଏକାଧିକ ମାମଲା ଥିବା ପୋଲିସ ଜାଣିବାକୁ ପାଇଛି। ଗଣମାଧ୍ୟମକୁ ବ୍ୟବହାର କରି ଘଟାଇଥିବା ଆପରାଧିକ କାର୍ଯ୍ୟକଳାପ ଉପରୁ ପରଦା ଉଠାଇବା ପାଇଁ ତଦନ୍ତ ଜାରି ରହିଥିବାବେଳେ ତାଙ୍କୁ ନନ୍ଦନକାନନ ଥାନା ପୋଲିସ ରିମାଣ୍ଡରେ ଆଣି ପଚରାଉଚରା କରିବ ବୋଲି ସୂଚନା ମିଳିଛି। ଏନେଇ ଡିସିପି ଉମାଶଙ୍କର ଦାଶ କହିଛନ୍ତି, ରାଜ୍ଙ୍କ ସହଯୋଗ ଓ ଇଙ୍ଗିତରେ ଅନ୍ୟ ଅଭିଯୁକ୍ତମାନେ ଏଭଳି ଅମାନୁଷିକ ନିର୍ଯାତନା ଦେଇଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଅଧିକ ପଚରାଉଚରା କଲାପରେ ବାକି ତଥ୍ୟ ପଦାକୁ ଆସିବ ବୋଲି ସେ କହିଛନ୍ତି।

ସୂଚନା ଅନୁଯାୟୀ, କେନ୍ଦ୍ରାପଡାର ପୂର୍ଣ୍ଣଚନ୍ଦ୍ର ସାହୁ ଓ କୋଲକାତାର ଭିଗୁନାଥ ସିଂ କେନ୍ଦୁଝର ବଡ଼ବିଲରେ ଖଣି ବ୍ୟବସାୟରେ ଗାଡି ଲଗାଉଥିଲେ। ଭିଗୁନାଥଙ୍କ ସହ ଲାଇଭ୍ କଳିଙ୍ଗ ସିଇଓ ରାଜ୍ଙ୍କର ପୂର୍ବଶତ୍ରୁତା ଥିବାରୁ ତାଙ୍କୁ ମିଡିଆ ଜାଲରେ ଫସାଇବାକୁ ଯୋଜନା କରିଥିଲେ। ଅଗଷ୍ଟ ୫ରେ ଭିଗୁନାଥ ଓ ପୂର୍ଣ୍ଣଚନ୍ଦ୍ର ବ୍ୟବସାୟ ପାଇଁ ଫାଇନାନ୍ସ ଯୋଗାଡ଼ କରିବାକୁ ଭୁବନେଶ୍ୱର ଆସିଥିବାବେଳେ ରାଜ୍ ୫୦ ଲକ୍ଷ ଟଙ୍କା କରାଇଦେବାକୁ ପ୍ରତିଶ୍ରୁତି ଦେଇ ଅଫିସକୁ ଡକାଇଥିଲେ। ଉଭୟ ପହଞ୍ଚିବା ପରେ ରାଜ୍ ଓ ଅନ୍ୟମାନେ ଗୋଟିଏ ଘରେ ମୁଣ୍ଡଜାମିନ ରଖି ୧୦ ଲକ୍ଷ ଟଙ୍କା ଦାବି କରି ବ୍ଲାକମେଲ୍ କରିଥିଲେ। ସେମାନଙ୍କ ପାଖରେ ଥିବା ୩୦ହଜାର ଲୁଟିନେବା ପରେ ନାନା ନିର୍ଯାତନା ଦେଇଥିଲେ। ପରେ ଭିଗୁନାଥ ଫୋନ୍ କରିବାରୁ ତାଙ୍କ ସ୍ତ୍ରୀ ୨୮ ହଜାର ଟଙ୍କା ରାଜ୍ଙ୍କ ଆକାଉଣ୍ଟକୁ ପଠାଇଥିଲେ। ଅଗଷ୍ଟ ୭ରେ ଭିଗୁନାଥ ଓ ରାଜ୍ଙ୍କ ମଧ୍ୟରେ ପରିଚୟ କରାଇଥିବା ଅନ୍ୟଜଣେ ବ୍ୟକ୍ତି ସେଠାରେ ପହଞ୍ଚି ସେମାନଙ୍କୁ ମୁକୁଳାଇଥିଲେ। ପୂର୍ଣ୍ଣଚନ୍ଦ୍ର ପରିବାର ଲୋକଙ୍କ ସହାୟତାରେ ଚିକିତ୍ସିତ ହେବା ପରେ ଅଗଷ୍ଟ ୨୭ରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୯୩/୨୧) ରୁଜୁ କରିବା ସହ ଉକ୍ତ ପୋର୍ଟାଲ ମୁଖ୍ୟାଳୟରେ ଚଢ଼ାଉ କରିଥିଲା।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜ୍ୱାଇଁ କେବେ ପୁଅ ହୁଏନାହିଁ**
**ବୋହୂ କେବେ ଝିଅ ହୁଏ ନାହିଁ।**

ଘରର ହାନିଲାଭ, ଭଲମନ୍ଦ ପୁଅକୁ କହିହୁଏ। ଘରର କଥା ଜ୍ୱାଇଁ ଆଗରେ କହିବାରେ ସଂକୋଚ ଲାଗିଥାଏ। ସେହିପରି ବୋହୂ ଅପେକ୍ଷା ଝିଅ ହିଁ ମାଆର ମନକୁ ବେଶ୍ ଭଲ ଭାବେ ହୃଦୟଙ୍ଗମ କରିପାରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଝାଳ ନ ମରୁ ଗାଧୋଇପଡ଼େ**
**ଯେହୁ କଳୁଆ ପୋଡ଼େ**
**ସଂକ୍ରାନ୍ତିରେ ଯେଉଁ ଘରଣୀ**
**ମାଛ ଶୁଖୁଆ ପୋଡ଼େ**
**ଜାଣି ରଖ ଭାଇ ଏଇ ମାନଙ୍କୁ**
**ନିଶ୍ଚେ ଜାଉଘଡ଼ି ପଡ଼େ।**

ଘର ସଂସାରର ଚଳଣି ଏବଂ ପଦ୍ଧତିକୁ ଅବମାନନା କରିବା ଅଶୋଭନୀୟତାର ପରିଚୟ ହୋଇଥାଏ। ଯିଏ ଏପରି ଅମଙ୍ଗଳ ଲକ୍ଷଣଯୁକ୍ତ କାର୍ଯ୍ୟ କରେ ସିଏ ତା'ର କୁପରିଣତି ଅବଶ୍ୟ ଭୋଗ କରୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ପୂର୍ବ ଶତ୍ରୁତାରୁ ମହିଳାଙ୍କୁ ନିର୍ମମ ହତ୍ୟା

ରେଢ଼ାଖୋଲ,୬।୯(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ଲଇଣ୍ଡାମାଲ ଗ୍ରାମରେ ରବିବାର ରାତିରେ ଜଣେ ମହିଳାଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ସେ ହେଲେ ବନିତା ମିର୍ଦ୍ଧା (୩୦)। ସୋମବାର ସକାଳେ ରେଢ଼ାଖୋଲ ଏସ୍ଡିପିଓ ପ୍ରଶାନ୍ତ କୁମାର ମେହେର, ଥାନା ଅଧିକାରୀ ସୁରୁବାବୁ ଛତ୍ରିଆ ସାଇଣ୍ଟିଫିକ ଟିମ୍ ସହ ଗ୍ରାମରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ଏସ୍ଡିପିଓ ମେହେର କହିଛନ୍ତି। ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୋଲିସ ଗ୍ରାମର ୪ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ସେମାନେ ହେଲେ ଲଇଣ୍ଡାମାଲ ଗ୍ରାମର ହରି ମିର୍ଦ୍ଧା, ତାଙ୍କ ବଡ଼ପୁଅ କାଳିଆ ଓରଫ ସଞ୍ଜିତ ମିର୍ଦ୍ଧା ଓ ଅନ୍ୟ ଦୁଇ ନାବାଳକ ପୁଅ। ଏ ସମ୍ପର୍କରେ ମୃତା ମହିଳାଙ୍କ ଭାଇ ସନ୍ତୋଷ ମିର୍ଦ୍ଧା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଥାନା କେସ୍ ନଂ.୧୫୮, ଦଫା ୩୦୨ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

ସୂଚନା ଅନୁସାରେ ବନିତାଙ୍କ ସ୍ୱାମୀ ବିଶି ମିର୍ଦ୍ଧା ୨ବର୍ଷ ତଳେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଫଳରେ ବନିତା ୨ ଝିଅପୁଅଙ୍କୁ ଧରି ଲଇଣ୍ଡାମାଳରେ ରହୁଥିଲେ। ପାଠ ପଢ଼ିବା ପାଇଁ ସେ ୭ ବର୍ଷର ଝିଅକୁ ତାଙ୍କ ବାପଘରେ ଛାଡ଼ିଦେଇଥିବାବେଳେ ୫ବର୍ଷର ପୁଅ ସହ ଗ୍ରାମରେ ରହୁଥିଲେ। ଏବେ ମା'ବାପାଙ୍କ ମୃତ୍ୟୁ ପରେ ଏହି ଦୁଇ ପିଲା ଅନାଥ ହୋଇଯାଇଛନ୍ତି।

### ଅନାଥ ହୋଇଗଲେ ଦୁଇ ଝିଅପୁଅ

ଗ୍ରାମବାସୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଅନୁଗୋଳ ଜିଲା କିଶୋରନଗର ଅଞ୍ଚଳରେ ରହୁଥିବା ମୃତା ମହିଳାଙ୍କ ଭାଇଭଉଣୀ ଘରକୁ ପ୍ରାୟ ଯିବାଆସିବା କରୁଥିଲେ। ଯିବାଆସିବା ଭିତରେ ସେ ହରି ମିର୍ଦ୍ଧାଙ୍କ ଝିଅଙ୍କ ସହ ପ୍ରେମ ସମ୍ପର୍କ ରଖି ଶେଷରେ ତାଙ୍କୁ ବିବାହ କରିଥିଲେ। ହେଲେ ଏହି ବିବାହକୁ ହରି ନାପସନ୍ଦ କରୁଥିଲେ। ଏଥିପାଇଁ ସେ ବନିତାଙ୍କୁ ଦାୟୀ କରି ବିଭିନ୍ନ ସମୟରେ ଝଗଡା କରୁଥିଲେ। ରବିବାର ସକାଳେ ମଧ ସେ ତାଙ୍କ ସହ ଝଗଡ଼ା କରିଥିଲେ।

# ଓଡ଼ିଶାର 'ମନ୍ଦା' ମଇଁଷିକୁ ଜାତୀୟ ମାନ୍ୟତା

ଭୁବନେଶ୍ୱର, ୬।୯(ବ୍ୟୁରୋ)

ପ୍ରାଣୀ ପ୍ରଜନନ ପଞ୍ଜୀକରଣ କ୍ଷେତ୍ରରେ ଓଡ଼ିଶା ଆଉଏକ ସଫଳତା ହାସଲ କରିଛି। ଓଡ଼ିଶାର ନୂଆ ପ୍ରଜାତି 'ମନ୍ଦା' ମଇଁଷିକୁ ଜାତୀୟ ମାନ୍ୟତା ମିଳିଛି। ଏନେଇ ଦି ଇଣ୍ଡିଆନ୍ କାଉନ୍ସିଲ୍ ଅଫ୍ ଏଗ୍ରିକଲ୍ଚରାଲ ରିସର୍ଚ୍ଚ (ଆଇସିଏଆର)-ନ୍ୟାଶନାଲ ବ୍ୟୁରୋ ଅଫ୍ ଆନିମଲ ଜେନେଟିକ୍ ରିସୋର୍ସେସ୍ (ଏନ୍ବିଏଜିଆର୍) ପକ୍ଷରୁ ଘୋଷଣା କରାଯାଇଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଓ ଓଡ଼ିଶା ପ୍ରାଣୀ ସମ୍ପଦ ବିକାଶ ବିଭାଗର ମିଳିତ ଉଦ୍ୟମରେ ଏହି ମାନ୍ୟତା ମିଳିପାରିଛି। ତତ୍କାଳୀନ ବିଭାଗୀୟ ନିର୍ଦ୍ଦେଶକ ବିଷ୍ଣୁପଦ ସେଠୀ ଓ ଭେଟେରିନାରି କଲେଜର ପ୍ରଫେସର ତଥା ପ୍ରାଣୀ ବଂଶାବଳୀ ବିଶେଷଜ୍ଞ ଡ. ସୁଶାନ୍ତ କୁମାର ଦାଶଙ୍କ ସମେତ ୬ଜଣିଆ ଟିମ୍ ଏହା ଉପରେ ଗବେଷଣା କରିଥିଲା। ମନ୍ଦା ମଇଁଷି ଅନନ୍ୟ ଏବଂ ଏହା କେବଳ ଓଡ଼ିଶାରେ ହିଁ ଦେଖାଯାଉଥିବାରୁ ଏହାକୁ ଜାତୀୟ ସ୍ତରରେ ସ୍ୱୀକୃତି ଲାଭ ନିମନ୍ତେ ଏନ୍ବିଏଜିଆର୍ ନିକଟରେ ଆବେଦନ କରାଯାଇଥିଲା। ନିକଟରେ ହୋଇଥିବା ଏକ ବୈଠକରେ ମନ୍ଦା ମଇଁଷିକୁ ସମଗ୍ର ଦେଶରେ ୧୯ତମ ପ୍ରଜାତି(ବ୍ରିଡ୍) ଭାବେ ଘୋଷଣା କରାଯାଇଛି।



ଜାତୀୟ ମାନ୍ୟତା ପାଇଥିବା 'ମନ୍ଦା' ମଇଁଷି।

### ପ୍ରାଣୀ ପ୍ରଜନନ ପଞ୍ଜୀକରଣ କ୍ଷେତ୍ରରେ ଆଉ ଏକ ସଫଳତା

ସୂଚନାଯୋଗ୍ୟ, ପୂର୍ବରୁ ଓଡ଼ିଶାରୁ ୭ଟି ପ୍ରଜାତିର ମଇଁଷିକୁ ମାନ୍ୟତା ମିଳିଛି। 'ମନ୍ଦା' ହେଉଛି ଅଷ୍ଟମ ପ୍ରଜାତି। ଏହି ୮ଟି ପ୍ରଜାତିର ମଇଁଷିକୁ ପ୍ରଫେସର ସୁଶାନ୍ତ କୁମାର ଦାଶ ହିଁ ଚିହ୍ନଟ କରିଛନ୍ତି। ଏ ସମ୍ପର୍କରେ ପ୍ରଫେସର ଦାଶ କହିଛନ୍ତି, 'ମନ୍ଦା' ମଇଁଷିକୁ ମାନ୍ୟତା ଦେବା ପାଇଁ ୨୦୦୯ରେ ଆବେଦନ କରାଯାଇଥିଲା। ୧୨ବର୍ଷ ପରେ ଏହାକୁ ମାନ୍ୟତା ମିଳିଛି। ବହୁତ ଖୁସି ଲାଗୁଛି। ଏହା ଆମ ଓଡ଼ିଶା ପାଇଁ ଗର୍ବ ବୋଲି ମୁଁ ଅନୁଭବ କରେ। କେବଳ ଓଡ଼ିଶାରେ ଦେଖାଯାଉଥିବା ଏହି ପ୍ରଜାତି ମଇଁଷିର ଦେହର ରଙ୍ଗ ସାଧାରଣତଃ ଧୂସର ପାଉଁଶିଆ ଓ ଧୂସର। ଆକାରରେ ଛୋଟ ହେଲେ ମଧ ବେଶ୍ ହୃଷ୍ଟପୁଷ୍ଟ। ଉଭୟ ଅଣ୍ଡିରା ଏବଂ ମାଈ ମଇଁଷିକୁ କୋରାପୁଟ, ମାଲକାନଗିରି ଏବଂ ନବରଙ୍ଗପୁର ଜିଲାରେ ଚାଷ କାର୍ଯ୍ୟରେ ନିୟୋଜିତ କରାଯାଉଛି। ଏହିପ୍ରାଣୀମାନଙ୍କୁ ପ୍ରାୟତଃ କୌଣସି ସଂକ୍ରମଣ ହୋଇ ନ ଥାଏ। ବର୍ତ୍ତମାନ ଏହି ପ୍ରଜାତିର ଅନ୍ୟୂନ ୧ଲକ୍ଷ ମଇଁଷି ପାର୍ବତ୍ୟ ମାଳଅଞ୍ଚଳରେ ରହିଛନ୍ତି। ସେଠାରେ ବସବାସ କରୁଥିବା ଅଧିବାସୀ ଏହି ମଇଁଷିଠାରୁ ହିଁ ଦୁଗ୍ଧ ଚାହିଦା ମେଣ୍ଟାଇବା ସହିତ ସମସ୍ତ ଚାଷ କାର୍ଯ୍ୟରେ ମଧ ସେମାନଙ୍କୁ ନିୟୋଜିତ କରାଯାଉଛି। ଏମାନଙ୍କ କ୍ଷୀର ଉତ୍ପାଦନ କ୍ଷମତା ପ୍ରତି ଥରରେ ହାରାହାରି ୨ରୁ ୨.୫ ଲିଟର ଥିବାବେଳେ କେତେକ କ୍ଷେତ୍ରରେ ୪ ଲିଟର ପର୍ଯ୍ୟନ୍ତ ହୋଇଥାଏ। ଏଥିରେ ୮ ପ୍ରତିଶତ ଚର୍ବି ଅଂଶ ରହିଥାଏ। ୩ ବର୍ଷରେ ପ୍ରାପ୍ତବୟସ୍କା ହୋଇଥାଏ ଏବଂ ୪ ବର୍ଷରେ ଜନ୍ମ କରିଥାଏ। ୨୦ ବର୍ଷ ପର୍ଯ୍ୟନ୍ତ ଏହି ପ୍ରଜାତିର ମଇଁଷି ପ୍ରତି ଦେଢ଼ରୁ ୨ ବର୍ଷରେ ଛୁଆଁ ଜନ୍ମ ଦିଏ।

## ରାଇନାଙ୍କୁ ଖଲାସ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ ଅଫିସ,୬।୯

ଏକ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ରାଇନା ଓରଫ୍ ରଞ୍ଜନ ଜୁଆଙ୍ଗଙ୍କୁ ତୁରନ୍ତ ଖଲାସ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ହାଇକୋର୍ଟରେ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଏବଂ ବିଚାରପତି ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଶୁଣାଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଚିତ୍ତରଞ୍ଜନ ସାହୁ ମାମଲା ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ, ୨୦୦୭ ସେପ୍ଟେମ୍ବର ୨୪ରେ କେନ୍ଦୁଝର ଜିଲା ତଳପଡ଼ା ଗାଁର ଅଭିଯୁକ୍ତ ରାଇନା ଓ ତାଙ୍କ ସାଙ୍ଗ ଗାଁକୁ ଫେରୁଥିବାବେଳେ ରାସ୍ତାରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହି ସମୟରେ ରାଇନାଙ୍କ ସାଙ୍ଗ ତଳେ ପଡ଼ିଯିବାରୁ ତାଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇଥିଲା। ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଦୈତାରୀ ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅକ୍ଟୋବର ୧ରେ ରାଇନାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଥିଲା। ଡିସେମ୍ବର ୨୫ରେ ପୋଲିସ ଚାର୍ଜଶିଟ ଦାଖଲ କରିଥିଲା। ୫ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ୨୦୦୯ ଜୁନ ୩୦ରେ କେନ୍ଦୁଝର ସେସନ୍ସ ଜଜ୍ ରାଇନାଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଥିଲେ। ଏହାକୁ ଚ୍ୟାଲେଞ୍ଜକରି ରାଇନା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସାଙ୍ଗଙ୍କୁ ମାରିଦେବା ନେଇ ଅଭିଯୁକ୍ତଙ୍କର କୌଣସି ଉଦ୍ଦେଶ୍ୟ ନ ଥିଲା। ତେଣୁ ୩୦୨ ନୁହେଁ, ୩୦୪(ବି) ଦଫା ଲାଗିପାରିବ। ଅଭିଯୁକ୍ତ ଇତିମଧ୍ୟରେ ୧୪ବର୍ଷ ଜେଲରେ ରହିସାରିଛନ୍ତି। ତେଣୁ ପୂର୍ବ ରାୟ ପରିବର୍ତ୍ତନ କରାଯାଇ ତାଙ୍କୁ ଖଲାସ କରିବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି।

## ଶ୍ମଶାନରୁ ମୃତଦେହ ଜବତ କଲା ପୋଲିସ

ଗୋପାଳପୁର, ୬।୯ (ଡି.ଏନ୍.ଏ.)

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ମାଝି ଗାଁ ନିକଟସ୍ଥ ଏକ ଇଟାଭାଟିରେ ସୋମବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ନାବାଳକ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଏହାକୁ ଚପାଇବାକୁ ଉଦ୍ୟମ ଚାଲିଥିବା ବେଳେ ପୋଲିସ ପଣ୍ଡ କରିଛି। ଭାଟି ମାଲିକ ଘଟଣାକୁ ରଫାଦଫା କରି ମୃତକଙ୍କ ପରିବାରକୁ ଦେଢ଼ ଲକ୍ଷ ଟଙ୍କା ସାହାଯ୍ୟ ଦେବାକୁ କହିଥିଲେ। ସମ୍ପର୍କୀୟମାନେ ମଶାଣିରେ ପୋଡ଼ିବାକୁ ଉଦ୍ୟମ କରୁଥିବା ବେଳେ ଗୋଳନ୍ଥରା ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା।

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**Tel Irrigation Division, Sonepur**
**E-mail: eetelirrdivn@gmail.com**

**E-procurement Notice No - EE, TID, SNP – 07/2021-22**

**No. A-427:-** The **Executive Engineer, Tel Irrigation Division, Sonepur** on behalf of Governor of Odisha invites online **Percentage rate** tenders in **Double Cover** system to be received in **online mode** only for the works as detailed below.

| | | |
|---|---|---|
| 1 | Name of the work | Flood Protection Embankment Work |
| 2 | No. of Works | 01 No |
| 3 | Class of Contractor | 'B' & 'A' Class (Odisha PWD or relevant class of other licensing Authority.) |
| 4 | Bid Identification No. | **EE, TID, SNP-07/2021-22** |
| 5 | Estimated Cost | Rs 88.09 Lakhs |
| 6 | Period of Completion | As per mentioned in NIT |
| 7 | Date & time of availability of bid documents in the Portal. | **From 08.09.2021 (10.00 AM) to 27.09.2021 ( 05.30 PM)** |
| 8 | Last date/time for receipt of bids in the Portal | **In portal -27.09.2021 from 10.00 A.M up to 05.30 P.M.** |
| 9 | Date of Opening of Bid | **On Date 28.09.2021 (11.00 AM onwards in the Office of the undersigned)** |
| 10 | Name of the Officer inviting Bid | **Executive Engineer, Tel Irrigation Division, Sonepur (Dist.-Subarnapur)** |

Further details can be seen from the e-Procurement portal https://tendersodisha.gov.in.

**Sd./- Executive Engineer, Tel Irrigation Division, Sonepur**
OIPR-32362/11/0004/2122

See Career Appointment on every Wednesday & Saturday

**NOTICE**

**No. C-912:-** The following contractor, who were registered as "C" Class Contractor under S.E.P.H. Circle, Bhubaneswar and their Registration Certificate are hereby cancelled as per his written request and their one time deposit in shape of NSC will be refunded to him.

| Sl. No. | Name and Address | Regn. No & Class | This office order No. & Date |
|---|---|---|---|
| 1) | **Sri Sudhansu Sekhar Choudhury,** S/o Amarsing Choudhury, At/PO- Kulasarichuan, PS- Sadar, Dist.- Cuttack | Regd. No. 871 of 2002-03 'C' Class | S.E.P.H. Circle, BBSR No.7047 Dt.22.07.2002 |
| 2) | **Sri Prakas Chandra Balabantaray,** S/o- Golakha Bihari Nayak, At- N/6-342, PO- IRC Village Nayapalli, Dist.- Khordha | Regd. No. 1081 of 2007-08 'C' Class | S.E.P.H. Circle, BBSR No.8306 Dt.05.12.2007 |
| 3) | **Sri Hari Har Behera,** S/o- Late Balabhadra Behera, At/PO- Saswotipur, PS- Balanga, Dist- Puri, Pin-752105 | CDMS Code No.342QH567- "C" Class (Upgraded to "B" Class) | Dt.13.04.2021 |
| 4) | **Sri Chandan Ojha,** S/o- Basudev Ojha, At/PO- Govind Prasad, PS- Bhapur, Dist.- Dhenkanal | Regd. No.1393 of 2015-16 'C' Class | S.E.P.H. Circle, BBSR No.5054 Dt.03.10.2015 |

This notice is required to be published for information of all Govt. Deptt./Offices where they have executed the work. If any Govt. dues/materials are outstanding against the above contractor which are due to be recovered, may please be reported to the undersigned within 30 (Thirty) days from the date of publication of this notice for recovery/adjustment to Govt. accounts.

In case no report from any office / Deptt. are received within the stipulated period i.e. 30 days from the date of publication of this notice, the one time deposit made by the contractor will be released/refunded to them without any further notice.

If any Govt. dues/materials detected by any office beyond the stipulated time, it will be their responsibility for the lapses whatsoever.

OIPR-13039/11/0006/2122 **Sd./- Additional Chief Engineer, P.H. Circle, Bhubaneswar**

**DISTRICT OFFICE, BALASORE**
**(G.P. SECTION)**
**TENDER CALL NOTICE**

**No. 65/G.P.** **Date: 04.09.2021**

No. i-159: Sealed tenders in plain paper are invited from the interested/registered local Printing Presses/DTP Firms for printing of ward wise Electoral Rolls and binding of Gram Panchayat wise Electroal Roll in respect of the following Blocks subject to the following terms & conditions. The tenders should reach through Registered Post only addressed to the District Panchayat Officer, Balasore on or before **23.09.2021 by 5.00 P.M.** The tenders received beyond the scheduled date and time will not be entertained. The envelope containing the tender paper should be mentioned as "TENDER FOR PRINTING OF ELECTORAL ROLLS FOR GENERAL ELECTIONS TO PRIs-2022". The sealed tenders shall be opened on **24.09.2021 at 11 A.M. at DRDA Conference Hall, Balasore** in the presence of the tenderer or their authorized representatives. The tenders should contain photocopies of GST registration No and update retrun of GST and Income Tax. The cost must include all offering/accepted taxes/GST etc. The Tender Call Notice along with details of terms & conditions for the purpose can be downloaded from the district website **www.baleswar.nic.in** during the period from 07.09.2021 to 23.09.2021.

**Sd./- Collector, Balasore**
**OIPR-15017/11/0001/2122**

**RFP for Engagement of Programme Management Consultant (PgMC) for Irrigation Projects (ISS/MMIPs/UGPL) of Water Resources Department, Govt. of Odisha**
**Bid Identification No. 02/2021-22 of EE, SS Division, Bhubaneswar**
**NOTICE INVITING REQUEST FOR PROPOSAL THROUGH E-PROCUREMENT PORTAL OF GOVT. OF ODISHA**

No. A-435: Engineer-in-Chief, Procurement, O/o. the Engineer-in-Chief, Water Resources, Sechasadan, Bhubaneswar invites Technical and Financial proposals from reputed consulting firms having experience in design, design vetting, engineering, monitoring and supervision for "Engagement of Programme Management Consultancy Firm for Irrigation Projects of Water Resources Department". The detailed Request for Proposal (RFP) document can be downloaded from e-Procurement portal of Govt. of Odisha from 5 P.M. of Dt.08.09.2021 to 5.00 P.M. of Dt.07.10.2021. A pre bid meeting shall be held on Dt.23.09.2021 at 11.30 A.M. through VC (link will be share on 21.09.2021 by 4.00 P.M.). Interested applicants are requested to send their queries upto 4 P.M. of Dt.20.09.2021 in the email Id of **eic.proc.wr@gmail.com**. The last date of receipt of technical and financial bids through e-procurement portal of Govt. of Odisha is Dt.11.10.2021 till 5.00 P.M. The cost of bid document is Rs.10,000.00/- (Rupees ten thousand only) and is to be paid online. The technical bids will be opened online on Dt.18.10.2021 at 11.00 A.M. Engineer-in-Chief, Procurement has the right to accept or reject the Notice/RFP without assigning any reason thereof.

**Sd./- Engineer-in-Chief, Procurement**
**OIPR-32314/11/0008/2122**

**OFFICE OF THE CHIEF CONSTRUCTION ENGINEER, KANUPUR IRRIGATION PROJECT**
**AT/P.O.- BASUDEVPUR, DIST.- KEONJHAR, ODISHA, PIN- 758047**
**e-mail: ccekipbpur@gmail.com**
**"e" PROCUREMENT NOTICE**
**Bid Identification No. 07/CCEKIP of 2021-22 (Online)**
**No. A-425** **NOTICE INVITING TENDER**

| | | |
|---|---|---|
| 1 | Name of the Assignment | Request for Proposal (RFP) for Appointment of Thrid Party Quality Assurance & Inspection Agency (TPIA) for Plastic Concrete Cut-off Wall of Kanupur Irrigation Project, Odisha. |
| 2 | Estimated Cost | Not Provided |
| 3 | Period of Completion | 11 (Eleven) Calendar Months including rainy season. |
| 4 | Date & Time of availability of bid document in the portal | Dt.08.09.2021 from 10.00 hours to Dt.22.09.2021 upto 17.00 hours. |
| 5 | Last date/time of receipt of bid in the portal | Dt.22.09.2021 upto 17.00 hours. |
| 6 | Name & Address of the Officer Inviting Bid | Chief Construction Engineer, Kanupur Irrigation Project, At/P.O.- Basudevpur, Dist.- Keonjhar, Odisha - 758047 |

Further details can be seen from e-Procurement portal **www.tendersodisha.gov.in**.

**Sd./- (Er. P.K. Pani)**
**Chief Construction Engineer, Kanupur Irrigation Project, Basudevpur, Keonjhar, Odisha**
**OIPR-32236/11/0002/2122**

**GOVERNEMENT OF ODISHA** **No. A-431**
**DEPARTMENT OF WATER RESOURCES**
**Office of the Additional Chief Engineer,**
**Western Irrigation Circle, Bhawanipatna-766001**
**E-Mail-ID-sewic2012@gmail.com / Phone No. 06670-230763**
**NOTICE INVITING TENDER**
**e-Procurement Notice No. ADDLCE,WIC – 02/2021-22**
**PERCENTAGE RATE e-TENDER**

1. The Additional Chief Engineer, Western Irrigation Circle, Bhawanipatna, Dist.- Kalahandi, Pin-766001, (Odisha) on behalf of governor of Odisha invites **"PERCENTAGE RATE Bids" IN DOUBLE COVER SYSTEM**, in electronic tendering system for the construction works detailed in the table below.

| | |
|---|---|
| 2. Package No. | ADDLCE,WIC(KID)01/2021-22 to ADDLCE,WIC(KID)02/2021-22 |
| Types of Work | 02, (TWO) Nos, Flood Protection work under Nabard Asst Scheme. |
| Approximate value of work | Varies from Rs.652.04 Lakhs to Rs.544.76 Lakhs (Excluding GST) |
| Period of Completion | 11, (Eleven ) calendar Months. |
| Classification of Bidder | "A", 'Special' & 'Super' Class Contractor only |
| Tender documents available on website. | Can be downloaded from Website **(http://www.tendersodisha.gov.in)** |
| Bid documents available Date and Time. | 09.09.2021 at11.00Hrs |
| Bid clarification start date & Closing date. | 09.09.2021 to 15.09.2021 during office hours |
| On Line Bid submission closing date and time. | 27.09.2021 at17.00 Hrs. |
| Date, Time and Venue of opening of bid online. | 28.09.2021 at 11.00Hrs office of the Addl Chief Engineer, Western Irrigation Circle, Bhawanipatna. |
| Date / Time of Opening of Financial Bid | To be intimated after evaluation of Technical Bid. |

Further details can be seen from Govt. website. Any addendum / corrigendum / cancellation to the above notice will be published in the Govt. website **www.tendersodisha.gov.in** only.

**Additional Chief Engineer**
**Western Irrigation Circle, Bhawanipatna**
**OIPR-32178/11/0002/2122**

# ଟି୨୦ ବିଶ୍ୱକପ୍: ଚୟନ ଉପରେ ନଜର

ନୂଆଦିଲ୍ଲୀ,୬।୯

ଆସନ୍ତା ଅକ୍ଟୋବର ୧୭ରୁ ନଭେମ୍ବର ୧୪ ତାରିଖ ମଧ୍ୟରେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଆୟୋଜନ ହେବାକୁ ଥିବା ଟି୨୦ ବିଶ୍ୱକପ୍ ପାଇଁ ଭାରତୀୟ ଦଳ ଘୋଷଣା ଅଗାମୀ ଦିନେ କିମ୍ବା ୨ ଦିନ ମଧ୍ୟରେ କରାଯିବ ବୋଲି ଆଶା କରାଯାଉଛି। ବିଶ୍ୱକପ୍ ପାଇଁ ସବୁ ଦେଶମାନେ ୯ ସେପ୍ଟେମ୍ବର ସୁଦ୍ଧା ଦଳ ଘୋଷଣା କରିବାକୁ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ତରଫରୁ ନିର୍ଦ୍ଦେଶ ଦିଆଯାଇଛି। ଘୋଷିତ ହେବାକୁ ଥିବା ଏହି ଦଳରେ କିଛି ଖେଳାଳି ଚୟନ ହେବା ନିଶ୍ଚିତ ମନେ ହେଉଛି। ଆଉ କିଛି ସ୍ଥାନ ପାଇଁ ଏକାଧିକ ଖେଳାଳି ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହେବେ। ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ବିଶ୍ୱକପ ପାଇଁ ଦଳ ଘୋଷଣା କରିସାରିଛନ୍ତି। ବାକି ସବୁ ଦେଶ ଆଗାମୀ ୩ ଦିନ ମଧ୍ୟରେ ସେମାନଙ୍କର ଦଳ ଘୋଷଣା କରିବେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦଳ ଚୟନ କରିସାରିଛି ଓ ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟ ଶେଷ ହେବା ପରେ ମଙ୍ଗଳବାର ଆନୁଷ୍ଠାନିକ ଭାବେ ଦଳ ଘୋଷଣା ହେବ ବୋଲି ବିଶ୍ୱସ୍ତସୂତ୍ରରୁ ଜଣାଯାଇଛି। ବିସ୍ମୟ ସ୍ପିନର ବରୁଣ ଚକ୍ରବର୍ତ୍ତୀ ଓ ଫାଷ୍ଟ ଲେଗ୍ ବ୍ରେକ ବୋଲର ରାହୁଲ ଚହରଙ୍କ ମଧ୍ୟରେ ଚୟନରେ ମୁକାବିଲା ହେବ। ପୂର୍ବତନ କ୍ରିକେଟ ତଥା ମୁଖ୍ୟ ଚୟନକର୍ତ୍ତାଙ୍କ ଅଧ୍ୟକ୍ଷତାରେ ଚୟନ କମିଟି ଦଳ ଚୟନ କରିବା ବେଳେ ଅଧିନାୟକ କୋହଲି, କୋଚ ରବି ଶାସ୍ତ୍ରୀଙ୍କ ସହ ସମ୍ପର୍କ ସ୍ଥାପନ କରିବେ। ଚୟନ ପ୍ରକ୍ରିୟାରେ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଓ ସମ୍ପାଦକ ଜୟ ଶାହା ସାମିଲ ହେବେ ବୋଲି ଆଶା କରାଯାଉଛି। ଚୟନ କମିଟି ମୁମ୍ବାଇସ୍ଥିତ ବିସିସିଆଇ ହେଡକ୍ୱାର୍ଟରରେ ଏକାଠି ହେବେ। କୋଭିଡ୍୧୦ ମହାମାରୀକୁ ଦୃଷ୍ଟିରେ ରଖି ବିସିସିଆଇ ୧୮ କିମ୍ବା ୨୦ ଜଣିଆ ଦଳ ଘୋଷଣା କରିବ। ତେବେ ୨୩ ବଦଳରେ ୩୦ ଜଣିଆ ଦଳ ଚୟନ କରିବାକୁ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଅନୁମିତ ଦେଇଛି।

**୧୦ ଖେଳାଳିଙ୍କ ଚୟନ ନିଶ୍ଚିତ**

ଯଦି ୧୫ଜଣିଆ ଦଳ ଚୟନ ହୁଏ ତେବେ ସବୁ ଖେଳାଳି ଫିଟ୍ ରହିଲେ ୧୦ଜଣ ଖେଳାଳି ଚୟନ ହେବା ଏକ ପ୍ରକାର ନିଶ୍ଚିତ। ସେହିପରି ଆଉ ୫ଟି ସ୍ଥାନ ପାଇଁ ୧୨ଜଣ ଖେଳାଳିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦୀତା ହେବ। ଯଦି ଆହତ ହୋଇଥିବା ୱାଶିଂଟନ ସୁନ୍ଦର ଉପଲବ୍ଧ ନ ହେବେ ୯ ଜଣ ଖେଳାଳି ଚୟନ ହେବା ଏକଦମ ନିଶ୍ଚିତ ବୋଲି କୁହାଯାଇପାରେ। ଅଧିନାୟକ ବିରାଟ ଖେଳାଳିଙ୍କ ସମେତ ରୋହିତ ଶର୍ମା, ଲୋକେଶ ରାହୁଲ, ସୂର୍ଯ୍ୟକୁମାର ଯାଦବ, ରିଷଭ ପନ୍ତ, ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ୟୁଜବେନ୍ଦ୍ର ଚହଲ, ଯଶପ୍ରୀତ ବୁମ୍ରା ଚୟନ ହେବା ନିଶ୍ଚିତ ମନେ ହେଉଛି। ବାକି ୫ଟି ସ୍ଥାନ ପାଇଁ ୧୨ ଜଣ ଖେଳାଳି ଚୟନକର୍ତ୍ତାଙ୍କୁ ଅଡୁଆରେ ପକାଇବେ।

**ବାକି ୫ଟି ସ୍ଥାନ ପାଇଁ ୧୨ ଖେଳାଳି ଦାବିଦାର**

ଦଳରେ ୫ ବ୍ୟାଟ୍ସମ୍ୟାନ, ୪ ଅଲରାଉଣ୍ଡର, ୨ ସ୍ପିନର ଓ ୪ ଦ୍ରୁତବୋଲରଙ୍କୁ ସାମିଲ କରାଯିବ। ଯଦି ଦଳରେ ୪ ଅଲରାଉଣ୍ଡର ଓ ୬ ବୋଲର ସାମିଲ ହୁଅନ୍ତି ତେବେ ଶିଖର ଧାୱନ, ପୃଥ୍ୱୀ ଶ, ଶ୍ରେୟାସ ଆୟାର ଓ ଇଶାନ କିଷନ ଚୟନ ହେବା କଷ୍ଟକର ହେବ। ପୁଣି ବିଶ୍ୱକପ୍‌ରେ ଅଧିନାୟକ କୋହଲି ଓପନିଂ କରିବେ ବୋଲି ଆଗରୁ କହିସାରିଛନ୍ତି। ଏପରି ହେଲେ ଦଳ ଚୟନର ରୂପରେଖ ଅଲଗା ହେବ ବୋଲି କୁହାଯାଇପାରେ। ଏପରି ହେଲେ ଧାୱନ ଓ ପୃଥ୍ୱୀଙ୍କ ଦଳରେ ସ୍ଥାନ ନ ପାଇପାରନ୍ତି। ଦଳରେ ୩ଜଣ ଓପନର ସାମିଲ ହେଲେ ରୋହିତ ଓ ରାହୁଲଙ୍କ ସ୍ଥାନ ପକ୍କା। ତୃତୀୟ ଓପନର ସ୍ଥାନ ପାଇଁ ଧାୱନ ଓ ପୃଥ୍ୱୀଙ୍କ ମଧ୍ୟରେ ମୁକାବିଲା ହେବ। ମିଡିଲ ଅର୍ଡରରେ କୋହଲି, ସୂର୍ଯ୍ୟକୁମାର ଓ ପନ୍ତ ସାମିଲ ହେବା ପକ୍କା। ଆଉ ଏକ ସ୍ଥାନ ପାଇଁ ଆୟାର ଓ ପୃଥ୍ୱୀଙ୍କ ମଧ୍ୟରେ ମୁକାବିଲା ହେବ। ଅଲରାଉଣ୍ଡର ଭାବେ ହାର୍ଦ୍ଦିକ ଓ ଜାଡେଜାଙ୍କ ଚୟନ ପକ୍କା। ତେବେ ବାକି ଅଲରାଉଣ୍ଡର ସ୍ଥାନ ପାଇଁ ସୁନ୍ଦର ଓ କ୍ରୁନାଲ ପାଣ୍ଡ୍ୟାଙ୍କ ମଧ୍ୟରେ ମୁକାବିଲା ହେବ। ଅଲରାଉଣ୍ଡର ତଥା ସ୍ପିନର ଭାବେ ୟୁଜବେନ୍ଦ୍ର ଚହଲ, ଜାଡେଜା ଚୟନ ହେବା ପକ୍କା। ବାକି ସ୍ପିନ ଅଲରାଉଣ୍ଡର ସ୍ଥାନ ପାଇଁ ରାହୁଲ ଚହର ଓ ବରୁଣ ଚକ୍ରବର୍ତ୍ତୀଙ୍କ ମଧ୍ୟରେ ମୁକାବିଲା ହେବ। ଦ୍ରୁତ ବୋଲିଂ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ବୁମ୍‌ରାଙ୍କ ଚୟନ ନିଶ୍ଚିତ। ବାକି ଦ୍ରୁତ ବୋଲର ସ୍ଥାନ ପାଇଁ ଭୁବନେଶ୍ୱର କୁମାର, ଶାର୍ଦ୍ଦୁଲ ଠାକୁର, ଦୀପକ ଚହର, ମହମ୍ମଦ ସାମି, ଟି. ନଟରାଜନଙ୍କ ମଧ୍ୟରେ ମୁକାବିଲା ହେବ। ମହମ୍ମଦ ସିରାଜ ମଧ୍ୟ ଚୟନ ପାଇଁ ଉପଲବ୍ଧ ହୋଇପାରନ୍ତି।

ଟି୨୦ ବିଶ୍ୱକପ୍‌ରେ ଭାରତ ତା'ର ପ୍ରଥମ ମୁକାବିଲାରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ଥାନକୁ ଅକ୍ଟୋବର ୨୪ ତାରିଖରେ ଭେଟିବ। ସେହିପରି ଭାରତ ତା'ର ଦ୍ୱିତୀୟ ମୁକାବିଲାରେ ୩୧ ତାରିଖରେ ନ୍ୟୁଜିଲାଣ୍ଡକୁ ଭେଟିବ। ସେହିପରି ନଭେମ୍ବର ୩ରେ ଭାରତ ଆଫଗାନିସ୍ତାନ, ୫ରେ କ୍ୱାଲିଫାୟର୍ସରୁ ଆସିଥିବା ଦଳ ଓ ୮ରେ କ୍ୱାଲିଫାୟର୍ସର ଆସିଥିବା ଆଉ ଏକ ଦଳକୁ ଭେଟିବ।

**ଟିମ୍ ଇଣ୍ଡିଆର ରୂପରେଖ**

**ଦଳରେ ନିଶ୍ଚିତ ଭାବେ ସାମିଲ ହେବାକୁ ଥିବା ଖେଳାଳି:** ବିରାଟ କୋହଲି, ଲୋକେଶ ରାହୁଲ, ରଷଭ ପନ୍ତ, ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ଯଶପ୍ରୀତ ବୁମ୍‌ରା, ୟୁଜବେନ୍ଦ୍ର ଚହଲ, ୱାଶିଂଟନ ସୁନ୍ଦର।

**ବାକି ୫ଟି ସ୍ଥାନ ପାଇଁ ଦାବିଦାର ଖେଳାଳି**

ଶିଖର ଧାୱନ, ପୃଥ୍ୱୀ ଶ, ଶ୍ରେୟାସ ଆୟାର, ଈଶାନ କିଷନ, କ୍ରୁନାଲ ପାଣ୍ଡ୍ୟା, ରାହୁଲ ଚହର, ଦୀପକ ଚହର, ଶାର୍ଦ୍ଦୁଲ ଠାକୁର, ମହମ୍ମଦ ସାମି, ଭୁବନେଶ୍ୱର କୁମାର, ଟି. ନଟରାଜନ, ବରୁଣ ଚକ୍ରବର୍ତ୍ତୀ।



ବିରାଟ କୋହଲି




**ଏକ୍ସଟ୍ରା ଓପନର: ଶିଖର ଧାୱନ/ ପୃଥ୍ୱୀ ଶ**
**ରିଜର୍ଭ କିପର: ଇଶାନ କିଷନ/ସଞ୍ଜୁ ସାମସନ**
**ଏକ୍ସଟ୍ରା ସ୍ପିନର: ବରୁଣ ଚକ୍ରବର୍ତ୍ତୀ/ରାହୁଲ ଚହର**
**ବାମହାତୀ ଦ୍ରୁତ ବୋଲର: ଚେତନ ସାକାରିୟା/ ଟି. ନଟରାଜନ**
**ସବ୍‌ଜେକ୍ଟ ଟୁ ଫିଟ୍‌ନେସ: ୱାଶିଂଟନ ସୁନ୍ଦର**
**କଭର ଫର ଜାଡେଜା: ଅକ୍ଷର ପଟେଲ/କ୍ରୁନାଲ ପାଣ୍ଡ୍ୟା**

## ରଗ୍‌ଲିକ୍‌ଙ୍କ କ୍ରମାଗତ ତୃତୀୟ ଟାଇଟଲ



ବିଜୟ ପରେ ସାଇକେଲକୁ ଟେକି ଧରିଛନ୍ତି ଉଲ୍ଲସିତ ପ୍ରିମୋଜ ରଗ୍‌ଲିକ।

ମାଡ୍ରିଡ୍, ୬।୯

ସ୍ଲୋଭେନିଆର ପ୍ରିମୋଜ ରଗ୍‌ଲିକ୍ ଚଳିତବର୍ଷର ଭୁଏଲ୍‌ଟା ଏ ଏସ୍ପାନା ଫାଇନାଲ ଷ୍ଟେଜ୍ ଜିତିଛନ୍ତି। ୩୩. ୮ କିଲୋମିଟର ଦୂରତାବିଶିଷ୍ଟ ଟାଇମ୍ ଟ୍ରାଏଲ୍ ରେସ୍‌କୁ ସେ ୪୪ ମିନିଟ ୨ ସେକେଣ୍ଡରେ ଶେଷ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏଥିସହିତ ସେ କ୍ରମାଗତ ତୃତୀୟ ଥର ପାଇଁ ଏହି ସାଇକ୍ଲିଂ ପ୍ରତିଯୋଗିତାରେ ବିଜୟ ହାସଲ କରିପାରିଛନ୍ତି। ଅଲିମ୍ପିକ୍ ଟାଇମ୍ ଟ୍ରାଏଲ୍ ଚାମ୍ପିୟନ ରଗ୍‌ଲିକ୍ ରବିବାର ରେସ୍‌ରେ ଦ୍ୱିତୀୟ ସ୍ଥାନରେ ରହିଥିବା ମାଗ୍ନସ କୋର୍ଟ ନେଲସନଙ୍କଠାରୁ ୧୪ ସେକେଣ୍ଡ ଆଗରେ ରହିଥିଲେ। ୩ଥର ଭୁଏଲ୍‌ଟା ଏ' ଏସ୍ପାନା ଜିତିବାରେ ସେ ହେଉଛନ୍ତି ତୃତୀୟ ରାଇଡର। ରଗ୍‌ଲିକ୍ ଓଭରଅଲ୍ ୪ ମିନିଟ୍ ୪୨ ସେକେଣ୍ଡ ବ୍ୟବଧାନରେ ଟାଇଟଲ ଜିତିଥିଲେ। ୧୯୯୭ରେ ଆଲେକ୍ସ ଜୁଏଲିଙ୍ଗ ପରେ ଏହା ହେଉଛି ସର୍ବ ବୃହତ୍ ବ୍ୟବଧାନ। ଚଳିତବର୍ଷ ପ୍ରତିଯୋଗିତାରେ ସ୍ପେନର ଏନରିକ୍ ମାସ୍ ଓ ଅଷ୍ଟ୍ରେଲିଆର ଜ୍ୟାକ୍ ହେଗ୍ ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ବ୍ରିଟେନର ଆଡାମ ଓଭରଅଲ୍ ୟେଟ୍ସ ଚତୁର୍ଥ ହୋଇଥିଲେ। ରଗ୍‌ଲିକ୍ କହିଛନ୍ତି ତାଙ୍କ ପାଇଁ ଅନ୍ତିମ ଷ୍ଟେଜ୍ କଷ୍ଟକର ଥିଲା। ହେଲେ ରାସ୍ତାରେ ଦର୍ଶକମାନଙ୍କଠାରୁ ପାଇଥିବା ଉତ୍ସାହକୁ ସେ ବେଶ୍ ଉପଭୋଗ କରିଥିଲେ।

## ଆଲ୍‌ଫା ରୋମିଓରେ ଯୋଗଦେବେ ବୋଟାସ

ତୁରିନ୍, ୬।୯ (ଏପି)

ଫର୍ମୁଲା ୱାନ ଡ୍ରାଇଭର ଭାଲ୍‌ଟେରି ବୋଟାସ ସିଜନ ଶେଷରେ ମର୍ସିଡିଜ୍ ଟିମ୍ ଛାଡ଼ିବେ। କିମି ରାଇକୋନେନ ଅବସର ନେଉଥିବାରୁ ତାଙ୍କ ସ୍ଥାନରେ ସେ ଆଲ୍‌ଫା ରୋମିଓ ଟିମ୍‌ରେ ଯୋଗଦେବେ। ୨୦୨୨ରୁ ସେ ଏହି ଟିମ୍ ତରଫରୁ ରେସ୍‌ରେ ଭାଗ ନେବେ। ଅନ୍ୟପକ୍ଷରେ ବ୍ରିଟିଶ ଡ୍ରାଇଭର ଜର୍ଜ ରସେଲ ମର୍ସିଡିଜ୍‌ରେ ଲୁଇସ୍ ହାମିଲଟନଙ୍କ ସହ ଯୋଗଦେବା ସ୍ପଷ୍ଟ ହୋଇଛି। ବୋଟାସ ଗତ ୫ଟି ସିଜନ ହାମିଲଟନଙ୍କ ସହ ମର୍ସିଡିଜ୍‌ରୁ ପ୍ରତିନିଧିତ୍ୱ କରୁଥିଲେ। ୨୦୧୭ରେ ତତ୍କାଳୀନ ବିଶ୍ୱ ଚାମ୍ପିୟନ ନିକୋ ରୋଜବର୍ଗଙ୍କ ସ୍ଥାନରେ ସେ ମର୍ସିଡିଜ୍ ଟିମ୍‌ରେ ଯୋଗ ଦେଇଥିଲେ।

ରବିବାର ଡଚ୍ ଗ୍ରାଁ ପ୍ରିରେ ତୃତୀୟ ସ୍ଥାନ ଅଧିକାର କରିଥିବା ୩୨ ବର୍ଷୀୟ ଫିନ୍‌ଲାଣ୍ଡ ଡ୍ରାଇଭର ତାଙ୍କ ମର୍ସିଡିଜ କ୍ୟାରିୟରରେ ରୁଷିଆନ ଗ୍ରାଁ.ପ୍ରି.ରେ ୪ଥର ବିଜୟୀ ହୋଇଛନ୍ତି। ହେଲେ ରୋଜବର୍ଗ ୨୦୧୪ ଓ ୨୦୧୬ରେ ଯେଉଁଭଳି ସଫଳତା ହାସଲ କରିଥିଲେ, ସେ ତୁଳନାରେ ପଛୁଆ ରହିଥିଲେ। ଚଳିତବର୍ଷ ୧୩ଟି ରେସ୍ ପରେ ସେ ଓଭର ଅଲ୍ ତୃତୀୟ ସ୍ଥାନରେ ରହିଛନ୍ତି। ସେ ତାଙ୍କ ଟିମ୍‌ମେଟ୍ ଲୁଇସ୍ ହାମିଲଟନ ଓ ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍‌ଙ୍କଠାରୁ ୧୦୦ ପଏଣ୍ଟ ପଛରେ ରହିଛନ୍ତି। ନୂଆ ଟିମ୍‌ରେ ବୋଟାସ ଅପେକ୍ଷାକୃତ କମ୍ ଚାପରେ ରହିବେ ଏବଂ ଭଲ ପ୍ରଦର୍ଶନ କରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି।



ଭାଲ୍‌ଟେରି ବୋଟାସ

# ରାଜ୍ୟ ଖବର

## ବିଦ୍ୟୁତ୍ ଆଘାତରେ ଭାଇ ମୃତ, ଭଉଣୀ ଗୁରୁତର

**ଛେଣ୍ଡିପଦା,୬।୯(ସ୍ୱ.ପ୍ର.):** ବିଦ୍ୟୁତ୍ ଉପକରଣ ମରାମତି ବେଳେ କରେଣ୍ଟ ଲାଗି ଭାଇଙ୍କ ମୃତ୍ୟୁ ହୋଇଛି। ଭଉଣୀ ଗୁରୁତର ହୋଇଛନ୍ତି। ସୋମବାର ଏପରି ଏକ ଅଭାବନୀୟ ଘଟଣା ଘଟିଛି ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଗାଁମହାରଣା ସାହିରେ। ସୂଚନା ଅନୁଯାୟୀ, ଅପରାହ୍ନ ୧ଟା ବେଳେ ଗାଁମହାରଣା ସାହିର ବାନା ମହାରଣାଙ୍କ ପୁଅ ଚନ୍ଦ୍ରଶେଖର ମହାରଣା(୨୫) ଘରେ ଇଲେକ୍ଟ୍ରି ଉପକରଣ ମରାମତି କାର୍ଯ୍ୟ କରୁଥିଲେ। ଏହି ସମୟରେ ହଠାତ୍ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ସେ ତାରରେ ଲାଗି ଛଟପଟ ହେଉଥିବା ଦେଖି ସାନ ଭଉଣୀ ଶୁଭ ମହାରଣା ତାଙ୍କୁ ରକ୍ଷା କରିବାକୁ ଦୌଡ଼ି ଆସିଥିଲେ। ହେଲେ ଭାଇଙ୍କ ସହ ସେ ମଧ ଜୋରଦାର ଆଘାତ ପାଇଥିଲେ। ଶୁଭଙ୍କ ଚିତ୍କାର ଶୁଣି ପଡ଼ୋଶୀମାନେ ପହଞ୍ଚି ବିଦ୍ୟୁତ୍ ବିଚ୍ଛିନ୍ନ କରିବା ସହ ଗୁରୁତର ଅବସ୍ଥାରେ ଉଭୟଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଭାଇ ଚନ୍ଦ୍ରଶେଖରଙ୍କୁ ମୃତ ଘୋଷଣା କରିଥିଲେ। ଭଉଣୀ ଶୁଭଙ୍କ ଚିକିତ୍ସା ଜାରି ରହିଛି। ଖବରପାଇ ଛେଣ୍ଡିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି।

# ଭ୍ୟୁ ଟାୱାର ମୂଳଦୁଆ ଭୁଶୁଡ଼ିଲା

**ଶିଆଳି ବେଳାଭୂମିରେ ସମୁଦ୍ର ଜଳପତନ ବୃଦ୍ଧି**

ଏରସମା,୬।୯(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲାର ଅନ୍ୟତମ ମୁଖ୍ୟ ପର୍ଯ୍ୟଟନସ୍ଥଳ ଭାବରେ ପରିଚିତ ଏରସମା ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତସ୍ଥିତ ଶିଆଳି ବେଳାଭୂମିର ଭ୍ୟୁ ଟାୱାର ଅସୁରକ୍ଷିତ ହୋଇପଡିଛି। ରବିବାର ରାତିରେ ବର୍ଷା ଯୋଗୁ ସମୁଦ୍ର ଜଳପତନ ଆଶାତୀତ ବୃଦ୍ଧି ପାଇଛି। ଫଳରେ ଭ୍ୟୁ ଟାୱାର ମୂଳଦୁଆ ଭାବେ ପରିଚିତ ଢଳେଇ ଭୁଶୁଡ଼ିଯିବା ସହ ଏହାର ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ପକାଯାଇଥିବା ବାଲି ବସ୍ତାକୁ ସମୁଦ୍ର ଅତିକ୍ରମ କରିଯାଇଛି। ଏନେଇ ସ୍ଥାନୀୟ ଲୋକେ ଭୟଭୀତ ହୋଇଯାଇଛନ୍ତି। ଗୋଟିଏ ପଟେ ବଙ୍ଗୋପସାଗରର ନୀଳ ଜଳରାଶି ଓ ଅପରପଟେ ବିସ୍ତୀର୍ଣ୍ଣ ଝାଉଁ ଜଙ୍ଗଲର ସବୁଜିମା ଶିଆଳିର ଶୋଭା ବର୍ଦ୍ଧନ କରୁଛି। ସେଠାରେ ଥିବା ସୁଉଚ୍ଚ ଭ୍ୟୁ ଟାୱାର ଉପରକୁ ଯାଇ ସମୁଦ୍ର ଦର୍ଶନ କରିବାର ବ୍ୟବସ୍ଥା ରହିଛି। ଶିଆଳି ସମୁଦ୍ର ବେଳାଭୂମି ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇବା ପରେ ରାଜ୍ୟର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକମାନେ ଆସି ଏଠାରେ ବଣଭୋଜି କରୁଛନ୍ତି। ମାତ୍ର ଏହାର ସୁରକ୍ଷା ପାଇଁ ସ୍ଥାୟୀ ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ସରପଞ୍ଚ କେଶବ ପାତ୍ର କହିଛନ୍ତି, ଏହାର ସୁରକ୍ଷା ପାଇଁ ବାରମ୍ବାର ଜିଲା ପ୍ରଶାସନ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି,ଏହାସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି।


ସମୁଦ୍ରପାଣିରେ ଭ୍ୟୁ ଟାୱାରର ପଥର ଢଳେଇ ଭାଙ୍ଗିଯାଇଛି।

## ଜୀବନ ହାରିଲେ ଆଉ ଜଣେ ଚାଷୀ

- **ଫସଲ ନଷ୍ଟକୁ ନେଇ ଚିନ୍ତାରେ ବିଷ ପିଇଥିବା ଅଭିଯୋଗ**
- **୪ ଦିନ ଭିତରେ ଦ୍ୱିତୀୟ ଚାଷୀ ମୃତ୍ୟୁ**

ବଲାଙ୍ଗୀର ଅଫିସ, ୬।୯

ବଲାଙ୍ଗୀର ଜିଲାରେ ପୁଣି ଜଣେ ଚାଷୀ ବିଷପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଚାଷୀ ଜଣକ ହେଲେ ପାଟଣାଗଡ ବ୍ଲକ ଭଇଁଷା ନିକଟ ଭାଲୁଝୁରି ଗାଁର ଯୁଧିଷ୍ଠିର ଭୋଇ(୪୦)। ବର୍ଷାଭାବଜନିତ ମରୁଡି ଯୋଗୁ ଫସଲ ନଷ୍ଟ ହୋଇଯିବାରୁ କିଛିଦିନ ହେଲା ଚିନ୍ତାରେ ଥିବା ଯୁଧିଷ୍ଠିର ଗତ ଶନିବାର ବିଷ ପିଇଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ରବିବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ସେ ଜଣେ ଭାଗଚାଷୀ ଭାବେ ଦେଢ଼ ଏକର କପାଚାଷ କରିଥିଲେ ଓ ୫ ଏକର ଜମିରେ ଧାନଚାଷ ପାଇଁ ତଳି ପକାଇଥିଲେ। ତେବେ ପାଣି ଅଭାବରୁ ତଳି ରୁଆପୋତା କରିପାରି ନ ଥିଲେ। ଚଳିତ ବର୍ଷ ଚାଷ ପାଇଁ ବିଭିନ୍ନ ଲୋକଙ୍କଠାରୁ ସେ ଋଣ କରିଥିଲେ। ଫସଲ ମରୁଡିଗ୍ରସ୍ତ ହେବାରୁ ସେ ଚିନ୍ତିତ ହୋଇ ବିଷପାନ କରି ଆତ୍ମହତ୍ୟା କରିଥିବା ମୃତ ଚାଷୀଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତ ଚାଷୀଙ୍କ ଦୁଇ ଛୋଟ ଝିଅ ଓ ସ୍ତ୍ରୀ ଅଛନ୍ତି। ଏ ନେଇ ପାଟଣାଗଡ ତହସିଲଦାର ପୁଷ୍ପାଞ୍ଜଳି ପଣ୍ଡାଙ୍କୁ ପଚାରିବାରୁ ଆତ୍ମହତ୍ୟାର କାରଣ ସମ୍ପର୍କରେ ପୋଲିସ ତଦନ୍ତ କରିବ ବୋଲି କହିଛନ୍ତି। ଗତ ଶୁକ୍ରବାର ତୁରେକେଲା ଥାନା କାଦୋବେଡା ଗ୍ରାମର ଚାଷୀ ରିଚେକ ବନ୍‌ଛୋର (୬୦) କୀଟନାଶକ ପିଇ ଆତ୍ମହତ୍ୟା କରିଥିଲେ। ମାତ୍ର ୪ଦିନ ଭିତରେ ଜିଲାର ଏହା ଦ୍ୱିତୀୟ ଚାଷୀ ଆତ୍ମହତ୍ୟା।

## ବିଏସ୍‌ଏଫ୍ ଆଇଜିଙ୍କ ମାଲକାନଗିରି ଗସ୍ତ

**ମାଓବାଦୀ ଗତିବିଧି,ସୁରକ୍ଷା ଉପରେ ଗୁରୁତ୍ୱ**


ବରିଷ୍ଠ ଅଧିକାରୀମାନଙ୍କ ସହ ଆଇଜି ଆଲୋଚନା କରୁଛନ୍ତି।

ମାଲକାନଗିରି, ୬।୯(ଡି.ଏନ.ଏ.)

ଦୁଇଦିନ ଧରି ମାଲକାନଗିରି ଜିଲା ଗସ୍ତରେ ଥିବା ବିଏସ୍‌ଏଫ୍ ଆଇଜି ସତୀଶ ଚନ୍ଦ୍ର ବୁଦାକଟି ମାଓବାଦୀଙ୍କ ଗତିବିଧି ଓ ଯବାନଙ୍କ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରି ସୋମବାର ଫେରିଯାଇଛନ୍ତି। ଏହି ଅବସରରେ ସେ ଜିଲାର ବିଭିନ୍ନ ବିଏସ୍‌ଏଫ୍ କ୍ୟାମ୍ପ ଗସ୍ତ କରି ସୁରକ୍ଷା ବ୍ୟବସ୍ଥା ଉପରେ ଯବାନ ଓ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ସେ ଆନ୍ଧ୍ର-ଓଡ଼ିଶା ସୀମାନ୍ତ ଜାନବାଇ ଓ ଡାଇକ-୩ ବିଏସ୍‌ଏଫ୍ କ୍ୟାମ୍ପ ସହ ଓଡ଼ିଶା ଛତିଶଗଡ ସୀମାନ୍ତରେ ଥିବା ମାଥିଲି କ୍ୟାମ୍ପର ମଧ୍ୟ ପରିଦର୍ଶନ କରିଥିଲେ। ଏହି ସମୟରେ ଆଇଜି ଯବାନମାନଙ୍କୁ ପ୍ରଶଂସା କରିଥିଲେ। ଜିଲାପାଳ ବିଶାଲ ସିଂ ଓ ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସାଇ ମୀନା ଉପସ୍ଥିତ ଥିଲେ।

## ୧ଟନ୍ ଗଞ୍ଜେଇ ଜବତ: ୩ ଗିରଫ

- **ଜବତ ଗଞ୍ଜେଇର ମୂଲ୍ୟ ୧କୋଟିରୁ ଊର୍ଦ୍ଧ୍ୱ ହେବ**
- **ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ବସ୍ ମାଲିକ**
- **ଗଞ୍ଜେଇ ସହ ଜବତ ହୋଇଛି ୧ ଲକ୍ଷ ୬୫ ହଜାର ଟଙ୍କା**

ଜୟପୁର, ୬।୯ (ନି.ପ୍ର.)

ବାହାର ରାଜ୍ୟକୁ ଚାଲାଣ ବେଳେ ୧ ଟନ ୮ କେଜି ଗଞ୍ଜେଇ ଜୟପୁର ସଦର ପୋଲିସ ଜବତ କରିଛି। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଜଲାପୁଟର ଜଣେ ବସ୍ ମାଲିକ ସୁରେଶ କୁମାର ବେନିୟା (୨୪), କାଷ୍ଠା ଗ୍ରାମର ସୁବାସ ଚାନ୍ଦ (୩୦) ଓ ଜଲାପୁଟ ଗ୍ରାମର ଡ୍ରାଇଭର ଏସ. ଭେଙ୍କଟେଶ ସ୍ୱାମୀ (୩୭)। ଜଲାପୁଟ ଅଞ୍ଚଳରୁ ଗଞ୍ଜେଇ ଏକ ଟ୍ରକ ଯୋଗେ ଜୟପୁର ଆସିବା ପରେ ଏଠାରୁ ଅନ୍ୟ ଏକ ଗାଡ଼ିରେ ଚାଲାଣକାରୀମାନେ ବାହାର ରାଜ୍ୟକୁ ଚାଲାଣ କରିଥାନ୍ତେ। ଖବରରୁ ଜଣାପଡିଛି, ଜଲାପୁଟ ଅଞ୍ଚଳରୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବରପାଇ ଥାନା ଅଧିକାରୀ ଆଦିତ୍ୟ ମହାକୁଡ ରବିବାର ରାତିରେ ଜବାକନାଡି ଛକ ନିକଟରେ ଜଗି ରହିଥିଲେ। ଏହି ଟ୍ରକ ଆସିବାରୁ ଏହାକୁ ଅଟକାଇ ଯାଞ୍ଚ କରିଥିଲେ। ସେଥିରୁ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ଏହାର ବଜାର ମୂଲ୍ୟ ୧କୋଟି ୫ଲକ୍ଷ ଟଙ୍କା ହେବ। ଚଢାଉ ସମୟରେ ଜଣକୁ ଗିରଫ କରାଯାଇଥିଲା। ଅନ୍ୟ ୨ ଜଣ ଅନ୍ଧାରର ସୁଯୋଗ ନେଇ ଖସିଯାଇଥିଲେ। ତେବେ ଗିରଫ ବ୍ୟକ୍ତିଙ୍କ ସୂଚନା ଅନୁସାରେ ଏସ୍‌ଡିପିଓ ଅରୂପ ଅଭିଷେକ ବେହେରାଙ୍କ ନିର୍ଦ୍ଦେଶରେ ସମ୍ପୃକ୍ତ ଅନ୍ୟ ୨ଜଣଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ଟ୍ରକ, ଇଣ୍ଡିଗୋ କାର, ବାଇକ୍, ୧ ଲକ୍ଷ ୬୫ ହଜାର ଟଙ୍କା, ୪ଟି ମୋବାଇଲ ଫୋନ ଜବତ ହୋଇଛି। ଗିରଫ ସୁରେଶ ବେନିୟା ଜଣେ ବସ୍ ମାଲିକ ବୋଲି ଜଣାଯାଇଛି। ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ଏଥିରେ ଜଡିତ ଥିବା ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ଡିପିଓ ବେହେରା କହିଛନ୍ତି।

## ସୀମାନ୍ତରେ ଲ୍ୟାଣ୍ଡମାଇନ ବିସ୍ଫୋରଣ, ଯୁବକ ଗୁରୁତର

ମାଲକାନଗିରି,୬।୯(ଡି.ଏନ.ଏ.)

ଯବାନଙ୍କୁ ଟାର୍ଗେଟ କରି ବିଫଳ ହୋଇଛନ୍ତି ମାଓବାଦୀ। ସେମାନଙ୍କ ଯାତାୟାତ ରାସ୍ତାରେ ପୋଷ୍ଟର ମାରି ଲ୍ୟାଣ୍ଡମାଇନ ବିଛାଇ ଦୁର୍ଘଟଣା ଘଟାଇବା ଯୋଜନା ଫେଲ୍ ମାରିଛି। ମାତ୍ର ଏହି ଯୋଜନାର ଶିକାର ହୋଇଛନ୍ତି ଜଣେ ସାଧାରଣ ଯୁବକ। ସେ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ଲାଗି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ ଖବର ଲେଖାହେବା ପର୍ଯ୍ୟନ୍ତ ତାଙ୍କ ପରିଚୟ ଜଣାପଡ଼ିନାହିଁ।

ମିଳିଥିବା ସୂଚନା ଅନୁସାରେ ମାଲକାନଗିରି ଜିଲା ସୀମାନ୍ତ ତେଲଙ୍ଗାନା ରାଜ୍ୟ କତାଗୁଡମ ଜିଲା ଚେର୍ଲା ଥାନା ଅନ୍ତର୍ଗତ ପେଟାଚେଲେରା ଗ୍ରାମର ଜଣେ ଯୁବକ କୌଣସି କାମରେ ସୋମବାର ଜଙ୍ଗଲ ରାସ୍ତା ଦେଇ ଯାଉଥିବା ବେଳେ ରାସ୍ତାପାର୍ଶ୍ୱ ଏକ ଗଛରେ ମାଓବାଦୀ ପୋଷ୍ଟର ଲାଗିଥିବା ଦେଖିଥିଲେ। ପୋଷ୍ଟରରେ କ'ଣ ଲେଖା ହୋଇଛି ତାହା ଜାଣିବା ପାଇଁ ସେ ଗଛ ପାଖକୁ ଯାଇଥିଲେ। ଏହି ସମୟରେ ଲ୍ୟାଣ୍ଡମାଇନ ବିସ୍ଫୋରଣ ହୋଇଥିଲା। ଏଥିରେ ସେ ଗୁରୁତର ହୋଇଛନ୍ତି। ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଥିବା କତାଗୁଡମ ଏସ୍‌ପି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ସୀମାନ୍ତ ଛତିଶଗଡ଼ରେ ମଧ୍ୟ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଦୁଇଜଣ ଗ୍ରାମବାସୀଙ୍କ ମୃତ୍ୟୁ ହୋଇଥିଲା ଏବଂ ଦୁଇ ଜଣ ଗୁରୁତର ହୋଇଥିଲେ।


ଗଛରେ ମାଓବାଦୀ ଲଗାଇଥିବା ପୋଷ୍ଟର।

**ଚାଷୀଙ୍କ କୃଷିଋଣ ଛାଡ଼ ପାଇଁ ଦାବି**

ବାଙ୍କୀ,(ସ୍ୱ.ପ୍ର.): ବାଙ୍କୀ ବ୍ଲକ ଅନ୍ତର୍ଗତ ବାଉଁଶପୁଟ ପଞ୍ଚାୟତର ମଣିପୁର ଗ୍ରାମକୁ ଭାଜପା କୃଷକ ମୋର୍ଚ୍ଚା ପ୍ରତିନିଧି ମଣ୍ଡଳର ସଦସ୍ୟମାନେ ଗସ୍ତ କରି ସୋମବାର ଧାନଫସଲ ଅନୁଧାନ କରିଛନ୍ତି। ଏଠାରେ ଧାନ ଫସଲ ନଷ୍ଟ ହୋଇଥିବାରୁ ସେମାନେ କୃଷି ଋଣ ଛାଡ଼ ପାଇଁ ଦାବି କରିଛନ୍ତି। ଜିଲା କୃଷକ ମୋର୍ଚ୍ଚା ସଭାପତି ଶଙ୍କର ମହାନ୍ତିଙ୍କ ନେତୃତ୍ୱରେ ପୂର୍ବତନ ଭାଜପା ବିଧାୟକ ପ୍ରାର୍ଥୀ ଆଇନଜୀବୀ ଅଜୟ କୁମାର ସ୍ୱାଇଁ, ଜିଲା ସଂଯୋଜକ ମଦନମୋହନ ରାଉତ, ପ୍ରଭାତ ରଣା, ପ୍ରାଣବନ୍ଧୁ ପରିଡା ଓ କବିରାଜ ଦାସ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ସେମାନେ ଚାଷୀମାନଙ୍କ ସହ କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା କରିଥିଲେ।

## ସଂକ୍ଷେପରେ

### ବ୍ୟବସାୟୀ ସଂଘର ନୂତନ କର୍ମକର୍ତ୍ତାଙ୍କ ବୈଠକ

ନିଶ୍ଚିନ୍ତକୋଇଲି,୬।୯(ସ୍ୱ.ପ୍ର.): କଟକ ଜିଲାରେ ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଂଘର ସୁଖ୍ୟାତି ଅର୍ଜନ କରିଛି। ବଜାରରେ ସବୁ ବ୍ୟବସାୟୀଙ୍କୁ କିଭଳି ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ବର୍ଷାଦିନେ ରାସ୍ତାକଡରୁ ଜଳ ନିଷ୍କାସନ, ଶୌଚାଳୟ ଓ ଯାତ୍ରୀଙ୍କ ପାଇଁ ବସ୍‌ଷ୍ଟାଣ୍ଡ ନିମନ୍ତେ ରବିବାର ରାତିରେ ସଂଘ କାର୍ଯ୍ୟାଳୟରେ ନୂତନ କର୍ମକର୍ତ୍ତାଙ୍କ ବୈଠକରେ ଆଲୋଚନା ହୋଇଥିଲା। ସଂଘର ସଭାପତି ମନ୍ତ୍ରୀଙ୍କୁ ଉପରୋକ୍ତ ବିଷୟରେ ଦାବି ଜଣାନ୍ତୁ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ଏଥିରେ ସଂଘର ସଭାପତି ପ୍ରମୋଦ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ଏହି ଅବସରରେ ଉପସଭାପତି ବଳରାମ ସାହୁ, କାର୍ଯ୍ୟାଳୟ ସମ୍ପାଦକ ଗୁରୁଚରଣ ନାୟକ, ସହ ସମ୍ପାଦକ ଜ୍ୟୋତି ରଞ୍ଜନ ସାହୁ, ଯୁଗ୍ମ ସମ୍ପାଦକ ଭାବେ ବଂଶୀଧର ସାମଲ ଓ ମନମୋହନ ଓଝା, କୋଷାଧ୍ୟକ୍ଷ ଭାବେ ଅଜୟ କମାର ସ୍ୱାଇଁଙ୍କୁ ମନୋନୀତ କରାଯାଇଥିଲା। ଡ. ଦେବ ମହାନ୍ତି ପୁନଶ୍ଚ ସଂଘର ମୁଖ୍ୟ ଉପଦେଷ୍ଟା ଭାବେ ରହିଥିଲେ।

### ଭାଜପାର ମିଶ୍ରଣ ପର୍ବ

ବାଙ୍କୀ,୬।୯(ସ୍ୱ.ପ୍ର.): ସୋମବାର ବାଙ୍କୀ ବ୍ଲକ ଅନ୍ତର୍ଗତ ସାଁନ୍ତରାପୁର (ସୁବର୍ଣ୍ଣପୁର) ପଞ୍ଚାୟତରେ ବାଙ୍କୀ ଭାଜପା ପକ୍ଷରୁ ସାଂଗଠନିକ ବୈଠକ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପ୍ରକାଶ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଭାଜପା କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଶୁଭ୍ରାଂଶୁ ମୋହନ ପାଢ଼ୀ ମୁଖ୍ୟ ଅତିଥି ଓ ୩୬ନମ୍ବର ଜୋନ ଭାଜପା ମଣ୍ଡଳ ସଭାପତି ପ୍ରସନ୍ନ କୁମାର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବହୁ କଂଗ୍ରେସ ଓ ବିଜେଡି କର୍ମୀ ଦଳ ପରିତ୍ୟାଗ କରି ଭାଜପାରେ ଯୋଗ ଦେଇଛନ୍ତି। ଏହାକୁ ଭାଜପାର ଯୁବନେତା ଲିପୁ ରଞ୍ଜନ ଦାସ ପରିଚାଳନା କରିଥିବା ବେଳେ ଶତ୍ରୁଘ୍ନ ବେହେରା ଏଥିରେ ସହଯୋଗ କରିଥିଲେ।

### 'ୱାର୍ଡସ୍ତରରୁ କାର୍ଯ୍ୟ କରି ଲୋକଙ୍କ ପାଖକୁ ଯାଅ'

ବାଲିଅନ୍ତା,୬।୯(ଡି.ଏନ୍.ଏ.): ବାଲିଅନ୍ତା ମଣ୍ଡଳ ଭାଜପାର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଧବଳାହାର ଗ୍ରାମରେ ସଭାପତି ସଞ୍ଜୟ ପରିଜାଙ୍କ ଅଧକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଭାଜପାର ଉପସଭାନେତ୍ରୀ ପ୍ରଭାତି ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୁଥ୍ ଓ ୱାର୍ଡସ୍ତରରୁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରି ଲୋକଙ୍କ ପାଖକୁ ଯିବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ପୂର୍ବତନ ଜିଲା ସଭାପତି ନିକୁଞ୍ଜି ପଟ୍ଟନାୟକ ସୁବାସ ଜେନା, ଜିଲା ଉପସଭାନେତ୍ରୀ ରୋଜିନାରାଣୀ ଦାସ, ମାଗୁଣୀ ସେଠୀ, ଶିବ ମଲ୍ଲିକ, ସମିତିସଭ୍ୟା ରାଜଲକ୍ଷ୍ମୀ ନାଥ, ମଣ୍ଡଳ ପ୍ରଭାରୀ ସନ୍ତୋଷ କୁଣ୍ଡୁ, ସିଦ୍ଧେଶ୍ୱର ନାଥ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଦେବେନ୍ଦ୍ର ନାଥ ସାହୁ ରାଜନୈତିକ ଚିଠା ପ୍ରସ୍ତାବ ଆଗତ କରିଥିବାବେଳେ ମଣ୍ଡଳ ସାଧାରଣ ସମ୍ପାଦକ ସୁଶୀଲ ମହାପାତ୍ର ଧନ୍ୟବାଦ ଦେଇଥିଲେ। ବୈଠକରେ ବଇଁଚୁଆ ପଞ୍ଚାୟତ ଅଞ୍ଚଳର ୩ଜଣ ବ୍ୟକ୍ତି ଭାଜପାରେ ଯୋଗଦେଇଥିଲେ।

# କଣ୍ଟ୍ରୋଲ ସାମଗ୍ରୀ ବଣ୍ଟନରେ ଅନିୟମିତତା

## ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

ବାଙ୍କୀ,୬।୯(ସ୍ୱ.ପ୍ର.)

ଡମପଡ଼ା ବ୍ଲକ ପାଥପୁର ପଞ୍ଚାୟତ କଇଁମୁଣ୍ଡି ଗ୍ରାମର ହିତାଧିକାରୀମାନଙ୍କୁ କଣ୍ଟ୍ରୋଲ ସାମଗ୍ରୀ ଠିକ୍ ସମୟରେ ବଣ୍ଟନ କରା ନ ଯାଇ ହେରଫେର କରାଯାଉଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ କଟକ ଜିଲାପାଳଙ୍କୁ ଏନେଇ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

ଅଭିଯୋଗ ଅନୁଯାୟୀ, ଗତ ୫ ବର୍ଷ ତଳେ କଣ୍ଟ୍ରୋଲ ଡିଲର ପୁରୁଷୋତ୍ତମ ସାହୁଙ୍କ ପରଲୋକ ଘଟିଥିଲା । ତା'ପରେ କଇଁମୁଣ୍ଡି ଗ୍ରାମର କଣ୍ଟ୍ରୋଲ ସାମଗ୍ରୀ ବଣ୍ଟନ ଦାୟିତ୍ୱ ଗ୍ରାମଠାରୁ ୨କି.ମି. ଦୂର ଚାରିଘରିଆର କଣ୍ଟ୍ରୋଲ ଡିଲର ନିରୋଜ ମଞ୍ଜରୀ ଧଳଙ୍କୁ ଡମପଡ଼ା ବ୍ଲକ ପକ୍ଷରୁ ଦାୟିତ୍ୱ ଦିଆଯାଇଥିଲା ।ସେଦିନଠାରୁ କଇଁମୁଣ୍ଡି ଗ୍ରାମବାସୀ କଣ୍ଟ୍ରୋଲ ସାମଗ୍ରୀ ପାଇବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି। ଡିଲର ନିୟମିତ ଭାବେ କଣ୍ଟ୍ରୋଲ ଦୋକାନ ଖୋଲୁ ନାହାଁନ୍ତି। ପ୍ରତି ମାସରେ ହିତାଧିକାରୀମାନେ ରାଶନ ସାମଗ୍ରୀ ପାଇବାକୁ ହଟହଟା ହେଉଛନ୍ତି ।ଏଥିସହିତ ଚାଉଳ, ଗହମ ଓଜନରେ ଗ୍ରାହକମାନେ ଠକାମିର ଶିକାର ହେଉଛନ୍ତି । ଏହାର ପ୍ରତିବାଦ କଲେ ହେଉଥିବା ଖର୍ଚ୍ଚ କ'ଣ ଘରୁ ଦେବି ବୋଲି ସେ ଉତ୍ତର ଦେଉଛନ୍ତି। କିରୋସିନ ସରକାରୀ ଧାର୍ଯ୍ୟ ଦରରେ ନ ଦେଇ ଲିଟର ପିଛା ୪୦ ଟଙ୍କା ନେଉଛନ୍ତି। କଣ୍ଟ୍ରୋଲ ସାମଗ୍ରୀର ମୂଲ୍ୟ ସୂଚୀ ଓ ଦୈନନ୍ଦିନ ଷ୍ଟକ ପରିମାଣ ସାଇନବୋର୍ଡ ମାଧ୍ୟମରେ ଉଲ୍ଲେଖ କରିବାକୁ ସରକାରୀ ନିୟମ ଥିଲେ ମଧ ତାହା କାର୍ଯ୍ୟକାରୀ କରାଯାଉନାହିଁ । ଉପରୋକ୍ତ ଅଭିଯୋଗର ତଦନ୍ତ କରାଯାଇ ସମ୍ପୃକ୍ତ ଡିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ୱାର୍ଡ ମେମ୍ବର ଚତୁର୍ଭୁଜ ସୂତାର, ଜିତେନ ରାଉତ, ବ୍ରହ୍ମାନନ୍ଦ ସାହୁ, କୈଳାସ ଚନ୍ଦ୍ର ସାହୁ, ଅନିଲ ଧର ,ବିଷ୍ଣୁ ଚରଣ ବେହେରା, ବାବୁଲା ଧଳ, ସୁବାସ ଚନ୍ଦ୍ର ସାହୁ, ଲିଙ୍ଗରାଜ ଧଳ ପ୍ରମୁଖ ଶତାଧିକ ଗ୍ରାମବାସୀ ଏହି ସ୍ମାରକପତ୍ରରେ ସ୍ୱାକ୍ଷର କରିଛନ୍ତି ।

ଏ ସମ୍ପର୍କରେ ଡମପଡା ବ୍ଲକ ଯୋଗାଣ ଅଧିକାରୀଣୀ ଶର୍ମିଷ୍ଠା ଦଳ ବେହେରା କୁହନ୍ତି,, ସେପରି କୌଣସି ଅଭିଯୋଗ ଆମ ଦୃଷ୍ଟି ଗୋଚର ହୋଇନାହିଁ । ଯଦି ଅଭିଯୋଗ ଆସେ କିମ୍ବା ଜିଲାପାଳଙ୍କଠାରୁ ନିର୍ଦ୍ଦେଶ ଆସେ ଆମେ ଏହି ଅଭିଯୋଗର ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବୁ ।

# ଆଠଗଡ଼ ଚିକିତ୍ସାଳୟରେ ଅଲଟ୍ରାସାଉଣ୍ଡ, ଦନ୍ତ ଅସ୍ତ୍ରୋପଚାର ଗୃହ ଲୋକାର୍ପିତ



ଅଲଟ୍ରାସାଉଣ୍ଡ ମେଶିନ୍ ଲୋକାର୍ପଣ ଅବସରରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

ଆଠଗଡ଼,୬।୯(ସ୍ୱ.ପ୍ର.)

ଆଠଗଡ଼ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ଅଲଟ୍ରାସାଉଣ୍ଡ ମେଶିନ୍, ଦନ୍ତ ଅସ୍ତ୍ରୋପଚାର ଗୃହ ସମେତ ସ୍ଥାନାନ୍ତରିତ ଏକ୍ସ-ରେ ମେଶିନ, ସ୍ୱତନ୍ତ୍ର ପ୍ରକୋଷ୍ଠ ପାଇଁ ସେମି ଫାଉଜର ଖଟ, ଅନ୍ତେବାସୀ ଓ କୋଭିଡ ଟିକାକରଣ କେନ୍ଦ୍ର ନିକଟରେ ବିଶୁଦ୍ଧ ଥଣ୍ଡାପାନୀୟ ଜଳ ସେବା ଆଦିକୁ ସୋମବାର ଲୋକାର୍ପଣ କରାଯାଇଛି। ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ତରଫରୁ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏସବୁ ଆନୁଷଙ୍ଗିକ ସାମଗ୍ରୀର ଲୋକାର୍ପଣ କରିଥିଲେ। ଏଥିସହ ଡାକ୍ତରଖାନାର ପରିସରରେ ସାମୟିକ ବନ୍ଦଥିବା ରକ୍ତ ଭଣ୍ଡାରର ପୁନଃ ପ୍ରଚଳନ କରାଯାଇଛି। ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ଡା.ନିହାର ରଞ୍ଜନ ମିଶ୍ରଙ୍କୁ ଏହାର ପରିଚାଳନା ଦାୟିତ୍ୱ ଦିଆଯାଇଛି ବୋଲି ଡାକ୍ତରଖାନାର ଅଧୀକ୍ଷକ ଡା. ବିଜୟ କୁମାର ମିଶ୍ର ସୂଚନା ଦେଇଛନ୍ତି। ଏହି ଲୋକାର୍ପଣ ଉତ୍ସବରେ ରୋଗୀ କଲ୍ୟାଣ ସମିତିର ସଭ୍ୟ ସନାତନ ରାଜ, ରାକେଶ କୁମାର ଦାଶ, ସୁଧାକର ସାହୁ, ରବୀନ୍ଦ୍ରନାଥ ରାଉତ, ନୃସିଂହ ମହାପାତ୍ର, ଜିଲା ପରିଷଦ ଉପାଧକ୍ଷ ସୁନୀଲ ପରିଡ଼ା, ପ୍ରଦୀପ୍ତ କୁମାର ଦାସ, ଶିବ ଶଙ୍କର ଜେନା, ଶିଶିର ପ୍ରସାଦ ମାନସିଂହ, ରଞ୍ଜିତା ଭକ୍ତା, ସୁଚିତ୍ରା ବେହେରା ପ୍ରମୁଖ ଉପସ୍ଥିତ ଥିଲେ, ଡାକ୍ତରଖାନାର ପରିଚାଳିକା ପୂଜାଲିନ୍ ରାଉତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# 'ମୌଳିକ ସେବା ଯୋଗାଇବାରେ ସିଏମ୍‌ସି ବିଫଳ'




## ସିଏମ୍‌ସି କାର୍ଯ୍ୟାଳୟ ଘେରିଲା କଟକ ନଗର କଂଗ୍ରେସ

କଟକ ଅଫିସ, ୬।୯

ସହରବାସୀଙ୍କୁ କଟକ ମହାନଗର ନିଗମ (ସିଏମ୍‌ସି) ସର୍ବନିମ୍ନ ମୌଳିକ ସେବା ଯୋଗାଇବାରେ ବିଫଳ ହୋଇଛି ବୋଲି କଟକ ନଗର କଂଗ୍ରେସ କମିଟି ଅଭିଯୋଗ ଆଣି ସୋମବାର ସିଏମ୍‌ସି କାର୍ଯ୍ୟାଳୟ ଘେରାଉ କରିଛି। ଏଥିସହ ସିଏମ୍‌ସି କମିଶନରଙ୍କୁ ସ୍ମାରକପତ୍ର ଦେଇଛି। ଏଥିରେ ଦର୍ଶାଯାଇଛି ଯେ, ସିଏମ୍‌ସି ଦୁର୍ନୀତିର ଗନ୍ତାଘର ପାଲଟିଛି। ଜାଇକା ଓ ଜନସ୍ୱାସ୍ଥ୍ୟ ବିଭାଗର ଅବହେଳା ଚରମ ସୀମାରେ ପହଞ୍ଚିଛି। ସହରର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ନାଳ ପାଣି, ବର୍ଷାଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଛି। ମଶାତେଲ କିମ୍ବା ମଶା ଧୂଆଁ ଦିଆଯାଉନାହିଁ। ମଶା ନିରୋଧୀ ରାସାୟନିକଯୁକ୍ତ ମଶାରି ବଣ୍ଟନ ଯୋଜନା ବାଟବଣା ହୋଇଛି। ସହରର ୪୦ ଭାଗରୁ ଊର୍ଦ୍ଧ୍ୱ ଅଞ୍ଚଳ ଅନ୍ଧକାରରେ ରହୁଛି। ବହୁ ହିତାଧିକାରୀ ବିଭିନ୍ନ ଭତ୍ତା ପାଇଁ ଦୀର୍ଘବର୍ଷ ଧରି ଦରଖାସ୍ତ ଦେଇ ନିରାଶ ହୋଇଛନ୍ତି। ଆବାସ ଯୋଜନାରେ ହିତାଧିକାରୀ ଚୟନରେ ହେରଫେର ହେଉଛି। ଟେଣ୍ଡର ଓ ଠିକା କର୍ମଚାରୀ ନିଯୁକ୍ତି କ୍ଷେତ୍ରରେ ଦୁର୍ନୀତି ହେଉଛି। ଝାଡୁ, ବ୍ଲିଚିଂ, ବିଦ୍ୟୁତ ସରଞ୍ଜାମ ଓ ମଶାତେଲ କିଣାଠାରୁ କରୋନା ଲକ୍‌ଡାଉନ ଓ ଶଟ୍‌ଡାଉନ ବେଳେ ବୁଲା ଗୋରୁ, କୁକୁରଙ୍କୁ ଖାଦ୍ୟ ପ୍ରଦାନରେ ଦୁର୍ନୀତି ହୋଇଛି। ସିଏମ୍‌ସିରେ ୩ବର୍ଷ ହେଲା ଲୋକପ୍ରତିନିଧି ନ ଥିବାରୁ ରାଜସ୍ୱ ଲୁଟ ଚାଲିଛି। ସହରରେ ମ୍ୟାଲେରିଆ, ଜଣ୍ଡିସ ଓ ଡେଙ୍ଗୁ ଆଦି ରୋଗ କାୟାବିସ୍ତାର କଲାଣି। ତଥାପି ରାଜ୍ୟ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି।

# 'ପୌର ନିର୍ବାଚନରେ ଯୁବ କର୍ମୀ ଦଳକୁ ସୁଦୃଢ଼ କରିବେ'

କଟକ ଅଫିସ, ୬।୯

କଟକ ବିଜୁ ଯୁବ ଜନତା ଦଳର କଟକ ମହାନଗର ସଭାପତି ମନୋଜିତ ଦାସଙ୍କ ତତ୍ତ୍ୱାବଧାନରେ ଏବଂ ୨୯ ୱାର୍ଡର ପୂର୍ବତନ କର୍ପୋରେଟର କେଦାର ପୃଷ୍ଟିଙ୍କ ନେତୃତ୍ୱରେ ୱାର୍ଡର ଯୁବ ସମ୍ମିଳନୀ ସ୍ଥାନୀୟ ମଦନ ମୋହନ ଜୀଉ ମନ୍ଦିରରେ ସୋମବାର ଆୟୋଜିତ ହୋଇଯାଇଛି। ଏହି ସମ୍ମିଳନୀରେ ଅତିଥି ଭାବେ ପିଠାପୁରର ମୁରବି ଧୀରେନ୍ଦ୍ର ମୁଳିଆ, ନୃସିଂହ ଚନ୍ଦ୍ର ଦଳେଇ, ନିରଞ୍ଜନ ଖୁଣ୍ଟିଆ, କାଳୀଚରଣ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ୱାର୍ଡର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଆଗାମୀ ପୌର ନିର୍ବାଚନରେ ଯୁବ କର୍ମୀମାନେ ଦଳର ସଂଗଠନକୁ ସୁଦୃଢ଼ କରିବାକୁ ସଭାପତି ପରାମର୍ଶ ଦେଇଥିଲେ। ସଭାକୁ ମହାନଗର ଉପସଭାପତି ପଙ୍କଜ ରାଉତ, ସାଧାରଣ ସମ୍ପାଦକ ରାକେଶ ପୃଷ୍ଟି, ଯୁବ ୱାର୍ଡ ସଭାପତି ଗୁଣନିଧି ଦଳାଇ, ଡିଜିଟାଲ ସମ୍ପାଦକ ମନୋଜ ଜେନା ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ୱାର୍ଡ ଯୁବ ସଭାପତି ସପନ କୁମାର ବେହେରା ଧନ୍ୟବାଦ ଦେଇଥିଲେ ।

# ଧାନ ମଣ୍ଡି ପାଇଁ କ୍ଷେତ୍ର ପରିଦର୍ଶନ



ତିଗିରିଆ ତହସିଲ ତରଫରୁ ଗଠିତ ଟିମ୍ ଧାନ ଫସଲ ବୁଲି ଦେଖୁଛନ୍ତି।

ତିଗିରିଆ, ୬।୯ ( ଡି.ଏନ୍. ଏ )

ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ନୂଆପାଟଣା କୃଷି ସେବା ସମବାୟ ସମିତି ଅଧୀନରେ ଥିବା ୩ ଗ୍ରାମ ପଞ୍ଚାୟତର ଧାନ ଜମିରେ ଚଳିତ ଖରିଫ ଋତୁ ଧାନ ଫସଲ କିପରି ହୋଇଛି ଏହାର ତଦନ୍ତ କରିବା ସହ ତିଗିରିଆ ତହସିଲ ତରଫରୁ ଗଠିତ ଟିମ ଧାନ ମଣ୍ଡିରେ ଧାନ ସଂଗ୍ରହ ପାଇଁ ସୋମବାର କ୍ଷେତ୍ର ପରିଦର୍ଶନ କରିଛନ୍ତି। ଚାଷୀମାନେ ମଣ୍ଡିରେ ଧାନ ବିକ୍ରି କରିବାକୁ ହେଲେ ସମିତିରେ ନାମ ପଞ୍ଜୀକରଣ ବାଧ୍ୟତା ମୂଳକ କରାଯାଇଛି। ଏନେଇ ତହସିଲ ପ୍ରଶାସନ ତରଫରୁ ଗଠିତ ଟିମ୍‌ରେ ତିଗିରିଆ ତହସିଲର ନିଜିଗଡ ରାଜସ୍ୱ ନିରୀକ୍ଷକ ସଞ୍ଜୟ ବେହେରା, ତିଗିରିଆ କୃଷି କାର୍ଯ୍ୟାଳୟର ଭି. ଏ. ଡବ୍ଲ୍ୟୁ ପ୍ରଦୀପ କରଣ, ନୂଆପାଟଣା କୃଷି ସେବା ସମବାୟ ସମିତିର ସମ୍ପାଦକ ଚନ୍ଦନ ଜେନା ପ୍ରମୁଖ ସାମିଲ ହୋଇଥିଲେ। ଟିମ୍ ପକ୍ଷରୁ ସମିତି ଅଧୀନ ଜେମାଦେଇପୁର, ବାସୁଦେଇପୁର, ଭୋଗଡାରେ ଖରିଫ ଧାନ କ୍ଷେତ ପରିଦର୍ଶନ କରିଥିଲେ।

# ଇପିଏଫ୍ ପେନସନର୍ସ ଆସୋସିଏଶନର କାର୍ଯ୍ୟକାରିଣୀ ବୈଠକ

## ବିଭିନ୍ନ ଦାବି ନେଇ ଆଲୋଚନା

କଟକ ଅଫିସ, ୬।୯

ଅଲ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏଶନର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ରଞ୍ଜନ କୁମାର ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଛି। ମାସିକ ବିନା ମହଙ୍ଗା ଭତ୍ତାରେ ୩୦୦ରୁ ୩୦୦୦ ମଧ୍ୟରେ ପେନସନ ପାଇ ଘୋର ଆର୍ଥିକ ଅଭାବ ଅନଟନ ମଧ୍ୟରେ ଦିନ କାଟୁଛନ୍ତି ପେନସନଭୋଗୀ। ଚିକିତ୍ସା ଅଭାବରୁ ରୋଗଗ୍ରସ୍ତ ଜୀବନ ବିତାଉଥିବା ୧ ଲକ୍ଷ ୬୨ ହଜାର ବରିଷ୍ଠ ନାଗରିକ ପରିବାରଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରାଯାଇ ନାହିଁ। ସେମାନଙ୍କୁ ଏହି ଯୋଜନାରେ ସାମିଲ କରି ମାଗଣା ଚିକିତ୍ସା ସୁବିଧା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଥିଲେ ମଧ୍ୟ ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇ ନ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ଆସୋସିଏଶନର ୩୦ଟି ଜିଲା କମିଟି ଇପିଏଫ୍ ପେନସନଭୋଗୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଅନ୍ୟ ଏକ ଗୃହୀତ ପ୍ରସ୍ତାବରେ ରାଜ୍ୟ ସରକାରଙ୍କ ପରିଚାଳନାଧୀନ ବିଭିନ୍ନ ସଂସ୍ଥାରେ ଦୀର୍ଘ ବର୍ଷ କାର୍ଯ୍ୟ କରି ଅବସର ନେବା ପରେ ମଧ୍ୟ କେତେକ ସଂସ୍ଥାର କର୍ତ୍ତୃପକ୍ଷ ସେମାନଙ୍କର ଅବସରପ୍ରାପ୍ତ କର୍ମଚାରୀଙ୍କୁ ପ୍ରାପ୍ୟ ଯଥା ସପ୍ତମ ବେତନ କମିଶନ ଆଧାରରେ ବକେୟା ଦରମା, ବକେୟା ମହଙ୍ଗା ଭତ୍ତା ପ୍ରଦାନ ନ କରି ଅଯଥା ହଇରାଣ କରୁଛନ୍ତି। ଏପରିକି ଗ୍ରାଚ୍ୟୁଇଟି ଏବଂ ଅନ୍ୟାନ୍ୟ ପ୍ରାପ୍ୟ ପ୍ରଦାନ କରୁ ନ ଥିବାରୁ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ମୁଖ୍ୟ ଶାସନ ସଚିବଙ୍କୁ ଏ ବାବଦରେ ଅବଗତ କରାଇ ତୁରନ୍ତ ଅବସରକାଳୀନ ପ୍ରାପ୍ୟ ପ୍ରଦାନ ନିମନ୍ତେ ସରକାରୀ ନିର୍ଦ୍ଦେଶନାମା ପ୍ରକାଶ କରିବାକୁ ନିବେଦନ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା, ଅଗାଧୁ ପ୍ରଧାନ, ପ୍ରମୋଦ ପଣ୍ଡା, ଶରତ ପାଣି, ପ୍ରଫୁଲ୍ଲ ଦାସ, ରାଜକିଶୋର ସ୍ୱାଇଁ, କୃଷ୍ଣଚନ୍ଦ୍ର ସାହୁ, ଅଶୋକ ରାଉତରାୟ, ସଚ୍ଚିଦାନନ୍ଦ ସାମନ୍ତରାୟ, ଅର୍ମାନ ରାୟ, ପ୍ରଦୀପ ସାହୁ, ମାୟାଧର ମଲ୍ଲିକ, ସୁକାନ୍ତ ସ୍ୱାଇଁ, ରବୀନ୍ଦ୍ର ପରିଡ଼ା, ଲୋକନାଥ ସାମନ୍ତରାୟ ପ୍ରମୁଖ କର୍ମକର୍ତ୍ତା ଯୋଗଦେଇଥିଲେ।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଗୁରୁଦିବସ ପାଳିତ

ଭୁବନେଶ୍ୱର,୬।୯(ବ୍ୟୁରୋ)

ବିଡିଏ କଲୋନୀ, ଚନ୍ଦ୍ରଶେଖରପୁରସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପ୍ରାଙ୍ଗଣରେ ଗୁରୁଦିବସ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଅକ୍ଷୟ କୁମାର ତ୍ରିପାଠୀ, ପ୍ରଧାନ ଆଚାର୍ଯ୍ୟ ଗଙ୍ଗାଧର ମହାରଣାଙ୍କ ସହିତ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଯୋଗଦେଇ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କର ସ୍ମୃତିଚାରଣ କରିଥିଲେ। ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରୀଛାତ୍ରମାନେ ଗାୟତ୍ରୀ ମନ୍ତ୍ର, ଗୁରୁ ବନ୍ଦନା ଓ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିବା ସହିତ ଗୁରୁଜୀ ଓ ଗୁରୁମାଙ୍କୁ ଚନ୍ଦନ ଓ ପୁଷ୍ପ ଦେଇ ପୂଜା କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଅଭୟ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# କବି କୁଳମଣି ରାଉତଙ୍କ ସ୍ମୃତି ଉତ୍ସବ

କଟକ ଅଫିସ, ୬।୯

ନାଟ୍ୟକାର ଓ କବି କୁଳମଣି ରାଉତଙ୍କ ସ୍ମୃତି ଉତ୍ସବ ସୋମବାର ରାଜାବଗିଚାଠାରେ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ସ୍ତମ୍ଭକାର ଅରୁଣ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ଏଥିରେ ଡ. ସୁନାମଣି ରାଉତ, ପ୍ରଫେସର ବିଜୟାନନ୍ଦ ସିଂ, ତରୁଣ କୁମାର ସାହୁ, ଡ. ବୈଜୟନ୍ତୀ ମିଶ୍ର, ସାରଦା ପ୍ରସନ୍ନ ରାଉତ, ସ୍ୱାଗତ ରାଉତ, ଡ. ଶୁଭମ୍ ଶାଶ୍ୱତ ରାଉତ, ପ୍ରମିଳା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ସୁନ୍ଦର ଭବିଷ୍ୟତ ଗଠନ ନିମନ୍ତେ ଆହ୍ୱାନ

ଭୁବନେଶ୍ୱର,୬।୯(ବ୍ୟୁରୋ)

ବକ୍ସି ଜଗବନ୍ଧୁ ଇଂଲିଶ୍ ମାଧମ ବିଦ୍ୟାଳୟ (ବିଜେଇଏମ୍)ରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାମାନଙ୍କ ସମ୍ବର୍ଦ୍ଧନା ସମାରୋହ କରୋନା ନିୟମକୁ ଦୃଷ୍ଟିରେ ରଖି ୩ ଦିନ ଧରି ଦୁଇଟି ଲେଖାଏ ଅଧିବେଶନରେ ଅନୁଷ୍ଠିତ ହୋଇଛି। ଏହି ୩ ଦିନରେ ମୋଟ ୨୯୧ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ୍ ରଘୁନାଥ ମିଶ୍ର ଯୋଗଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ସନ୍ଧ୍ୟା ଜେନା, ଉପାଧ୍ୟକ୍ଷା ପଲ୍ଲବୀ ମହାପାତ୍ର ଯୋଗଦେଇ ଶିକ୍ଷାଦାତାଙ୍କ ଭୂମିକାକୁ ବୁଝାଇ କର୍ତ୍ତବ୍ୟବାନ୍ ହେବା ସହ ସୁନ୍ଦର ଭବିଷ୍ୟତ ଗଠନ ନିମନ୍ତେ ପ୍ରସ୍ତୁତି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପର୍ଯ୍ୟବେକ୍ଷକ ଶିବାନୀ ପଟ୍ଟନାୟକ, ବରଦା ପ୍ରସାଦ ପାଇକରାୟ, ସ୍ମିତା ମହାନ୍ତି, ସୁଚରିତା ଦାସ, ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ପୀତାମ୍ବର ପାଢ଼ୀ, ଅନୁପ ପଟ୍ଟନାୟକ, ସନତ୍ ଦାସ, ପ୍ରମିଳା ପତି, ନମିତା ରାଉତ, ସ୍ୱାତୀ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବିଜ୍ଞାନ, ବାଣିଜ୍ୟରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନେ ନିଜର ଅନୁଭବ ଉପସ୍ଥାପନ କରିଥିଲେ। ଏଥିରେ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ, କର୍ମକର୍ତ୍ତା ସାମିଲ ଥିଲେ।




ଟାଙ୍ଗୀ ଥାନା ପୋଲିସ ଏତଲାକାରୀଙ୍କ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନ ନେବା ପ୍ରତିବାଦରେ ସିପିଆଇ, ମହାନଦୀ ନଗର ଆଞ୍ଚଳିକ କମିଟି ପକ୍ଷରୁ ସୋମବାର ଗ୍ରାମାଞ୍ଚଳ ଏସ୍‌ପିଙ୍କ ଅଫିସ ଆଗରେ ବିକ୍ଷୋଭ କରାଯାଉଛି।

# ଧାନ ଫସଲରେ ପୋକ, ଚିନ୍ତାରେ ଚାଷୀ

## ବେଗୁନିଆ ବ୍ଲକ

ବେଗୁନିଆ,୬।୯(ଡି.ଏନ୍.ଏ.)

ଚଳିତ ବର୍ଷ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ହୋଇଥିବା ଧାନ ଫସଲରେ ପୋକଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଫଳରେ ହେକ୍ଟର ହେକ୍ଟର ଧାନ ଫସଲ ଉଜୁଡ଼ିଯିବାକୁ ବସିଛି। ଏନେଇ ଚାଷୀଙ୍କ ମଧ୍ୟରେ ଭାଳେଣି ପଡ଼ିଛି। ଗତ ୫ବର୍ଷ ହେବ ଏହି ସମସ୍ୟା ଚାଷୀଙ୍କ ପ୍ରମୁଖ କାରଣ ପାଲଟିଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବା ସହ ଏହାର ପ୍ରତିକାର ନିମନ୍ତେ ବ୍ୟବସ୍ଥା କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି।

ସୂଚନାଥାଉ କି, ଚଳିତ ଖରିଫ ଋତୁରେ ଏହି ବ୍ଲକ ଅଞ୍ଚଳରେ ୨୫୭୫ ହେକ୍ଟର ଜମିରେ ଧାନ ବୁଣା ହୋଇଥିବା ବେଳେ ୮୩୬୬ ହେକ୍ଟର ଜମିରେ ତଳି ରୁଆ କାର୍ଯ୍ୟ ଶେଷ ହୋଇଛି। ଅଧିକ ଅମଳ ପାଇଁ ଚଳିତ ବର୍ଷ ମଧ୍ୟ ଏହି ବ୍ଲକ ଅଞ୍ଚଳରେ ୮୦ ହେକ୍ଟର ଜମିରେ ହାଇବ୍ରିଡ ଧାନ ଫସଲ କରାଯାଇଛି। ହେଲେ ଭାଦ୍ରବ(ସେପ୍ଟେମ୍ବର)ମାସ ହେଉଛି ଧାନ ଫସଲ ପାଇଁ ଉପଯୁକ୍ତ ସମୟ।



ଏବେ ଫସଲରେ ବିଭିନ୍ନ ପ୍ରକାରର ରୋଗ ଦେଖାଦେଇଛି। ବିଶେଷ କରି ଖାଲୁଆ ଜମିରେ ରୁଆ ପୋତା ଯାଇଥିବା ଧାନ ତଳିରେ ମହିଷା, ପତ୍ରପୋଡା, ଆଚ୍ଛାଦ ପଚା, ମୂଳଶଢ଼ା ଆଦି ରୋଗ ଦେଖାଦେଲାଣି। ସେହିପରି ଆଉ କେତେଜଣ ଚାଷୀଙ୍କ ଫସଲରେ ଝିଣ୍ଟିକା, ନଳୀପୋକ, ଛଗୋଡିଆ, ମାଟିଆଗୁଣ୍ଡି ଆଦି ପୋକ ହୋଇଥିବା ଦେଖିବାକୁ ମିଳିଛି। ତେବେ ଏହାର ପ୍ରତିକାର ଦିଗରେ ବିଭାଗ ପକ୍ଷରୁ ଗୁରୁତ୍ୱ ଦେବା ପାଇଁ ଚାଷୀମାନଙ୍କ ପକ୍ଷରୁ ଦାବି ହେଉଛି। ଅନ୍ୟପକ୍ଷେ ବିଭାଗ ପକ୍ଷରୁ ଚାଷୀଙ୍କୁ ସଚେତନ କରାଯାଉ ନାହିଁ। ଜଳବାୟୁ ପରିବର୍ତ୍ତନ ଓ ଫସଲରେ ଅତ୍ୟଧିକ ରାସାୟନିକ ସାର ପ୍ରୟୋଗ ଯୋଗୁ ଏଭଳି ରୋଗ ସୃଷ୍ଟି ହେଉଛି ବୋଲି ବିଭାଗ ପକ୍ଷରୁ କୁହାଯାଇ ଏଡାଇ ଦିଆଯାଉଛି ବୋଲି ଚାଷୀ ମଦନ ମୋହନ ସାହୁ, ଭାଗୀରଥି ପରିଡା, ରମାକାନ୍ତ ଦେହୁରି ପ୍ରମୁଖ କହିଛନ୍ତି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ବୋଲଗଡ଼-ପିଚୁକୁଳି ସେକ୍ଟରର ଅତିରିକ୍ତ ବ୍ଲକ କୃଷି ଅଧିକାରୀ ସିତାରତ୍ନମାଳା ଦାସ କହିଛନ୍ତି, ଭୟଭୀତ ହେବାର ଆବଶ୍ୟକ ନାହିଁ। ବିଭିନ୍ନ ପ୍ରକାରର ଔଷଧ ସବସିଡି ମାଧ୍ୟମରେ ଚାଷୀଙ୍କୁ ଯୋଗାଇଦେବାକୁ ବ୍ୟବସ୍ଥା କରାଯାଇଛି। ଚାଷୀମାନେ ବିଭାଗୀୟ କର୍ମଚାରୀଙ୍କ ସହିତ ଯୋଗାଯୋଗ କଲେ, ପ୍ରତିକାର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

## ଫେସ୍‌ଲେସ୍ ଭେଇକିଲ ସର୍ଭିସ ରିପୋର୍ଟ ଦେବେ ରାଜ୍ୟ

ଯାନ କ୍ଷେତ୍ରରେ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ଫେସ୍‌ଲେସ୍ ସେବା ଉପଲବ୍ଧ ହେଉଛି। ଏ କ୍ଷେତ୍ରରେ ଲୋକଙ୍କ ସୁବିଧା ହେବା ଭଳି କଣ ସେବା ଦିଆଯାଉଛି ସେ ନେଇ ରାଜ୍ୟଗୁଡିକ କେନ୍ଦ୍ରକୁ ରିପୋର୍ଟ ଦେବେ।

# ଡାଟା ବ୍ୟବହାର ୧୩୦୦% ବଢ଼ିଛି




- ଜିଓ ପରିଚାଳନାର ପଞ୍ଚମ ବର୍ଷ ପୂର୍ତ୍ତି
- ଶୁଭେଚ୍ଛା ଜଣାଇଲା ଟେକ୍ନୋଲୋଜି ୱାର୍ଲ୍ଡ

ନୂଆଦିଲ୍ଲୀ, ୬।୯

ବିଲିୟନେୟାର ମୁକେଶ ଅମ୍ବାନୀଙ୍କ ନେତୃତ୍ୱାଧୀନ ରିଲାଏନ୍ସ ଜିଓ ଦେଶର ଟେଲିକମ୍ କ୍ଷେତ୍ରରେ ୨୦୧୬ ସେପ୍ଟେମ୍ବର ୫ରେ ପ୍ରବେଶ କରିଥିଲା। ଏହା ପରଠାରୁ ଟେଲିକମ୍ ଶିଳ୍ପରେ ଅନେକ ପରିବର୍ତ୍ତନ ଦେଖାଯାଇଛି। ଘରୋଇ ବଜାରରେ ଡାଟା ବ୍ୟବହାର ୧୩୦୦% ବଢିଥିବା ବେଳେ ବ୍ରଡବ୍ୟାଣ୍ଡ ୟୁଜରଙ୍କ ସଂଖ୍ୟା ୪ ଗୁଣ ବୃଦ୍ଧି ହୋଇଛି। ଜିଓ ବର୍ତ୍ତମାନ ଏହାର ପରିଚାଳନାର ପଞ୍ଚମ ବର୍ଷ ପୂର୍ତ୍ତି ପାଳନ କରୁଛି। ଦେଶର ପ୍ରମୁଖ ଟେକ୍ନୋଲୋଜି କମ୍ପାନୀଗୁଡ଼ିକ ଏ ନେଇ ଜିଓକୁ ଶୁଭେଚ୍ଛା ଜଣାଇଛନ୍ତି। କମ୍ପାନୀଗୁଡ଼ିକ ମଧ୍ୟରେ ଗୁଗଲ ଇଣ୍ଡିଆ, ଜୋମାଟୋ, ନେଟଫ୍ଲିକ୍ସ ଏବଂ ପେଟିଏମ୍ ପ୍ରମୁଖ ରହିଛି। ରିଲାଏନ୍ସ ଜିଓର ସୁଲଭ ଡାଟା ଯୋଗୁ ଭାରତରେ ଏହି କମ୍ପାନୀଗୁଡ଼ିକ ବେଶ ଅଭିବୃଦ୍ଧି ହାସଲ କରିବାକୁ ସକ୍ଷମ ହୋଇଛନ୍ତି।

ଏଚ୍‌ଡିଏଫ୍‌ସି ଏକ ଟୁଇଟରେ କହିଛି, ମୁଣ୍ଡ ଉଚ୍ଚା କରି ବଞ୍ଚି ଶିଖିବା କିଏ ତୁମ ଠାରୁ ଶିଖିପାରିବ। ସେହିଭଳି ହଟଷ୍ଟାର ପକ୍ଷରୁ କୁହାଯାଇଛି, ସ୍କୋରଠାରୁ ଆରମ୍ଭ କରି ଲାଇଭ ଦେଖିବା, ଜିଓକୁ ୫ମ ବର୍ଷ ପୂର୍ତ୍ତିର ଶୁଭେଚ୍ଛା। ଆମାଜନ ପ୍ରାଇମ ଭିଡିଓ, ଫୋନ ପେ, ଆପୋଲୋ ହସ୍ପିଟାଲ୍ସ, ଅଶୋକ ଲେଲାଣ୍ଡ, ଟିଣ୍ଡର ଇଣ୍ଡିଆ, ଭୁଟ, ଜିଓ, ସାମସଙ୍ଗ ଇଣ୍ଡିଆ, ଭିକୋ, ଓପୋ, ଡୋମିନସ ଇଣ୍ଡିଆ, ସୋନି ଲିଭ୍ ଭଳି କମ୍ପାନୀ ମଧ୍ୟ ଜିଓକୁ ବର୍ଷ ପୂର୍ତ୍ତିର ଶୁଭେଚ୍ଛା ଜଣାଇଛନ୍ତି। ଏମ୍ଆଇ ଇଣ୍ଡିଆ କହିଛି, ଭାରତର ଇଣ୍ଟରନେଟ ବିପ୍ଳବକୁ ଇନ୍ଧନ ଯୋଗାଣର ୫ବର୍ଷ ପୂର୍ତ୍ତି। ସେହିଭଳି ନୋକିଆ କହିଛି, ଭାରତକୁ ସଂଯୋଗ କରିବାରେ ଜିଓର ପ୍ରତିବଦ୍ଧତା ରହିଆସିଛି। ଅଧିକ ଶିଖିବା ସହ ଡିଜିଟାଲ ଭାବେ ଅଭିବୃଦ୍ଧି କରିବାରେ ଜିଓ ସହାୟତା କରିଥିବା ଅନ ଏକାଡେମି କହିଛି।

### ଡାଟା ଦର ୯୩% ହ୍ରାସ

ଟ୍ରାଇ ଡାଟା ମୁତାବକ, ୨୦୧୬ ସେପ୍ଟେମ୍ବରରେ ଭାରତରେ ୧୯.୨୩ କୋଟି ବ୍ରଡ ବ୍ୟାଣ୍ଡ ୟୁଜର ରହିଥିଲେ। ୨୦୨୧ ଜୁନରେ ଏହା ୭୯.୨୭ କୋଟିକୁ ବୃଦ୍ଧି ଘଟିଛି। ପ୍ରତି ୟୁଜର ପିଛା ମାସିକ ଡାଟା ବ୍ୟବହାର କ୍ଷେତ୍ରରେ ମଧ୍ୟ ଦ୍ରୁତ ପରିବର୍ତ୍ତନ ଦେଖିବାକୁ ମିଳିଛି। ଏହି ଅବଧିରେ ମାସିକ ଡାଟା ବ୍ୟବହାର ୮୭୮.୬୩ ଏମ୍‌ବିରୁ ୧୩.୩୩ ଜିବିକୁ ବଢ଼ିଛି। ସେହିଭଳି ଜିବି ପିଛା ଡାଟା ମୂଲ୍ୟ ମଧ୍ୟ ୯୩% ହ୍ରାସ ହୋଇଛି। ୫ ବର୍ଷ ତଳେ ପ୍ରତି ଜିବି ଡାଟା ପ୍ରାୟ ୧୬୦ ଟଙ୍କା ରହିଥିବା ବେଳେ ଏହା ଏବେ ୧୦.୭୭ ଟଙ୍କାକୁ ହ୍ରାସ ହୋଇଛି। ଭାରତୀୟଙ୍କୁ ସଶକ୍ତ କରିବା ଦିଗରେ ଜିଓ ନିରନ୍ତର ଯୋଗଦାନ ରଖି ଚାଲିଛି ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି।

### ୟୁନିକର୍ନ କମ୍ପାନୀଙ୍କ ଅଭିବୃଦ୍ଧି

ଜିଓର ପ୍ରବେଶ ପୂର୍ବରୁ ଭାରତରେ ମାତ୍ର ୧୦ ୟୁନିକର୍ଣ୍ଣ କମ୍ପାନୀ ରହିଥିଲେ। ଏହି ତାଲିକା ବର୍ତ୍ତମାନ ୫୩କୁ ଲମ୍ବିଛି। ୫ ବର୍ଷ ତଳେ ଦେଶ ମଧ୍ୟରେ ୨୦ କୋଟି ଫେସବୁକ ୟୁଜର ରହିଥିବା ବେଳେ ଏହା ଏବେ ୪୨ କୋଟିକୁ ବଢ଼ିଛି। ହ୍ୱାଟ୍‌ସ ଆପ୍ ୟୁଜରଙ୍କ ସଂଖ୍ୟା ୧୯ରୁ ୩୯ କୋଟିକୁ ବୃଦ୍ଧି ହୋଇଛି। ନୂଆ ଭାଲ୍ୟୁ ଚେନ୍ ବଢିବା ଯୋଗୁ ଅନ୍‌ଲାଇନ ବିଜ୍‌ନେସ ବୃଦ୍ଧିରେ ଏହା ଯୋଗଦାନ ରଖିଛି। ନୂତନ ପିଢିର ଇଣ୍ଟରନେଟ ଷ୍ଟାର୍ଟଅପ୍‌ଗୁଡିକ ଲାଗି ଜିଓର ପ୍ରବେଶ ନୂଆ ସମ୍ଭାବନା ସୃଷ୍ଟି କରିଛି ବୋଲି ଜୋମାଟୋ ସିଇଓ ଦୀପିନ୍ଦର ଗୋୟଲ ସୂଚନା ଦେଇଛନ୍ତି। ପ୍ରତି ଦେଶ ଜିଓ ଭଳି କମ୍ପାନୀ ନିଜ ଦେଶରେ ସୃଷ୍ଟି କରିବା ଆବଶ୍ୟକ ବୋଲି ନେଟଫ୍ଲିକ୍ସର ସିଇଓ ରିଡ୍ ହାଷ୍ଟିଂ କହିଛନ୍ତି। ବର୍ତ୍ତମାନ ଦେଶର ଡିଜିଟାଲ ଇକୋନୋମିର ମଧ୍ୟ ଦ୍ରୁତ ଅଭିବୃଦ୍ଧି ଦେଖାଯାଇଛି। ଆପ୍ ଡାଉନଲୋଡ ୬.୫ ବିଲିୟନରୁ ୧୯ ବିଲିୟନକୁ ବଢ଼ିଛି।

## ସଂକ୍ଷେପରେ

### ଯାନ ମୂଲ୍ୟ ବଢ଼ାଇବ ମାରୁତି ସୁଜୁକି

ନୂଆଦିଲ୍ଲୀ,୬।୯: ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ ଏହାର ଯାନ ମୂଲ୍ୟ ବୃଦ୍ଧି ସମ୍ପର୍କରେ ସୋମବାର ଘୋଷଣା କରିଛି। ସେଲେରିଓ ମଡେଲ ବାଦ କମ୍ପାନୀର ଅନ୍ୟ ସବୁ ମଡେଲଗୁଡ଼ିକର ମୂଲ୍ୟ ପ୍ରାୟ ୧.୯% ବଢ଼ିବ ବୋଲି ଜଣାପଡ଼ିଛି। ବିଭିନ୍ନ ଇନ୍‌ପୁଟ ମୂଲ୍ୟ ବଢୁଥିବାରୁ ଏହାକୁ ଧ୍ୟାନରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି କମ୍ପାନୀ ଏକ ରେଗୁଲେଟୋରୀ ଫାଇଲିଂରେ ସୂଚନା ଦେଇଛି। ଚଳିତବର୍ଷ ତୃତୀୟ ଥର ଲାଗି କମ୍ପାନୀ ଏଭଳି ମୂଲ୍ୟ ବୃଦ୍ଧି ନିଷ୍ପତ୍ତି ନେଇଛି। ଏପ୍ରିଲ ଏବଂ ଜାନୁୟାରୀ ମାସରେ କମ୍ପାନୀର ଯାନ ଦର ପ୍ରାୟ ୩.୫% ଯାଏ ବୃଦ୍ଧି ଘଟିଥିଲା। କମ୍ପାନୀ ହ୍ୟାଚ୍ ବ୍ୟାକ ଅଲଟୋଠାରୁ ଏସ୍ କ୍ରସ ଯାଏ ବିଭିନ୍ନ ମଡେଲ ବଜାରରେ ଉପଲବ୍ଧ କରାଉଛି। ବର୍ତ୍ତମାନ ବିଶ୍ୱ ବଜାର ପ୍ରଭାବିତ ହୋଇ ରହିଥିବାରୁ ଉଚ୍ଚ କମୋଡିଟି ମୂଲ୍ୟ କାର୍ ନିର୍ମାତାଙ୍କୁ ପ୍ରଭାବିତ କରୁଛି। ବାଧ ହୋଇ ମଡେଲଗୁଡ଼ିକର ମୂଲ୍ୟ ବଢ଼ାଇବାକୁ ପଡୁଛି ବୋଲି କମ୍ପାନୀର ସେଲ୍‌ସ ଏବଂ ମାର୍କେଟିଂ ବିଭାଗ ବରିଷ୍ଠ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶଶାଙ୍କ ଶ୍ରୀବାସ୍ତବ କହିଛନ୍ତି।

### ହାୟର ଇଣ୍ଡିଆର ନୂଆ ଏସ୍୮ ସିରିଜ୍

ନୂଆଦିଲ୍ଲୀ,୬।୯: ହାୟର୍ ପକ୍ଷରୁ ଏହାର ଗୁଗଲ-ସାର୍ଟିଫାଏଡ୍ ଆଣ୍ଡ୍ରଏଡ୍ ଏଲ୍‌ଇଡି ଟିଭି ଏସ୍୮ ସିରିଜ୍‌ର ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀର ଏହି ଏସ୍୮ ସିରିଜ୍‌ର ନୂତନ ଉତ୍ପାଦଗୁଡ଼ିକ ୧୩୯ସେମି (୫୫ ଇଞ୍ଚ) ଓ ୧୬୫ ସେମି (୬୫ ଇଞ୍ଚ)ର ସ୍କ୍ରିନ୍ ସାଇଜ୍‌ରେ ଚମତ୍କାର ୪କେ ଏଚ୍‌ଡିଆର୍ ପିକ୍ଚର କ୍ୱାଲିଟିକୁ ପ୍ରଦର୍ଶିତ କରୁଛନ୍ତି। ଏଗୁଡ଼ିକର ମୂଲ୍ୟ ଯଥାକ୍ରମେ ୧,୧୦,୯୯୦ ଟଙ୍କା ଓ ୧,୩୯,୯୯୦ ଟଙ୍କା ରହିଛି। ହାୟର୍‌ର ଅତ୍ୟାଧୁନିକ ଟେକ୍ନୋଲୋଜି ଦ୍ୱାରା ଅନୁପ୍ରାଣିତ ହୋଇ, ନୂଆ ୪କେ ଏଚ୍‌ଡିଆର୍ ଟେଲିଭିଜନ ସିରିଜ୍ ଏଆଇ ସହ ନୂଆ ଆଣ୍ଡ୍ରଏଡ୍ ୯.୦ ଭର୍ସନ ସାର୍ଟିଫିକେଶନ ସହିତ ଆସୁଛି ବୋଲି ହାୟର୍ ଆପ୍ଲାଏନ୍ସେସ୍ ଇଣ୍ଡିଆର ଅଧ୍ୟକ୍ଷ, ଏରିକ୍ ବ୍ରାଗାଞ୍ଜା କହିଛନ୍ତି।

ଷଷ୍ଠ ଜନ୍ମଦିନ ଶୁଭେଚ୍ଛା



ଗୀତ୍‌କ୍ରିଷ୍ଟା
କେଉଟ ସାହି, ପୁରୁଣା ଭୁବନେଶ୍ୱର
ଆଜି ତୋର ଜନ୍ମଦିନର ଅନେକ ଅନେକ ଅଭିନନ୍ଦନ ଓ ଶୁଭକାମନାରେ। ଜଗନ୍ନାଥ ତୋ ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ମାମା, ପା ଓ ପରିବାରବର୍ଗ।
ଧ-୨୧୫୬୪

### ଶାଢ଼ି, ଏଥେନିକ ୱେର ଷ୍ଟୋର ଖୋଲିବ ରିଲାଏନ୍ସ ରିଟେଲ

ନୂଆଦିଲ୍ଲୀ, ୬।୯

ଅଭନ୍ରା ବ୍ରାଣ୍ଡ ଅଧୀନରେ ଶାଢ଼ି ଏବଂ ଏଥେନିକ ୱେର ବର୍ଗରେ ନୂଆ ଷ୍ଟୋର ଖୋଲିବାକୁ ରିଲାଏନ୍ସ ରିଟେଲ ଯୋଜନା ରଖିଛି। ରିଲାଏନ୍ସର ଏହି ଷ୍ଟୋର ଆସିଲେ ଟାଟା ଗ୍ରୁପର ତନିସ୍କ ଏବଂ ଆଦିତ୍ୟ ବିର୍ଲା ଗ୍ରୁପର ଏହି ବର୍ଗର ବିଜନେସ ସହ କଡ଼ା ଟକ୍କର ଦେଖିବାକୁ ମିଳିବ ବୋଲି କୁହାଯାଉଛି। ଇକୋନୋମି ରେଞ୍ଜରେ ମିଡ୍ ସାଇଜ ଷ୍ଟୋର ଆଣିବାକୁ କମ୍ପାନୀ ଯୋଜନା ରଖିଛି ବୋଲି ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ ନାମ ଗୋପନ ରଖି କହିଛନ୍ତି। ଏ ନେଇ ରିଲାଏନ୍ସର ମତାମତ ଲୋଡାଯାଇଥିଲେ ମଧ୍ୟ ଏହା ମିଳିପାରିନାହିଁ। ଉଲ୍ଲେଖଯୋଗ୍ୟ, ଆଦିତ୍ୟ ବିର୍ଲା ଫ୍ୟାଶନ ଏ କ୍ଷେତ୍ରରେ ବର୍ତ୍ତମାନ ନିଜର ପରିଚୟ ସୃଷ୍ଟି କରିଥିବା ବେଳେ ଟାଟାର ତନିସ୍କ ନୂତନ ଭାବେ ପ୍ରବେଶ କରିଛି। ବିଶ୍ୱ ସ୍ତରର ଆପାରେଲ ବ୍ରାଣ୍ଡଗୁଡ଼ିକ ଭାରତରେ ନିଜର ସ୍ୱତନ୍ତ୍ରତା ବଜାୟ ରଖିଥିଲେ ମଧ୍ୟ ଏଥେନିକ ୱେରର ଲୋକପ୍ରିୟତାକୁ କମାଇବାରେ ସକ୍ଷମ ହୋଇନାହାନ୍ତି। ଏହାକୁ ନଜରରେ ରଖି ଉଭୟ ଦେଶ ଏବଂ ବିଦେଶର ବ୍ରାଣ୍ଡ୍‌ଗୁଡ଼ିକ ଦେଶୀ କଲେକ୍ସନ ପ୍ରସ୍ତୁତ କରିବାକୁ ଆଗେଇ ଆସୁଛନ୍ତି।

## ରେନୋର ମେଗାନ ଇଟେକ୍ ଇଲେକ୍ଟ୍ରିକ

ନୂଆଦିଲ୍ଲୀ,୬।୯



ପ୍ରମୁଖ ଯାନ ନିର୍ମାତା ରେନୋ ପକ୍ଷରୁ ନୂଆ ମେଗାନ ଇଟେକ ଇଲେକ୍ଟ୍ରିକ ମଡେଲ ବିଶ୍ୱ ବଜାରରେ ପ୍ରବେଶ କରିଛି। କମ୍ପାନୀ ଏହାର ଗ୍ରାହକଙ୍କୁ ଡିଜିଟାଲ ଇକୋସିଷ୍ଟମର ନିରନ୍ତର ବ୍ୟବହାର ଦିଗରେ ସହାୟତା କରିବାକୁ ଯୋଜନା ରଖିଛି। ଇ-ଯାନର ବର୍ଦ୍ଧିତ ଚାହିଦାକୁ ଧ୍ୟାନରେ ରଖି ଏହି ଯାନଟିକୁ ପ୍ରସ୍ତୁତ କରାଯାଇଛି। ଏହି ହାଇଟେକ ଯାନରେ ଓପନ ଆର୍ ଡିସ୍ପ୍ଲେ, ନୂଆ ଓପନ ଆର୍ ଲିଙ୍କ ମଲ୍ଟି ମିଡିଆ ସିଷ୍ଟମ, ଗୁଗଲର ଆଣ୍ଡ୍ରଏଡ ଅଟୋମୋଟିଭ ଓଏସ୍, ଗୁଗଲ ଆସିଷ୍ଟାଣ୍ଟ, ଗୁଗଲ ମ୍ୟାପ୍, ଗୁଗଲ ପ୍ଲେର ସୁବିଧା ଗ୍ରାହକ ପାଇବେ। ନୂଆ ଯାନରେ ଗ୍ରାହକ ସୁଲଭତା, ଦକ୍ଷତା ଏବଂ ଗାଡ଼ି ଚାଳନାର ଆନନ୍ଦ ଗ୍ରାହକ ଲାଭ କରିପାରିବେ ବୋଲି ରେନୋ ଗ୍ରୁପର ସିଇଓ ଲୁକା ଡେ ମିଓ କହିଛନ୍ତି। ନୂଆ ଯାନଟିରେ ଆକର୍ଷଣୀୟ ଫିଚର ଏବଂ ଡିଜାଇନ ରହିଛି। ଯାନଟିକୁ ଫ୍ରାନ୍ସରେ ପ୍ରସ୍ତୁତ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ମିଳିଛି।

## ଭି-ମାର୍ଟର ପୂଜା ଅଫର

ଭୁବନେଶ୍ୱର,୬।୯: ପାର୍ବଣକୁ ନଜରରେ ରଖି ଭି-ମାର୍ଟ ପକ୍ଷରୁ ପୂଜା ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଗ୍ରାହକ ଏହି ସମୟରେ ସର୍ବୋତ୍ତମ ଡିଲ୍ ଲାଭ କରିପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ମିଳିଛି। ପଶ୍ଚିମବଙ୍ଗ ସମେତ ଦେଶର ଅନ୍ୟ ପ୍ରାନ୍ତଗୁଡିକରେ ଦୁର୍ଗା ପୂଜା ବେଶ୍ ଧୁମ୍‌ଧାମରେ ପାଳିତ ହୋଇଥାଏ। ଭି-ମାର୍ଟ ଏହି ଉପଲକ୍ଷେ ଆକର୍ଷଣୀୟ ମୂଲ୍ୟରେ ବସ୍ତ୍ର ବର୍ଗର ପ୍ରଡକ୍ଟ ଗ୍ରାହକଙ୍କୁ ପ୍ରଦାନ କରୁଥିବା ସୂଚନା ଦେଇଛି। ୨୫୦୦ ଟଙ୍କାର କିଣାକିଣି ଉପରେ ଗ୍ରାହକ ୧ ହଜାର ଟଙ୍କା ମୂଲ୍ୟର ବେଡଶିଟ୍ ମାତ୍ର ୯୯ ଟଙ୍କାରେ ଲାଭ କରିପାରିବେ। ୫ ହଜାର ଟଙ୍କାର କ୍ରୟ ଉପରେ ଗ୍ରାହକଙ୍କୁ ମାଗଣାରେ ଏକ ସୁନା କଏନ ମିଳିପାରିବ। ଏଭଳି ଆକର୍ଷଣୀୟ ଅଫର ଦୁର୍ଗାପୂଜାକୁ ଆହୁରି ଉତ୍ସବମୁଖର କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।






## ଦିଲ୍‌ଖୁସ୍ ଦୋସା



ନୂଆଦିଲ୍ଲୀ: ଅଜବ ଶୈଳୀରେ ଖାଦ୍ୟ ତିଆରି କରିବା ବୋଧହୁଏ କେତେକଙ୍କର ଫ୍ୟାଶନ ହୋଇଗଲାଣି। ଠିକ୍ ଏମିତି ଏକ ଉଦାହରଣ ଏବେ ଦେଖିବାକୁ ମିଳିଛି ସୋସିଆଲ ମିଡିଆରେ। ଛେନା, ପନିର, ଚେରୀ, ଡ୍ରାଏଫ୍ରୁଟ ପୁଣି ପନିପରିବାକୁ ଏକାଠି କରି ତିଆରି ହେଉଛି ଦୋସା। ଆଉ ଦିଲଖୁସ୍ ଦୋସା ନାଁରେ ଏହି ଦୋସାକୁ ନେଇ ଏବେ ବେଶ୍ ଚର୍ଚ୍ଚା ହେଉଛି। ଅଜବ ଶୈଳୀରେ ତିଆରି ଏହି ଦିଲଖୁସ୍ ଦୋସାକୁ ରାସ୍ତାକଡରେ ଦୋକାନ କରିଥିବା ଜଣେ ବ୍ୟକ୍ତି ପ୍ରସ୍ତୁତ କରୁଛନ୍ତି। ଏଭଳି ଏକ ଭିନ୍ନ ଶୈଳୀରେ ଦୋସା ତିଆରି ହେଉଥିବାରୁ ପ୍ରଥମେ ଏହାକୁ ସୋସିଆଲ ମିଡିଆରେ ଶେୟାର କରିଥିଲେ ୟୁଟ୍ୟୁବର ହାରୀ ଉପ୍ପଲ। ଦୋସା ତିଆରି ଶୈଳୀକୁ ସେ ଏକ ଭିଡିଓ ମାଧ୍ୟମରେ ଦେଖାଇଥିଲେ। ଏହି ପୋଷ୍ଟକୁ ଟୁଇଟରରେ ପୁଣି ଥରେ ଦୀପକ ପ୍ରଭୁ ନାମକ ବ୍ୟକ୍ତି ଶେୟାର କରିଥିଲେ, ଯାହା ଏବେ ଭାଇରାଲ ହେବାରେ ଲାଗିଛି। ଦିଲଖୁସ ଦୋସାରେ ଏତେ ସବୁ ସାମଗ୍ରୀ ପକାଯାଉଛି ତାହା ସମ୍ପୂର୍ଣ୍ଣଭାବେ ଦେଖାଇ ଏକ ଭିଡିଓ କରାଯାଇଛି। ୫୯ ସେକେଣ୍ଡର ଭିଜୁଆଲରେ ଦୋସା ତିଆରିକୁ ଦେଖି ସୋସିଆଲ ମିଡିଆରେ ଲୋକେ ଆଶ୍ଚର୍ଯ୍ୟ ହୋଇଛନ୍ତି।

## କନ୍ୟା ୭୫କୁ ବର ୯୦



### ପରିବାର ସହମତିରେ ହେଲା ବିବାହ

ଲକ୍ଷ୍ନୌ: 'ଉମ୍ର ପଞ୍ଚବନ୍ କି ଦିଲ୍ ବଚପନ କା' ହିନ୍ଦୀର ଏହି ଡାଲଲଗ୍ ଏବେ ସତକୁ ସତ ଦେଖିବାକୁ ମିଳିଛି। ଉତ୍ତର ପ୍ରଦେଶ ରାମପୁରରେ ଏମିତି ଏକ ଯୋଡି ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ୯୦ ବର୍ଷର ଜଣେ ବୃଦ୍ଧ ୭୫ ବର୍ଷର ଜଣେ ବୃଦ୍ଧାଙ୍କୁ ବିବାହ କରିଛନ୍ତି। ବୃଦ୍ଧଙ୍କର ୫ ଝିଅ ଥିବା ବେଳେ ସମସ୍ତେ ବିବାହ କରି ସାରିଛନ୍ତି। ଏବେ ତାଙ୍କର ଦେଖାରଖା କରିବାକୁ କେହି ନ ଥିବାରୁ ଝିଅମାନଙ୍କ ସହମତି କ୍ରମେ ସେ ବିବାହ କରିଥିବା କହିଛନ୍ତି। ଉତ୍ତର ପ୍ରଦେଶ ରାମପୁର ଥାନା ନରଖେଡି ଗାଁର ୯୦ ବର୍ଷୀୟ ଶାଫି ଅହମ୍ମଦଙ୍କ ୫ ଝିଅ ଥିବା ବେଳେ ସ୍ତ୍ରୀଙ୍କର ପରଲୋକ ହୋଇଯାଇଛି। ଏବେ ଝିଅମାନେ ତାଙ୍କର ଦେଖାରଖା କରୁଥିଲେବି ଜଣେ ଜୀବନସାଥି ଟିଏ ମନେ ମନେ ଖୋଜୁଥିଲେ ଶାଫି। ଆଉ ଏଥିରେ ଝିଅମାନେ ସହମତ ହେବାରୁ ସେ ୭୫ ବର୍ଷୀୟା ଆୟଶା ବିଙ୍କୁ ବିବାହ କରିଛନ୍ତି। ଆୟଶାଙ୍କ କେହି ନ ଥିବା ବେଳେ ଶାଫି ତାଙ୍କ ପାଇଁ ସାହାରା ହେବେ ବୋଲି ଆଶା ସେ ବିବାହ କରିଥିବା କହିଛନ୍ତ। ଏଥିରେ ଉଭୟେ ଖୁସି ଅଛନ୍ତି। ଏବେ ଶାଫି ସରକାରଙ୍କ ସାହାଯ୍ୟ ଲୋଡିଛନ୍ତି। ବାକି ଜୀବନ ସେ ଆୟଶାଙ୍କ ସାହାରାରେ ବଞ୍ଚିଯିବେ ବୋଲି କହିଛନ୍ତି।

### ଲିନା ମାରିଆ ପଲ ଗିରଫ



ନୂଆଦିଲ୍ଲୀ: ୨ ଶହ କୋଟି ଟଙ୍କା ଠକେଇ ମାମଲାରେ ଅଭିଯୁକ୍ତ ସୁକେଶ ଚନ୍ଦ୍ରଶେଖର ଗିରଫ ହେବା ପରେ, ଏବେ ତାଙ୍କ ପ୍ରେମିକା ଅଭିନେତ୍ରୀ ଲିନା ମାରିଆ ପଲ୍‌ଙ୍କୁ ଦିଲ୍ଲୀ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା ଗିରଫ କରିଛି। ସୂଚନା ଅନୁସାରେ, ସୁକେଶ ନିଜକୁ ଆଇନ ମନ୍ତ୍ରାଣାଳୟର କର୍ମଚାରୀ କହି ବ୍ୟବସାୟୀ ଶିଭିନ୍ଦର ମୋହନ ସିଂଙ୍କ ସ୍ତ୍ରୀ ଅଦିତି ସିଂଙ୍କ ଠାରୁ ଟଙ୍କା ଠକିନେଇଥିଲେ। ଏଥିରେ ମାରିଆ ସହଯୋଗ କରିଥିବା ତାଙ୍କ କଲ ଲିଷ୍ଟରୁ ଜଣାପଡ଼ିଛି। ଏହି ମାମଲାରେ ପୂର୍ବରୁ ଜ୍ୟାକଲିନ ଫର୍ନାଣ୍ଡିଜଙ୍କୁ ମଧ୍ୟ କ୍ରାଇମବ୍ରାଞ୍ଚ ପଚରାଉଚୁରା କରିଥିଲା।

## ସୈଫଙ୍କୁ ଗୁଗଲ୍ ସର୍ଚ୍ଚ କରିବାକୁ ମନା କରିଥିଲେ



କରୀନା କପୁର ଖାନ୍

ମୁମ୍ବାଇ: ବଲିଉଡ ଷ୍ଟାର୍ କରୀନା କପୁର ଖାନ୍ ଏବଂ ସୈଫ ଅଲ୍ଲୀ ଖାନ୍ ଇଣ୍ଡଷ୍ଟ୍ରିର ସବୁଠୁ ଖାସ୍ ଯୋଡିଙ୍କ ମଧ୍ୟରୁ ଅନ୍ୟତମ। ପ୍ରଶଂସକ ସେମାନଙ୍କ ବିଷୟରେ ଜାଣିବାକୁ ଇଚ୍ଛୁକ ଥାଆନ୍ତି। କରୀନା ମଧ୍ୟ ନିଜ ପ୍ରଶଂସକଙ୍କ ମନ ଦୁଃଖ କରିବାକୁ ଆଦୌ ଚାହାନ୍ତି ନାହିଁ। ସେ ସୋସିଆଲ ମିଡିଆରେ ଆକ୍ଟିଭ୍ ରହି ନିଜ ପ୍ରଶଂସକଙ୍କ ପାଇଁ ଫଟୋ ଏବଂ ଭିଡିଓ ଶେୟାର କରନ୍ତି। ବେଳେବେଳେ ସୈଫ ଏବଂ କରୀନା ଟ୍ରୋଲ୍‌ର ମଧ୍ୟ ଶିକାର ହୋଇଥାନ୍ତି। ଏକ ସାକ୍ଷାତକାରରେ ସୈଫ କହିଥିଲେ, ସମୟ ଥିଲା ମୁଁ ଟ୍ରୋଲ୍‌ର ଶିକାର ହେବାପରେ ଚିନ୍ତିତ ରହୁଥିଲି। ମୋତେ ଚିନ୍ତିତ ଦେଖି କରୀନା ମୋତେ ଗୁଗଲରେ ନିଜକୁ ସର୍ଚ୍ଚ ନ କରିବାକୁ ଉପଦେଶ ଦେଇଥିଲେ। ମୁଁ ସୋସିଆଲ ମିଡିଆ ଦେଖିବା ମଧ୍ୟ ଛାଡି ଦେଇଥିଲି। ଏବେ ମୁଁ ସୋସିଆଲ ମିଡିଆରେ ଟ୍ରୋଲ୍ସ କମେଣ୍ଟ ପଢେ ନାହିଁ କି ସୋସିଆଲ ମିଡିଆରେ ବି ରୁହେ ନାହିଁ ବୋଲି କହିଥିଲେ ସୈଫ। ସୈଫ୍ ନିଜ ଆଗାମୀ ଫିଲ୍ମ 'ଭୂତ୍ ପୋଲିସ' ପ୍ରମୋଶନରେ ବ୍ୟସ୍ତ ଅଛନ୍ତି। ଏହି ଫିଲ୍ମରେ ଅର୍ଜୁନ କପୁର, ଜ୍ୟାକଲିନ୍ ଫର୍ନାଡିଜ୍ ଏବଂ ୟାମୀ ଗୌତମ ନଜର ଆସିବେ। ଆସନ୍ତା ସେପ୍ଟେମ୍ବର ୧୭ରେ ଡିଜ୍‌ନୀ ହଟ୍‌ଷ୍ଟାର୍‌ରେ ରିଲିଜ୍ ହେବ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଲୋନ୍ ଧମାକା
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲ୍‌ଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
9471160476 / 8282973756
Whatsapp : 9953557897

KUBER FINANCE
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
9452281017

BIJAY FINANCE
ମାର୍କସିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ମାଛଚାଷ ଓ ଗାଈ ପାଳନ ଇତ୍ୟାଦି ସମସ୍ତ ପ୍ରକାର ଋଣ ପାଇ ପାରିବେ ୧୦ଦିନ ମଧ୍ୟରେ।
ସୁଧ = 2%
M: 8280679220
M: 8280198227

ବାବା ମୁବାରକ୍ ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9990655786
8800979262

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mob. 9999268493
Whatsapp: 8902923601

ଘରେବସି ଲୋନ ପାଆନ୍ତୁ ସରଳ କିସ୍ତି ରେ
ଭାରତର ଏକମାତ୍ର ବିଶ୍ୱସନିୟ କମ୍ପାନୀ
ମାର୍କସିଟ, ହୋମଲୋନ, ପର୍ସନାଲ, ପଶୁପାଳନ, ଆଧାରକାର୍ଡ, ସମ୍ପତି, Bpl ଇତ୍ୟାଦି ସମସ୍ତ ଋଣ ମାତ୍ର ୫ ଦିନରେ ଘରେ ବସି ପାଆନ୍ତୁ।
PERSONAL LOAN
HOUSING LOAN
1 ଲକ୍ଷ୍ୟ ରୁ 50 ଲକ୍ଷ୍ୟ ପର୍ଯ୍ୟନ୍ତ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ ଙ୍କୁ ବିଶେଷ ରିହାତି
2th floor, Krishna Reddy, Mumbai, Maharastra
9457958917
9458678925

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତା ବୀଣାପାଣି ପତି
ସ୍ୱାମୀ- ନଗେନ୍ଦ୍ରନାଥ ପତି
ସମେଇଗଡ଼ିଆ
ଆବିର୍ଭାବ-୧୫।୦୬।୧୯୫୮
ତିରୋଧାନ- ୧୯।୦୮।୨୦୨୦
ଆପଣଙ୍କ ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
-ଶୋକସନ୍ତପ୍ତ-
ବନ୍ଧୁ ଓ ପରିବାରବର୍ଗ।
ଧ-୨୧୫୬୭

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ଶ୍ରୀ ଲକ୍ଷ୍ମୀକୁମାର ଡାକୁଆ
ଖଣ୍ଡଗିରି ବିହାର, ଭୁବନେଶ୍ୱର
ଆବିର୍ଭାବ: ୧୯।୦୬।୧୯୬୦
ତିରୋଧାନ:୨୮।୦୮।୨୦୨୧
ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛୁ। ଡାଡି ତୁମର ଅପତ୍ୟ ସ୍ନେହ ଓ ଶ୍ରଦ୍ଧା ଆମ ପାଇଁ ଅଭୁଲା ସ୍ମୃତି।
ଶ୍ରଦ୍ଧାଞ୍ଜଳି ସହ/ଶୋକସନ୍ତପ୍ତ
ଲିକୁନ୍, ଅଦିତ୍, ଲିଜା, ସୋନୁ, ଅମିତ୍, ମାମୁନି, ପପୁଲ, ଛୋଟୁ, ଲିପା, ବବୁଲ, ଲିନା, ରୋଜି, ସୋନା, ସିମୁନ୍, ଦିଶା
ଧ-୨୧୫୪୬

# ଦାଗ ଦୂରକରିବେ ଏମିତି

**ପୋଷାକପତ୍ରରେ ଲାଗିଯାଉଥିବା ଦାଗ ଦୂରକରିବା ପାଇଁ ବିଭିନ୍ନ ପ୍ରକାର ଘରୋଇ ଉପାୟ ସମ୍ପର୍କରେ ଜାଣିରଖନ୍ତୁ....**

- କପଡ଼ାରେ ପେଣ୍ଟିଂର ବିଭିନ୍ନ ଦାଗ ଲାଗିଲେ ସେହି ସ୍ଥାନରେ କିଛି କିରୋସିନ ଲଗାଇ ଦିଅନ୍ତୁ। ଏହାପରେ ସେହି ସ୍ଥାନକୁ ଭଲଭାବେ ଘଷି ଗରମପାଣିରେ ସଫା କରିଦିଅନ୍ତୁ।
- କଲମର ସ୍ୟାହି ଦାଗ କପଡ଼ାରେ ଲାଗିଥିଲେ ଦାଗ ଲାଗିଥିବା ସ୍ଥାନରେ ଡେଟଲ ପକାଇ ଘଷନ୍ତୁ। ଏହାପରେ ସଫା କରିଦିଅନ୍ତୁ। ଧଳା କପଡ଼ାରେ ସ୍ୟାହିର ଦାଗ ଲାଗିଥିଲେ ସେହି ସ୍ଥାନରେ ଟମାଟୋ ଓ ଲୁଣ ଲଗାଇ ଘଷନ୍ତୁ। ଦାଗ ଲାଗିଥିବା ସ୍ଥାନରେ ଲେମ୍ବୁରସ ଲଗାଇ କିଛି ସମୟ ଛାଡ଼ି ଦିଅନ୍ତୁ। ଏହାପରେ ସେହି ସ୍ଥାନକୁ ଘଷି ସଫାକରି ଦିଅନ୍ତୁ।
- ଚକୋଲେଟ ଦାଗ ଛଡ଼ାଇବା ବହୁ କଷ୍ଟ। ତେଣୁ ଏହି ଦାଗ ଲାଗିବା ମାତ୍ରେ ସେହି ସ୍ଥାନରେ ତୁରନ୍ତ ଟାଲକମ୍ ପାଉଡର ଲଗାଇ ସୁଖାଇ ଦିଅନ୍ତୁ। ଏହାପରେ ହାଲ୍କା ଗରମ ପାଣିରେ ସଫା କରିଦିଅନ୍ତୁ।



- ଆଇସ୍‌କ୍ରିମ୍ ଦାଗ ଲାଗିଥିଲେ ଆମୋନିଆ ବ୍ୟବହାର କରନ୍ତୁ। ଦାଗ ଲାଗିଥିବା ସ୍ଥାନରେ ଆମୋନିଆ ଘୋଳ ଢାଳି ଦିଅନ୍ତୁ। ଏହାପରେ ହାତରେ ତାକୁ ଘଷି ସଫାକରି ଦିଅନ୍ତୁ। ସେହିପରି ଫଳ ଜୁସ୍‌ର ଦାଗକୁ ମଧ୍ୟ ଆମୋନିଆ ଦ୍ୱାରା ଛଡ଼ାଇହେବ।
- ଲୁଗାରେ ପାନ କି ଗୁଟ୍‌ଖା ଦାଗ ଲାଗିଥିଲେ ସେହି ସ୍ଥାନକୁ ଖଟାଦହିରେ ବୁଡ଼ାଇ ରଖନ୍ତୁ। କିଛି ସମୟ ପରେ ଲୁଗାକୁ ଘଷି ସଫା କରିଦିଅନ୍ତୁ। ଯଦି ଦାଗ ଭଲଭାବରେ ଛାଡ଼ି ନ ଥାଏ ତେବେ ପୁଣି ଥରେ ସେହିପରି ଖଟାଦହିରେ ବୁଡ଼ାଇ ସଫାକରନ୍ତୁ।
- କପଡ଼ାରେ ଚା' କିମ୍ବା ଅନ୍ୟ କିଛି ଦାଗ ଲାଗିଥିଲେ ସେଥିରେ କିଛି ସମୟ ଗ୍ଲିସେରିନ୍ ଲଗାଇ ଛାଡ଼ି ଦିଅନ୍ତୁ। ପରେ ସାବୁନରେ ସଫା କରିଦିଅନ୍ତୁ। ସେହିପରି ଭିନେଗାର ପାଣିରେ ଦାଗଥିବା କପଡ଼ାକୁ କିଛି ସମୟ ଭିଜାଇ ସଫାକଲେ ଦାଗ ଛାଡ଼ିଯାଏ।

# ମଧୁର ସମ୍ପର୍କ ଅନ୍ତରାଳେ..

**ମିଛ, ସବୁ କଥାରେ ଯେମିତି ସ୍ୱଷ୍ଟ ବାରିହୁଏ ମିଛକୁ। ହେଲେ ଇଏ ଏମିତି ଏକ ମିଛ ଯାହା ସମ୍ପର୍କକୁ ନିବିଡ଼ କରିଥାଏ, ଆଉ ସମସ୍ତଙ୍କୁ ଏକାଠି କରି ରଖିଥାଏ ତା' ମୋହର ଶିକୁଳିରେ। ମିଠା ଏଇ ମିଛ, ଶିଖାଇଥାଏ ତ୍ୟାଗ ଓ ଭଲପାଇବା। କାହାକୁ କେତେବେଳେ କେମିତି ମିଛ କହି ନିଜର କରିହେବ ସେଇ କଳାରେ ନିପୁଣ ହୋଇ ଗୃହିଣୀମାନେ ବେଶ୍ ସହଜରେ ଚଳାଇଥାନ୍ତି ସଂସାର ରଥ...**









କେତେବେଳେ ଜୀବନ ସାଥୀଙ୍କ ପାଖରେ ତ କେବେ ପରିବାରର ଅନ୍ୟ ଗୁରୁଜନଙ୍କ ପାଖରେ କିଛି ଛୋଟ ଛୋଟ କଥା ଲୁଚାଇବାକୁ ହୁଏ। ଏଥିପାଇଁ ବେଳେବେଳେ ମିଛ ବି କହିବାକୁ ହୁଏ। କିନ୍ତୁ ଏମିତି ମିଛ କାହାର କ୍ଷତି କରି ନ ଥାଏ, ବରଂ କାହାକୁ ଗଢ଼ିବାର ସୁଯୋଗ ଦିଏ ତ କେହି ଭଲପାଇବାର ମୋହରେ ବାନ୍ଧିହୋଇ ଆପେ ଆପେ ନିଜ ଭୁଲ୍ ସୁଧାରି ଦିଅନ୍ତି। ସେଥିପାଇଁ ତ ସମସ୍ତଙ୍କୁ ଗୋଟିଏ ସୂତାରେ ବାନ୍ଧି ରଖିବା ପାଇଁ ଏମିତି ଅନେକ ମିଛ କହିଥାନ୍ତି ଗୃହିଣୀମାନେ।

**କଷ୍ଟ ସହିବା ପାଇଁ :** ଗୃହିଣୀମାନେ ଅନେକ ସମୟରେ ନିଜ ସ୍ୱାସ୍ଥ୍ୟକୁ ନେଇ ମିଛ କଥା କହିଥାନ୍ତି। ଦେହ ଖରାପ ଥିଲେ ବି ଅନ୍ୟମାନଙ୍କ ଆଗରେ ଟିକିଏ ମିଛ କହି ନିଜେ ସବୁ କଷ୍ଟ ସହିଯାନ୍ତି। ସେମିତି ଗୁରୁତର ନ ହେଲେ ସେମାନେ ସ୍ୱାମୀଙ୍କୁ ଖର୍ଚ୍ଚାନ୍ତ କରିବାକୁ ଚାହାନ୍ତି ନାହିଁ କିମ୍ବା ଘରର ଅନ୍ୟମାନଙ୍କୁ କଷ୍ଟ କରିବାକୁ ଦିଅନ୍ତି ନାହିଁ। ନିଜ ସ୍ୱାସ୍ଥ୍ୟକୁ ନେଇ ଛୋଟିଆ ମିଛ କହିଲେ ବି ସେମାନେ ପରିବାରର ସମସ୍ତଙ୍କୁ ନିଜର କରିଥାନ୍ତି।

**ସୁରକ୍ଷା ଦେବାକୁ:** ବେଳେବେଳେ ପରିବାରରେ ପିଲାମାନେ କିଛି ଭୁଲ୍ କରିଦେଲେ ତାଙ୍କୁ ବଡ଼ମାନଙ୍କ କ୍ରୋଧରୁ ସୁରକ୍ଷା ଦେବାକୁ ଯାଇ ଗୃହିଣୀମାନେ ମିଛ କହିଥାନ୍ତି। ଏମିତି ଅନେକ ଥର ସ୍ୱାମୀ, ଶାଶୁ, ନଣନ୍ଦ କାହାକୁ ନା କାହାକୁ ନେଇ ସେମାନେ ବେଳେବେଳେ ମିଛ କହନ୍ତି। ଏମିତିଭାବେ ସେମାନେ ନିଜର ଭୁଲ୍ ସୁଧାରିନେବାର ସୁଯୋଗ ପାଆନ୍ତି। ତେଣୁ ପରସ୍ପର ମଧ୍ୟରେ ଭଲପାଇବା ବଢ଼ିଥାଏ। ପରିବାରରେ ସମସ୍ତଙ୍କ ସହ ମିଶି ହସଖୁସିରେ ଚଳିବା ପାଇଁ ଅନେକ କିଛି ତ୍ୟାଗ କରିବାକୁ ପଡ଼େ। ଜଣଙ୍କ ମନରେ ଅନ୍ୟ ଜଣକ ପ୍ରତି ଭଲପାଇବା ସୃଷ୍ଟି କରିବା ପାଇଁ ପଦିଏ ମିଛ କହିଲେ ଆଦୌ ଭୁଲ୍ ହେବ ନାହିଁ।

**ସଫଳତା ମିଳେ:** ବେଳେବେଳେ ପିଲାମାନଙ୍କୁ ମିଛ ପ୍ରଶଂସା କରିବାକୁ ପଡ଼େ। ଫଳରେ ସେମାନେ ଉତ୍ସାହିତ ହୋଇ ଅଧିକ କାମ କରିବା ପାଇଁ ସାହସ ପାଇଥାନ୍ତି। ତା'ଛଡ଼ା ମନ ସବୁବେଳେ ଖୁସି ରହିଥାଏ। ଘରର ବଡ଼ମାନଙ୍କୁ ବି କେବେ କେବେ ଭଲ କମ୍ପ୍ଲିମେଣ୍ଟ ଦେଲେ ସେମାନେ ଖୁସି ହୋଇଥାନ୍ତି ଆଉ ପରିବାରରେ ସମସ୍ତେ ଖୁସିରେ ରହିଥାନ୍ତି।

**ଶାରୀରିକ ମାନସିକ ଉନ୍ନତି:** ନିଜର ଲୋକଙ୍କ ଭଲ ପାଇଁ ସେମାନଙ୍କ ସ୍ୱାସ୍ଥ୍ୟକୁ ନେଇ ବେଳେବେଳେ ମିଛ ଟିପ୍ପଣୀ ଦେବାକୁ ହୁଏ। ଯେମିତି କି ତୁମେ ଅଧିକ ମିଠା ଖାଉଛ, ଓଜନ ବହୁତ ବଢ଼ିଗଲାଣି, ଆଉ ଜମାରୁ ପଢ଼ାପଢ଼ି କରୁନ ଆଦି ଅନେକ ମିଛ ବି ଆପଣାର ଲାଗେ। କାହିଁକିନା ଏଭଳି ମିଛ ଅନ୍ୟର ଶାରୀରିକ ତଥା ମାନସିକ ଉନ୍ନତିରେ ସହାୟକ ହୋଇଥାଏ।

**ଖର୍ଚ୍ଚ କମ୍ କରିବା:** ଘରେ ଖର୍ଚ୍ଚ କମ୍ କରି ସଞ୍ଚୟ କରିବା ପାଇଁ ଗୃହିଣୀମାନେ ଅର୍ଥ କାରବାର ସମୟରେ ଅନେକ ମିଛ କହିଥାନ୍ତି। ମିଛ କହି ସେମାନେ ସ୍ୱାମୀଙ୍କଠାରୁ ଅନେକ ଅର୍ଥ ଆଣି ସଞ୍ଚୟ କରିଥାନ୍ତି, ଯାହା ଭବିଷ୍ୟତରେ ପରିବାର ପାଇଁ କାମରେ ଲାଗିଥାଏ।

**ଝଗଡ଼ା ବନ୍ଦ କରିବା:** ପରିବାରରେ ବେଳେବେଳେ ପରସ୍ପର ମଧ୍ୟରେ ଥିବା ସନ୍ଦେହ ଦୂରକରିବା ପାଇଁ ଛୋଟିଆ ମିଛଟିଏ ବେଶ୍ ଫଳପ୍ରଦ ହୋଇଥାଏ। ଛୋଟ ମିଛ ପଦିଏ ବେଳେବେଳେ ଘରେ ଲାଗିଥିବା ଝଗଡ଼ାର ବି ସମାଧାନ କରିଦିଏ। ତେଣୁ ଏ କ୍ଷେତ୍ରରେ କୁହାଯାଉଥିବା ମିଛ ଆଦୌ ଭୁଲ୍ ନୁହେଁ। ବରଂ ଇଏ ମିଠା ମିଛ ହୋଇ ପରିବାରରେ ହସଖୁସି ବାଣ୍ଟିଥାଏ।

## ଏମାନେ କ'ଣ କରନ୍ତି



**ଖାଇବା କଥାରେ ମିଛ କହେ**
ଖାଇବା କଥାକୁ ନେଇ ମୁଁ ସବୁବେଳେ ମିଛ କହେ। ସବୁ କାମ କରି ମତେ ଅଫିସ୍ ଯିବାକୁ ପଡୁଥିବାରୁ ମୁଁ ଅଧିକାଂଶ ସମୟ ନ ଖାଇ ଚାଲିଯାଏ। କିନ୍ତୁ ଘରେ ସମସ୍ତଙ୍କୁ ଖାଇଛି ବୋଲି ମିଛ କହିଦିଏ, ନଚେତ୍ ସେମାନେ ମନଦୁଃଖ କରିବେ। କିନ୍ତୁ ଅଫିସ ଆସିବା ପରେ ମୁଁ ଆଣିଥିବା ଟିଫିନ୍ ଖାଏ ନ ହେଲେ ବାହାରୁ କିଣି ଖାଇଦିଏ।

*– ସସ୍ମିତା ନାୟକ, କର୍ମଜୀବୀ, ଭେନସ୍ ଆପାର୍ଟମେଣ୍ଟ, ମେହରୋଲି, ନୂଆଦିଲ୍ଲୀ*



**ଏସବୁ ମିଛ ନୁହେଁ**
ଘରେ ସମସ୍ତଙ୍କୁ ବହୁ ପ୍ରକାର ଛୋଟ ଛୋଟ ମିଛ କହିବାକୁ ପଡ଼େ। ଦେହ ଭଲ ଅଛି କହି ମୁଁ ବହୁତ କାମ କରିଦିଏ। ଆଉ ଘର ପାଇଁ ବିଭିନ୍ନ ଜିନିଷ କିଣିବାର ଅଛି କହି ମୁଁ ସବୁବେଳେ ମୋ ପାଖରେ ଟଙ୍କା ଆଣି ରଖିଥାଏ। ଅବଶ୍ୟ ଦରକାର ସମୟରେ ସେ ଟଙ୍କା ମୁଁ ଦେଇଦିଏ। ମୋ ମତରେ ଏସବୁ ମିଛକୁ ମିଛ କୁହାଯିବନି।

*–ତୃପ୍ତା ଦେବଗୋସ୍ୱାମୀ, ଗୃହିଣୀ କାଲିଫର୍ଣ୍ଣିଆ, ଆମେରିକା*



# ସଫା ରହିବ ଫ୍ରିଜ୍

**ଫ୍ରିଜ୍‌କୁ ସଫା କରିବା ପୂର୍ବରୁ ପ୍ରଥମେ ଡିଫ୍ରଷ୍ଟ କରି ଦିଅନ୍ତୁ। ଏହାପରେ ସୁଇଚ୍ ବନ୍ଦ କରି ପ୍ଲଗ୍ ବାହାର କରିଦିଅନ୍ତୁ...**

- ଫ୍ରିଜ୍‌ରେ ରହିଥିବା ସମସ୍ତ ସାମଗ୍ରୀକୁ ପ୍ରଥମେ ବାହାର କରି ଦିଅନ୍ତୁ। ତା' ପରେ ଉଷୁମ ପାଣିରେ ଡିଟରଜେଣ୍ଟ ମିଶାଇ ସେଥିରେ କପଡ଼ା ବୁଡ଼ାଇ ଫ୍ରିଜ୍ ସଫା କରନ୍ତୁ।
- ଅଧାକପ୍ ଭିନେଗାରରେ ଅଳ୍ପ ବେକିଂ ସୋଡ଼ା ମିଶାଇ ସଫା କରିବା ନିମନ୍ତେ ଘରୋଇ କ୍ଲିନର ତିଆରି କରିପାରିବେ।
- ଫ୍ରିଜ୍‌ରେ କୌଣସି ଦାଗ ଯଦି ଛାଡୁ ନ ଥାଏ ତେବେ ଏସିଡ୍ ଲଗାଇ ସଫା କରିପାରିବେ। ଏସିଡ୍ ବୋତଲରେ ଟୁଥ୍‌ବ୍ରଶ୍ ବୁଡ଼ାଇ ସେଥିରେ ଫ୍ରିଜ୍ ସଫା କରନ୍ତୁ। ହାତରେ ସଫାକଲେ ଏସିଡ୍ ପ୍ରଭାବରେ ତ୍ୱଚା ଖରାପ ହୋଇପାରେ।
- ଫ୍ରିଜ୍ ପୋଛି ସାରିବା ପରେ ଏକ ଶୁଖିଲା କପଡ଼ାରେ ଭଲଭାବେ ପୋଛି ଆଣନ୍ତୁ। ଆଉ ମଏଶ୍ଚର ରହିବ ନାହିଁ।



## ସୌନ୍ଦର୍ଯ୍ୟ

# ଘନ କଳା କେଶ ପାଇଁ...





**କେଶକୁ ଘନ ଏବଂ କଳା କରିବାକୁ ଚାହୁଁଥିଲେ ପ୍ରାକୃତିକ ଉପାୟ ଅବଲମ୍ବନ କରିବା ଭଲ। ଘରେ ମିଳୁଥିବା ବିଭିନ୍ନ ପରିବା ଓ ଫଳ ଦ୍ୱାରା ବି କେଶକୁ ସୁନ୍ଦର କରିହେବ...**



### ଆଳୁରସ
ଆଳୁରସକୁ କେଶ ମୂଳରେ ଲଗାଇ ଅଧଘଣ୍ଟା ପରେ ଧୋଇ ଦେଲେ କେଶକୁ ବହୁ ଫାଇଦା ମିଳିଥାଏ। ଆଳୁରସରେ ଆଇରନ୍, ଭିଟାମିନ୍-ସି, ଜିଙ୍କ୍, ବିଟା କେରୋଟିନ୍ ଏବଂ ଫସ୍‌ଫରସ୍ ରହିଛି। ତେଣୁ ଏହା କେଶକୁ ପୋଷଣ ଦେଇଥାଏ ଏବଂ କେଶ ମୂଳର ପି-ଏଚ୍ ଲେଭଲ ସନ୍ତୁଳିତ ରଖି ରୁପି ତଥା ଚର୍ମ ସମସ୍ୟାରୁ ମୁକ୍ତି ଦେଇଥାଏ।

### ଅଁଳା ଜୁସ୍
ଆପଣ ଯଦି ନିୟମିତ ଅଁଳା ଜୁସ୍ ପିଉଛନ୍ତି ତା'ହେଲେ କେଶ ପାଇଁ ତାହା ଔଷଧ ଭଳି କାମ ଦେଇଥାଏ। ଅଁଳାରେ ଭିଟାମିନ୍-ସି ପ୍ରଚୁର ପରିମାଣରେ ରହିଥାଏ ଏବଂ ଏହା ନାଚୁରାଲ ଆଣ୍ଟି ଅକ୍ସିଡାଣ୍ଟ ଭଳି କାମ କରିଥାଏ। ତେଣୁ କେଶ ପ୍ରାକୃତିକଭାବେ କଳା ହେବା ସହିତ ଝଡ଼ିବା ବି କମିଯାଇଥାଏ।

### ଗାଜର ଜୁସ୍
କେଶ ବୃଦ୍ଧିରେ ବେଶ୍ ସହାୟକ ହୋଇଥାଏ ଗାଜର। ଏଥିରେ ଏକ ପ୍ରକାର ଆଣ୍ଟି ଅକ୍ସିଡାଣ୍ଟ ରହିଛି ଯାହା କେଶ ମୂଳକୁ ମଜଭୁତ କରିଥାଏ। ଏଥିରେ ଥିବା ଭିଟାମିନ୍ କେଶକୁ କୋମଳ ଓ ମୁଲାୟମ ବି କିରଥାଏ।



## ଖାଦ୍ୟରୁଚି



# ସାଗୁ ଖେଚୁଡ଼ି

**ଆବଶ୍ୟକ ସାମଗ୍ରୀ**
ସାଗୁ-୧କପ୍, ଆଳୁ-୧ଟି (ବଡ଼), ବାଦାମ- ୧କପ୍, କଞ୍ଚାଲଙ୍କା-୨ଟି, ଘିଅ- ୨ ଚାମଚ, ଆବଶ୍ୟକ ଅନୁସାରେ ତେଲ ଏବଂ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ**
ସବପ୍ରଥମେ ସାଗୁକୁ କିଛି ଘଣ୍ଟା ପର୍ଯ୍ୟନ୍ତ ଭିଜାଇ ଦିଅନ୍ତୁ। ଭିଜିବା ପରେ ତାକୁ ପାଣିରୁ ଛାଣିଦିଅନ୍ତୁ। ତେବେ ସାଗୁକୁ ଏତେ ଅଧିକ ସମୟ ଭିଜାନ୍ତୁ ନାହିଁ, ଯାହାଫଳରେ ସାଗୁ ଅତ୍ୟଧିକ ନରମ ହୋଇ ମିଳେଇଯିବ। ଏହାପରେ ଆଳୁରୁ ଚୋପା ଛଡ଼ାଇ ତାକୁ ଛୋଟ ଛୋଟ ଖଣ୍ଡକରି କାଟିଦିଅନ୍ତୁ। ଏବେ ବାଦାମମଞ୍ଜିକୁ କଡ଼େଇରେ ଭାଜି ବାହାର କରିଦିଅନ୍ତୁ। ପୁଣି ଥରେ କଡ଼େଇକୁ ଚୁଲିରେ ବସାଇ ସେଥିରେ ଘିଅ ପକାଇ କଞ୍ଚାଲଙ୍କା ଓ ଆଳୁ ପକାଇ ଭାଜନ୍ତୁ। ଲୁଣ ପକାଇ ଆଳୁକୁ କିଛି ସମୟ ଘୋଡ଼ାଇ ଦିଅନ୍ତୁ। ଆଳୁ ସିଝିଗଲା ପରେ ସେଥିରେ ବାଦାମ ଭଜା ଓ ସାଗୁ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ସାଗୁ ଖେଚୁଡ଼ି। ଏଥିରେ ଧନିଆପତ୍ର ପକାଇ ପରଷି ଦିଅନ୍ତୁ।

# ଜାଣି ରଖନ୍ତୁ

**ଡେଙ୍ଗୁର ଶିକାର ହୋଇ କିଛି ଲୋକ ମୃତ୍ୟୁମୁଖରେ ବି ପଡ଼ିଥାନ୍ତି। ତେଣୁ ଠିକ୍ ସମୟରେ ଏହି ରୋଗର ଚିକିତ୍ସା କରିବା ଉଚିତ। ତେବେ ଘରୋଇ ଉପାୟରେ ମଧ୍ୟ ଏହି ରୋଗର ଚିକିତ୍ସା କରିହେବ....**



- ଡେଙ୍ଗୁ ହୋଇଥିଲେ ପଇଡ଼ପାଣି ପିଅନ୍ତୁ। ଏହା ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ।
- ତୁଳସୀପତ୍ରକୁ ସିଝାଇ ସେହି ପାଣି ପିଇଲେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବ।
- ମେଥିପତ୍ରକୁ ସିଝାଇ ସେହି ପାଣିକୁ ଉଷୁମ ଥିବାବେଳେ ପିଇଲେ ଡେଙ୍ଗୁ ପାଇଁ ଭଲ ହୋଇଥାଏ।
- ଅମୃତଭଣ୍ଡାର ପତ୍ରର ଜୁସ୍ ପିଇଲେ ଡେଙ୍ଗୁ ପାଇଁ ଭଲ।
- ଡାଳିମ୍ବ ଅଧିକ ଖାଆନ୍ତୁ, ଡେଙ୍ଗୁ ହୋଇଥିଲେ ଦୁର୍ବଳ ଅନୁଭବ କମିଯିବ।
- ଖାଦ୍ୟରେ ହଳଦୀ ଅଧିକ ବ୍ୟବହାର କରନ୍ତୁ।
- ଡେଙ୍ଗୁରୁ ରକ୍ଷା ପାଇବା ପାଇଁ ଗୁଳୁଚି ଜୁସ୍ ପିଅନ୍ତୁ। ଗୁଳୁଚି ଏବଂ ତୁଳସୀ ମିଶାଇ କାଢ଼ା କରି ପିଇଲେ ଡେଙ୍ଗୁରୁ ରକ୍ଷା ମିଳିଥାଏ।





ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୭/୨୦୨୧ Bhubaneswar, Tuesday, September 7/ 2021

# ଭାରତର ଐତିହାସିକ ବିଜୟ

**ଲଣ୍ଡନ,୬।୯**

ଇଂଲଣ୍ଡ ମାଟିରେ ଭାରତୀୟ କ୍ରିକେଟ ଦଳ ଇତିହାସ ସୃଷ୍ଟି କରିଛି। ୫୦ ବର୍ଷ ପରେ ଭାରତ ସ୍ଥାନୀୟ କେନିଂଟନ ଓଭାଲ ଗ୍ରାଉଣ୍ଡରେ ଟେଷ୍ଟ ମ୍ୟାଚ୍ ଜିତିବାର ଗୌରବ ଅର୍ଜନ କରିଛି। ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଭାରତ ସୋମବାର ୧୫୭ ରନରେ ବିଜୟ ହାସଲ କରିଛି। ଏଥିସହ ୫ ମ୍ୟାଚ୍‌ବିଶିଷ୍ଟ ଏହି ସିରିଜରେ ଭାରତ ୨-୧ରେ ଅଗ୍ରଣୀ ହାସଲ କରିଛି। ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମାଞ୍ଚେଷ୍ଟରରେ ଆସନ୍ତା ୧୦ ତାରିଖରୁ ଆରମ୍ଭ ହେବ। ଏହି ମ୍ୟାଚ ଜିତିବା ଫଳରେ ଭାରତ ଅତିକମ୍‌ରେ ଚଳିତ ସିରିଜରେ ଆଉ ପରାଜୟବରଣ ନ କରିବା ସ୍ପଷ୍ଟ ହୋଇଛି।

## ଚତୁର୍ଥ ଟେଷ୍ଟ

ଦ୍ୱିତୀୟ ଇନିଂସରେ ୧୨୭ ରନର ଶତକୀୟ ଇନିଂସ ଖେଳିଥିବା ଭାରତୀୟ ଓପନର ରୋହିତ ଶର୍ମା ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ପ୍ରଥମ ଇନିଂସରେ ୯୯ ରନ ପଛରେ ପଡିଥିବା ଭାରତ ଦ୍ୱିତୀୟ ଇନିଂସରେ ୧୪୮. ୨ ଓଭରରେ ୪୬୬ ରନକରି ଅଲଆଉଟ ହୋଇଥିଲା। ଫଳରେ ଇଂଲଣ୍ଡ ସମ୍ମୁଖରେ ୩୬୮ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଇଂଲଣ୍ଡ ସୋମବାର ପଞ୍ଚମ ତଥା ଅନ୍ତିମ ଦିବସର ଚା' ପାନ ବିରତି ପରେ ୯୨.୨ ଓଭରରେ ୨୧୦ ରନକରି ଅଲଆଉଟ ହେବା ସହ ଏକ ପ୍ରକାର ଆତ୍ମସମର୍ପଣ କରିଛି। ଇଂଲଣ୍ଡ ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ଭାରତୀୟ ବୋଲରଙ୍କ ସମ୍ମୁଖୀନ ହୋଇ ନ ପାରି ନିରାଶ କରିଥିଲେ। ଭାରତୀୟ ବୋଲରମାନେ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ।

### ଫେଲ୍ ମାରିଲା ମଧ୍ୟକ୍ରମ

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୭୭/୦ରୁ ଇଂଲଣ୍ଡ ଖେଳ ଆରମ୍ଭ କରିଥିଲା। ଦୁଇ ଓପନର ରୋରି ବର୍ନ୍ସ ଓ ହାସିମ ହମିଦ ଦମ୍‌ଦାର ପ୍ରଦର୍ଶନ କରି ଦଳକୁ ଭଲ ଆରମ୍ଭ ପ୍ରଦାନ କରିଥିଲେ। ୧୦୦ ରନରେ ଇଂଲଣ୍ଡ ପ୍ରଥମ ଉଇକେଟ ଭାବେ ବର୍ନ୍ସଙ୍କୁ ହରାଇଥିଲା। ଓଭରନାଇଟ ସ୍କୋର ୩୧ରୁ ଖେଳ ଆରମ୍ଭ କରି ସେ ୫୦ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଉଇକେଟକିପର ରିଷଭ ପନ୍ତଙ୍କୁ କ୍ୟାଚ୍ ଦେଇ ଶାର୍ଦ୍ଦୁଳ ଠାକୁରଙ୍କ ଶିକାର ହୋଇଥିଲେ। ପ୍ରଥମ ଉଇକେଟ ନେଇ ଠାକୁର ଭାରତକୁ ବ୍ରେକ୍ ଥ୍ରୁ ଦେଇଥିଲେ। ଅନ୍ୟତମ ଓପନର ହାସିବ ହମିଦ ରବିବାରର ଅପରାଜିତ ସ୍କୋର ୪୩ରୁ ଖେଳ ଆରମ୍ଭ କରି ୬୩ ରନକରିଥିବା ବେଳେ ସ୍ପିନର ରବୀନ୍ଦ୍ର ଜାଡେଜାଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ତାଙ୍କୁ ପୂର୍ବରୁ ଡାୱିଦ ମଲନ ୫ ରନ କରିଥିବା ବେଳେ ବଦଳ ଖେଳାଳି ମୟଙ୍କ ଅଗ୍ରୱାଲଙ୍କ ଥ୍ରୋରେ ପନ୍ତଙ୍କ ଦ୍ୱାରା ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ଏହାପରେ ଓଲି ପୋପ୍, ଜନି ବେୟାରଷ୍ଟୋ, ମୋଇନ ଅଲି ବେଶି ସମୟ ତିଷ୍ଠି ନ ପାରି ସଅଳ ପାଭିଲିୟନ ଫେରିଥିଲେ। ପୋପ୍ ୨ ରନ କରି ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ଜନି ବେୟାରଷ୍ଟୋ ଖାତା ଖୋଲିବା ପୂର୍ବରୁ ଯଶପ୍ରୀତ ବୁମ୍ରାଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ବିନା ସ୍କୋରରେ ଅଲରାଉଣ୍ଡର ମୋଇନ ଜାଡେଜାଙ୍କ ବଲ୍‌ରେ ଶର୍ଟଲେଗ୍‌ରେ ବଦଳ ଖେଳାଳି ସୂର୍ଯ୍ୟକୁମାର ଯାଦବଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହାପରେ ପାଳି ପଡିଥିବା ଇନ୍‌ଫର୍ମ ଅଧିନାୟକ ଜୋ ରୁଟଙ୍କର। ସେ ୩୬ ରନକରି ଠାକୁରଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଅଫଷ୍ଟମ୍ପ ବାହାର ବଲ ଖେଳିବାକୁ ଯାଇ ସେ ଦୁର୍ଭାଗ୍ୟଜନକ ଭାବେ ପ୍ଲେଡ୍‌ଅନ୍ ହୋଇଥିଲେ। ରୁଟ୍ ଆଉଟ ହେବା ପରେ ଭାରତର ବିଜୟ ନିଶ୍ଚିତ ହୋଇଥିଲା। ୧୮ରନ କରି କ୍ରିଜ୍‌ରେ ଜମିଆସୁଥିବା ଅଲରାଉଣ୍ଡର କ୍ରିସ୍ ୱୋକ୍ସ କିନ୍ତୁ ଅଧିକ ସମୟ ରହିପାରି ନ ଥିଲେ। ସେ ଲୋକେଶ ରାହୁଲଙ୍କୁ କ୍ୟାଚ୍ ଦେଇ ଉମେଶ ଯାଦବଙ୍କ ଦ୍ୱାରା ଆଉଟ ହୋଇଥିଲେ। ମାତ୍ର ୫୨ରନ ମଧ୍ୟରେ ଇଂଲଣ୍ଡ ୬ ଉଇକେଟ ହରାଇଥିଲା। କ୍ରେଗ୍ ଓଭରଟନ ୧୦ ରନ କରିଥିବା ବେଳେ ଉମେଶ ଯାଦବଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଶେଷ ଉଇକେଟ ଭାବେ ଜେମ୍ସ ଆଣ୍ଡରସନ ୨ ରନ କରି ଉମେଶଙ୍କ ତୃତୀୟ ଶିକାର ହୋଇଥିଲେ। ବୋଲିଂରେ ଭାରତ ତରଫରୁ ଉମେଶ ୩, ବୁମ୍ରା, ଜାଡେଜା ଓ ଠାକୁର ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ- ୬୧.୩ ଓଭରରେ ୧୯୧। ଇଂଲଣ୍ଡ ପ୍ରଥମ ଇନିଂସ- ୮୪ ଓଭରରେ ୨୯୦। ଭାରତ ଦ୍ୱିତୀୟ ଇନିଂସ- ୧୪୮.୨ ଓଭରରେ ୪୬୬ । ଇଂଲଣ୍ଡ ଦ୍ୱିତୀୟ ଇନିଂସ-୯୨.୨ ଓଭରରେ ୨୧୦ ଅଲଆଉଟ (ହମିଦ- ୬୩, ବର୍ନ୍ସ- ୫୦, ରୁଟ୍- ୩୬, ୱୋକ୍ସ-୧୮, ଓଭରଟନ- ୧୦, ରବିନସନ- ୧୦, ଉମେଶ- ୩/୬୦, ଠାକୁର- ୨/୨୨, ଜାଡେଜା- ୨/୫୦, ବୁମ୍ରା- ୨/୨୭)।



ଇଂଲଣ୍ଡର କ୍ରିସ୍ ୱୋକ୍ସଙ୍କ ଉଇକେଟ ପତନ ପରେ ଖୁସି ମୁହୂର୍ତ୍ତରେ ଭାରତୀୟ ଖେଳାଳିମାନେ।

## ବୁମ୍‌ରାଙ୍କ ରେକର୍ଡ




ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟ ମ୍ୟାଚ୍‌ର ଅନ୍ତିମ ଦିବସରେ ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଏକ ବିରଳ ସଫଳତା ହାସଲ କରିଛନ୍ତି। ଭାରତର ଦ୍ରୁତତମ ପେସର ଭାବେ ସେ ୧୦୦ ଉଇକେଟ ହାସଲ କରିଛନ୍ତି। ସେ ୨୪ଟି ଟେଷ୍ଟ ଖେଳି ୧୦୦ ଉଇକେଟ ଅକ୍ତିଆର କରିଛନ୍ତି। ଏହି କ୍ରମରେ ସେ କିମ୍ବଦନ୍ତୀ ଦ୍ରୁତ ବୋଲର କପିଳ ଦେବଙ୍କୁ ପଛରେ ପକାଇଛନ୍ତି। କପିଳ ୨୫ ଟେଷ୍ଟ ଖେଳି ୧୦୦ ଉଇକେଟ ହାସଲ କରିଥିଲେ। ବୁମରା ତାଙ୍କଠାରୁ ଗୋଟିଏ ଟେଷ୍ଟ କମ୍ ଖେଳି ଏହି ସଫଳତା ପାଇଛନ୍ତି। ସେହିପରି ଇର୍ଫାନ ପଠାନ ୨୮, ମହମ୍ମଦ ସାମି ୨୯, ଜଭାଗାଲ ଶ୍ରୀନାଥ ୩୦ଟି ଟେଷ୍ଟ ଖେଳି ୧୦୦ ଉଇକେଟ ହାସଲ କରିଥିଲେ। ଓଲି ପୋପଙ୍କୁ ଆଉଟ କରିବା ପରେ ବୁମ୍‌ରା ଏହି ରେକର୍ଡ ସୃଷ୍ଟି କରିଥିଲେ। ପୋପଙ୍କୁ ଆଉଟ କରିବାର ପର ଓଭରରେ ସେ ଜନି ବେୟାରଷ୍ଟୋଙ୍କୁ ଖାତା ଖୋଲିବା ପୂର୍ବରୁ ଆଉଟ କରିଥିଲେ। ଦୁଇଜଣଙ୍କୁ ବୁମ୍‌ରା କ୍ଲିନ ବୋଲ୍ଡ କରିଥିଲେ। ପ୍ରଥମ ଇନିଂସରେ ବୁମ୍‌ରା ୨ ଉଇକେଟ ଅକ୍ତିଆର କରିଥିଲେ।

**୧୦୦ ଉଇକେଟ ହାସଲରେ ଦ୍ରୁତତମ**

| ମ୍ୟାଚ୍ | ବୋଲର |
|---|---|
| ୨୪ | ଯଶପ୍ରୀତ ବୁମ୍‌ରା |
| ୨୫ | କପିଳ ଦେବ |
| ୨୮ | ଇର୍ଫାନ ପଠାନ |
| ୨୯ | ମହମ୍ମଦ ସାମି |
| ୩୦ | ଜଭାଗାଲ ଶ୍ରୀନାଥ |
| ୩୩ | ଈଶାନ୍ତ ଶର୍ମା |

## ଟପ୍ ଡିଭିଜନ ପୁଲ୍ ବି'ରେ ଭାରତ

**ଚେନ୍ନାଇ, ୬।୯ (ପି.ଟି.):** ଚଳିତମାସ ୮ତାରିଖରୁ ଅନ୍‌ଲାଇନ୍ ଫିଡେ ଚେସ୍ ଅଲିମ୍ପିଆଡ୍ ଦ୍ୱିତୀୟ ସଂସ୍କରଣ ଖେଳାଯିବ। ଏହାର ଟପ୍ ଡିଭିଜନ ପୁଲ୍ 'ବି'ରେ ଭାରତକୁ ସ୍ଥାନ ମିଳିଛି। ଗତବର୍ଷ ଭାରତ ଓ ରୁଷିଆ ଏହି ଟୁର୍ନାମେଣ୍ଟର ଯୁଗ୍ମବିଜେତା ହୋଇଥିଲେ। ଚଳିତବର୍ଷ ଅନ୍‌ଲାଇନ୍ ଅଲିମ୍ପିଆଡ୍ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ପୂର୍ବତନ ବିଶ୍ୱ ଚାମ୍ପିୟନ ବିଶ୍ୱନାଥନ ଆନନ୍ଦ, ଭିଦିତ ସନ୍ତୋଷ ଗୁଜରାଠୀ, ପି. ହରିକ୍ରିଷ୍ଣା, ନିହାଲ ସରିନ୍, ଆର୍. ପ୍ରଗାନନ୍ଧା, କୋନେରୁ ହମ୍ପି, ତାନିଆ ସଚଦେବ, ଭକ୍ତି କୁଲକର୍ନୀ, ଆର୍. ବୈଶାଳୀ ଓ ବି. ସବିତା ଶ୍ରୀ। ଭାରତୀୟ ଦଳ ସମସ୍ତ ମ୍ୟାଚ ସ୍ଥାନୀୟ ଏକ ପଞ୍ଚତାରକା ହୋଟେଲରେ ରହି ଖେଳିବ।

## ପାକିସ୍ତାନ ମୁଖ୍ୟ କୋଚ୍ ମିସବା, ବୋଲିଂ କୋଚ୍ ୱାକରଙ୍କ ଇସ୍ତଫା

**କରାଚି, ୬।୯:** ଟି୨୦ ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ ଗୋଟିଏ ମାସ ରହିଥିବା ବେଳେ ଆଶ୍ଚର୍ଯ୍ୟଜନକ ଭାବେ ମୁଖ୍ୟ କୋଚ୍ ମିସ୍‌ବା ଉଲ ହକି ଓ ବୋଲି କୋଚ୍ ୱାକାର ୟୁନିସ ପଦରୁ ଇସ୍ତଫା ଦେଇଛନ୍ତି। ଏ ନେଇ ସୋମବାର ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ତରଫରୁ କୁହାଯାଇଛି। ଏବେ ପୂର୍ବତନ କ୍ରିକେଟର ସାକଲିନ ମୁସ୍ତାକ ଓ ଅବଦୁଲ ରଜାକ ଅନ୍ତରୀଣ କୋଚ୍ ଭାବେ ମିସବା ଓ ୱାକାରଙ୍କ ସ୍ଥାନରେ କାର୍ଯ୍ୟକରିବେ।

ସେପ୍ଟେମ୍ବର ୧୩ ତାରିଖରେ ପୂର୍ବତନ ଟେଷ୍ଟ ଖେଳାଳି ରମିଜ ରାଜା ପିସିବିର ନୂଆ ଅଧ୍ୟକ୍ଷ ଭାବେ ନିଯୁକ୍ତି ହେବା ସ୍ପଷ୍ଟ ହେବା ପରେ ପାକିସ୍ତାନ କ୍ରିକେଟରେ ଏଭଳି ପରିବର୍ତ୍ତନ ଦେଖା ଦେଇଛି। ପାକିସ୍ତାନ ଦଳ ପାଇଁ ମିସ୍‌ବା ଓ ୱାକାର ଶ୍ରେଷ୍ଠ କୋଚ୍ ନୁହନ୍ତି ବୋଲି ଏକ ୟୁଟ୍ୟୁବ ଚ୍ୟାନେଲରେ ସାକ୍ଷାତ୍କାର ଦେବା ଅବସରରେ ରମିଜ କହିଥିଲେ। ଏହାପରେ ଦୁଇ କୋଚ୍ ଇସ୍ତଫା ଦେଇଛନ୍ତି ବୋଲି କୁହାଯାଉଛି।

ପୁଣି ସୋମବାର ଟି୨୦ ବିଶ୍ୱକପ୍ ଘୋଷିତ ହୋଇଥିବା ଦଳ ଚୟନରେ ମଧ୍ୟ ରମିଜଙ୍କ ପ୍ରଭାବ ଦେଖିବାକୁ ମିଳିଛି ବୋଲି କୁହାଯାଉଛି।






## ପ୍ଲେୟର ଅଫ୍ ଦି ମନ୍ଥ ଦୌଡ଼ରେ ବୁମ୍‌ରା

**ଦୁବାଇ,୬।୯:** ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ପ୍ଲେୟାର ଅଫ୍ ଦି ମନ୍ଥ ପୁରସ୍କାର ପାଇଁ ଭାରତୀ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରାଙ୍କ ନାମ ସୁପାରିଶସ କରାଯାଇଛି। ଅଗଷ୍ଟ ମାସ ପାଇଁ ଏହି ପୁରସ୍କାର ଦେବାକୁ ଆଇସିସି ନୋମିନେଟ କରିଛି। ଚଳିତ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ସେ ଉଭୟ ବ୍ୟାଟ୍ ଓ ବଲ୍‌ରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି।

ବୁମ୍‌ରାଙ୍କ ବାଦ୍ ଦେଲେ ପୁରୁଷ ବର୍ଗରେ ଏହି ପୁରସ୍କାର ପାଇଁ ନାମିତ ହୋଇଥିବା ଅନ୍ୟ ଖେଳାଳିମାନେ ହେଲେ ଇଂଲଣ୍ଡ ଟେଷ୍ଟ ଅଧିନାୟକ ଜୋ ରୁଟ ଓ ପାକିସ୍ତାନ ଦ୍ରୁତ ବୋଲର ଶାହିନ ଶାହା ଆଫ୍ରିଦି। ଅନ୍ୟପଟେ ମହିଳ ବର୍ଗରେ ଥାଇଲାଣ୍ଡର ନାତାୟା ବୁଚାଥାମ ଓ ଆୟର୍ଲାଣ୍ଡର ଗାବି ଲୁଇସ୍ ଓ ଏମିର ରିଚାର୍ଡସନଙ୍କ ନାମ ଏହି ପୁରସ୍କାର ପାଇଁ ନାମିତ କରାଯାଇଛି।

ଇଂଲଣ୍ଡ ବିପକ୍ଷ ଚଳିତ ଟେଷ୍ଟ ସିରିଜରେ ବୁମ୍‌ରା ଅସାଧାରଣ ବୋଲିଂ ପ୍ରଦର୍ଶନ କରିଛନ୍ତି। ସେ ପ୍ରଥମ ଟେଷ୍ଟରେ ୯ ଉଇକେଟ ହାସଲ କରିଥିଲେ। ଲର୍ଡ୍ସ ଟେଷ୍ଟରେ ସେ ମହମ୍ମଦ ସାମିଙ୍କ ସହ ନବମ ଉଇକେଟରେ ୮୯ ରନର ପାର୍ଟନରଶିପ୍ ସ୍ଥାପନ କରିଥିଲେ।

## ଶାସ୍ତ୍ରୀ, ଅରୁଣ ଓ ଶ୍ରୀଧର ପଜିଟିଭ

**ଲଣ୍ଡନ, ୬।୯ (ପି.ଟି.)**

ଆର୍‌ଟି-ପିସିଆର୍ ଟେଷ୍ଟ ପରେ ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ କରୋନା ସଂକ୍ରମିତ ହୋଇଥିବା ସ୍ପଷ୍ଟ ହୋଇଛି। ଏହାଛଡ଼ା ଦୁଇ ସପୋର୍ଟ ଷ୍ଟାଫ୍ ବୋଲିଂ କୋଚ୍ ଭରତ ଅରୁଣ ଓ ଫିଲ୍ଡିଂ କୋଚ୍ ଆର୍. ଶ୍ରୀଧରଙ୍କ ଫଳାଫଳ ମଧ୍ୟ ପଜିଟିଭ ଆସିଛି। ଫଳରେ ଚଳିତ ସପ୍ତାହରେ ଖେଳାଯିବାକୁଥିବା ଇଂଲଣ୍ଡ ବିପକ୍ଷ ୫ମ ତଥା ଫାଇନାଲ ଟେଷ୍ଟ ପାଇଁ ଏହି ୩ ଜଣ ଭାରତୀୟ ଦଳ ସହ ମାଞ୍ଚେଷ୍ଟର ଗସ୍ତ କରିପାରିବେ ନାହିଁ। ସୂଚନାଯୋଗ୍ୟ, ଗତ ରବିବାର ଓ ସୋମବାର ରାପିଡ୍ ଆଣ୍ଟିଜେନ୍ ଟେଷ୍ଟରେ ୫୯ ବର୍ଷୀୟ ଶାସ୍ତ୍ରୀଙ୍କର ପଜିଟିଭ ଆସିଥିଲା। ମାତ୍ର ଆର୍‌ଟି-

**ଆର୍‌ଟି-ପିସିଆର୍ ଟେଷ୍ଟ**

ପିସିଆର୍ ଟେଷ୍ଟରେ ସେ ସଂକ୍ରମିତ ଥିବା ସ୍ପଷ୍ଟ ହୋଇଛି। ସେ ଗଳାରେ କଷ୍ଟ ଅନୁଭବ କରୁଛନ୍ତି। ୩ ସପୋର୍ଟ ଷ୍ଟାଫ୍ ଭରତ ଅରୁଣ, ଆର. ଶ୍ରୀଧର ଓ ଫିଜିଓଥେରାପିଷ୍ଟ ନୀତିନ ପଟେଲ ତାଙ୍କ ସଂସ୍ପର୍ଶରେ ଆସିଥିବାରୁ ସମସ୍ତେ ଆଇସୋଲେଶନରେ ଅଛନ୍ତି। ଖବର ଅନୁସାରେ ଅରୁଣ ଓ ଶ୍ରୀଧରଙ୍କ ଆର୍‌ଟି-ପିସିଆର୍ ଟେଷ୍ଟ ପଜିଟିଭ ଆସିଥିବାରୁ ସେମାନେ ଶାସ୍ତ୍ରୀଙ୍କ ସହ ଅତି କମ୍‌ରେ ଆଉ ୧୦ ଦିନ ଆଇସୋଲେଶନରେ ରହିବେ। ୫ମ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ସେପ୍ଟେମ୍ବର ୧୦ରୁ ଆରମ୍ଭ ହେବ। ଆଇସାଲୋଶନ ପିରିୟଡ ଶେଷ ହେବାବେଳକୁ ଟେଷ୍ଟ ମ୍ୟାଚ ସରିଯାଇଥିବ। ପଟେଲ ମଧ୍ୟ ମାଞ୍ଚେଷ୍ଟର ଗସ୍ତରେ ଯିବେ ନାହିଁ ବୋଲି ପୂର୍ବରୁ ସ୍ଥିର ହୋଇସାରିଛି।

## ଉଇକେଟକିପର ବ୍ୟାଟ୍ସମ୍ୟାନ ସବିରଙ୍କୁ ୪ ବର୍ଷ ବାସନ୍ଦ

**ଦୁବାଇ, ୬।୯ (ପି.ଟି.):** ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଉଇକେଟକିପର ବ୍ୟାଟ୍ସମ୍ୟାନ ଗୁଲାମ ସବିରଙ୍କୁ ସମସ୍ତ ପ୍ରକାର କ୍ରିକେଟ କାର୍ଯ୍ୟକଳାପରୁ ୪ ବର୍ଷ ବାସନ୍ଦ କରାଯାଇଛି। ୨୦୧୯ରେ ନେପାଳ ଓ ଜିମ୍ବାୱେ ବିପକ୍ଷ ସିରିଜ ବେଳେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଦୁର୍ନୀତି ନିବାରଣ କୋଡ୍‌ର ୬ଟି ଧାରା ସେ ଉଲ୍ଲଂଘନ କରିଛନ୍ତି। ବାସନ୍ଦ ଦଣ୍ଡ ୨୦୨୫ ଅଗଷ୍ଟ ୨୦ରୁ ଲାଗୁ ହେବ। ସବିର ୟୁଏଇ ପକ୍ଷରୁ ୪୦ଟି ମ୍ୟାଚ ଖେଳିଛନ୍ତି। ନେପାଳ ଓ ଜିମ୍ବାୱେ ବିପକ୍ଷ ସିରିଜ ବେଳେ ମ୍ୟାଚ୍ ଫିକ୍ସିଂ କାର୍ଯ୍ୟକଳାପରେ ସମ୍ପୃକ୍ତ ହେବା ଲାଗି ତାଙ୍କର ଜଣେ ସାଥୀ ଖେଳାଳିଙ୍କୁ ପ୍ରଲୋଭିତ କରାଯାଇଥିଲା। ଏବିଷୟରେ ସେ କିନ୍ତୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରି ନ ଥିଲେ। ତେବେ ତଦନ୍ତ କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ କରିଥିଲେ।

## କ୍ୱାର୍ଟରଫାଇନାଲ ପ୍ରବେଶରେ ଅଲ୍‌କାରାଜ ସର୍ବକନିଷ୍ଠ

**ନ୍ୟୁୟର୍କ, ୬।୯**

ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ୍ ପ୍ରତିଯୋଗିତାରେ ପ୍ରଥମ ପଦାର୍ପଣରେ ସ୍ପାନିଶ ସ୍ୱଳ୍ପ ବୟସ୍କ ଖେଳାଳି କାର୍ଲୋସ ଅଲ୍‌କାରାଜ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ୧୮ବର୍ଷୀୟ ଅଲ୍‌କାରାଜ ଏକ ୫ ସେଟ୍ ବିଶିଷ୍ଟ ମ୍ୟାଚରେ ଜର୍ମାନୀର ପିଟର ଗୋଜୱିକ୍‌ଙ୍କୁ ୫-୭, ୬-୧, ୫-୭, ୬-୨, ୬-୦ ସେଟ୍‌ରେ ହରାଇ ଦେଇଛନ୍ତି। ଏକ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାରେ ସେ ପ୍ରଥମ ଥର କ୍ୱାର୍ଟରଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇପାରିଛନ୍ତି। ଓପନ୍ ଯୁଗରେ ୟୁଏସ୍ ଓପନ୍ କ୍ୱାର୍ଟରଫାଇନାଲରେ ପ୍ରବେଶ କରିବାରେ ସେ ସର୍ବକନିଷ୍ଠ ପୁରୁଷ ଖେଳାଳି ହେବାର ସୌଭାଗ୍ୟ ଲାଭ କରିଛନ୍ତି। ବିଶ୍ୱର ୫୫ ନମ୍ବର ର‍୍ୟାଙ୍କିଂପ୍ରାପ୍ତ ଖେଳାଳି ବର୍ତ୍ତମାନ କାନାଡାର ଫେଲିକ୍ସ ଅଗର ଅଲିଆସିମ୍‌ଙ୍କୁ ଭେଟିବେ। ପୁରୁଷ


କାର୍ଲୋସ ଅଲ୍‌କାରାଜ

ସିଙ୍ଗଲ୍ସର ଅନ୍ୟ ଏକ ମ୍ୟାଚରେ ଡଚ୍ କ୍ୱାଲିଫାୟର ବୋଟିକ୍ ଭାନ୍ ଡି' ଜ୍ୟାଣ୍ଡସ୍କଲ୍ସ ୧୧ତମ ସିଡ୍ ଆର୍ଜେଣ୍ଟିନାର ଡିଏଗୋ ସ୍ୱାର୍ଜମ୍ୟାନଙ୍କ ବିପକ୍ଷରେ ୬-୩, ୬-୪, ୫-୭, ୫-୭, ୬-୧ ସେଟ୍‌ରେ ଚମକପ୍ରଦ ବିଜୟ ହାସଲ କରିଛନ୍ତି। ଫଳରେ ସେ ତୃତୀୟ କ୍ୱାଲିଫାୟର ଖେଳାଳି ହିସାବରେ ୟୁଏସ୍ ଓପନ ପୁରୁଷ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ବର୍ତ୍ତମାନ ସେ ଏଠାରେ ୨୦୧୯ ରନର୍ସଅପ୍ ରୁଷିଆର ଡାନିଲ ମେଡ୍‌ଭେଡେଭଙ୍କୁ ଭେଟିବେ। ମେଡଭେଡେଭ ବ୍ରିଟିଶ ନମ୍ବରୱାନ ଖେଳାଳି ଡାନ୍ ଇଭାନ୍ସଙ୍କୁ ୬-୩, ୬-୪, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସରେ କାନାଡାର ଲେଲା ଫର୍ନାଣ୍ଡିଜ ଦୁଇଥର ପୂର୍ବତନ ୟୁଏସ୍ ଓପନ ଚାମ୍ପିୟନ ଆଞ୍ଜେଲିକ୍ କର୍ବରଙ୍କୁ ୪-୬, ୭-୬ (୫), ୬-୨ ସେଟ୍‌ରେ ପରାସ୍ତ କରି ତାଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଏହି ୧୯ବର୍ଷୀୟା ଖେଳାଳି ପୂର୍ବରୁ ଗତଥରର ଚାମ୍ପିୟନ ନାଓମି ଓସାକାଙ୍କୁ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିଥିଲେ।








3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ବାଇକ୍ ଧକ୍କାରେ ଜଣେ ମୃତ

ବାଣପୁର,୬।୯(ଡି.ଏନ୍.ଏ.): ବାଣପୁର କଲେଜ ଛକ ନିକଟରେ ବାଇକ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମଙ୍ଗରାଜପୁର ଗ୍ରାମର ପ୍ରଶାନ୍ତ କୁମାର ପଣ୍ଡା। ସୂଚନା ମୁତାବକ, ପ୍ରଶାନ୍ତ ରବିବାର ସନ୍ଧ୍ୟାରେ ସାର କିଣିବା ପାଇଁ ବଜାରକୁ ଆସିଥିଲେ। କଲେଜ ଛକ ନିକଟରେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଥିଲା। ସୋମବାର ପ୍ରଶାନ୍ତଙ୍କ ପରିବାରଲୋକଙ୍କ ଅଭିଯୋଗକ୍ରମେ ବାଣପୁର ପୋଲିସ ଏକ ମାମଲା (ନଂ.୩୧୨/୨୧)ରୁଜୁକରି ତଦନ୍ତ ଚଳାଇଛି।

### ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ

ନିମାପଡ଼ା,୬।୯(ଡି.ଏନ୍.ଏ.): ସ୍ୱେଚ୍ଛାସେବୀ ସଙ୍ଗଠନ ନୟା ସବେରା ନିମାପଡ଼ା ୟୁଥ କ୍ଲବ ପକ୍ଷରୁ ରବିବାର ବନ୍ଧୁ ମିଳନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଗଡ଼ଅଣ୍ଡିଆ ଗାଁ ଠାକୁରାଣୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲବ ସଭାପତି ବିଶ୍ୱରଞ୍ଜନ ତ୍ରିପାଠୀ, ସମ୍ପାଦକ ନିର୍ମଳ ପରିଜା, କୋଷାଧକ୍ଷ ପ୍ରଦୀପ୍ତ ସ୍ୱାଇଁ, ସମିତା ଭାଟିଆ, ମିନତୀ ବେହେରା, ସୌମ୍ୟରଞ୍ଜନ ଦାସ, ସନ୍ତୋଷ ମୁଦୁଲିଙ୍କ ସମେତ ବହୁ ସଦସ୍ୟ ଯୋଗଦେଇ କ୍ଲବର ଲକ୍ଷ୍ୟ ଓ ବିଭିନ୍ନ ଜନହିତକର କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ନିମାପଡ଼ାର ୧୫ଜଣ ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବର ମୁଖ୍ୟ ମାର୍ଗଦର୍ଶକ ଶିକ୍ଷକ ନିର୍ମଳ ମିଶ୍ର, ପରିବେଶବିତ୍ ଦିଲୀପ ପାତ୍ର ପ୍ରମୁଖ ଯୋଗଦେଇ ସେବା ହିଁ ଆମର ମୂଳମନ୍ତ୍ର ବୋଲି କହିଥିଲେ। ବିଭିନ୍ନ ଅଞ୍ଚଳରେ ଚାରାରୋପଣ କରି ସବୁଜ ନିମାପଡ଼ା ଗଠନ ପାଇଁ କ୍ଲବ ସଙ୍କଳ୍ପବଦ୍ଧ ବୋଲି ମିଶ୍ର କହିଛନ୍ତି।

### ଭାଜପା ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ବୈଠକ

ପୁରୀ ଅଫିସ, ୬।୯: ମାଳତୀ ପାଟପୁରସ୍ଥିତ ୱାଣ୍ଡର ୱାର୍ଲ୍ଡ ୱାର୍ଟର ପାର୍କରେ ରବିବାର ଭାଜପା ମହିଳା ମୋର୍ଚ୍ଚା ପୁରୀ ଜିଲା ଶାଖା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଜ୍ୟୋତି ମହାପାତ୍ର ସଭାପତିତ୍ୱ କରିଥିଲେ। ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ମୁଖ୍ୟ ଅତିଥି ଓ ବରିଷ୍ଠ ନେତ୍ରୀ ପ୍ରଭାତୀ ପରିଡା ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ତୃଣମୂଳ ସ୍ତରରୁ ଦଳକୁ ମଜଭୁତ୍ କରାଯିବା ସହ କେନ୍ଦ୍ର ସରକାରଙ୍କ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ପିପିଲି ଉପନିର୍ବାଚନରେ ଦଳର ରଣନୀତି ସମ୍ପର୍କରେ ଆଲୋଚନା ହୋଇଥିଲା।

# ତହସିଲ କାର୍ଯ୍ୟାଳୟ ଘେରିଲେ ଆଦିବାସୀ

ବାଣପୁର,୬।୯(ଡି.ଏନ୍.ଏ.)


ଶତାଧିକ ଆଦିବାସୀ ତହସିଲ ଅଫିସ୍ ଘେରାଉ କରିଛନ୍ତି।

ବାଣପୁର ବ୍ଲକର ଆଦିବାସୀ ଅଧ୍ୟୁଷିତ ଦାମିଆ ବରବରା ଓ ନୀଳାଦ୍ରି ପ୍ରସାଦ ପଞ୍ଚାୟତବାସୀ ଦୀର୍ଘଦିନ ହେବ ବନ ଅଧିକାର ଅଧିନିୟମ ଆଇନ ଅନୁଯାୟୀ ବ୍ୟକ୍ତିଗତ ଏବଂ ଗୋଷ୍ଠୀ ବନ ଅଧିକାର ଦାବିରେ ଆନ୍ଦୋଳନ ଚଳାଇଛନ୍ତି। ଜମି ପଟ୍ଟା ଅଭାବରୁ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହେଉଥିବା ଆଦିବାସୀମାନେ ଅଭିଯୋଗ କରିଛନ୍ତି। ସୋମବାର ଜଙ୍ଗଲ ଜମିପଟ୍ଟା ପାଇବା ପାଇଁ ୨୧ଟି ଗ୍ରାମର ଶତାଧିକ ମହିଳାଙ୍କ ସମେତ ଆଦିବାସୀମାନେ ତହସିଲ ଅଫିସ ଘେରାଉ କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି।

ଦୀର୍ଘ ଦିନ ହେବ ଏହି ଦୁଇ ପଞ୍ଚାୟତରେ ଆଦିବାସୀମାନେ ପୁରୁଷାନୁକ୍ରମେ ବାସ କରି ଆସୁଛନ୍ତି। ୨୦୦୬ ଜଙ୍ଗଲ ଅଧିକାର ଆଇନ ମୁତାବକ ଗ୍ରାମ ସଭା ଓ ଜଙ୍ଗଲ କମିଟି ମାଧ୍ୟମରେ ଜଙ୍ଗଲ ଜମିର ପଟ୍ଟା ପାଇଁ ଆବେଦନ କରି ଆସୁଛନ୍ତି। ତେବେ କେତେଜଣ ଆଦିବାସୀଙ୍କୁ ଛାଡିଦେଲେ ଅନ୍ୟ କାହାରିକୁ ପଟ୍ଟା ମିଳିନାହିଁ। ସୋମବାର ଜମିପଟ୍ଟା ଦାବିରେ ଏକତା ପରିଷଦ ଟ୍ରଷ୍ଟର ମୁଖ୍ୟ ପରିଚାଳିକା ସନ୍ଧ୍ୟା ଦେବୀଙ୍କ ନେତୃତ୍ୱରେ ନୀଳକଣ୍ଠ ଶବର, ପ୍ରଦୀପ ଶବର, ରୋହିତ ଶବର, ସଲମନ ଶବର, ହରମୋହନ ଯାନୀ, ମାଣିକ ଶବର, ସାବିତ୍ରୀ ଶବରଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ତହସିଲ କାର୍ଯ୍ୟାଳୟ ଘେରାଉ କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ୨୦୦୬ ଜଙ୍ଗଲ ଅଧିକାର ଆଇନ ମାଧ୍ୟମରେ ଜଙ୍ଗଲ ଜମିର ପଟ୍ଟା ପାଇବା ପାଇଁ ଦୁଇ ବର୍ଷ ମଧ୍ୟରେ

### ଜମିପଟ୍ଟା ପ୍ରଦାନ ଦାବି

୧୦୨୦ଜଣ ଆବେଦନ କରିଛନ୍ତି। ସେଥିରୁ ରାଜସ୍ୱ ଏବଂ ବନ ବିଭାଗ ପକ୍ଷରୁ ୯୬୯ଟି ଆବେଦନପତ୍ରର ତଦନ୍ତ ଓ ମାପ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଅତିରିକ୍ତ ତହସିଲଦାର ପ୍ରମୋଦ କୁମାର ପାଢୀ କହିଛନ୍ତି। କରୋନା ସଂକ୍ରମଣ ଯୋଗୁ ସାମୟିକ ଭାବେ ଏହା ସ୍ଥଗିତ ରହିଥିବା ବେଳେ ବର୍ତ୍ତମାନ ଏହାକୁ ତ୍ୱରାନ୍ୱିତ କରାଯାଇଛି। ପୂର୍ବରୁ ୫୪୦ ଆଦିବାସୀଙ୍କୁ ପଟ୍ଟା ପ୍ରଦାନ ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିବା ବେଳେ ସେଥିରୁ ଅଦ୍ୟାବଧି ୨୦୨ଜଣଙ୍କୁ ପଟ୍ଟା ପ୍ରଦାନ କରାଯାଇଛି। ରାଜସ୍ୱ ନିରୀକ୍ଷକଙ୍କ ସହାୟତାରେ ନିୟମିତ ଦୁଇଟି ପଞ୍ଚାୟତ ଗସ୍ତକରି ଆଦିବାସୀଙ୍କ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିବେ ବୋଲି ଅତିରିକ୍ତ ତହସିଲଦାର ପାଢୀ ପ୍ରତିଶ୍ରୁତି ଦେଇଛନ୍ତି।

# ସ୍ତ୍ରୀ ଉପରେ ଗରମପାଣି ଢାଳିଲେ ସ୍ୱାମୀ

ଗୋପ,୬।୯(ଡି.ଏନ୍.ଏ.)

### ନିଶା ଖାଇବାକୁ ବିରୋଧ କରୁଥିଲେ

ନିଶା ଖାଇବାକୁ ବିରୋଧ କରିବା ଯୋଗୁ ସୋମବାର ସନ୍ଧ୍ୟାରେ ଗୋପ ଥାନା ଅନ୍ତର୍ଗତ କୁଣ୍ଡିଷ ଗ୍ରାମରେ ଜଣେ ବ୍ୟକ୍ତି ରାଗିଯାଇ ସ୍ତ୍ରୀ ଉପରେ ଗରମପାଣି ଢାଳି ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ମାମଲା ରୁଜୁ କରି ସ୍ୱାମୀଙ୍କୁ ଅଟକ ରଖିଛି। ଅନ୍ୟପଟେ ମହିଳା ଜଣକ ଗୁରୁତର ହୋଇ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସୂଚନାଯୋଗ୍ୟ, ଦୀର୍ଘଦିନ ଧରି ସ୍ୱାମୀ ଜଣକ ନିଶାଗ୍ରସ୍ତ କରୁଥିବାରୁ ପରିବାରରେ ସବୁବେଳେ ଅଶାନ୍ତି ଲାଗିରହୁଥିଲା। ଘରେ ୧୦ବର୍ଷର ପୁଅ ଓ ସ୍ତ୍ରୀ ଥିବା ସତ୍ତ୍ୱେ ବାରମ୍ବାର ନିଶା ସେବନ କରି ସ୍ତ୍ରୀକୁ ମାରଧର କରୁଥିଲେ। ସ୍ତ୍ରୀ ଏ ନେଇ ବାରଣ କରୁଥିବାବେଳେ ସ୍ୱାମୀ କିଛିଦିନ ରହି ପୁଣି ନିଶା ସେବନ କରୁଥିଲେ। ସ୍ୱାମୀ ବାହାର ରାଜ୍ୟରେ ରହୁଥିବା ବେଳେ କିଛି ଦିନ ଧରି ଗାଁରେ ରହୁଛନ୍ତି। ସୋମବାର ସନ୍ଧ୍ୟାରେ ମହିଳା ଗ୍ୟାସରେ ରୋଷେଇ ଲାଗି ଗରମପାଣି ବସାଇଥିଲେ। ଏହି ସମୟରେ ସ୍ୱାମୀ ନିଶା ସେବନ କରି ଘରକୁ ଆସିବାରୁ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ସ୍ୱାମୀ ଉତ୍ତ୍ୟକ୍ତ ହୋଇ ଗ୍ୟାସ୍‌ରେ ବସିଥିବା ଗରମପାଣିକୁ ସ୍ତ୍ରୀ ଉପରେ ଢାଳି ଦେଇଥିଲେ। ପରେ ସ୍ୱାମୀ ଖସିଯିବାକୁ ଉଦ୍ୟମ କରିବା ବେଳେ ପାଟିଶୁଣି ଗ୍ରାମବାସୀ ଧରିଥିଲେ। ଖବରପାଇ ପୋଲିସ ପହଞ୍ଚି ସ୍ୱାମୀଙ୍କୁ ଥାନାକୁ ନେବା ସହ ଆହତ ମହିଳାଙ୍କୁ ଗୋପ ଡାକ୍ତରଙ୍କୁ ପଠାଇଥିଲେ।

# ଅଧିକାର ପାଇଁ କିନ୍ନର ସଂଘର ଦାବି

କୋଣାର୍କ,୬।୯(ଡି.ଏନ୍.ଏ.)

କୋଣାର୍କ ମଙ୍ଗଳା ମଣ୍ଡପ ପରିସରରେ କୋଣାର୍କ କିନ୍ନର ସଂଘ ପକ୍ଷରୁ କିନ୍ନରମାନଙ୍କ ବହୁବିଧ ସମସ୍ୟା ନେଇ ସୋମବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କିନ୍ନର ସଂଘର ସଭାୟତ୍ରୀ ଦୀପା କିନ୍ନରଙ୍କ ଅଧ୍ୟକ୍ଷତାରେ ଏହି ସମ୍ମିଳନୀରେ ସସ୍ମିତା ଦାସ, ପାୟଲ, ମୁନି ପ୍ରମୁଖ କିନ୍ନର ଯୋଗଦେଇଥିଲେ। ସମ୍ମିଳନୀରେ କିନ୍ନରମାନଙ୍କ ସୁରକ୍ଷା, ସମ୍ମାନ ଏବଂ ଅଧିକାର ନେଇ ରାଜ୍ୟ ସରକାରଙ୍କଠାରେ ଦାବି ଉପସ୍ଥାପନ କରାଯାଇଛି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ଥିଲା ଯେ, କିନ୍ନରମାନଙ୍କୁ ତୁରନ୍ତ ମାନବୀୟ ବ୍ୟବହାର ସହିତ ସାଧାରଣ ନାଗରିକଙ୍କ ଭଳି ସମସ୍ତ ମୌଳିକ ଅଧିକାର ରାଜ୍ୟ ଏବଂ କେନ୍ଦ୍ର ସରକାର ସୁନିଶ୍ଚିତ କରନ୍ତୁ। ଦୁଃଖର ବିଷୟ ଏପର୍ଯ୍ୟନ୍ତ ଉଭୟ ସରକାର ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ନେଇନାହାନ୍ତି। ରାଜ୍ୟ ସରକାର ୨୯।୦୯।୧୫ ରେ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ୧୪ ହଜାର କିନ୍ନରଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଘୋଷଣା କରିଥିଲେ। ହେଲେ ଆଜକୁ ୬ବର୍ଷ ହେଲା ଏହି ଯୋଜନାରେ ସାମିଲ କରିପାରିଲେ ନାହିଁ। ସରକାର ତୁରନ୍ତ ସମସ୍ତ କିନ୍ନରଙ୍କୁ ଜାଗା ମିଶନ ଜରିଆରେ ଜମି ପଟ୍ଟା ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଗୃହ, ପେନସନ, ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଏସ୍‌ଆର୍‌ଏସ୍ ସର୍ଜରୀ ବ୍ୟବସ୍ଥା ସହିତ କିନ୍ନର କଲ୍ୟାଣ ବୋର୍ଡ ଗଠନ ଓ ଶିକ୍ଷା ଚାକିରି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା କରିବା ପାଇଁ ଦାବି କରିଛନ୍ତି। ଏହି ସମ୍ମିଳନୀରେ କୋଣାର୍କ କିନ୍ନର ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# 'ମୌଳିକ ସେବା ଯୋଗାଇବାରେ ସିଏମ୍‌ସି ବିଫଳ'


କଂଗ୍ରେସ ପକ୍ଷରୁ ସିଏମ୍‌ସି କାର୍ଯ୍ୟାଳୟ ଘେରାଉ କରାଯାଇଛି।

କଟକ ଅଫିସ, ୬।୯

### ସିଏମ୍‌ସି କାର୍ଯ୍ୟାଳୟ ଘେରିଲା କଟକ ନଗର କଂଗ୍ରେସ

ସହରବାସୀଙ୍କୁ କଟକ ମହାନଗର ନିଗମ (ସିଏମ୍‌ସି) ସର୍ବନିମ୍ନ ମୌଳିକ ସେବା ଯୋଗାଇବାରେ ବିଫଳ ହୋଇଛି ବୋଲି କଟକ ନଗର କଂଗ୍ରେସ କମିଟି ଅଭିଯୋଗ ଆଣି ସୋମବାର ସିଏମ୍‌ସି କାର୍ଯ୍ୟାଳୟ ଘେରାଉ କରିଛି। ଏଥିସହ ସିଏମ୍‌ସି କମିଶନରଙ୍କୁ ସ୍ମାରକପତ୍ର ଦେଇଛି। ଏଥିରେ ଦର୍ଶାଯାଇଛି ଯେ, ସିଏମ୍‌ସି ଦୁର୍ନୀତିର ଗନ୍ତାଘର ପାଲଟିଛି। ଜାଇକା ଓ ଜନସ୍ୱାସ୍ଥ୍ୟ ବିଭାଗର ଅବହେଳା ଚରମ ସୀମାରେ ପହଞ୍ଚିଛି। ସହରର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ନାଳ ପାଣି, ବର୍ଷାଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଛି। ମଶାତେଲ କିମ୍ବା ମଶା ଧୂଆଁ ଦିଆଯାଉନାହିଁ। ମଶା ନିରୋଧୀ ରାସାୟନିକଯୁକ୍ତ ମଶାରି ବଣ୍ଟନ ଯୋଜନା ବାଟବଣା ହୋଇଛି। ସହରର ୪୦ ଭାଗରୁ ଊର୍ଦ୍ଧ୍ୱ ଅଞ୍ଚଳ ଅନ୍ଧକାରରେ ରହୁଛି। ବହୁ ହିତାଧିକାରୀ ବିଭିନ୍ନ ଭତ୍ତା ପାଇଁ ଦୀର୍ଘବର୍ଷ ଧରି ଦରଖାସ୍ତ ଦେଇ ନିରାଶ ହୋଇଛନ୍ତି। ଆବାସ ଯୋଜନାରେ ହିତାଧିକାରୀ ଚୟନରେ ହେରଫେର ହେଉଛି। ଟେଣ୍ଡର ଓ ଠିକା କର୍ମଚାରୀ ନିଯୁକ୍ତି କ୍ଷେତ୍ରରେ ଦୁର୍ନୀତି ହେଉଛି। ଝାଡୁ, ବ୍ଲିଚିଂ, ବିଦ୍ୟୁତ ସରଞ୍ଜାମ ଓ ମଶାତେଲ କିଣାଠାରୁ କରୋନା ଲକ୍‌ଡାଉନ ଓ ଶଟ୍‌ଡାଉନ ବେଳେ ବୁଲା ଗୋରୁ, କୁକୁରଙ୍କୁ ଖାଦ୍ୟ ପ୍ରଦାନରେ ଦୁର୍ନୀତି ହୋଇଛି। ସିଏମ୍‌ସିରେ ୩ବର୍ଷ ହେଲା ଲୋକପ୍ରତିନିଧି ନ ଥିବାରୁ ରାଜସ୍ୱ ଲୁଟ ଚାଲିଛି। ସହରରେ ମ୍ୟାଲେରିଆ, ଜଣ୍ଡିସ ଓ ଡେଙ୍ଗୁ ଆଦି ରୋଗ କାୟାବିସ୍ତାର କଲାଣି। ତଥାପି ରାଜ୍ୟ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି।

### ଆହାର କେନ୍ଦ୍ର ଆଗରୁ ଅଟୋ ଚୋରି

ଖୋର୍ଦ୍ଧା ଅଫିସ, ୬।୯

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ଆହାର କେନ୍ଦ୍ର ଆଗରୁ ଅଟୋ ଏବଂ ଜଣେ ବ୍ୟକ୍ତିଙ୍କ ଠାରୁ ଔଷଧ ବ୍ୟାଗ ସହ ୪ହଜାର ଟଙ୍କା କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ଟାଉନ ଥାନାରେ ପୃଥକ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ବୋଲଗଡ଼ ଅସରଳା ଗ୍ରାମର ରଞ୍ଜନ ବାରିକ କ୍ୟାପିଟାଲ ହସ୍ପିଟାଲରୁ ଫେରି ଖୋର୍ଦ୍ଧା ମେଡିକାଲ ଆହାରକେନ୍ଦ୍ର ଆଗରେ ଅଟୋକୁ ପାର୍କିଂ କରି କେନ୍ଦ୍ରକୁ ଖାଇବାକୁ ଯାଇଥିଲେ। ଖାଇ ଫେରିବା ବେଳେ ଅଟୋ ନ ଥିବା ଦେଖିବାକୁ ପାଇଥିଲେ। ସେହିପରି ଉକ୍ତ ଗ୍ରାମର ଜୟଦେବ ସ୍ୱାଇଁ ତାଙ୍କ ବାପାଙ୍କ ଚିକିତ୍ସା ଲାଗି ଖୋର୍ଦ୍ଧା ମେଡିକାଲ ଆସିଥିଲେ। ଆହାରକେନ୍ଦ୍ରରେ ଉଭୟ ବାପପୁଅ ଖାଇ ଆସିବା ବେଳେ ତାଙ୍କ ଟଙ୍କା ଓ ଔଷଧ ବ୍ୟାଗ କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଥିଲେ। ପୂର୍ବରୁ ବାଇକ ଚୋରି ହେଉଥିବା ବେଳେ ଅଟୋ ଚୋରି ଚର୍ଚ୍ଚାର ବିଷୟ ପାଲଟିଛି।

### ଘର ଆଗରୁ ବାଇକ୍ ଚୋରି

ଜଟଣୀ,୬।୯(ଡି.ଏନ୍.ଏ.)

ଜଟଣୀ ପୌରାଞ୍ଚଳ ବଡନୂଆଗାଁ ଡମଣେଇ ମନ୍ଦିର ପଛପଟ ଏକ ଘର ଆଗରୁ ସୋମବାର ବାଇକ୍ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ସୂଚନା ମୁତାବକ, ପଦନପୁର ଅଞ୍ଚଳର କାଠ କାରିଗର ପବନୀ ଛୋଟରାୟ ଡମଣେଇ ମନ୍ଦିର ପଛପଟେ ଥିବା ଜଣେ ବ୍ୟକ୍ତିଙ୍କ ଘରକୁ କାଠକାମ କରିବା ପାଇଁ ଆସିଥିଲେ। କାମ ସାରି ଘରକୁ ଯିବା ପାଇଁ ବାହାରିବା ବେଳେ ସେ ବାହାରେ ରଖିଥିବା ବାଇକ୍ ଦେଖିବାକୁ ପାଇ ନ ଥିଲେ। ବହୁ ଖୋଜାଖୋଜି କରିବା ପରେ ଗାଡି ନ ମିଳିବାରୁ ଚୋରି ହୋଇଥିବା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ରିହାତି ଟଙ୍କା ପାଇଁ ଚାଷୀ ହଟହଟା


ଦାବିପତ୍ର ଦେବାକୁ ଆସିଥିବା ଚାଷୀମାନେ।

ଜଟଣୀ,୬।୯(ଡି.ଏନ୍.ଏ.)

ଜଟଣୀ ବ୍ଲକର ଫଳ ଏବଂ ପନିପରିବା ଚାଷୀଙ୍କ ପକ୍ଷରୁ ସୋମବାର ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଅଧୀନ ବ୍ଲକସ୍ତରୀୟ ପ୍ରଶିକ୍ଷଣ ଓ ସମ୍ପ୍ରସାରଣ କେନ୍ଦ୍ର ଆଗରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ସୂଚନା ମୁତାବକ, ୨୦୨୦ରେ ଛତୁ ଚାଷ ସହିତ ଆଳୁ, ଜହ୍ନି ଏବଂ ଅନ୍ୟାନ୍ୟ ଚାଷ ପାଇଁ କୃଷି ଉଦ୍ୟାନ ପକ୍ଷରୁ ଅଗ୍ରିମ ୩,୬୦୦ଟଙ୍କା ନେଇ ଚାଷୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଚାଷ କାର୍ଯ୍ୟରେ ରିହାତି ପାଇବା ଆଶାରେ ଚାଷୀମାନେ ବିଭିନ୍ନ ଚାଷ କରିଥିଲେ। କୃଷି ଅଧିକାରୀ ଉକ୍ତ ଚାଷ କାର୍ଯ୍ୟ ତଦାରଖ କରିଯାଇଥିବା ବେଳେ ଦୀର୍ଘ ମାସ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ରିହାତି ପ୍ରଦାନ କରାଯାଇ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ରିହାତି ଅର୍ଥ ତୁରନ୍ତ ପ୍ରଦାନ ପାଇଁ ପୂର୍ବରୁ ମୁଖ୍ୟମନ୍ତ୍ରୀ, ଜିଲାପାଳ, ଜିଲା କୃଷି ଅଧିକାରୀଙ୍କୁ ଲିଖିତଭାବେ ଅନୁରୋଧ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ସମସ୍ୟାର ସମାଧାନ ହୋଇ ନ ଥିବାରୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। କୃଷି ଅଧିକାରୀଙ୍କୁ ଲାଞ୍ଚ ନ ଦେଲେ ସରକାରୀ ରିହାତି ଅର୍ଥ ମଞ୍ଜୁର କରୁନାହାନ୍ତି ବୋଲି ଜଗନ୍ନାଥପୁରପାଟଣାର ଲିଙ୍ଗରାଜ ସ୍ୱାଇଁ ଅଭିଯୋଗ କରିଛନ୍ତି। ଛତୁ ଛାଷ କାର୍ଯ୍ୟକୁ କୃଷି ଅଧିକାରୀ ତଦାରଖ କରିବାପରେ ରିହାତି ଟଙ୍କା ପାଇବା ନିମନ୍ତେ କାର୍ଯ୍ୟାଳୟ ପକ୍ଷରୁ ଲାଞ୍ଚ ମଗାଯାଉଥିବା ଅଭିଯୋଗ ହୋଇଛି। କାର୍ଯ୍ୟକ୍ରମରେ ତ୍ରିନାଥ ସ୍ୱାଇଁ, ମାଧବ ହରିଚନ୍ଦନ, କେଳୁ ପାତ୍ର, ଯଦୁ ମହାନ୍ତିଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

# ସ୍ଥାୟୀ ନିଯୁକ୍ତି ନ ମିଳିଲେ ଆନ୍ଦୋଳନ

ପୁରୀ ଅଫିସ, ୬।୯

ଜିପିଏଲ୍‌ଏଫ୍‌ଏମ୍ କର୍ମୀ ସଂଘର ସାଧାରଣ ସଭା ରବିବାର ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ବିକେସି, ଆଇପିଏଲ୍‌ଏସ୍‌ପି, କେଏମ୍ ଏବଂ ପିଏମ୍ କ୍ୟାଡର ଶ୍ରମିକଙ୍କୁ ମିଶନ ଶକ୍ତିରେ ସ୍ଥାୟୀ ନିଯୁକ୍ତି ଦିଆଯିବାକୁ ଦାବି କରାଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ସୁବାସ ସିଂ ଏବଂ ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଯୋଗଦେଇଥିଲେ। ବ୍ଲକ ଚେୟାରମ୍ୟାନ ସରୋଜିନୀ ବେହେରା, ଜିପିଏଲ୍ କର୍ମୀ ସଂଘ ସଭାପତି ନିରୁପମା ନାୟକ, ରାଜ୍ୟ ସମ୍ପାଦକ ବନିତା ବାରିକ, ପୁରୀ ଜିଲା ସଭାପତି କାଗେଜି ଭୁଜବଲ, ସମ୍ପାଦକ ଗୀତାଞ୍ଜଳି ପ୍ରଧାନ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ସଂଘର କର୍ମକର୍ତ୍ତା କହିଛନ୍ତି, କର୍ମୀମାନେ ୨୦୧୧ରୁ ମିଶନ ଶକ୍ତିରେ ତୃଣମୂଳ ସ୍ତରରେ କାର୍ଯ୍ୟ କରିଆସୁଛନ୍ତି। ମାତ୍ର ବହୁତ କମ୍ ପାରିଶ୍ରମିକ ପାଉଛନ୍ତି। ୭୦ ଲକ୍ଷ ମହିଳା ଜିପିଏଲ ଫେଡେରେଶନରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କୁ ପ୍ରୋତ୍ସାହନ ମିଳୁନାହିଁ। ତୁରନ୍ତ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦିଆ ନ ଗଲେ ସେମାନେ ରାସ୍ତାକୁ ଓହ୍ଲାଇବେ।



ତାଲିମପ୍ରାପ୍ତ ଡିଏଲ୍‌ଏଡ୍ ଓ ବିଏଡ୍ ଶିକ୍ଷକପ୍ରାର୍ଥୀଙ୍କୁ ତୁରନ୍ତ ନିଯୁକ୍ତି ଦାବିରେ କନିଷ୍ଠ ଶିକ୍ଷକ ଆଶାୟୀ ସଂଘ ପକ୍ଷରୁ ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ସୋମବାର ବିକ୍ଷୋଭ କରାଯାଉଛି।

# 'ୱାର୍ଡସ୍ତରରୁ କାର୍ଯ୍ୟ କରି ଲୋକଙ୍କ ପାଖକୁ ଯାଅ'

ବାଲିଅନ୍ତା,୬।୯(ଡି.ଏନ୍.ଏ.)

ବାଲିଅନ୍ତା ମଣ୍ଡଳ ଭାଜପାର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଧବଳାହାର ଗ୍ରାମରେ ସଭାପତି ସଞ୍ଜୟ ପରିଜାଙ୍କ ଅଧ୍ୟକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଭାଜପାର ଉପସଭାନେତ୍ରୀ ପ୍ରଭାତି ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୁଥ୍ ଓ ୱାର୍ଡସ୍ତରରୁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରି ଲୋକଙ୍କ ପାଖକୁ ଯିବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ପୂର୍ବତନ ଜିଲା ସଭାପତି ନିକୁଞ୍ଜି ପଟ୍ଟନାୟକ ସୁବାସ ଜେନା, ଜିଲା ଉପସଭାନେତ୍ରୀ ରୋଜିନାରାଣୀ ଦାସ, ମାଗୁଣୀ ସେଠୀ, ଶିବ ମଲ୍ଲିକ, ସମିତିସଭ୍ୟା ରାଜଲକ୍ଷ୍ମୀ ନାଥ, ମଣ୍ଡଳ ପ୍ରଭାରୀ ସନ୍ତୋଷ କୁଣ୍ଟୁ, ସିଦ୍ଧେଶ୍ୱର ନାଥ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଦେବେନ୍ଦ୍ର ନାଥ ସାହୁ ରାଜନୈତିକ ଚିଠା ପ୍ରସ୍ତାବ ଆଗତ କରିଥିବାବେଳେ ମଣ୍ଡଳ ସାଧାରଣ ସମ୍ପାଦକ ସୁଶୀଲ ମହାପାତ୍ର ଧନ୍ୟବାଦ ଦେଇଥିଲେ। ବୈଠକରେ ବଇଁଚୁଆ ପଞ୍ଚାୟତ ଅଞ୍ଚଳର ୩ଜଣ ବ୍ୟକ୍ତି ଭାଜପାରେ ଯୋଗଦେଇଥିଲେ।

# ଧାନ ଫସଲରେ ପୋକ, ଚିନ୍ତାରେ ଚାଷୀ

ବେଗୁନିଆ,୬।୯(ଡି.ଏନ୍.ଏ.)

ଚଳିତ ବର୍ଷ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ହୋଇଥିବା ଧାନ ଫସଲରେ ରୋଗ ଓ ପୋକଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଫଳରେ ହେକ୍ଟର ହେକ୍ଟର ଧାନ ଫସଲ ଉଜୁଡ଼ିଯିବାକୁ ବସିଛି। ଏନେଇ ଚାଷୀଙ୍କ ମଧ୍ୟରେ ଭାଳେଣି ପଡ଼ିଛି। ଗତ ୫ବର୍ଷ ହେବ ଏହି ସମସ୍ୟା ଚାଷୀଙ୍କ ପ୍ରମୁଖ କାରଣ ପାଲଟିଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବା ସହ ଏହାର ପ୍ରତିକାର ନିମନ୍ତେ ବ୍ୟବସ୍ଥା କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି।

ସୂଚନାଥାଉ କି, ଚଳିତ ଖରିଫ ଋତୁରେ ଏହି ବ୍ଲକ ଅଞ୍ଚଳରେ ୨୫୭୫ ହେକ୍ଟର ଜମିରେ ଧାନ ବୁଣା ହୋଇଥିବା ବେଳେ ୮୩୬୬ ହେକ୍ଟର ଜମିରେ ତଳି ରୁଆ କାର୍ଯ୍ୟ ଶେଷ ହୋଇଛି। ଅଧିକ ଅମଳ ପାଇଁ ଚଳିତ ବର୍ଷ ମଧ୍ୟ ଏହି ବ୍ଲକ ଅଞ୍ଚଳରେ ୮୦ ହେକ୍ଟର ଜମିରେ ହାଇବ୍ରିଡ ଧାନ ଫସଲ କରାଯାଇଛି। ହେଲେ ଭାଦ୍ରବ(ସେପ୍ଟେମ୍ବର)ମାସ ହେଉଛି ଧାନ ଫସଲ ପାଇଁ ଉପଯୁକ୍ତ ସମୟ।



ଏବେ ଫସଲରେ ବିଭିନ୍ନ ପ୍ରକାରର ରୋଗ ଦଖାଦେଇଛି। ବିଶେଷ କରି ଖାଲୁଆ ଜମିରେ ରୁଆ ପୋତା ଯାଇଥିବା ଧାନ ତଳିରେ ମହିଷା, ପତ୍ରପୋଡା, ଆଚ୍ଛାଦ ପଚା, ମୂଳଶଢ଼ା ଆଦି ରୋଗ ଦେଖାଦେଲାଣି। ସେହିପରି ଆଉ କେତେଜଣ ଚାଷୀଙ୍କ ଫସଲରେ ଝିଣ୍ଟିକା, ନଳୀପୋକ, ଛଗୋଡିଆ, ମାଟିଆଗୁଣ୍ଡି ଆଦି ପୋକ ହୋଇଥିବା ଦେଖିବାକୁ ମିଳିଛି। ତେବେ ଏହାର ପ୍ରତିକାର ଦିଗରେ

### ବେଗୁନିଆ ବ୍ଲକ

ବିଭାଗ ପକ୍ଷରୁ ଗୁରୁତ୍ୱ ଦେବା ପାଇଁ ଚାଷୀମାନଙ୍କ ପକ୍ଷରୁ ଦାବି ହେଉଛି। ଅନ୍ୟପକ୍ଷେ ବିଭାଗ ପକ୍ଷରୁ ଚାଷୀଙ୍କୁ ସଚେତନ କରାଯାଉ ନାହିଁ। ଜଳବାୟୁ ପରିବର୍ତ୍ତନ ଓ ଫସଲରେ ଅତ୍ୟଧିକ ରାସାୟନିକ ସାର ପ୍ରୟୋଗ ଯୋଗୁ ଏଭଳି ରୋଗ ସୃଷ୍ଟି ହେଉଛି ବୋଲି ବିଭାଗ ପକ୍ଷରୁ କୁହାଯାଇ ଏଡାଇ ଦିଆଯାଉଛି ବୋଲି ଚାଷୀ ମଦନ ମୋହନ ସାହୁ, ଭାଗୀରଥି ପରିଡା, ରମାକାନ୍ତ ଦେହୁରି ପ୍ରମୁଖ କହିଛନ୍ତି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ବୋଲଗଡ଼-ପିଟୁକୁଳି ସେକ୍ଟରର ଅତିରିକ୍ତ ବ୍ଲକ କୃଷି ଅଧିକାରୀ ସିତାରତ୍ନମାଳା ଦାସ କହିଛନ୍ତି, ଭୟଭୀତ ହେବାର ଆବଶ୍ୟକ ନାହିଁ। ବିଭିନ୍ନ ପ୍ରକାରର ଔଷଧ ସବସିଡି ମାଧ୍ୟମରେ ଚାଷୀଙ୍କୁ ଯୋଗାଇଦେବାକୁ ବ୍ୟବସ୍ଥା କରାଯାଇଛି। ଚାଷୀମାନେ ବିଭାଗୀୟ କର୍ମଚାରୀଙ୍କ ସହିତ ଯୋଗାଯୋଗ କଲେ, ପ୍ରତିକାର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।